ଆଇପିଏଲ୍ ଫାଇନାଲ୍
ବେଙ୍ଗାଲୁରୁ-ପଞ୍ଜାବ ଲଢ଼େଇ

▸ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-334 ◆BHUBANESWAR ◆MONDAY ◆2 JUNE 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୨ ◆ସଂଖ୍ୟା-୩୩୪ ◆ଭୁବନେଶ୍ୱର ◆ସୋମବାର ◆୨ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦





# ପ୍ରଥମ ପ୍ରେମିକ ଠାରୁ ୩୦ କୋଟି ନେଇ ଦ୍ୱିତୀୟ ପ୍ରେମିକ ସହ ଫେରାର

ଓଟାୱା, ୧।୬ (ଏଜେନ୍ସି):

ଜୀବନ ଦେଇ ଭଲ ପାଉଥିଲେ। ନିଜଠାରୁ ଅଧିକ ଭରସା କରିଥିଲେ। ଲିଭ୍-ଇନ୍‌ରେ ରହୁଥିଲେ। ଦେଢ଼ ବର୍ଷ ହେଲା ସମ୍ପର୍କରେ ଥିଲେ। ସାରା ଜୀବନ ରହିବେ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ହେଲେ ଅର୍ଥର ଲୋଭ କାଳ ପାଲଟି ଗଲା। ପ୍ରେମିକ ଦେଇଥିବା ୩୦ କୋଟି ଟଙ୍କାର ଲଟେରି ପାଇଁ ଦେଢ଼ ବର୍ଷର ସମ୍ବନ୍ଧ ଦେଢ଼ ଦିନରେ ଭାଙ୍ଗିଗଲା। ପ୍ରେମିକର ବିଶ୍ୱାସକୁ ଦଳି ଚକଟି ଦେଇ ପ୍ରେମିକା ୩୦ କୋଟି ଟଙ୍କା ଧରି ଦ୍ୱିତୀୟ ପ୍ରେମିକ ସହ ପଳାଇ ଥିଲା। କାନାଡ଼ାର ୱିନପେଗ୍‌ରେ ଏହି ଘଟଣା ଘଟିଛି। ଏବେ ପ୍ରେମିକ ଲରେନ୍ସ କାମ୍ପବେଲ୍ ପୂର୍ବତନ ପ୍ରେମିକାକୁ କୋର୍ଟକୁ ଟାଣିଛି।

ସୂଚନା ଅନୁଯାୟୀ ଲରେନ୍ସ ୨୦୨୪ରେ ଏକ ଲଟେରି ଟିକେଟ କିଣିଥିଲେ। କିନ୍ତୁ ଉପଯୁକ୍ତ ପରିଚୟ ପତ୍ର ନ ଥିବାରୁ ଲଟେରୀ ଅଧିକାରୀଙ୍କ ପରାମର୍ଶ ନେଇ ସେ ପ୍ରେମିକା କ୍ରିଷ୍ଟାଲ ଅନା ମ୍ୟାକେଙ୍କୁ ୱେଷ୍ଟର୍ଣ୍ଣ କାନାଡା ଲଟେରି କର୍ପୋରେସନ (ଡବ୍ଲ୍ୟୁସିଏଲସି)ରୁ ପୁରସ୍କାର ଗ୍ରହଣ ପାଇଁ କହିଥିଲେ। ମ୍ୟାକେଙ୍କୁ ସେ ସମ୍ପୂର୍ଣ୍ଣ ବିଶ୍ୱାସ କରୁଥିଲେ। ପ୍ରେମ ପ୍ରଣୟରେ ଉଭୟେ ପରସ୍ପରକୁ ବହୁତ ସମ୍ମାନ ଦେଉଥିଲେ। ତେଣୁ ଭରସା ନ କରିବାର ପ୍ରଶ୍ନ ଉଠୁ ନ ଥିଲା। ଲରେନ୍ସଙ୍କ ବ୍ୟାଙ୍କ ଆକାଉଣ୍ଟ ମଧ୍ୟ ନ ଥିଲା। ତେଣୁ ସେ ପ୍ରେମିକାଙ୍କୁ ନିଜ ଖାତାରେ ୫ ନିୟୁତ ଡଲାର (କାନାଡୀୟ) ଡିପୋଜିଟ କରିବାକୁ କହିଥିଲେ। ପ୍ରଥମେ ତ ସବୁକିଛି ଠିକ୍ ଥିଲା। ଉଭୟେ ଚେକ୍ ସହ ଖୁସିରେ ଭିଡିଓ ରେକର୍ଡିଂ କରି ତାହାକୁ ସୋସିଆଲ ମିଡିଆରେ ଛାଡ଼ିଥିଲେ। ଏଥିରେ ମ୍ୟାକେ ବହୁତ ଖୁସି

## ଧୂର୍ତ୍ତ ପ୍ରେମିକା

ଥିବା ଦେଖାଯାଉଛି। କିନ୍ତୁ ଏହା ପରେ ସ୍ଥିତି ବଦଳି ଯାଇଥିଲେ। ମ୍ୟାକେ ଏହି ଲଟେରିକୁ ନିଜର ଜନ୍ମଦିନ ଉପହାର କହିବା ଆରମ୍ଭ କରିଦେଇଥିଲେ। ଏହା ପରେ ଧିରେ ଧିରେ କାମ୍ପବେଲଙ୍କଠାରୁ ଦୂରେଇବାରେ ଲାଗିଥିଲେ। ଉଭୟେ ଏକାଠି ରହୁଥିବା ହୋଟେଲକୁ ମଧ୍ୟ ଆସି ନ ଥିଲେ। ଟଙ୍କା ନ ଫେରାଇ ସମସ୍ତ ସମ୍ପର୍କ କଟାଇ ଦେଇଥିଲେ। ଫୋନ୍ ବି ଉଠାଇ ନ ଥିଲେ। ବାର୍ତ୍ତାର ଉତ୍ତର ବି ଦେଇ ନ ଥିଲେ। ସୋସିଆଲ ମିଡିଆରେ ବ୍ଲକ କରି ଦେଇଥିଲେ। କେବଳ ସେତିକି ନୁହେଁ ପୁଲିସଠାରୁ ସୁରକ୍ଷା ମଧ୍ୟ ମାଗିଥିଲେ। ଏହା ମଧ୍ୟରେ କାମ୍ପବେଲ ପ୍ରେମିକାକୁ ନ ପାଇ ପାଗଳ ପ୍ରାୟ ହୋଇ ଯାଇଥିଲେ। ବୁଲି ବୁଲି ତାଙ୍କୁ ଖୋଜିଥିଲେ। ଶେଷରେ ଆଉ ଜଣଙ୍କ ସହ ଉତ୍ତେଜକ ଅବସ୍ଥାରେ ମ୍ୟାକେଙ୍କୁ ଦେଖିବାକୁ ପାଇ ଲରେନ୍ସ ନିଜକୁ ଘୃଣା କରିବାରେ ଲାଗିଥିଲେ। ଶେଷରେ ନିରାଶ ହୋଇ ସେ ମାନିଟୋବାର 'କୋର୍ଟ ଅଫ୍ କିଙ୍ଗସ୍ ବେଞ୍ଚ'ରେ ମାମଲା ରୁଜୁ କରିଥିଲେ।



## ଶେଖ ହସିନାଙ୍କ ବିରୋଧରେ ମକଦ୍ଦମା ଆରମ୍ଭ



ଢ଼ାକା, ୧।୬ (ଏଜେନ୍ସି): ବାଂଲାଦେଶ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ବିରୋଧରେ ମାନବତା ବିରୋଧରେ ଅପରାଧ କାରଣରୁ ମକଦ୍ଦମା ଆରମ୍ଭ କରାଯାଇଛି। ଏ ନେଇ ବିଧିବଦ୍ଧ ଭାବେ ଟ୍ରାଏଲ ଆରମ୍ଭ ହୋଇଛି। ବାଂଲାଦେଶର ଇଣ୍ଟରନ୍ୟାସନାଲ କ୍ରାଇମ୍ ଟ୍ରିବୁନାଲ (ଆଇସିଟି) ରବିବାର ଆନୁଷ୍ଠାନିକ ଭାବେ ତାଙ୍କ ବିରୋଧରେ ବିଭିନ୍ନ ଅପରାଧ ମାମଲାର ମକଦ୍ଦମା ଆରମ୍ଭ କରିଛି। ଚିଫ୍ ପ୍ରସିକ୍ୟୁଟର ତାଜୁଲ ଇସଲାମ୍ ଟ୍ରିବ୍ୟୁନାଲରେ ଏହି ଅଭିଯୋଗ ନେଇ ମମାଲା ରୁଜୁ କରିଛନ୍ତି। ମେ ୧୨ରେ ଟ୍ରିବୁନାଲର ଯାଞ୍ଚ୍ ଏଜେନ୍ସି ହସିନାଙ୍କ ବିରୋଧରେ ରିପୋର୍ଟ ପ୍ରଦାନ କରିଥିଲା। ଏଥିରେ ୨୦୨୪ ଆନ୍ଦୋଳନ ଅବସରରେ ୫ଟି ଅପରାଧିକ ଅଭିଯୋଗ ଦାଏର କରାଯାଇଥିଲା। ରିପୋର୍ଟ ମୁତାବକ ଆନ୍ଦୋଳନ ବେଳେ ୧୫୦୦ରୁ ଅଧିକ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୫ ହଜାରରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ।

## ମୁକ୍ତାର ଅନ୍‌ସାରୀ ପୁଅଙ୍କ ବିଧାୟକ ପଦ ରଦ୍ଦ



ନୂଆଦିଲ୍ଲୀ, ୧।୬ (ଏଜେନ୍ସି): ଗ୍ୟାଙ୍ଗଷ୍ଟାରରୁ ନେତା ବନିଥିବା ସ୍ୱର୍ଗତ ମୁକ୍ତାର ଅନସାରୀଙ୍କ ପୁଅ ଅବାସା ଅନସାରୀର ବିଧାୟକ ପଦ ରଦ୍ଦ କରାଯାଇଛି। ଉତ୍ତରପ୍ରଦେଶ ବିଧାନସଭାରେ ତାଙ୍କୁ ଅଯୋଗ୍ୟ ଘୋଷିତ କରାଯାଇଛି। ୨୦୨୨ରେ ସେ ଦେଇଥିବା ଏକ ଘୃଣାସ୍ପଦ ଭାଷଣ ମାମଲାରେ ଦୋଷୀ ସାବ୍ୟସ୍ତ ହେବା ଫଳରେ ତାଙ୍କୁ ବିଧାୟକ ପଦ ହରାଇବାକୁ ପଡିଛି। ୨୦୨୨ ବିଧାନସଭା ନିର୍ବାଚନ ଅବସରରେ ମୋଉ ଜିଲ୍ଲାରେ ଏକ ରାଲିରେ ଭାଷଣ ଦେଉଥିବା ବେଳେ ସେ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ଉତ୍ତରପ୍ରଦେଶର ଏକ କୋର୍ଟ ତାଙ୍କୁ ଏହି ମାମଲାରେ ଦୋଷୀ ସାବ୍ୟସ୍ତ କରିବା ସହ ଦୁଇ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି ଓ ୩,୦୦୦ ଟଙ୍କାର ଜରିମାନା ଧାର୍ଯ୍ୟ କରିଛନ୍ତି। ନିର୍ବାଚନ ରାଲିରେ ବିଜୟୀ ହେବା ପରେ ଅଖିଳେଶ ଯାଦବଙ୍କୁ କୌଣସି ଟ୍ରାନ୍ସଫର ଓ ପୋଷ୍ଟିଂ ନ କରିବାକୁ ଓ ପ୍ରଥମେ ଅଧିକାରୀଙ୍କ ହିସାବ କିତାବ ହେବ ବୋଲି ସେ କହିଥିଲେ।

## ଇରାନ ପରମାଣୁ ବୋମା ପ୍ରସ୍ତୁତିର ନିକଟତର

ନୂଆଦିଲ୍ଲୀ, ୧।୬ (ଏଜେନ୍ସି): ମଧ୍ୟପ୍ରାଚ୍ୟ ଦେଶ ଇରାନ ପରମାଣୁ ବୋମା ପ୍ରସ୍ତୁତିର ନିକଟତର ହୋଇଛି। ଜାତିସଂଘର ପରମାଣୁ ନୀରିକ୍ଷଣ ସଂସ୍ଥା, ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସୀ (ଆଇଏଇଏ) ଏକ ରିପୋର୍ଟରେ ଏ ନେଇ ଦାବି କରିଛି। ଇରାନ ଇତିମଧ୍ୟରେ ମିଲେଟ୍ରି ଗ୍ରେଡ୍ ଅର୍ଥାତ ୬୦ ପ୍ରତିଶତ ପର୍ଯ୍ୟନ୍ତ ଯୁଦ୍ଧ ୟୁରାନିୟମର ମହଜୁଦ ବଢ଼ାଇଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହି ୟୁରାନିୟମ ପରମାଣୁ ଅସ୍ତ୍ର ସୃଷ୍ଟି କରିବାର ଅତି ନିକଟତର ବୋଲି ଗ୍ରହଣ କରାଯାଏ। ଇରାନ ସହଯୋଗ ବଢ଼ାଇବା ସହ ନିଜ ନୀତିରେ ପରିବର୍ତ୍ତନ ଆଣିବାକୁ ଏହି ଏଜେନ୍ସି ଅପିଲ କରିଛି। ଆମେରିକା ଓ ଇରାନ ମଧ୍ୟରେ ପରମାଣୁ ବୁଝାମଣା ନେଇ ପୁଣି ପ୍ରୟାସ ଆରମ୍ଭ ହେବାକୁ ଯାଉଥିବା ବେଳେ ଏହି ରିପୋର୍ଟ ଆସିଛି। ଏହାକୁ ନେଇ ଦୁଇ ପକ୍ଷ ମଧ୍ୟରେ ଆଲୋଚନ ଆରମ୍ଭ ହୋଇଛି। କିନ୍ତୁ ଏପର୍ଯ୍ୟନ୍ତ କୌଣସି ଠୋସ୍ ପରିଣାମ ମଳି ପାରିନାହିଁ। ତେଣେ ଏହି ରିପୋର୍ଟକୁ ଇସ୍ରାଏଲ୍ ବେଶ୍ ଉଦବେଗଜନକ ବୋଲି କହିଛି। ଇରାନକୁ ଏଥିରୁ ନିବୃତ ରହିବା ପାଇଁ ଓ ତୁରନ୍ତ ରୋକିବା ପାଇଁ ଅନ୍ତର୍ଜାତୀୟ ସମୁଦାୟ ଚାପ ପକାଇବାକୁ ପ୍ରୟାସ କରିବା ଉଚିତ ବୋଲି ଇସ୍ରାଏଲ ଅପିଲ୍ କରିଛି।

## ଜଗନ୍ନାଥଙ୍କ ରଥରେ ସୁଖୋଇ ଜେଟ୍ ଟାୟାର ଲଗାଇଲା ଇସ୍କନ

କୋଲକାତା, ୧।୬ (ଏଜେନ୍ସି): କୋଲକାତାର ପ୍ରସିଦ୍ଧ ଇସ୍କନ ରଥଯାତ୍ରାରେ ଏଥର ଏକ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି। ଦୀର୍ଘ ୪୮ ବର୍ଷପରେ ପ୍ରଭୁ ଜଗନ୍ନାଥଙ୍କ ରଥର ଚକ ବଦଳିବାକୁ ଯାଉଛି। ଏଥର ରଥର ଚକ ବଦଳରେ ସୁଖୋଇ ଜେଟ୍‌ର ଟାୟାର ବ୍ୟବହାର କରାଯିବ। ଏହି ଫାଇଟର ଜେଟ୍‌ର ଟେକ୍ ଅଫ୍‌ସ୍ପିଡ୍ ଘଣ୍ଟାପ୍ରତି ୨୮୦ କିମି ରହିଥିବା ବେଳେ ରଥ ଘଣ୍ଟାପ୍ରତି ୧.୪ କିମି ବେଗରେ ଯିବ। ଗତବର୍ଷ ରଥ ଚଳାଇବାରେ ସମସ୍ୟା ରହିଥିଲା। ଆୟୋଜକ ୧୫ ବର୍ଷ ହେବ ନୂଆ ଟାୟାର ଖୋଜୁଥିଲେ। ବୋଇଂ ବିମାନର ପୁରୁଣା ଟାୟାର ବ୍ୟବହାର କରିବାର ଥିଲା। କିନ୍ତୁ ଏହା ବଜାରରେ ମିଳିବା କଷ୍ଟକର ଥିଲା। ଏହାପରେ ଆୟୋଜକ ରଥରେ ସୁଖୋଇ ଜେଟ୍‌ର ଟାୟାର ଲଗାଇବାକୁ ନିଷ୍ପତ୍ତି ନେଇଥିଲେ। ଏହି ଟାୟାର ବ୍ୟାସ ବୋଇଂ ସହ ପାଖାପାଖି ସମାନ।



# ଇସ୍ରାଏଲର ଅମାନବୀୟ ଆକ୍ରମଣ



## ଗାଜାରେ ଖାଦ୍ୟ ବଣ୍ଟନ ବେଳେ ଗୁଳିମାଡ଼; ୩୨ ମୃତ

ଗାଜା, ୧।୬ (ଏଜେନ୍ସି): ଦକ୍ଷିଣ ଗାଜାରେ ରବିବାର ଆଉ ଏକ ଅଭାବନୀୟ ଘଟଣା ଘଟିଛି। ଖାଦ୍ୟ ବଣ୍ଟନ ବେଳେ ଗୁଳିମାଡରେ ପାଲେଷ୍ଟାଇନ୍‌ର ୩୨ ଜଣ ଲୋକ ପ୍ରାଣ ହରାଇଛନ୍ତି। ରାଫା ସହରରେ ଏକ ସହାୟତା ବିତରଣ କେନ୍ଦ୍ର ନିକଟରେ ଇସ୍ରାଏଲ ସେନା ଗୁଳିବର୍ଷଣ କରିବା ଫଳରେ ଏହି ଦୁର୍ଭାଗ୍ୟଜନକ ଘଟଣା ଘଟିଛି ବୋଲି ଗାଜାର ସରକାରୀ ଗଣମାଧ୍ୟମ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି। ଏହି ଘଟଣାରେ ୨୦୦ ଲୋକ ଆହତ ହୋଇଛନ୍ତି। ପୁଣି ମଧ୍ୟ ଗାଜାରେ ଏକ ସହାୟତା କେନ୍ଦ୍ରରେ ସମାନ ଘଟଣା ଘଟିଛି। ଏଠାରେ ହୋଇଥିବା ଗୁଳି ମାଡରେ ଜଣେ ପାଲେଷ୍ଟାଇନ୍ ନାଗରିକ ମୃତ୍ୟୁବରଣ କରିଛନ୍ତି ଓ ୩୨ଜଣ ଆହତ ହୋଇଛନ୍ତି। ଆମେରିକାର ଏକ ଏଜେନ୍ସି ଜିଏଚ୍‌ଏଫ୍ ଗାଜାରେ ଖାଦ୍ୟ ବଣ୍ଟନର କାର୍ଯ୍ୟ ସମ୍ପାଦନ କରୁଛି। ତେବେ ଇସ୍ରାଏଲ ସେନା ଏ ବିଷୟରେ କିଛି ଜାଣିନାହିଁ ବୋଲି କହିଛି। ଏହି ମାମଲାରେ ତଦନ୍ତ କରାଯାଉଛି ବୋଲି ସେନା ତରଫରୁ କୁହାଯାଇଛି। ଅନ୍ୟପଟେ ଅଲ-ଜଜିରା ରିପୋର୍ଟ ମୁତାବକ ଗାଜାରେ ମେ ୨୭ରୁ ଜୁନ୍ ୧ ପର୍ଯ୍ୟନ୍ତ ହୋଇଥିବା ଖାଦ୍ୟ ବଣ୍ଟନ ପ୍ରକ୍ରିୟାରେ ହୋଇଥିବା ଗୁଳିମାଡ଼ରେ ୪୯ ଜଣ ଲୋକଙ୍କ ପ୍ରାଣହାନୀ ଘଟିଥିବା ବେଳେ ୩୦୦ ଲୋକ ଆହତ ହୋଇଛନ୍ତି। ଖାଦ୍ୟ ନେବା ସମୟରେ ବହୁ ସଂଖ୍ୟାରେ ଲୋକ ଏକାଠି ହୋଇଥିଲେ। ଫଳରେ ପ୍ରବଳ ଭିଡ଼ ଜମିଥିଲା। ଏହି ଘଟଣାରେ ୩୦ ଲୋକ ପ୍ରାଣ ହରାଇଥିବା ବେଳେ ୧୭ ୯ ଲୋକ ଆହତ ହୋଇଛନ୍ତି ବୋଲି ଗାଜାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଗତ ଗୋଟିଏ ସପ୍ତାହ ମଧ୍ୟରେ ଗାଜାରେ ଇସ୍ରାଏଲ ସେନା ଆକ୍ରମଣରେ ମୋଟ୍ ୫୦୦ ଲୋକଙ୍କ ମୃତ୍ୟୁ ହୋଇଛି। ୨୦୨୩ ଅକ୍ଟୋବର ୭ରୁ ଆରମ୍ଭ ହୋଇଥିବା ଇସ୍ରାଏଲ-ହମାସ ଯୁଦ୍ଧରେ ଏପର୍ଯ୍ୟନ୍ତ ୫୫,୦୦୦ରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଛନ୍ତି। ଏଥିରେ ହଜାର ହଜାର ଛୋଟ ପିଲା, ମହିଳା ଓ ବୟସ୍କ ଲୋକ ସାମିଲ ରହିଛନ୍ତି।

# ଅଥୟ କରୁଛି କରୋନା

## ୨୪ ଘଣ୍ଟାରେ ଆଉ ୩୬୩ ମାମଲା, ୪ ମୃତ

ନୂଆଦିଲ୍ଲୀ, ୧।୬ (ଏଜେନ୍ସି): ଥମୁନି କରୋନା ସଂକ୍ରମଣ। ଏହା ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି। ଗତ ୨୪ ଘଣ୍ଟାରେ ୩୦୦ରୁ ଅଧିକ ଲୋକ ସଂକ୍ରମିତ ହୋଇଛନ୍ତି ଏବଂ ୪ ଜଣ ପ୍ରାଣ ହରାଇଛନ୍ତି। ଏହାସହିତ ଦେଶରେ ସଂକ୍ରମଣ ମାମଲା ୩୭୦୦ ଅତିକ୍ରମ କରିଥିବା ବେଳେ ମୃତ୍ୟୁସଂଖ୍ୟା ବର୍ତ୍ତମାନ ସୁଦ୍ଧା ୨୭କୁ ବୃଦ୍ଧି ପାଇଛି। କେରଳରେ ସର୍ବାଧିକ ୧୪୦୦ରୁ ଅଧିକ ସଂକ୍ରମିତ ରୋଗୀ ଥିବା ବେଳେ ମହାରାଷ୍ଟ୍ରରେ ୪୮୫, ଦିଲ୍ଲୀରେ ୪୩୬, ଗୁଜରାଟରେ ୩୨୦ ଏବଂ ପଶ୍ଚିମବଙ୍ଗରେ ୨୮୭ ଜଣ ସଂକ୍ରମିତ ହୋଇଛନ୍ତି। ସେହିଭଳି ଗତ ୨୪ ଘଣ୍ଟାରେ ଯେଉଁ ୪ ଜଣଙ୍କର ମୃତ୍ୟୁ ଘଟିଛି, ସେମାନଙ୍କ ମଧ୍ୟରେ ପଶ୍ଚିମ ବଙ୍ଗରେ ଦୁଇ ଜଣ ପ୍ରାଣ ହରାଇଥିବା ବେଳେ କେରଳ ଓ କର୍ଣ୍ଣାଟକରେ ଜଣେ ଲେଖାଏଁ ପ୍ରାଣ ହରାଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ମେ ୨୨ ତାରିଖ ସୁଦ୍ଧା ସାରା ଦେଶରେ ମାତ୍ ୨୫୭ କରୋନା ମାମଲା ରେକର୍ଡ କରାଯାଇଥିବା ବେଳେ ଏହାପରେ ୧୦ ଦିନ ଭିତରେ ୧୦ ଗୁଣାରୁ ଅଧିକ ରୋଗୀ ଚିହ୍ନଟ ହେଲେଣି। ଏଥିରେ ଉପରୋକ୍ତ ରାଜ୍ୟ ସହିତ କର୍ଣ୍ଣାଟକ, ତାମିଲନାଡୁ, ଉତ୍ତର ପ୍ରଦେଶ ଏବଂ ରାଜସ୍ଥାନରେ ମଧ୍ୟ ସଂକ୍ରମଣ ଦ୍ରୁତ ଗତିରେ ଉପରମୁହାଁ ହେବାକୁ ଲାଗିଛି। ବିଶେଷ କରି ପଶ୍ଚିବଙ୍ଗରେ ଏହା ଅଧିକ ସଂଖ୍ୟାରେ ବଢ଼ିବାର ଲାଗିଛି। ଗତ ୨୪ ଘଣ୍ଟା ମଧ୍ୟରେ ପଶ୍ଚିମବଙ୍ଗରେ ସର୍ବାଧିକ ୮୨ ରୋଗୀ ଚିହ୍ନଟ ହୋଇଥିବା ବେଳେ କେରଳରେ ୬୪, ଦିଲ୍ଲୀରେ ୬୧ ଏବଂ ଗୁଜରାଟରେ ୫୫ ନୂଆ ସଂକ୍ରମିତ ରୋଗୀ ଚିହ୍ନଟ ହୋଇଛନ୍ତି। ତେବେ ନୂଆ ସଂକ୍ରମଣକୁ ନେଇ ଆତଙ୍କିତ ହେବାର କୌଣସି କାରଣ ନାହିଁ ବୋଲି କହିଛନ୍ତି ଇଣ୍ଡିଆନ କାଉନସିଲ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍)ର ନିର୍ଦ୍ଦେଶକ ଡ. ରାଜୀବ ବେହେଲ। ସେ କହିଛନ୍ତି ଯେ କୋଭିଡର ୪ ପ୍ରକାର ଭୂତାଣୁ ଚିହ୍ନଟ ହୋଇଛନ୍ତି। ସେଗୁଡ଼ିକ ହେଲା ଏଲ୍‌ଏଫ୍-୭, ଏକ୍‌ଓଏଫ୍‌ଜି, ଜେଏନ୍ ୧ ଏବଂ ଏନ୍‌ବି.୧.୮.୧। ପ୍ରଥମ ତିନିଟି ଭୂତାଣୁ ଯୋଗୁଁ ଏବେ ସଂକ୍ରମଣ ବଢୁଛି। ପରିସ୍ଥିତି ଉପରେ ନଜର ରଖାଯାଇଛି। କିନ୍ତୁ ପରିସ୍ଥିତି ନିୟନ୍ତ୍ରଣରେ ରହିଛି ଏବଂ ବ୍ୟସ୍ତ ହେବାର କୌଣସି କାରଣ ନାହିଁ ବୋଲି ସେ ଆଶ୍ୱାସନା ଦେଇଛନ୍ତି।

## ଶର୍ମିଷ୍ଠାଙ୍କ ଗିରଫକୁ ନେଇ ତେଜିଲା ରାଜନୀତି



ନୂଆଦିଲ୍ଲୀ, ୧।୬ (ଏଜେନ୍ସି): ପୁଣେ ଆଇନ୍ ଛାତ୍ରୀ ତଥା ଇନ୍‌ଷ୍ଟାଗ୍ରାମ ଇନଫ୍ଲ୍ୟୁଏନ୍ସର ଶର୍ମିଷ୍ଠା ପାନୋଲିଙ୍କ ଗିରଫ୍‌କୁ ନେଇ ରାଜନୀତି ଆରମ୍ଭ ହୋଇଯାଇଛି। ଶର୍ମିଷ୍ଠାଙ୍କୁ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। କୋଲକାତା କୋର୍ଟ ତାଙ୍କ ଜାମିନ ଆବେଦନକୁ ଖାରଜ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ତାଙ୍କ ପୋଷ୍ଟ ସାମ୍ପ୍ରଦାୟିକ ଥିବାରୁ ତାଙ୍କ ବିରୋଧରେ ମାମଲା ଦାଏର କରାଯାଇ ତାଙ୍କୁ ଗିରଫ କରାଯାଇଥିଲା। ଅପରେସନ ସିନ୍ଦୂର ନେଇ କେତେଜଣ ବଲିଉଡ ଅଭିନେତ୍ରୀ ନିରବ ଥିବା ନେଇ ସେ ନିଜ ପୋଷ୍ଟରେ ଆପତ୍ତି ଉଠାଇଥିଲେ। କିନ୍ତୁ ଏ ନେଇ ଏବେ ବିଭିନ୍ନ ରାଜନୈତିକ ଦଳ ସେମାନଙ୍କ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

ଆନ୍ଧ୍ରପ୍ରଦେଶ ଉପ-ମୁଖ୍ୟମନ୍ତ୍ରୀ ତଥା ଜନସେନା ପାର୍ଟି ମୁଖ୍ୟ ପବନ କଲ୍ୟାଣ ଶର୍ମିଷ୍ଠାଙ୍କ ଗିରିଫକୁ କଡ଼ା ବିରୋଧ କରି ନିନ୍ଦା କରିଛନ୍ତି। ସେ ଏଥିପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଦାୟୀ କରିଛନ୍ତି। ଧର୍ମନିରପେକ୍ଷତାରେ ଦୋମୁହାଁ ନୀତି ଚଳିବ ନାହିଁ ବୋଲି ସେ କହିଛନ୍ତି। ପୁଣି ଶର୍ମିଷ୍ଠା ନିଜର ଭୁଲ ସ୍ୱୀକାର କରିବା ସହ ବିବାଦୀୟ ପୋଷ୍ଟକୁ ହଟାଇବା ପରେ ମଧ୍ୟ ତାଙ୍କୁ କାହିଁକି ଗିରଫ କରାଗଲା ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ତେଣେ ବିଜେପି ସାଂସଦ ତଥା ବଲିଉଡ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ୍ ମଧ୍ୟ ଏ ନେଇ ମମତା ସରକାରଙ୍କୁ ନିନ୍ଦା କରିଛନ୍ତି। ମମତା ପଶ୍ଚିମବଙ୍ଗକୁ ଉତ୍ତର କୋରିଆରେ ପରିଣତ କରିବାକୁ ପ୍ରୟାସ ନ କରନ୍ତୁ ବୋଲି ସେ ଅପିଲ କରିଛନ୍ତି। ଅନ୍ୟପକ୍ଷରେ ମମତାଙ୍କ ଦଳର ନେତାମାନେ ପ୍ରଶ୍ନ କରିଛନ୍ତି ଯେ ବିଜେପି ଓ ଏହାର ସହଯୋଗୀ ଦଳଙ୍କ ଦୋମୁହାଁ ନୀତି ନେଇ ପ୍ରଶ୍ନ ଉଠାଇଛନ୍ତି। ବିଜେପି ଶାସିତ ରାଜ୍ୟରେ ବିରୋଧୀଙ୍କୁ ଚୁପ କରିବା ଲାଗି କିପରି ପୁଲିସର ବ୍ୟବହାର କରୁଛନ୍ତି ତାହାର ଉଲ୍ଲେଖ କରି କହିଛନ୍ତି ଯେ କୋର୍ଟ ସେହି ସରକାରଙ୍କୁ ଭର୍ତ୍ସନା କରିବାର ନଜିର ରହିଛି। କିନ୍ତୁ ଶର୍ମିଷ୍ଠାଙ୍କ ଗିରଫଦାରୀ ସଂପୂର୍ଣ୍ଣ ରୂପେ ଆଇନ ଅନୁଯାୟୀ ହୋଇଛି ବୋଲି ସେମାନେ କହିଛନ୍ତି।

### ଅପରେସନ ସିନ୍ଦୂର

## ଅସ୍ତ୍ରବିରତି ନେଇ ପୁଣି ପ୍ରଶ୍ନ ଉଠାଇଲା କଂଗ୍ରେସ

ନୂଆଦିଲ୍ଲୀ, ୧।୬ (ଏଜେନ୍ସି):



ଅପରେସନ ସିନ୍ଦୂର ଓ ଏହାପରେ ଅସ୍ତ୍ରବିରତି ନେଇ ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ପାର୍ଟି କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ ପଚାରିବା ପ୍ରକ୍ରିୟାକୁ ଆହୁରି ଜୋରଦାର କରିଛି। ହଠାତ ଅସ୍ତ୍ରବିରତି ଘୋଷଣା ଓ ଏଥିରେ ଆମେରିକାର ସନ୍ଦେହଜନକ ଭୂମିକା ଏବଂ ନିକଟରେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନଙ୍କ ବୟାନ ନେଇ ବରିଷ୍ଠ କଂଗ୍ରେସ ନେତା ପବନ ଖେଡ଼ା ବିଭିନ୍ନ ପ୍ରଶ୍ନ ପଚାରିବା ସହ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ନେଇ ଦିନକୁ ଦିନ ବିଭିନ୍ନ ପ୍ରଶ୍ନ ମନରେ ଉଙ୍କିମାରୁଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦାବି ସବୁଠାରୁ ବଡ଼ ପ୍ରହେଳିକା ସୃଷ୍ଟି କରିଛି ବୋଲି ସେ କହିଛନ୍ତି। ଅସ୍ତ୍ରବିରତି ପ୍ରକ୍ରିୟାରେ ରହିଥିବା ସର୍ତ୍ତଗୁଡିକ ବିଷୟରେ ଆମେ ତଥା ଦେଶବାସୀ ଅବଗତ ହେବା ନିହାତି ଆବଶ୍ୟକ। ସିଡିଏସ୍ ଚୌହାନଙ୍କ ବୟାନ ଏକାଧିକ ପ୍ରଶ୍ନ ଉତ୍ଥାପନ କରିଛି। ଏ ସଂକ୍ରାନ୍ତରେ କେନ୍ଦ୍ର ସରକାର ଆଗକୁ ଆସିବା ଉଚିତ ଓ ଦେଶବାସୀଙ୍କ ଭ୍ରମ ଓ ଦ୍ୱନ୍ଦ ଦୂର କରିବା ଉଚିତ ବୋଲି ସେ କହିଛନ୍ତି। ଅସ୍ତ୍ରବିରତି ଓ ଜାତୀୟ ନିରାପତ୍ତା ନେଇ ସଂସଦରେ ଏକ ସ୍ୱତନ୍ତ୍ର ଅଧବେଶନ ଡାକିବାକୁ କଂଗ୍ରେସର ଥିବା ପୁରଣା ଦାବିକୁ ଖେଡା ଦୋହରାଇଛନ୍ତି। ଅନ୍ୟତମ ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ ମଧ୍ୟ ଖେଡାଙ୍କୁ ସମର୍ଥନ କରି ନିଜର ମନ୍ତବ୍ୟ ଦେଇଛନ୍ତି। ଅପରେସନ ସିନ୍ଦୂର ଓ ଅସ୍ତ୍ରବିରତି ନେଇ ସବୁ କିଛି ସ୍ୱଷ୍ଟ ହେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

## ଉତ୍ତର-ପୂର୍ବରେ ପ୍ରବଳ ବର୍ଷା; ୩୫ ମୃତ

ନୂଆଦିଲ୍ଲୀ, ୧।୬ (ଏଜେନ୍ସି): ଉତ୍ତର-ପୂର୍ବ ଭାରତର ବିଭିନ୍ନ ରାଜ୍ୟରେ ପ୍ରବଳ ବର୍ଷା ଜାରି ରହିଛି। ଏହା ସ୍ଥିତିକୁ ଅତ୍ୟନ୍ତ ଜଟିଳ କରିଦେଇଛି। ବିଭିନ୍ନ ରାଜ୍ୟରେ ବନ୍ୟା ଆସିବା ସହିତ ଭୂସ୍ଖଳନ ହୋଇଛି। ଆସାମଠାରୁ ନେଇ ତ୍ରିପୁରା, ଅରୁଣାଚଳ ପ୍ରଦେଶ ଆଦିରେ ଏ ପର୍ଯ୍ୟନ୍ତ ବର୍ଷା ଜନିତ ଦୁର୍ଘଟଣାରେ ୩୫ରୁ ଅଧିକ ଜୀବନ ଗଲାଣି। ଆସାମରେ ୧୬ ଜଣ, ଅରୁଣାଚଳରେ ୯ , ମିଜୋରାମରେ ୪ ଏବଂ ମେଘାଳୟରେ ୩ ଜଣଙ୍କ ଜୀବନ ଯାଇଛି। ଆସାମର ୧୫ରୁ ଅଧିକ ଜିଲ୍ଲାରେ ୭୮ ହଜାର ଲୋକ ପ୍ରଭାବିତ ହୋଇଥିବାବେଳେ ତ୍ରିପୁରାରୁ ୧୩୦୦ ପରିବାରକୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ମଣିପୁରରେ ବର୍ଷା ଏବଂ ଭୂସ୍ଖଳନ ଯୋଗୁଁ ୩, ୮୦୨ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ସେହିପରି ଉତ୍ତର ସିକିମରେ ୧୫୦୦ ପର୍ଯ୍ୟଟକ ଫସି ରହିଛନ୍ତି। ଶ୍ରୀନଗର-ଲେହ ରାଜପଥରେ ରବିବାର ଭୂସ୍ଖଳନ ହୋଇଛି। ଅବଶେଷ ପଡ଼ି ରହିଥିବାରୁ ରାସ୍ତା ବନ୍ଦ ରହିଛି। ସ୍ଥିତିକୁ ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆସାମ, ଅରୁଣାଚଳ, ସିକିମ ମୁଖ୍ୟମନ୍ତ୍ରୀ ଏବଂ ମଣିପୁର ରାଜ୍ୟପାଳଙ୍କ ସହ କଥା ହୋଇଛନ୍ତି।

# ଚୀନ୍‌ର ଋଣ ଜାଲରେ ୧୫୦ ଦେଶ

ବେଜିଂ, ୧।୬ (ଏଜେନ୍ସି)

ବିଶ୍ୱରେ କର୍ତ୍ତୃତ୍ୱ ଜାହିର କରିବା ପାଇଁ ଚୀନ୍ କ୍ରମାଗତ ଭାବେ ପ୍ରଚେଷ୍ଟା ଜାରି ରଖିଛି। ଗରିବ ରାଷ୍ଟ୍ରଙ୍କୁ ଲୋଭ ଦେଖାଇ ଚୀନ୍ ନିଜ ଋଣ ଜାଲରେ ଫସାଇବାରେ ଲାଗିଛି। ଆଉ ଏହି ଦେଶଗୁଡିକ ଲୋଭରେ ଫସି ତଳିତଳାନ୍ତ ହେବାରେ ଲାଗିଛନ୍ତି। ଏବେ ଚୀନ୍ ଅର୍ଥ ଆଦାୟ ପାଇଁ ଏହି ଦେଶଗୁଡିକ ଉପରେ ଚାପ ପକାଉଛି। ବିଭିନ୍ନ ଭୟ ମଧ୍ୟ ଦେଖାଉଛି। ତେଣୁ ଚୀନ୍ ଋଣ ଆଦାୟ କରିବାରେ ବିଶ୍ୱରେ ସବୁଠୁ ଆଗରେ ରହିଛି। ଅଷ୍ଟ୍ରେଲିଆ ଥିଙ୍କ ଟ୍ୟାଙ୍କ ଲୋଭି ଲୋଭି ଇନ୍‌ଷ୍ଟିଚ୍ୟୁଟ ଅନୁଯାୟୀ ଚୀନ୍ ଚଳିତ ବର୍ଷ ବିଭିନ୍ନ ଦେଶଠାରୁ ରେକର୍ଡ ୩ ଲକ୍ଷ କୋଟି ଟଙ୍କାର ଋଣ ଆଦାୟ କରିବ। ଏଗୁଡିକ ମଧ୍ୟରେ ୭୫ଟି ଗରିବ ଦେଶ ସାମିଲ ଅଛନ୍ତି। ଏହି ଦେଶଗୁଡିକ ଚୀନ୍‌କୁ ୧.୯ ଲକ୍ଷ କୋଟି ଟଙ୍କା ପ୍ରଦାନ କରିବେ। ବିକାଶଶୀଳ ଦେଶ ଉପରେ ଚୀନ୍‌ର ମୋଟ ୯୪ ଲକ୍ଷ କୋଟି ଟଙ୍କା ବାକି ରହିଛି। ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ (ବିଆରଆଇ) ଅଧିନରେ ଏକ ଦଶନ୍ଧି ତଳେ ଚୀନ୍ ଏହି ଋଣ ଦେଇଥିଲା।

ଚୀନ୍ ଚାପ ଯୋଗୁଁ ଏହି ଦେଶଗୁଡିକର ଆର୍ଥିକ ସ୍ଥିତି ଉପରେ ଗଭୀର ପ୍ରଭାବ ପଡୁଛି। ସ୍ୱାସ୍ଥ୍ୟ ଏବଂ ଶିକ୍ଷା ବଜେଟ ଉପରେ ବିପଦ ଦେଖାଦେଇଛି। ୨୦୨୩ରେ ୪୬ଟି ଗରିବ ଦେଶ ନିଜ ଟିକସ ଜନିତ ଆୟର ୨୦ ପ୍ରତିଶତ କେବଳ ଚୀନ୍ ଋଣ ପରିଶୋଧ କରିବାରେ ଖର୍ଚ୍ଚ କରିଥିଲେ। ଲୋଭରେ ପଡ଼ି ଋଣ ଆଣିଥିବା ଏହି ଦେଶ ଏବେ ଚୀନ୍‌ର ଜାଲରେ ପଡ଼ି ହନ୍ତସନ୍ତ ହେଉଛନ୍ତି। ସି ଜିନପିଙ୍ଗଙ୍କ ଏହି ଋଣ ରଣନୀତି ୨୦୧୩ରୁ ଆରମ୍ଭ ହୋଇଥିଲା। ୧୫୦ ଦେଶ ଏହି ପ୍ରକଳ୍ପରେ ସାମିଲ ହୋଇଛନ୍ତି। ବିଶ୍ୱ ଜିଡିପିକୁ ଏହି ଦେଶଗୁଡିକର ଯୋଗଦାନ ୪୦ ପ୍ରତିଶତ। ୪୨ ଦେଶ ଉପରେ ଜିଡିପିରୁ ଅଧିକ ଚୀନ୍ ଋଣ ରହିଛି। ୨୦୧୭ରେ ଚୀନ୍ ବିଶ୍ୱ ବ୍ୟାଙ୍କ ଏବଂ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ)କୁ ପଛରେ ପକାଇ ସବୁଠାରୁ ବଡ଼ ଋଣଦାତା ହୋଇଥିଲା। ୮୦ ପ୍ରତିଶତ ଋଣ ବିକାଶଶୀଳ ଦେଶ ନେଇଥିଲେ। ଏବେ ୫୫ ପ୍ରତିଶତ ଋଣ ପରିଶୋଧ କରୁଛନ୍ତି। ୨୦୩୦ ସୁଦ୍ଧା ଏହା ୭୫ ପ୍ରତିଶତରେ ପହଞ୍ଚି ଯିବ। ୨୦୨୨ ସୁଦ୍ଧା ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବା ଦେଶକୁ ଚୀନ୍ ୬୦ ପ୍ରତିଶତ ଋଣ ଦେଇଥିଲା। ଅଧିକ ସୁଧ ହାର ଯୋଗୁଁ ଅନେକ ଦେଶ ଏହାକୁ ପରିଶୋଧ କରିବାରେ ସମସ୍ୟା ଭୋଗୁଛନ୍ତି। ପାକିସ୍ତାନ (୨.୨୭ ଲକ୍ଷ କୋଟି), ଅଙ୍ଗୋଲା (୧.୭୯ ଲକ୍ଷ କୋଟି), ଶ୍ରୀଲଙ୍କା (୭୬ ହଜାର କୋଟି), ଇଥିଓପିଆ (୫୮ ହଜାର କୋଟି), କେନିଆ (୫୭ ହଜାର କୋଟି), ବାଂଲାଦେଶ (୫୨ ହଜାର କୋଟି), ଲାଓସ (୪୫ ହଜାର କୋଟି), ଇଜିପ୍ଟ (୪୪ ହଜାର କୋଟି) ଏବଂ ନାଇଜେରିଆ ୩୬ ହଜାର କୋଟି ଟଙ୍କାର ଋଣ ପରିଶୋଧ କରିବାରେ ବିଫଳ ହୋଇଛି। ଚୀନ୍ ବିଶ୍ୱବ୍ୟାଙ୍କକୁ ଲୁଚାଇ ମଧ୍ୟ ୩୩ ଲକ୍ଷ କୋଟିର ଋଣ ଦେଇଛି।

### ଗରିବ ଦେଶଙ୍କ ଉପରେ ୯୪ ଲକ୍ଷ କୋଟି ବାକି



ଫ୍ରେଞ୍ଚ୍ ଓପନ୍ କ୍ୱାର୍ଟରରେ ଭିଟୋଲିନା

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 42 • ISSUE-334 • BHUBANESWAR • MONDAY • 2 JUNE 2025 • PAGE-12 • ₹ 6.00

• ବର୍ଷ-୪୨ • ସଂଖ୍ୟା-୩୩୪ • ଭୁବନେଶ୍ୱର • ସୋମବାର • ୨ ଜୁନ୍ ୨୦୨୫ • ପୃଷ୍ଠା-୧୨ • ଟ.୬.୦୦


**ସୁପର ପାୱାର୍‌କୁ ସୁପର ଝଟ୍‌କା**

# ୟୁକ୍ରେନ ଡ୍ରୋନ୍‌ର ତାଣ୍ଡବ

## ରୁଷ୍‌ର ୪ ଏୟାରବେସ୍‌ରେ ୪୦ ଯୁଦ୍ଧ ବିମାନ ଧ୍ୱଂସ



ରୁଷ୍ ନ ଅଟକିଲେ ପୁଣି ଆକ୍ରମଣ କରିବୁ: ଜେଲେନ୍‌ସ୍କି

■ **ମସ୍କୋ, ୧।୬ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉଦ୍ୟମ ଏବଂ ଅନେକ ପର୍ଯ୍ୟାୟ ଆଲୋଚନା ସତ୍ତ୍ୱେ ରୁଷ୍-ୟୁକ୍ରେନ ଯୁଦ୍ଧ ବନ୍ଦ ହେବାର ନା ଧରୁନାହିଁ। ଅନ୍ୟପକ୍ଷରେ ଏହା ଭୟଙ୍କର ହେବାରେ ଲାଗିଛି। ଗୋଟିଏ ପଟେ ଯୁଦ୍ଧବିରତି ପାଇଁ କଥାବାର୍ତ୍ତା ଚାଲିଥିବା ବେଳେ ଅନ୍ୟପଟେ ଉଭୟ ପକ୍ଷ ପରସ୍ପର ଉପରେ ଆକ୍ରମଣକୁ ଜୋରଦାର କରିବାରେ ଲାଗିଛନ୍ତି। ଏହିକ୍ରମରେ ୟୁକ୍ରେନ ପକ୍ଷରୁ ଆଜି ରୁଷିଆରେ ବଡ଼ ଧରଣର ଡ୍ରୋନ ଆକ୍ରମଣ କରାଯାଇଛି। ଏଥିରେ ରୁଷିଆର ଅନେକ ବାୟୁସେନା ଘଟି କ୍ଷତିଗ୍ରସ୍ତ ହୋଇଥିବା ବେଳେ ୪୦ରୁ ଅଧିକ ଅତ୍ୟାଧୁନିକ ଯୁଦ୍ଧବିମାନ ଧ୍ୱଂସ ହୋଇଯାଇଛି। ସୁପରପାୱାର ରୁଷିଆ ପାଇଁ ଏହାକୁ ସବୁଠାରୁ ବଡ଼ ଝଟ୍‌କା ବୋଲି କୁହାଯାଉଛି।

ମିଳିଥିବା ସୂଚନା ଅନୁଯାୟୀ ଉଭୟ ଦେଶ ମଧ୍ୟରେ ତିନି ବର୍ଷ ଧରି ଚାଲିଥିବା ଯୁଦ୍ଧରେ ରୁଷ ଉପରେ ଏହା ହେଉଛି ୟୁକ୍ରେନର ସବୁଠାରୁ ବଡ଼ ଆକ୍ରମଣ। ନିଜ ସୀମାଠାରୁ ହଜାର ହଜାର କିମି ଦୂରରେ ଥିବା ଇର୍ଷ୍ଟର୍ଣ୍ଣ ସାଇବେରିଆ ସ୍ଥିତ ଓଲେନ୍ୟା ଏବଂ ବେଲାୟା ସମେତ ୪ଟି ଏୟାରବେସ୍ ଉପରେ ୟୁକ୍ରେନ ଡ୍ରୋନ୍ ଆକ୍ରମଣ କରିଛି। ଏଥିରେ ୪୦ଟି ଯୁଦ୍ଧ ବିମାନ ଧ୍ୱଂସ ହୋଇଥିବା ୟୁକ୍ରେନ ପକ୍ଷରୁ ଦାବି କରାଯାଇଛି। କିଭ୍ ଇଣ୍ଡିପେଣ୍ଡେଣ୍ଟ ୱେବସାଇଟ ଅନୁଯାୟୀ ଏହି ଆକ୍ରମଣରେ ଏ-୫୦, ଟିୟୁ-୯୫ ଏବଂ ଟିୟୁ-୨୨ ଭଳି ପରମାଣୁ ବୋମାବର୍ଷଣକାରୀ ▶ପୃଷ୍ଠା-୭


# ୨ ଟଙ୍କା ବଢ଼ିଲା ଓମ୍‌ଫେଡ୍ କ୍ଷୀର

**ଚାଷୀଙ୍କୁ ଲିଟର ପିଛା ଅଧିକ ୩ ଟଙ୍କା**

■ **ଭୁବନେଶ୍ୱର, ୧।୬ (ସମିସ):** ଓମ୍‌ଫେଡ୍ ଦୁଗ୍ଧ ମୂଲ୍ୟ ଲିଟର ପିଛା ୨ ଟଙ୍କା ବୃଦ୍ଧି କରିଛନ୍ତି ସରକାର। ଏହାସହିତ ଚାଷୀଙ୍କଠାରୁ ଦୁଗ୍ଧ କ୍ରୟ ସମୟରେ ସେମାନଙ୍କୁ ଅଧିକ ୩ ଟଙ୍କା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ପୂର୍ବରୁ ୧ ଲିଟର ଓମ୍‌ଫେଡ୍ ଦୁଗ୍ଧ ମୂଲ୍ୟ ୫୨ ଟଙ୍କା ଥିବାବେଳେ ଏବେ ଏହା ୫୪ ଟଙ୍କାରେ ବିକ୍ରି ହେବ। ଏହାସହ ଓମ୍‌ଫେଡ୍ ଦ୍ୱାରା ପ୍ରସ୍ତୁତ ଅନ୍ୟାନ୍ୟ ଦୁଗ୍ଧଜାତ ସାମଗ୍ରୀ ଦହି, ରାବିଡ଼ି, ଲସି, ଚହ୍ଲା, ଛେନାପୋଡ଼, ପେଡ଼ା ଆଦିର ମୂଲ୍ୟ ମଧ୍ୟ ବୃଦ୍ଧି ପାଇବ। ଆସନ୍ତା ୧୬ ତାରିଖରୁ ବର୍ଦ୍ଧିତ ଦର ଲାଗୁ ହେବ। ଅନ୍ୟପକ୍ଷରେ ଓମ୍‌ଫେଡ୍ କ୍ଷୀର ଦର ୨ ଟଙ୍କା ବୃଦ୍ଧି ହୋଇଥିଲେ ହେଁ ଦୁଗ୍ଧ ଚାଷୀମାନେ ଲିଟର ପିଛା ୩ ଟଙ୍କା ଲାଭବାନ ହେବେ ବୋଲି କୁହାଯାଉଛି।

# ଧୋକାଦେଲା ମୌସୁମୀ

## ପ୍ରଚଣ୍ଡ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ



ସ୍ନାନପୂର୍ଣ୍ଣିମା ପୂର୍ବରୁ ନିସ୍ତାର ନାହିଁ

■ **ଭୁବନେଶ୍ୱର, ୧।୬ (ସମିସ):** ପୁଣି ଧୋକା ଦେଲା ମୌସୁମୀ। ଓଡ଼ିଶା ଛୁଇଁବା ପୂର୍ବରୁ ଲଘୁଚାପ ଫାନ୍ଦରେ ପଡ଼ି ବାଟରେ ଅଟକି ଗଲା। ଦିନେ ଦୁଇଦିନ ବୁନ୍ଦା ଝାଡ଼ି ପ୍ରାକ୍ ମୌସୁମୀ ବର୍ଷା ବି ଓଡ଼ିଶାରୁ ମୁହଁ ଫେରାଇ ନେଲା। ଏହାପରେ ରାଜ୍ୟରେ ପୁଣି ବଦଳିଛି ପାଗ; ତାତି ବଢ଼ିଛି, ଆରମ୍ଭ ହୋଇଛି ପ୍ରଚଣ୍ଡ ଗୁଳୁଗୁଳି। ଆଭ୍ୟନ୍ତରୀଣ ଓଡ଼ିଶାରେ ୫ରୁ ୬ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇଛି। ଆସନ୍ତା ଦୁଇ ସପ୍ତାହ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷାର ସମ୍ଭାବନା ନାହିଁ ଓ ସ୍ନାନପୂର୍ଣ୍ଣିମା ପୂର୍ବରୁ ଗୁଳୁଗୁଳିରୁ ନିସ୍ତାର ମିଳିବ ନାହିଁ ବୋଲି ପାଣିପାଗ ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସମେତ ଦେଶର ଅଧିକାଂଶ ସ୍ଥାନରେ ମୌସୁମୀ ନିଷ୍କ୍ରିୟ ରହିବ। ଏହି ସମୟରେ କେବଳ ଦେଶର ପଶ୍ଚିମ ଉପକୂଳ ଓ ଉତ୍ତର-ପୂର୍ବ ଭାରତରେ ବର୍ଷା ହେବ। ବର୍ତ୍ତମାନ ରାଜ୍ୟକୁ ପଶ୍ଚିମା ପବନ ବହୁଥିବାରୁ ମୌସୁମୀ ଟ୍ରଫ୍ ସୃଷ୍ଟି ହୋଇପାରୁ ନାହିଁ। ▶ପୃଷ୍ଠା-୭

# ଏଏସ୍‌ଆଇଙ୍କୁ ପୋଡ଼ି ମାରିଦେଲେ !

**ଗାଡ଼ି ସହ ଅର୍ଦ୍ଧଦଗ୍ଧ ଶବ ଉଦ୍ଧାର**



**ଥାନାରେ ମାନସିକ ନିର୍ଯ୍ୟାତନା ଦେଉଥିଲେ ଆଇଆଇସି: ପତ୍ନୀ**

■ **ଜୁନାଗଡ଼, ୧।୬ (ସମିସ):** ଭବାନୀପାଟଣା ରିଜର୍ଭ ପୁଲିସ୍ ମୁଖ୍ୟାଳୟରେ କାର୍ଯ୍ୟରତ ଏଏସ୍‌ଆଇ ପବିତ୍ର ଗୋଲାପିଙ୍କ ଆଜି ସନ୍ଦେହଜନକ ମୃତ୍ୟୁକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଜୁନାଗଡ଼ ଥାନା ଅଧୀନ ବନମାଳିପୁର ଏନ୍‌ଏଚ-୨୬ର ରାସ୍ତାକଡ଼ରୁ ବାଇକ୍ ସହ ତାଙ୍କର ଦରପୋଡ଼ା ଶବ ଜବତ ହୋଇଛି। ପୁଲିସ୍ ଏହାକୁ ଦୁର୍ଘଟଣା ବୋଲି କହୁଥିବା ବେଳେ ପରିବାରଲୋକ କିନ୍ତୁ ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ତାଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି। କେହି ଦୁର୍ବୃତ୍ତ ତାଙ୍କୁ ପୋଡ଼ି ମାରିଦେଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଏପରିକି, କେ ଗାଁ ଥାନା ଆଇଆଇସିଙ୍କ ବିରୋଧରେ ମଧ୍ୟ ସଂଗିନ୍ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ।।ଯେ ଆଇଆଇସି ସବୁବେଳେ ପବିତ୍ରଙ୍କୁ ମାନସିକ ନିର୍ଯ୍ୟାତନା ଦେଇ ଆସୁଥିଲେ। ତେଣୁ ଏହାକୁ ନେଇ ପବିତ୍ର ସବୁବେଳେ ଚିନ୍ତାରେ ରହୁଥିଲେ।

ସୂଚନାନୁଯାୟୀ, ଏଏସ୍‌ଆଇ ପବିତ୍ରଙ୍କ ପୈତୃକ ଘର କୋରାପୁଟରେ। ସେ କଳାହାଣ୍ଡି ଜିଲ୍ଲା କେ ଗାଁ ଥାନାରେ ଦୁଇ ବର୍ଷ ତଳେ ଯୋଗ ଦେଇଥିଲେ। କୌଣସି କାରଣରୁ ନିଲମ୍ବିତ ହୋଇ ଏବେ ସେ ଭବାନୀପାଟଣା ରିଜର୍ଭ ପୁଲିସ୍ ମୁଖ୍ୟାଳୟରେ ଅବସ୍ଥାପିତ ଥିଲେ। ଶନିବାର ବିଳମ୍ବିତ ରାତିରେ ସେ ବାଇକ୍ ▶ପୃଷ୍ଠା-୭

**ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ**

# ବିଷ ପିଇଦେଲେ ପୀଡ଼ିତା

■ **ବଳଙ୍ଗା, ୧।୬ (ସମିସ):** ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ କରାଯିବା ଓ ଏଥିଯୋଗୁଁ ପୀଡ଼ିତାଜଣଙ୍କ ମାନସିକ ଭାରସାମ୍ୟ ହରାଇ କୀଟନାଶକ ପିଇଦେବା ଭଳି ଅଭାବନୀୟ ଘଟଣା ଆଜି ପୁରୀ ଜିଲ୍ଲା ବଳଙ୍ଗା ଥାନା ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଗୁରୁତର ନାବାଳିକାଙ୍କୁ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ପ୍ରଥମେ ପୁରୀ ଡାକ୍ତରଖାନା ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ଅଭିଯୁକ୍ତକୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

ନାବାଳିକା ଜଣଙ୍କ କତା କାମକୁ ଯାଇ ମଧ୍ୟାହ୍ନରେ ଘରକୁ ଫେରିବା ବେଳେ ଶୋଷ ଲାଗିବାରୁ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରକୁ ପାଣି ପିଇବା ପାଇଁ ଯାଇଥିଲେ। ସେହି ସମୟରେ ଉକ୍ତ ବ୍ୟକ୍ତିଙ୍କ ଘରେ ଇଲେକ୍ଟ୍ରି କାମ କରୁଥିବା ଜଣେ ଯୁବକ ନାବାଳିକାଙ୍କୁ ଏକୁଟିଆ ପାଇ ଅସଦାଚରଣ କରିଥିଲା। ଏପରିକି, ତାଙ୍କୁ ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲା। ତେବେ ନାବାଳିକା ଜଣକ ପାଟି କରିବାରୁ ଅଭିଯୁକ୍ତ ତାଙ୍କୁ ଛାଡ଼ି ଦେଇଥିଲା। ଏସଂପର୍କରେ କାହାରିକୁ ଜଣାଇଲେ ଜୀବନରୁ ମାରିଦେବାକୁ ବି ଧମକ ଦେଇଥିଲା। ପୀଡ଼ିତା ବହୁ କଷ୍ଟରେ ଘରେ ପହଞ୍ଚିଥିଲେ। ସେହି ସମୟରେ ତାଙ୍କ ବାପା-ମା' ଘରେ ନଥିବାରୁ ଫୋନ୍ କରି ସମସ୍ତ ଘଟଣା ଜଣାଇବା ସହ ତୁରନ୍ତ ଘରକୁ ଆସିବାକୁ କହିଥିଲେ। ତେବେ ବାପା-ମା' ଘରେ ପହଞ୍ଚିବା ବେଳକୁ ନାବାଳିକାଜଣଙ୍କ କୀଟନାଶକ ପିଇ ସାରିଥିଲେ। ପରିବାରଲୋକ ତାଙ୍କୁ ଗୁରୁତର ଅବସ୍ଥାରେ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ।


ONCE AGAIN HISTORY RECREATED

CHSE RESULTS-2025

Mokshya Ranjan Sahoo 572, Omm Prakash Sahoo 556, Omm Shree Behera 555, Shibam Samal 553, Shradha Suman Dehury 542, Yashraj Behera 540

Pratyush Behera 539, Alpha Priyadarshini 538, Sambit Sagar Rana 537, Sumit Mahakhud 536, Goldei Muduli 531, Bhaleswar Mahanta 530, Pranam Jena 529, Dharmendra Pradhan 528, Sudiptamaya Rout 524, Yuvaraj Behera 523

Arpita Pradhan 521, Pinky Sahoo 518, Sasmita Sahoo 512, Priyanka P. Mohanty 512, Satyajit Sahoo 511, Rakeswar Sahoo 510, Pradyumna Sahoo 508, Priyanka Mohapatra 505, Laxmipriya Gahrapk 503, Ashutosh Rout 501, Ranjan Sahoo 501

MEDICAL

and many more...

+2 SCIENCE-320 & +2 ARTS-128

IIT - JEE
IIT-2020, RANK-3995 Subhrajyoti Nayak
IIT-2007, RANK-2198 Debasish Sahoo
IIT, RANK-180 Deepak Swain

BANEESHREE ACHIEVEMENTS-2025
Abinash Sahoo 554
Kirti Chandra Bhutia 546
Debasish Parida 538

VIDYARTHEE
RESIDENTIAL HIGHER SECONDARY SCHOOL
Permanent Recognised by D.H.S.E. (O) & Affiliated to C.H.S.E. (O)
A RESIDENTIAL +2 SCIENCE COLLEGE
Corporate Office : Main Road, Kunjakanta, Dhenkanal
Own Campus : NH-55, Paikadahikore, Dhenkanal, Mob.:9178032178

VIDYARTHEE ENTRANCE CLASSESS For IIT JEE, NEET, NISER, IISER Starts from 1st week of June-2025

Mob.: 9437146868, 9438533557, 8926255969, 9178032178, 8917627598, 8658443665, 8249280017, 9938417553, 9777181318, 8763896368, 8018322905, 9938771575, 7008793655, 9777120455, 9658583850, 6371042018



Vikash Bargarh
Vikash Higher Educational Institutions

Vikash Institute of Technology:
• MBA (2 Years)
• B.Tech (4 Years) CSE, EEE, Civil, Mech.

Vikash Polytechnic:
• Diploma (3 Years) Civil, CSE, ECE, Mech., Electrical
• Diploma (Working Professionals) Mechanical Engg., Electrical Engg.

Vikash Law School:
• B.A. LL.B (H) 5 Years Int. Law

Vikash School of Business Management:
• BBA / BCA (3 Years)

Vikash Degree College:
• B.A. (Hons.) English, Economics, Education, Political Science, Psychology
• B.Com. (Hons.) Accountancy (Hons.)
• B.Sc. (Hons.) Physics, Chemistry, Math. Botany, Zoology, Comp.Sc.
• M.Sc. (2 Years) Chemistry
• M.Com. (2 Years) Accountancy
• M.A. (2 Years) English

Vikash Nursing College:
• ANM (2 Years),
• GNM (3 Years)
• B.Sc. Nursing (4 Years)
• P.B. B.Sc. Nursing (2 Years)

Vikash College of Paramedical Science:
• DMLT (2 Years)
• DMRT (2 Years)

Vikash Pharmacy College:
"MOVE TOWARDS YOUR DREAM CAREER IN PHARMACY"
• B. PHARM Bachelor in Pharmacy (4 YRS) Eligibility: +2 Science & OJEE Rank
• D. PHARM Diploma in Pharmacy (2 YRS) Eligibility: +2 Science

AWARDED As the Best Higher Educational Institutions in Western Odisha by OTV.
Visit us @ www.odishavikash.com
Email: vheicampus@gmail.com

ADMISSIONS Open for 2025-26
Courses Offered: PG | UG | Diploma
94380 85817 / 82800 08111
70087 81518 / 94393 49333
Vikash Knowledge Hub, Barahaguda, Bargarh

Grooming Talent
Vikash
Higher Educational Institutions



ବାଣିଶ୍ରୀ ଟ୍ୟୁଟୋରିଆଲ୍
ଢେଙ୍କାନାଳର ଉଲ୍ଲେଖନୀୟ ସଫଳତା

Admission Open !

2025 RESULTS

308DB048 ABINASH Sahoo 554 10th 496
308DB018 KIRTI CH. Bhutia 546 10th 492
308DB137 DEBASISH PARIDA 538
308DB017 PRITAM SAHOO 536
308DB087 RAJESWARI BEHERA 527
308DB081 SUSHIL SAHOO 526
308DB013 PRIYARANJAN BEHERA 524
308DB085 ARCHITA BISWAL 523
308DB061 JUSMANTA SAHOO 521
308DB241 SURYA NARAYAN SETHY 518
308DB031 LOPAMUDRA SWAIN 506
308DB007 SUBHALAXMI NAYAK 503
308DB211 SRDHA SAHIL SAHOO 503
308DB048 CHIRANJEEVI SAHOO 500

and many more....

FOR ADMISSION CONTACT

BANEESHREE TUTORIAL
+2 SCIENCE INTIGRATED
MAIN ROAD, KUNJAKANTA, DHENKANAL
Mob. 9437146868, 9438533557, 9178775939, 8763896368, 9938417553, 8018322905

93 1st Class Out of 106

## ଚିକିତ୍ସାରେ ଅବହେଳାରୁ ମା’ ଓ ଗର୍ଭସ୍ଥ ଶିଶୁର ମୃତ୍ୟୁ ଅଭିଯୋଗ

# ରୋଗୀ ସମ୍ପର୍କୀୟ-ଡାକ୍ତର ହାତାହାତି

**ନୟାଗଡ଼,୧।୬(ସମିସ):** ଜଣେ ମହିଳାଙ୍କ ସହ ତାଙ୍କର ଗର୍ଭସ୍ଥ ଶିଶୁର ମୃତ୍ୟୁକୁ ନେଇ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତୁମୁଳକାଣ୍ଡ ଘଟିଛି। ଉତ୍ତ୍ୟକ୍ତ ଲୋକେ ଡାକ୍ତରଖାନା ପରିସରରେ ପାଟିତୁଣ୍ଡ କରିବା ସହ ଡାକ୍ତରଙ୍କ ସହ ହାତାହାତି ଭଳି ପରିସ୍ଥିତି ଉପୁଜିଛି। ଏପରିକି, ପରିସ୍ଥିତି ନିୟନ୍ତ୍ରଣ ପାଇଁ ହସ୍ପିଟାଲ ପରିସରରେ ପୁଲିସ୍ ଫୋର୍ସ ମୁତୟନ କରିବାକୁ ପଡ଼ିଥିଲା। ତେବେ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବନମାଳି ବେହେରାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିବା ସହ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସମେତ ଅନ୍ୟାନ୍ୟ ପ୍ରତିଶ୍ରୁତି ଦିଆଯିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏହି ଘଟଣା ଆଜି ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି।

ମୃତ ମହିଳାଜଣଙ୍କ ହେଲେ, ନୟାଗଡ଼ ସଦର ଥାନା ଅନ୍ତର୍ଗତ ବାଲୁଗାଁର ବିଜେପି ଯୁବନେତା ସଞ୍ଜୟ କୁମାର ନାୟକଙ୍କ ପତ୍ନୀ ମମତା ସ୍ୱାଇଁ। ମମତାଙ୍କ ପ୍ରସବ ବେଦନା ହେବାରୁ ଗତକାଲି ରାତି ପ୍ରାୟ ୭ଟାରେ ପରିବାରଲୋକ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ଲେବର୍ ରୁମ୍‌ରେ ତାଙ୍କର ଠିକ୍ ଭାବେ ଚିକିତ୍ସା କରାଯାଇନଥିଲା। ଡାକ୍ତର ତାଙ୍କୁ ଦେଖିବା ପାଇଁ ଆସିନଥିଲେ। ଏପରିକି, ପ୍ରସବ କରାଇବା ପାଇଁ ଡାକ୍ତର ୩୦ ହଜାର ଟଙ୍କା ଦାବି କରିଥିଲେ ବୋଲି ସଞ୍ଜୟ ଅଭିଯୋଗ କରିଛନ୍ତି। ତାଙ୍କ କହିବାନୁଯାୟୀ, ଡାକ୍ତରଙ୍କ ଦାବି ମୁତାବକ ସେ ଟଙ୍କା ଯୋଗାଡ଼ କରି ଆସିବା ବେଳକୁ, ଦୀର୍ଘ ସମୟ ଧରି ପ୍ରସବବେଦନାରେ ଛଟପଟ ହୋଇ ରାତି ପ୍ରାୟ ୩ଟା ୪୫ରେ ମମତାଙ୍କ ମୃତ୍ୟୁ ହୋଇଯାଇଥିଲା।

ଏହି ଖବର ପଦାକୁ ଆସିବା ପରେ ଭୋର୍‌ରେ ଡାକ୍ତରଖାନା ପରିସରରେ ଉତ୍ତେଜନା ଦେଖାଯାଇଥିଲା। ସଞ୍ଜୟଙ୍କ ସମ୍ପର୍କୀୟଙ୍କ ସହ ଡାକ୍ତର ଓ ଅନ୍ୟ କର୍ମଚାରୀଙ୍କ ପାଟିତୁଣ୍ଡ ହେବା ସହ ହାତାହାତି ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ସକାଳ ହେବା ବେଳକୁ ଶହଶହ ଲୋକ ହସ୍ପିଟାଲ




ପରିସରରେ ରୁଣ୍ଡ ହୋଇ ହୋ-ହଲ୍ଲା କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ ହସ୍ପିଟାଲର ଡାକ୍ତରମାନେ ମନମୁଖୀ କାର୍ଯ୍ୟ ଚଳାଇ ଆସୁଛନ୍ତି। ହସ୍ପିଟାଲ ଅପେକ୍ଷା କ୍ଲିନିକ୍‌କୁ ଗୁରୁତ୍ୱ ଦେଉଛନ୍ତି। ଡାକ୍ତରଙ୍କ ଶୋଷଣ ମନୋବୃତ୍ତି ଯୋଗୁଁ ପ୍ରତିଦିନ ବହୁ ଗରିବ, ନିରୀହ ଲୋକ ପ୍ରାଣ ହରାଉଛନ୍ତି। ଏହି କାରଣରୁ ଆଜି ମଧ୍ୟ ଜଣେ ମା’ ଓ ପେଟରେ ଥିବା ଛୁଆର ଜୀବନ ଯାଇଛି ବୋଲି ସେମାନେ ଅଭିଯୋଗ କରିଥିଲେ।

ପରେ ମମତାଙ୍କ ପରିବାରଲୋକ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ରବୀନ୍ଦ୍ରନାଥ ସାହୁଙ୍କ ନାମରେ ଥାନାରେ ଅଭିଯୋଗ କରିବାରୁ ତତକ୍ଷଣାତ୍ ପୁଲିସ ଏହାକୁ ନେଇ ମାମଲା ରୁଜୁ କରିଥିଲା। ଅପରପକ୍ଷେ, ଡାକ୍ତରଙ୍କୁ ଗିରଫ ଦାବିରେ ଲୋକମାନେ ରୁଣ୍ଡ ହୋଇ ହୋହାଲ୍ଲା କରିବାରୁ ପୁଲିସ୍ ଆଇନଶୃଙ୍ଖଳା ରକ୍ଷା ପାଇଁ ଫୋର୍ସ ମୁତୟନ କରିଥିଲା। ଖବର ପାଇ ନୟାଗଡ଼ ଏସ୍‌ଡିପିଓ ଜ୍ୟୋତିରଞ୍ଜନ

**■ ଅପ୍ରୀତିକର ପରିସ୍ଥିତି ଆଶଙ୍କାରେ ଫୋର୍ସ ମୁତୟନ**
**■ ଡାକ୍ତରଙ୍କୁ ତୁରନ୍ତ ବଦଳି, ଥାନାରେ ମାମଲା ରୁଜୁ**

ସାମନ୍ତରାୟ, ଟାଉନ୍ ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ର ସଦଳବଳେ ପହଞ୍ଚି ବୁଝାସୁଝା କରିଥିଲେ। କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିବା ଆଶଙ୍କାରେ ନୟାଗଡ଼ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସନାତନ କାଲୋ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା ଏବଂ ୪ ଜଣ ଡିଏସ୍‌ପି, ୬ ଜଣ ଇନ୍ସପେକ୍ଟର ଓ ୨ ପ୍ଲାଟୁନ୍ ଫୋର୍ସ ଉପସ୍ଥିତ ରହି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ।

ସେହିପରି ଖବର ପାଇ ବିଜେପି ଜିଲ୍ଲା ସଭାପତି ତାପସ କୁମାର ମାର୍ଥା, ରଣପୁର ବ୍ଲକ୍ ଅଧ୍ୟକ୍ଷ ନିର୍ମଳା ବେହେରା, ବିଜେପି ନେତା ସନ୍ତୋଷ ପ୍ରଧାନ, ନସିର ଅହମ୍ମଦ, ପ୍ରହଲ୍ଲାଦ ବରାଡ଼, ଜିଲ୍ଲା ପରିଷଦ ସଦସ୍ୟ ସୁବାଷ ଚନ୍ଦ୍ର କହଁର, ବାଲୁଗାଁ ସରପଞ୍ଚ ମନୋଜ କୁମାର ନାୟକ, କଂଗ୍ରେସ ନେତା ମନୋଜ କୁମାର ସାହୁ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ।

ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବନମାଳୀ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ବୈଠକରେ ପୁଲିସ୍ ବିଭାଗର ବରିଷ୍ଠ ଅଧିକାରୀ, ସମସ୍ତ ନେତୃବୃନ୍ଦ ଏବଂ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ପିପି ସାହୁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ନୟାଗଡ଼ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ମଧ୍ୟ ଆଲୋଚନାରେ ସାମିଲ ହୋଇଥିଲେ। ଦାବି ମୁତାବକ ତୁରନ୍ତ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ରବୀନ୍ଦ୍ର ନାଥ ସାହୁଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଅନ୍ୟତ୍ର ବଦଳି କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହାସହ ଏକ କମିଟି ଗଠନ କରି ଘଟଣାର ତଦନ୍ତ କରାଯିବ ଏବଂ ତଦନ୍ତ ଆଧାରରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି। ଏହାସହ ଶବ ବ୍ୟବଚ୍ଛେଦକୁ ଭିଡିଓଗ୍ରାଫି କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଅପରାହ୍ଣ ପ୍ରାୟ ୧ଟାରେ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରାଯାଇଥିଲା।

## ଅତ୍ୟାଧୁନିକ ଓ ସ୍ୱୟଂସମ୍ପୂର୍ଣ୍ଣ ହେବ କଳିଙ୍ଗ ଷ୍ଟୁଡିଓ

**ଡିପିଆର୍ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ**

**ଭୁବନେଶ୍ୱର,୧।୬(ସମିସ):** କଳିଙ୍ଗ ଷ୍ଟୁଡିଓକୁ ସ୍ୱୟଂସମ୍ପୂର୍ଣ୍ଣ ଏବଂ ଅତ୍ୟାଧୁନିକ ଷ୍ଟୁଡିଓ ଭାବେ ବିକଶିତ କରାଯିବ। ଖୁବଶୀଘ୍ର ଏଥିପାଇଁ ଏକ ଡିପିଆର୍ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶିଳ୍ପ ବିଭାଗକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ରବିବାର ମୁଖ୍ୟମନ୍ତ୍ରୀ କଳିଙ୍ଗ ଷ୍ଟିଡିଓ ପରିଦର୍ଶନ କରିବା ଅବସରରେ କହିଛନ୍ତି ଯେ ଓଡ଼ିଆ ଚଳଚ୍ଚିତ୍ରର ବିକାଶ ପାଇଁ ଏହି ଷ୍ଟୁଡିଓର ବିକାଶ ଅତ୍ୟନ୍ତ ଆବଶ୍ୟକ। ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ଥାଇ ଏହାକୁ ଏକ ସ୍ୱୟଂସମ୍ପୂର୍ଣ୍ଣ ଷ୍ଟୁଡିଓରେ ପରିଣତ କରାଯିବ। ଚଳଚ୍ଚିତ୍ର ଜଗତ ସହିତ ଜଡ଼ିତ ସମସ୍ତଙ୍କ ସହ ଆଲୋଚନା କରାଯାଇ ଏହି ଷ୍ଟୁଡିଓର ବିକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ ଯେ ୧୯୮୦ ମସିହାରେ ସ୍ଥାପିତ ହୋଇଥିବା ଏହି ଷ୍ଟୁଡିଓ ଏକଦା ଚଳଚ୍ଚିତ୍ର ନିର୍ମାଣ ପାଇଁ ଉନ୍ନତ ଯନ୍ତ୍ରପାତି ସହିତ ପୂର୍ବ ଭାରତର ଏକମାତ୍ର ଷ୍ଟୁଡିଓ ଭାବେ ଖ୍ୟାତି ଅର୍ଜନ କରିଥିଲା। ସମୟକ୍ରମେ ଆଧୁନିକ ଯନ୍ତ୍ରପାତି ଓ ବୈଷୟିକ ଉପକରଣ ଅଭାବରୁ ଷ୍ଟୁଡିଓଟିର ଚାହିଦା ହ୍ରାସ ପାଇଥିଲା। ବର୍ତ୍ତମାନ ଏହାର ଉନ୍ନତିକରଣ କାର୍ଯ୍ୟ ଜାରି ରହିଛି। ବାକି ରହିଥିବା କାମଗୁଡ଼ିକ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଇଡ୍‌କୋ ପକ୍ଷରୁ ଏହି ବିକାଶ କାର୍ଯ୍ୟ କରାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ସହିତ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ଷ୍ଟୁଡିଓ ବୁଲି ଦେଖିଥିଲେ। ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ସମର୍ଥ ବର୍ମା ଏବଂ ଇଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ ଉପସ୍ଥିତ ଥିଲେ।



ନବରଙ୍ଗପୁର ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ଦିଲ୍ଲୀପ ପ୍ରଧାନୀଙ୍କ ନେତୃତ୍ୱରେ ଶତାଧିକ ସଦସ୍ୟ ବିଜେଡିରେ ଯୋଗ ଦେବା ପରେ ନବୀନ ନିବାସରେ ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି। ପାଖରେ ଉପସ୍ଥିତ ଅଛନ୍ତି ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ

**■ ଟ୍ରେନ୍‌ରେ ଡକାୟତି ଯୋଜନା**

## ୪ ଗିରଫ, ୨୦ ମୋବାଇଲ ଜବତ

**ପୁରୀ,୧।୬(ସମିସ):** ଆଗକୁ ରଥଯାତ୍ରା। ପୁରୀକୁ ହଜାର ହଜାର ସଂଖ୍ୟାରେ ଯାତ୍ରୀ ଟ୍ରେନରେ ଯିବାଆସିବା କରିବେ। ତେବେ ଟ୍ରେନ ଯାତ୍ରା ଯେପରି ସୁରକ୍ଷିତ ହେବ ସେଥିପାଇଁ ବେଶ୍ ତତ୍ପର ହୋଇପଡିଛନ୍ତି ଆରପିଏଫ୍ ଏବଂ ଜିଆର୍‌ପି ପୋଲିସ। ରାତ୍ରୀକାଳୀନ ପାଟ୍ରୋଲିଂକୁ କଡାକଡି କରିଛନ୍ତି। ଏହି କ୍ରମରେ ଶନିବାର ରାତିରେ ପୁରୀ ଆରପିଏଫ୍ ଏବଂ ଜିଆର୍‌ପି ଥାନା ପୋଲିସ ମିଳିତ ଭାବେ ଷ୍ଟେଶନରେ ପାଟ୍ରୋଲିଂ କରୁଥିଲେ। ରାତି ପ୍ରାୟ ୧୧ଟା ୫୦ ସମୟରେ ଲୋକେ ଅଫିସ ନିକଟ ଟ୍ରେନ ଲାଇନ କଡରେ ୫ ଜଣ ଅସାମାଜିକ ଯୁବକ ବସି ବିଳମ୍ବିତ ରାତିରେ ଡକାୟତି କରିବା ପାଇଁ ଯୋଜନା କରୁଥିଲେ। ସେଠାରେ ଜିଆର୍‌ପି ଏବଂ ଆରପିଏଫ୍ ଚଢାଉ କରିଥିଲେ। ସେମାନଙ୍କୁ ଦେଖି ଜଣେ ଯୁବକ ଖସି ଯାଇଥିବା ବେଳେ ୪ ଜଣଙ୍କୁ କାବୁ କରିଥିଲେ ଆର୍‌ପିଏଫ୍ ଏବଂ ଜିଆର୍‌ପି ପୋଲିସ। ଅଭିଯୁକ୍ତମାନେ ହେଲେ ଡେଲାଙ୍ଗ ଓଡତରାହୀର ଦିଲ୍ଲୀପ ଜେନା, ଖୋର୍ଦ୍ଧା ଗୁରୁଜଙ୍ଗର ବାବୁଲା ବାରିକ, ଗଞ୍ଜାମ ଚମାଖଣ୍ଡିର ସଞ୍ଜୟ ସେଠୀ, ଗଞ୍ଜାମ ବ୍ରହ୍ମପୁର ସହର ବିଲସାହିର ମନୋଜ ବେହେରା। ପଚରାଉଚରା କରିବା ପରେ ପୁରୀ-ଭଲସାଦ ସାପ୍ତାହିକ ଏକ୍ସପ୍ରେସ ଟ୍ରେନରେ ଡକାୟତି କରିବା ଲାଗି ଯୋଜନା କରୁଥିବା ସ୍ୱୀକାର କରୁଥିଲେ। ଅଭିଯୁକ୍ତମାନଙ୍କଠାରୁ ୨୦ଟି ମୋବାଇଲ ଫୋନ (ଯେଉଁଥିରେ ଗୋଟିଏ ଆଇଫୋନ ରହିଛି), ୨ଟି ଛୁରୀ, ୪ ପ୍ୟାକେଟ ଲଙ୍କାଗୁଣ୍ଡ, ୪ଟି କଳା ରଙ୍ଗର ମାସ୍କ, ୪ଟି ଟ୍ରେନ ଟିକେଟ, ସିଗାରେଟ୍, ଆସ୍କା ୪୦ ବୋତଲ ଏବଂ ମ୍ୟାପ୍ ଜବତ କରାଯାଇଥିଲା। ଏ ନେଇ ଜିଆର୍‌ପି ଥାନାରେ ଏକ ମାମଲା (ନଂ.୪୭/୨୫) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଜିଆର୍‌ପି ଥାନାଧିକାରୀ ଏସ୍.କେ. ବାହିନୀପତି ସୂଚନା ଦେଇଛନ୍ତି। ଆଗକୁ ରଥଯାତ୍ରା ଆସୁଥିବାରୁ ଯାତ୍ରୀଙ୍କ ସୁରକ୍ଷିତ ଯାତାୟାତ ପାଇଁ ଯାଞ୍ଚ ଏବଂ ପାଟ୍ରୋଲିଂ କଡାକଡି କରାଯିବ ବୋଲି ବାହିନୀପତି କହିଛନ୍ତି।

## ରାଜ୍ୟରେ ବନ୍ଦର ବିକାଶ ପାଇଁ ‘ଇଓଆଇ’ ଆହ୍ୱାନ

### ସହାୟକ ହେଲା ପୂର୍ବ ସରକାରଙ୍କ ବନ୍ଦର ନୀତି

**ଭୁବନେଶ୍ୱର,୧।୬(ସମିସ):** ରାଜ୍ୟରେ ବିଶାଳ ସାମୁଦ୍ରିକ କ୍ଷମତାକୁ ଉପଯୋଗ କରି ବନ୍ଦର ଭିତ୍ତିକ ବିକାଶ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ଅଣ ପ୍ରମୁଖ ବନ୍ଦର, କ୍ରୁଜ ଟର୍ମିନାଲ, ବହୁମୁଖୀ ବନ୍ଦର, ଜାହାଜ ନିର୍ମାଣ ଓ ମରାମତି ସୁବିଧା କେନ୍ଦ୍ର ଏବଂ କଣ୍ଟେନର ଟର୍ମିନାଲର ବିକାଶ ପାଇଁ ରାଜ୍ୟ ସରକାର ଏକ୍ସପ୍ରେସନ ଅଫ୍ ଇଣ୍ଟ୍ରେଷ୍ଟ(ଇଓଆଇ) ଆହ୍ୱାନ କରିଛନ୍ତି। ବୈଶ୍ୱିକସ୍ତରରେ ନିବେଶକ ଏବଂ ଅପରେଟରଙ୍କ ନିକଟରୁ ରାଜ୍ୟ ବନ୍ଦର ଏବଂ ଅନ୍ତର୍ଦେଶୀୟ ଜଳପଥ ପରିବହନ ନିର୍ଦ୍ଦେଶାଳୟ ପକ୍ଷରୁ ଏହି ଇଓଆଇ ଆହ୍ୱାନ କରାଯାଇଛି।

ଇଓଆଇ ଅନୁଯାୟୀ ରାଜ୍ୟରେ ବାଲେଶ୍ୱରର ବିଚିତ୍ରପୁର(ତାଳସାରୀ)ଠାରୁ ଦକ୍ଷିଣରେ ବାହୁଦା ମୁହାଣ(ଗଞ୍ଜାମ) ଯାଏଁ ପ୍ରାୟ ୫୭୪ କିଲୋମିଟର ବିଶିଷ୍ଟ ସାମୁଦ୍ରିକ ଉପକୂଳ ରହିଛି। ରାଜ୍ୟରେ ବର୍ତ୍ତମାନ ପାରାଦୀପ ଏକ ପ୍ରମୁଖ ବନ୍ଦର ଥିବାବେଳେ ପ୍ରାୟ ୧୪ଟି ଅଣ ପ୍ରମୁଖ ବନ୍ଦର ଚିହ୍ନଟ କରାଯାଇଛି। ଏହି ୧୪ଟି ଅଣ ପ୍ରମୁଖ ବନ୍ଦର ମଧ୍ୟରୁ ଗୋପାଳପୁର ଏବଂ ଧାମରା ବର୍ତ୍ତମାନ କାର୍ଯ୍ୟକ୍ଷମ ହୋଇ ସାରିଲାଣି। ସେହିପରି ଅସ୍ତରଙ୍ଗ ଏବଂ ସୁବର୍ଣ୍ଣରେଖା ବନ୍ଦରରେ ବର୍ତ୍ତମାନ ବିକାଶ କାର୍ଯ୍ୟକ୍ରମ ଜାରି ରହିଥିବା ବେଳେ ଜଟାଧାର ମୁହାଣରେ ଖୁବଶୀଘ୍ର ଏକ ଜେଟି ନିର୍ମାଣକୁ ନିକଟରେ ରାଜ୍ୟ କ୍ୟାବିନେଟରେ ଅନୁମୋଦନ ମିଳିଛି। ଏଠାରେ ଜେଏସଡବ୍ଲ୍ୟୁ ଏହି ଜେଟି ନିର୍ମାଣ କରିବ। ଅବଶିଷ୍ଟ ୮ଟି ଅଣ ପ୍ରମୁଖ ବନ୍ଦରର ବିକାଶ ପାଇଁ ଇଓଆଇ ଆହ୍ୱାନ କରାଯାଇଛି। ବିଚିତ୍ରପୁର, ବାହାବଳପୁର, ଚାନ୍ଦିପୁର, ଇଞ୍ଚୁଡି, ଚୂଡାମଣି, ବାଲିହରଚଣ୍ଡୀ, ପାଲୁର ଏବଂ ବାହୁଦା ମୁହାଣ(ସୋନପୁର)ରେ ବନ୍ଦର କାର୍ଯ୍ୟକଳାପକୁ ସଶକ୍ତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଅଟେ। ଆସନ୍ତା ଜୁନ୍ ୨୩ ତାରିଖ ସୁଦ୍ଧା ଇଚ୍ଛୁକ ସଂସ୍ଥା ଇଓଆଇ ଦାଖଲ କରିପାରିବେ ବୋଲି ଏଥିରେ ଉଲ୍ଲେଖ ରହିଛି।

ରାଜ୍ୟରେ ବନ୍ଦର ଭିତ୍ତିକ କାର୍ଯ୍ୟକଳାପର ବିକାଶ ପାଇଁ ଗତ ବିଜେଡି ସରକାର ୨୦୨୨ ମସିହାରେ ଓଡ଼ିଶା ବନ୍ଦର ନୀତି ପ୍ରଣୟନ କରିଥିଲେ। ଓଡ଼ିଶାରେ ଏହି ନୀତି ଦ୍ୱାରା ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ, ମାଧ୍ୟମରେ ଓଡ଼ିଶା ଉପକୂଳରେ ସ୍ଥାୟୀ ସାମୁଦ୍ରିକ ବିକାଶ ଉପରେ ଅଧିକ ଧ୍ୟାନ କେନ୍ଦ୍ରୀତ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ବିଶେଷକରି ସାମୁଦ୍ରିକ ଜାହାଜ ପରିବହନ, ସାମୁଦ୍ରିକ ପର୍ଯ୍ୟଟନକୁ ପ୍ରୋତ୍ସାହନ, ବହୁମୁଖୀ ବନ୍ଦର ନିର୍ମାଣ, ଆଦି ଭିତ୍ତିଭୂମି ସୃଷ୍ଟିରେ ନୂଆ ନୀତି ସହାୟକ ହେବ ହୋଇ ପାରିଛି ବୋଲି ବିଶେଷଜ୍ଞ ମହଲରେ ମତ ପ୍ରକାଶ ପାଇଛି।

**■ ପରକୀୟା ପ୍ରୀତିରୁ ଗଡ଼ିଲା ମୁଣ୍ଡ**

## ଯୁବକଙ୍କୁ ଗଳାକାଟି ହତ୍ୟା

**କଣିହାଁ,୧।୬(ସମିସ):** ପରକୀୟା ପ୍ରୀତିକୁ ନେଇ ଅନୁଗୋଳ ଜିଲ୍ଲା କଣିହାଁ ଥାନା ମସୁଣିହତା ଗ୍ରାମରେ ଜଣେ ଯୁବକଙ୍କ ମୁଣ୍ଡ ଗଡ଼ିଛି। ଶନିବାର ବିଳମ୍ବିତ ରାତିରେ ଯୁବକଙ୍କୁ ଗଳାକାଟି ହତ୍ୟା କରାଯାଇଛି। ମୃତ ଯୁବକ ହେଲେ ମସୁଣିହତା ଗ୍ରାମର ବାବାଜୀ ନାଏକ (୨୫)। ରାତି ପ୍ରାୟ ୨ଟାରେ ବାବାଜୀ ନିଜ ଘର ବାରଣ୍ଡାରେ ଶୋଇଥିବା ବେଳେ କାକୁଡ଼ିଆ ଗ୍ରାମର ବିଭୂତି ନାଏକ (୩୫) ଏକ ଧାରୁଆ ଅସ୍ତ୍ରରେ ତାଙ୍କ ଗଳା କାଟିଦେଇଥିଲେ। ଘଟଣାସ୍ଥଳରେ ବାବାଜୀଙ୍କ ମୃତ୍ୟୁ ହୋଇଥିଲା। ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ବିଭୂତିଙ୍କୁ ଗିରଫ କରିଛି। ମିଳିଥିବା ସୂଚନା ଅନୁଯାୟୀ, ବିଭୂତିଙ୍କ ସ୍ତ୍ରୀଙ୍କୁ ୭ ମାସ ହେଲା ବାବାଜୀ ପ୍ରେମ ବିବାହ କରି ଘରେ ରଖିଥିଲେ। ଏଥିରେ ବିଭୂତି ପ୍ରତିଶୋଧ ପରାୟଣ ହୋଇ ବାବାଜୀଙ୍କୁ ହତ୍ୟା କରିବା ପାଇଁ ଧମକ ଦେଇଆସୁଥିଲେ। ଶନିବାର ବାବାଜୀ ଘର ବାରଣ୍ଡାରେ ଶୋଇଥିବା ସମୟରେ ବିଭୂତି ଏକ ବାଇକ୍‌ରେ ଆସି ଧାରୁଆ ଅସ୍ତ୍ରରେ ତାଙ୍କ ଗଳା କାଟି ଦେଇଥିବା ବାବାଜୀଙ୍କ ବାପା ଅଭିଯୋଗ କରିଛନ୍ତି। ବିଭୂତିଙ୍କ ସହ ଅନ୍ୟ ଜଣେ ସହଯୋଗୀ ମଧ୍ୟ ଆସିଥିଲେ। ସେ ବିଭୂତିଙ୍କ ଭାଇ ବୋଲି ବାବାଜୀଙ୍କ ବାପା କହିଛନ୍ତି। ଆଇଆଇସି ରମଣୀ ରଞ୍ଜନ ଦଳେଇଙ୍କ ନେତୃତ୍ୱରେ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

## କାର୍-ବାଇକ୍ ଧକ୍କା; ଶ୍ୱଶୁର-ଜ୍ୱାଇଁ ମୃତ

**ବନ୍ଧୁଗାଁ,୧।୬(ସମିସ):** ଆନ୍ଧ୍ରପ୍ରଦେଶର ସାନ୍ଦିୱାଲ୍ସା-ଡକିଲା କତାପାଟଣାମ୍ ମଧ୍ୟରେ ଏକ କାର୍ ଧକ୍କାରେ ଶ୍ୱଶୁର-ଜ୍ୱାଇଁଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ୍ ପେଦାଲୋଡ଼ା ପଞ୍ଚାୟତ ଝାଙ୍କରକାର୍ଲି ଗାଁର ଶଶୁର ଅପାନା ପିଡ଼ିକା (୬୨) ଓ ଜ୍ୱାଇଁ ରମେଶ ହୁଇକା (୨୦)। ଘଟଣା ପରେ କାର୍‌ଟି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛି। ସୂଚନାନୁଯାୟୀ, ଝଙ୍କାରକାର୍ଲିର ରମେଶ ଆନ୍ଧ୍ରପ୍ରଦେଶ ସାନ୍ଦିୱାଲ୍ସା ଗାଁସ୍ଥିତ ନିଜ ଶ୍ୱଶୁର ଘରକୁ ଶୁକ୍ରବାର ଯାଇଥିଲେ। ସେଠାରୁ ସେ ଶ୍ୱଶୁରଙ୍କ ସହ ବାଇକ୍‌ରେ ନିଜ ଗାଁ ଝାଙ୍କରକାର୍ଲିକୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ସାନ୍ଦିୱାଲ୍ସା-ଡକିଲା କତାପାଟଣାମ୍ ମଧ୍ୟରେ ଏକ କାର୍ ସହ ତାଙ୍କ ବାଇକ୍ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ହିଁ ରମେଶଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ ଆପାନାଙ୍କୁ ସ୍ଥାନୀୟ ଲୋକ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ସରପଞ୍ଚ ଶେଖର କଣ୍ଡାଗୋରୀ, ଭେଙ୍କଟ କଣ୍ଡାଗୋରୀ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆନ୍ଧ୍ରପ୍ରଦେଶ ପୁଲିସ୍ ଶବକୁ ଉଦ୍ଧାର କରିବା ସହ ଦୁର୍ଘଟଣା ଘଟାଇଥିବା କାର୍‌କୁ ଧରିବାକୁ ସିସିଟିଭି ଯାଞ୍ଚ କରୁଥିବା ଜଣାପଡ଼ିଛି।

## ମଦୁଆଙ୍କ ଖଣ୍ଡା ଚୋଟରେ ଦୁଇ ପୁଲିସ ଆହତ; ୨ ଗିରଫ

**ବଲାଙ୍ଗିର/ପାଟଣାଗଡ଼,୧।୬(ସମିସ):** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅପରାଧୀମାନେ ପୁଲିସ୍‌କୁ ବି ଆକ୍ରମଣ କରିବାକୁ ପଛାଉ ନାହାନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଏହାର ଏକ ନମୁନା ଦେଖିବାକୁ ମିଳିଛି। ଦୁଇ ମଦୁଆଙ୍କ ଖଣ୍ଡା ଚୋଟରେ ପାଟଣାଗଡ଼ ଥାନାର ଦୁଇ ପୁଲିସ୍ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ଆହତଦ୍ୱୟ ହେଲେ, କନଷ୍ଟେବଲ୍ ଦେବାଶିଷ ନାଏକ ଓ ଗୃହରକ୍ଷୀ ନିରଞ୍ଜନ ସାହୁ। ଦୁହିଁଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅପରପକ୍ଷରେ, ଏହି ଘଟଣାରେ ପୁଲିସ୍ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଛି। ସେମାନେ ହେଲେ, ବ୍ରହ୍ମପୁରାର ମନୋଜ କୁମାର ସାହୁ ଓ ବାଲିପଟା ଗାଁର ଉମାକାନ୍ତ ମାଝୀ।

ସୂଚନାନୁସାରେ, ମନୋଜ ଓ ଉମାକାନ୍ତ ଶୁକ୍ରବାର ବିଳମ୍ବିତ ରାତିରେ ମଦ ପିଇ ଏକ ବାଇକ୍‌ରେ ବ୍ରହ୍ମପୁରା ଅଭିମୁଖେ ଯାଉଥିବା ବେଳେ କନଷ୍ଟେବଲ୍ ଦେବାଶିଷ ଓ ଗୃହରକ୍ଷୀ ନିରଞ୍ଜନ ସେମାନଙ୍କୁ ଅଟକାଇ ପଚରାଉଚରା କରିଥିଲେ। ଏଥିରେ ରାଗି ଯାଇ ଅଭିଯୁକ୍ତଦ୍ୱୟ ସେମାନଙ୍କୁ ଏକ ଖଣ୍ଡାରେ ଆକ୍ରମଣ କରି ଫେରାର୍ ହୋଇଯାଇଥିଲେ।

## କମିଲା ଯୁକ୍ତ ୩ ନାମଲେଖା ଆବେଦନ

**ଭୁବନେଶ୍ୱର,୧।୬(ସମିସ):** ଚଳିତ ବର୍ଷ ରାଜ୍ୟରେ ଯୁକ୍ତ ୩ ପାଠ୍ୟକ୍ରମରେ ନାମଲେଖା ଆବେଦନ ଅବଧି ରବିବାର ଶେଷ ହୋଇଛି। ଯୁକ୍ତ ୩ରେ ନାମଲେଖା ପାଇଁ ରାଜ୍ୟରେ ୨ଲକ୍ଷ ୭୬ହଜାର ୫୬୯ଟି ସିଟ୍ ଉପଲବ୍ଧ ରହିଛି। ମାତ୍ର ଯୁକ୍ତ ୩ରେ ନାମ ଲେଖାଇବା ପାଇଁ ମାତ୍ର ୨ଲକ୍ଷ ୫୬ହଜାର ୩୫୦ ଜଣ ଆବେଦନ କରିଛନ୍ତି। ତନ୍ମଧ୍ୟରୁ ୨ଲକ୍ଷ ୪୮ହଜାର ୫୨୮ ପିଲା ଆବଶ୍ୟକ ଫି’ ଦାଖଲ କରି ଆବେଦନ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିଛନ୍ତି। ସମୁଦାୟ ସିଟ୍ ତୁଳନାରେ ଆବେଦନ ସଂଖ୍ୟା ପ୍ରାୟ ୨୬ ହଜାର କମିଛି। ଶିକ୍ଷାବର୍ଷରେ ସନ୍ତୁଳନ ଆଣିବାକୁ ଅର୍ଥାତ୍ ନିର୍ଦ୍ଧାରିତ ସମୟରେ ପାଠପଢ଼ା ଆରମ୍ଭ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ +୨ ପରୀକ୍ଷା ଫଳ ପ୍ରକାଶ ପାଇବା ପୂର୍ବରୁ +୩ ପାଇଁ ଆବେଦନ ଆରମ୍ଭ ହୋଇଥିଲା। ଏପରିକି ଆବେଦନ ଅବଧି ସରିବା ପୂର୍ବରୁ ଆଉ ୧୦ଦିନ ବଢ଼ାଯାଇଥିଲା। ଏହା ସତ୍ତ୍ୱେ ଚଳିତ ବର୍ଷ ଆବେଦନ ସଂଖ୍ୟା ହ୍ରାସ ପାଇଥିବାରୁ ଗତବର୍ଷ ପରି ଯୁକ୍ତ ୩ରେ ସିଟ୍ ସଂଖ୍ୟା ଖାଲି ପଡ଼ିବା ସ୍ପଷ୍ଟ ହୋଇ ଯାଇଛି।

# ପୁଣି ଶ୍ରୀମନ୍ଦିର ଉପରେ ଉଡ଼ିଲା ଡ୍ରୋନ୍

### ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ

**ପୁରୀ, ୧।୬(ସମିସ):** ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଦିନକୁଦିନ ବିପନ୍ନ ହେବାରେ ଲାଗିଛି। ବିଭିନ୍ନ ସମୟରେ ଫଟୋ, ଭିଡିଓ ବଡ଼ଦେଉଳର ବହୁ ଗୁପ୍ତତଥ୍ୟକୁ ପଦାରେ ପକାଉଥିବା ବେଳେ ଏବେ ପୁଣି ଉଡିଛି ଡ୍ରୋନ୍। ସମ୍ପ୍ରତି ଭାରତ-ପାକିସ୍ତାନ ସ୍ଥିତିକୁ ନେଇ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଥିବା କୁହାଯାଉଥିବା ବେଳେ ଏହା କେବଳ ଯେକାଗଜକଲମରେ ସୀମିତ ତାହା ପ୍ରମାଣିତ ହୋଇଛି। ତେବେ ଏହି ଡ୍ରୋନ ଶ୍ରୀମନ୍ଦିର ଭିତରର ଅନେକ ଦୃଶ୍ୟ ତୋଳିଥିବା ସନ୍ଦେହ କରାଯାଉଥିବା ବେଳେ ଏହା ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥାକୁ ପୁଣି ପଦାରେ ପକାଇଛି। ବିଗତ ଦିନରେ ଅନେକଥର ସୋସିଆଲ ମିଡିଆରେ ମନ୍ଦିରର ସମ୍ବେଦନଶୀଳ ଫଟୋ, ଭିଡିଓ ଭାଇରାଲ ହୋଇଥିବା ବେଳେ ଏବେ ଲଗାତର ଡ୍ରୋନ୍ ଉଡ଼ିବା ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି।

ବାରମ୍ବାର ତାଗିଦ୍ ସତ୍ତ୍ୱେ ବୋଲ ମାନୁନାହାନ୍ତି ଅମାନିଆ। ପୁଣି ଭାଇରାଲ୍ ହୋଇଛି ଶ୍ରୀମନ୍ଦିରର ଡ୍ରୋନ ଭିଡିଓ। ମୁଖ୍ୟ ବାନା ଲଗାଯାଉଥିବା ଦୃଶ୍ୟ ଭିଡିଓରେ ଆସିଥିବା ବେଳେ ଜଣେ ଚୁନେରା ସେବାୟତ ନମସ୍କାର କରୁଥିବା ଭିଡିଓରେ ଦେଖିବାକୁ ମିଳିଛି, ଯାହାକୁ ନେଇ ଶ୍ରୀମନ୍ଦିର ସୁରକ୍ଷା ଉପରେ ପ୍ରଶ୍ନବାଚୀ



ସୃଷ୍ଟି ହୋଇଛି। ତେବେ ଭାଇରାଲ ଭିଡିଓରେ ଚୁନରା ସେବାୟତଜଣଙ୍କ ଏକାଧିକଥର ଆସୁଥିବା ଦେଖିବାକୁ ମିଳିଛି। ମେ’ ୩୦ରେ ଫେସବୁକ୍‌ରେ ଏହି ଭିଡିଓ ଅପଲୋଡ୍ ହୋଇଛି। ଉତ୍ତରପ୍ରଦେଶର ହିମାଂଶୁ ନାମକ ଜଣେ ଯୁବକଙ୍କ ଆକାଉଣ୍ଟରୁ ଏହି ଭିଡିଓ ଭାଇରାଲ ହୋଇଥିଲା। ହେଲେ ଏବେ ସେ ତାଙ୍କ ଆକାଉଣ୍ଟରୁ ଏହି ଭିଡିଓ ଡିଲିଟ୍ କରିଦେଇଥିବା ଜଣାପଡ଼ିଛି। ଶ୍ରୀମନ୍ଦିରର ସୁରକ୍ଷା ଦୃଷ୍ଟିକୋଣରୁ ଏହା ଉପର ନୋ-ଫ୍ଲାଇଂ ଜୋନ ଘୋଷଣା କରାଯାଇଛି। ହେଲେ ଅନେକ ସମୟରେ ଏହି କଟକଣାକୁ ଉଲ୍ଲଂଘନ କରାଯାଉଥିବା ବେଳେ ରବିବାର ଏହାର ପୁନରାବୃତ୍ତି ଘଟିଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବାରମ୍ବାର ଡ୍ରୋନ୍ ଉଡୁଥିବା ବେଳେ ସୁରକ୍ଷା କର୍ମୀମାନେ ଜାଣିପାରୁନାହାନ୍ତି କେମିତି? ଶ୍ରୀମନ୍ଦିର ସୁରକ୍ଷା ପାଇଁ ସ୍ୱତନ୍ତ୍ର ବାଟାଲିୟନ ଗଠନ କରାଯାଇଛି। ଆତଙ୍କବାଦୀ ଆକ୍ରମଣକୁ ପ୍ରତିହତ କରିବା ପାଇଁ ଯୁଦ୍ଧାସ୍ତ୍ର ଗାଡ଼ି ରକ୍ଷକ ସିଂହଦ୍ୱାର ସମ୍ମୁଖରେ ପହରା ଦେଉଛି। ମାଳମାଳ ଓଡ଼ିଶା ପୁଲିସ୍, ଜେଟିପି ମୁତୟନ ଅଛନ୍ତି। ହେଲେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥାର ନାକ ତଳେ ଘଟୁଛି ଏଭଳି ଅଘଟଣ। ତେବେ ଶ୍ରୀମନ୍ଦିର ସୁରକ୍ଷା ନେଇ ଆଇନ ମନ୍ତ୍ରୀ ଘୋଷଣା କରିଥିବା ଆଣ୍ଟି ଡ୍ରୋନ ସିଷ୍ଟମ କେବେ ଲାଗିବ ତାହାକୁ ଏବେ ଅପେକ୍ଷା।

### କମିଲା ପରିବହନ ବିଭାଗର କ୍ଷମତା

# ପୁଲିସ କରିବ ଗାଡ଼ି ଯାଞ୍ଚ

**ଭୁବନେଶ୍ୱର,୧।୬(ସମିସ):** ରାଜ୍ୟର ସମସ୍ତ ସହରାଞ୍ଚଳରେ ପୁଲିସକୁ ମୋଟର ଯାନ ସମ୍ପର୍କିତ ସମସ୍ତ ଯାଞ୍ଚ କ୍ଷମତା ସହ ଜରିମାନା ଆଦାୟ କ୍ଷମତା ଦେବା ପାଇଁ ସରକାରୀ ସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ରାଜ୍ୟ ପରିବହନ କମିସନର ଏକ ଚିଠି ଲେଖି ଏ ସମ୍ପର୍କରେ ନିଷ୍ପତ୍ତି ନେବାକୁ ବିଭାଗୀୟ ପ୍ରମୁଖ ଶାସନ ସଚିବଙ୍କୁ ନିବେଦନ କରିଛନ୍ତି।

ମୋଟର ଯାନ ଆଇନ(ଏମ୍‌ଭି ଆକ୍ଟ)-୧୯୮୮ ଅନୁଯାୟୀ ସଂପ୍ରତି ପୁଲିସକୁ କିଛି କ୍ଷମତା ପ୍ରଦାନ କରାଯାଇଛି। ଏହି କ୍ଷମତା ବଳରେ ପୁଲିସ ପକ୍ଷରୁ ହେଲ୍‌ମେଟ୍ ଓ ଭୁଲ୍ ଦିଗରେ ଗାଡ଼ି ଚାଳନା, ଟ୍ରିପଲ୍ ରାଇଡର ଓ ସିଟ୍ ବେଲ୍ଟ ନ ବାନ୍ଧିବା ଭଳି ନିୟମ ଉଲ୍ଲଙ୍ଘନ ପାଇଁ ଜରିମାନା ଆଦାୟ କରାଯାଉଛି। ମାତ୍ର ଆଗକୁ ପୁଲିସକୁ ଏ କ୍ଷେତ୍ରରେ ଅଖଣ୍ଡ କ୍ଷମତା ଦେବା ପାଇଁ ପରବହନ ବିଭାଗ ପକ୍ଷରୁ ବିଚାର କରାଯାଉଛି। ଯଦିଓ ରାଜ୍ୟରେ ଦୁର୍ଘଟଣା ହ୍ରାସକୁ ଆକଳନ କରି ବିଭାଗ ଏଭଳି ନିଷ୍ପତ୍ତି ନେବା ପାଇଁ ଯୋଜନା କରୁଛି, ହେଲେ ବିଭାଗର ଏଭଳି ନିଷ୍ପତ୍ତି ପଛରେ ଅନ୍ୟ କିଛି ଉଦ୍ଦେଶ୍ୟ ରହିଛି ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

ରାଜ୍ୟ ପରିବହନ କମିସନରଙ୍କ ପକ୍ଷରୁ ଲିଖିତ ଚିଠିରେ ଦର୍ଶାଯାଇଛି ଯେ ରାଜ୍ୟର ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ପୁଲିସ ଷ୍ଟେସନରେ ନିଯୁକ୍ତ ସବ-ଇନ୍ସପେକ୍ଟର ପଦବୀ ଏବଂ ତା’ଠାରୁ ଅଧିକ ପାହ୍ୟାର ପୁଲିସ ଅଧିକାରୀ, ଓ ଗ୍ରାମାଞ୍ଚଳରେ ନିଯୁକ୍ତ ସହକାରୀ ସବ-ଇନ୍ସପେକ୍ଟର ପଦବୀ ଏବଂ ତା’ଠାରୁ ଅଧିକ ପାହ୍ୟାର ଅଧିକାରୀ ଏବଂ ରାଜ୍ୟର ସମସ୍ତ ଟ୍ରାଫିକ ପୁଲିସ ଷ୍ଟେସନକୁ ଏମ୍‌ଭି ଆକ୍ଟ-୧୯୮୮ର ଧାରା ୧୮୦, ୧୮୧, ୧୮୪ (କ), ୧୮୪ (ଖ), ୧୮୪ (ଘ), ୧୮୪ (ଇ), ୧୮୪ (ଚ), ୧୮୫, ୧୯୨, ୧୯୬ ଅନୁଯାୟୀ ଦଣ୍ଡନୀୟ ମୋଟରଯାନ ଏବଂ ଯୌଗିକ ଅପରାଧ ଯାଞ୍ଚ କରିବାକୁ ଅଧିକାର ଦିଆଯାଇପାରେ। ଏହି ନିଷ୍ପତ୍ତି ବଳରେ ପୁଲିସ ଅଧିକାରୀମାନେ ପୂର୍ବ କ୍ଷମତା ସାଙ୍ଗକୁ ଫିଟନେସ୍, ଇନ୍ସ୍ୟୁରାନ୍ସ, ପରମିଟ୍, ରେଜିଷ୍ଟ୍ରେସନ୍ ଆଦି କ୍ଷେତ୍ରରେ ମଧ୍ୟ ଜରିମାନା ଆଦାୟ କରିପାରିବେ।

ବରିଷ୍ଠ ଆଇନଜୀବୀ ତଥା ସଡ଼କ ସୁରକ୍ଷା ବିଶେଷଜ୍ଞ ସୁବ୍ରତ ନନ୍ଦ କହିଛନ୍ତି ଯେ ଗୋଟିଏ ଘଟଣା ପାଇଁ ପୁଲିସ ଓ ପରିବହନ ବିଭାଗକୁ ମିଳିତ ଭାବେ କ୍ଷମତା ଦିଆଯାଇପାରିବ ନାହିଁ। ଏହାଦ୍ୱାରା ଲୋକଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ହେବାର ଆଶଙ୍କା ରହିଛି। ଯାହାକୁ ନେଇ ପୂର୍ବରୁ ମାସାନୀ କମିସନ ଆପତ୍ତି ଉଠାଇବା ସହ ଏଭଳି ନିୟମ କାର୍ଯ୍ୟକାରୀ ନ କରିବାକୁ ସୁପାରିସ୍ କରିଛନ୍ତି। ଅନ୍ୟପଟେ ବର୍ତ୍ତମାନ ପୁଲିସ ନିଜ କ୍ଷମତା ବଳରେ ଯେଉଁ ଜରିମାନା ଅର୍ଥ ଆଦାୟ କରୁଛି, ଏହି ଅର୍ଥକୁ ମାସ ମାସ ଧରି କୋର୍ଟକୁ ପଠାଉନାହିଁ। ପୁଣି ଯେଉଁ ଦଫାଗୁଡ଼ିକରେ ପୁଲିସକୁ କ୍ଷମତା ଦେବା ପାଇଁ ଯୋଜନା ହେଉଛି, ସେହି ଦଫାରେ ଜରିମାନାର ପରିମାଣ ବହୁ ଅଧିକ ରହିଛି। ତେଣୁ ପୁଲିସକୁ ଏମ୍‌ଭି ଆକ୍ଟରେ ଯାନ ଯାଞ୍ଚ ଓ ଜରିମାନା ଆଦାୟ କ୍ଷମତା ଦିଆଗଲେ ପରିବହନ ବିଭାଗର ଆର୍ଥିକ ସ୍ଥିତି ବିଗିଡ଼ିଯିବା ସହ ପୁଲିସ ବିଭାଗ ଅଧିକ ଶକ୍ତିଶାଳୀ ହେବ ବୋଲି ଶ୍ରୀ ନନ୍ଦ ମତ ଦେଇଛନ୍ତି।

# କଟକ ସିଟି



## କେଦାରେଶ୍ୱରଙ୍କ ଶୀତଳ ଷଷ୍ଠୀ ଯାତ୍ରା



**କଟକ, ୧।୬(ସମିସ):** ପିଠାପୁର ଗ୍ରାମର ଇଷ୍ଟଦେବ ଶ୍ରୀ ଶ୍ରୀ କେଦାରେଶ୍ୱର ମହାଦେବ ଓ ମା ପାର୍ବତୀଙ୍କ ପବିତ୍ର ଶୀତଳଷଷ୍ଠୀ ଯାତ୍ରା ତଥା ଶୁଭ ପରିଣୟ ମହାଆଡମ୍ବର ସହିତ ପାଳନ କରାଯାଇଛି। ଏହି ବିବାହ ଉତ୍ସବରେ ଦ୍ରୌପଦୀ ଖୁଣ୍ଟିଆ ଏବଂ ନିରଞ୍ଜନ ଖୁଣ୍ଟିଆ ବର ମାତା ପିତା ଓ ଜ୍ୟୋତିର୍ମୟୀ ସାହୁ ଏବଂ ଜିତେନ୍ଦ୍ର ସାହୁ କନ୍ୟା ମାତା ପିତା ରୂପେ ବୈଦିକ ରୀତିରେ ସମସ୍ତ ନୀତିକାନ୍ତି ସମ୍ପନ୍ନ କରିଥିଲେ। ଏହି ଭବ୍ୟ ଦେବ ବିବାହ ଉତ୍ସବ ଗ୍ରାମର ମୁଖ୍ୟ ପୁରୋହିତ ପଣ୍ଡିତ ବିଷ୍ଣୁଚରଣ ପତି ଏବଂ ପୂଜକ ନିରଞ୍ଜନ ପଣ୍ଡା ସମ୍ପନ୍ନ କରିଥିଲେ। ପ୍ରଥମେ କେଦାରେଶ୍ୱରଙ୍କ ଏକ ବିରାଟ ପଟୁଆର ସଂଖ୍ୟାଧିକ ବରଯାତ୍ରୀଙ୍କୁ ନେଇ ପିଠାପୁରରୁ ବାହାରି ଝୋଲାସାହି, ଭଗତପୁର, ଝାଞ୍ଜିରୀମଙ୍ଗଳା ଦେଇ ନଗର ପରିକ୍ରମା କରି କେଦାରେଶ୍ୱର ମନ୍ଦିରରେ ପହଞ୍ଚି ବିବାହ କାର୍ଯ୍ୟ ସମ୍ପୂର୍ଣ୍ଣ କରି ଦେବଦମ୍ପତି ମନ୍ଦିରକୁ ବାହୁଡ଼ିଥିଲେ। ପିଠାପୁର ଗ୍ରାମର ସମସ୍ତ ଗ୍ରାମବାସୀ ଏବଂ କାଳୀୟଦଳନ ପୂଜା କମିଟିର ମିଳିତ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଏସ୍‌ସିବିରେ ଯୁବକଙ୍କ ଉନ୍ମତ୍ତକାଣ୍ଡ ଘଟଣା

## ପୁଲିସ ତଦନ୍ତ ଆରମ୍ଭ; ନିଆଯିବ ଦୃଢ଼ କାର୍ଯ୍ୟାନୁଷ୍ଠାନ

**କଟକ, ୧।୬(ସମିସ)**

ଏସ୍‌ସିବି ମେଡିକାଲ ଇଏନ୍‌ଟି ବିଭାଗର ଟିକେଟ କାଉଣ୍ଟରେ ଗତକାଲି ଯୁବକଙ୍କ ଉନ୍ମତକାଣ୍ଡ ଘଟଣାର ମଙ୍ଗଳାବାଗ ପୁଲିସ ତଦନ୍ତ ଆରମ୍ଭ କରିଛି। ସମ୍ପୃକ୍ତ ଯୁବକ ଟିକେଟ ପାଇଁ ବିଳମ୍ବ ହେବାରୁ କାଉଣ୍ଟରରେ ଥିବା ମହିଳା କର୍ମଚାରୀଙ୍କୁ ଅସଭ୍ୟ ଭାଷାରେ ଗାଳି କରିବା ସହ ଭିଡିଓ ଉତ୍ତୋଳନ କରି ଅନ୍ୟ ରୋଗୀଙ୍କୁ ଟିକେଟ ନେବାକୁ ଅଟକାଇଥିଲେ। ଘଟଣାର ଖବର ପାଇ ମେଡିକାଲ ଭାରପ୍ରାପ୍ତ ଅଧୀକ୍ଷକ ଓ ସ୍ଥାନୀୟ ଫାଣ୍ଡି ଓ ଥାନା ପୁଲିସ ଉକ୍ତ ଯୁବକଙ୍କୁ କାବୁ କରଥିଲେ। ଅନ୍ୟପଟେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ସିସିଟିଭି ଫୁଟେଜ ମାଗଛି ମଙ୍ଗଳାବାଗ ଥାନା ପୁଲିସ। ଘଟଣା ନେଇ ମେଡିକାଲ ମହିଳା କର୍ମଚାରୀଙ୍କ ପକ୍ଷରୁ ଥାନାରେ ଅଭିଯୋଗ କରିଥିବାବେଳେ ଯୁବକଙ୍କ ମଧ୍ୟ ଥାନାରେ ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି। ଘଟଣାର ଅନ୍ୟ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି, ଯେଉଁଥିରେ ଉକ୍ତ ଟିକେଟ କାଉଣ୍ଟରରେ ଜଣେ ପୁଲିସ କର୍ମଚାରୀ ଧାଡ଼ି ଭାଙ୍ଗି କାଉଣ୍ଟରରେ ଛିଡା ହୋଇଥିବା ଦୃଶ୍ୟ ନଜରକୁ ଆସିଛି। ଘଟଣା ସମ୍ପର୍କରେ ସମ୍ପୃକ୍ତ ଥିବା ଆଶୁତୋଷ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଟିକେଟ କାଉଣ୍ଟରରେ ଲୋକ ଧାଡି ହେବା ବେଳେ ଜଣେ ପୁଲିସ କର୍ମଚାରୀ ଧାଡ଼ିରେ ପସିବାରୁ ସେ ଭିଡିଓ କରିଥିଲେ ଏବଂ ତା ପରେ ସେଠାରେ ଅନ୍ୟ ପୁଲିସ କର୍ମଚାରୀମାନେ ତାଙ୍କୁ ଭିଡିଓ କାଟିବାକୁ କହିଥିଲେ। ହେଲେ ଭିଡିଓ କାଟିବାକୁ ମନା କରିବାରୁ ଉକ୍ତ କର୍ମଚାରୀ ଜଣକ ଫାଣ୍ଡିକୁ ଯିବାକୁ କହିଥିଲେ।

**ମେଡିକାଲ କର୍ତ୍ତୃପକ୍ଷଙ୍କୁ ସିସିଟିଭି ଫୁଟେଜ୍ ମାଗିଲା ମଙ୍ଗଳାବାଗ ଥାନା ପୁଲିସ**

ସେ ସମୟରେ ଟିକେଟ କାଉଣ୍ଟରରେ ଥିବା କର୍ମଚାରୀ ଟିକେଟ ଦେବା ବନ୍ଦ କରିଥିଲେ ଏବଂ ଅନ୍ୟ ଲୋକ ତାଙ୍କ ଯୋଗୁଁ ହଇରାଣ ହେଉଥିବା ସେ କହିଛନ୍ତି। ସେ ସମୟରେ ଅନ୍ୟ ପୁଲିସ କର୍ମଚାରୀ ପହଞ୍ଚି ତାଙ୍କୁ ଟଣା ଓଟରା କରିଥିଲେ। ଏପରିକି ତାଙ୍କୁ ବହୁ ମାଡ ମାରିଛନ୍ତି ଏବଂ ତାଙ୍କ ମାଆଙ୍କ ପ୍ରେସକ୍ରିପସନ ଓ ଅନ୍ୟାନ୍ୟ ଜିନିଷ ପୋଲିସ କର୍ମଚାରୀ ଛଡାଇ ନେଇଛନ୍ତି ବୋଲି ସେ କହିଛନ୍ତି। ଘଟଣା ସମ୍ପର୍କରେ ଅତିରିକ୍ତ ଡିସିପି ଅମରେନ୍ଦ୍ର ପଣ୍ଡା କହିଛନ୍ତି ଯେ, ଯୁବକ ଜଣକ ଅନ୍ୟ ରୋଗୀଙ୍କୁ ହଇରାଣ କରିବା ସହ ମେଡିକାଲର ମହିଳା କର୍ମଚାରୀଙ୍କ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ଖବର ପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚିଥିଲା। ଯୁବକ ଜଣକୁ ପୁଲିସ ବୁଝାସୁଝା କରି ସେଠାରୁ ଆଣିଛି। ଘଟଣାର ତଦନ୍ତ ଆରମ୍ଭ ହୋଇଛି। ତଦନ୍ତ ମୁତାବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପଣ୍ଡା ସୂଚନା ଦେଇଛନ୍ତି।

ଏଠାରେ ସୂଚନାଯୋଗ୍ୟ, ବାଦାମବାଡି ଥାନା ଅନ୍ତର୍ଗତ ଶଙ୍କରପୁର ଅଞ୍ଚଳର ଆଶୁତୋଷ ସ୍ୱାଇଁ ଗତକାଲି ଦିନ ପ୍ରାୟ ସାଢେ ୧୦ଟା ବେଳେ ଏସସିବି ମେଡିକାଲକୁ ଆସିଥିଲେ। ସେ ଆରତୀ ସ୍ୱାଇଁଙ୍କ ନାମରେ ଡାକ୍ତର ଦେଖାଇବା ପାଇଁ ଟିକଟ କାଉଣ୍ଟର ପାଖରେ ଛିଡା ହୋଇଥିଲେ। ତେବେ କାଉଣ୍ଟରରେ ଟିକଟ କାଟୁଥିବା ମହିଳା କର୍ମଚାରୀଙ୍କ ସହିତ ତାଙ୍କର ବଚସା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଆଶୁତୋଷ କାଉଣ୍ଟର ଭିତରେ ହାତ ପୂରାଇ ଟିକଟ କାଗଜଗୁଡିକୁ ଭିଡି ଆଣି ବାହାରେ ଚିରି ଫୋପାଡି ଦେଇଥିଲେ। ଏଥିରେ ଭୟଭୀତ ହୋଇ କର୍ମଚାରୀମାନେ ମେଡିକାଲ ସୁପରିଟେଣ୍ଡେଣ୍ଟଙ୍କୁ ଜଣାଇଥିଲେ। ମେଡିକାଲ କର୍ତ୍ତୃପକ୍ଷ ଆସି ତାଙ୍କୁ ବୁଝାସୁଝା କରିଥିଲେ। ମାତ୍ର ଆଶୁତୋଷ କାହାରି କଥା ଶୁଣିବା ପରିସ୍ଥିତିରେ ନଥିଲେ। ପୂର୍ବଭଳି ସେ କାଉଣ୍ଟର ଆଗରେ ଛିଡା ହୋଇ ଅନ୍ୟ ରୋଗୀଙ୍କୁ ବାଟ ଛାଡିନଥିଲେ। ଏଭଳି ସ୍ଥିତିରେ ମେଡିକାଲ କର୍ତ୍ତୃପକ୍ଷ ଫାଣ୍ଡି ପୁଲିସକୁ ଜଣାଇଥିଲେ। ପୁଲିସ ଆସି ତାଙ୍କୁ ବୁଝାସୁଝା କରିଥିଲା। ମାତ୍ର ତାହା ଫଳପ୍ରଦ ହୋଇନଥିଲା। ଶେଷରେ ପୁଲିସ କର୍ମଚାରୀମାନେ ତାଙ୍କୁ ଫାଣ୍ଡିକୁ ଘୋଷାଡି ନେଇଥିଲେ। ଏହି ସମୟରେ ଟଣାଘୋଷରା ବେଳେ ଆଶୁତୋଷଙ୍କ ସାର୍ଟ ଚିରି ଯାଇଥିଲା। ଯାହାର ଭିଡିଓ ଏବେ ଭାଇରାଲ ହୋଇଛି। ଏନେଇ ମହିଳା କର୍ମଚାରୀଙ୍କ ଏତଲା ଆଧାରରେ ପୁଲିସ କେସ ନଂ ୧୯୬/୨୫ରେ ଏକ ମାମଲା ରୁଜୁ କରିଛି। ଅଟକ ଆଶୁତୋଷଙ୍କୁ ନୋଟିସ ଦେଇ ଛାଡିଦେଇଥିଲା।

## ଯୋଗ ଦ୍ୱାରା ରୋଗ ନିବାରଣ ଶିବିର




**କଟକ, ୧।୬(ସମିସ):** ଭାରତୀୟ ଯୋଗ ସଂସ୍ଥାନ କଟକ ଜିଲ୍ଲା ଶାଖା ପକ୍ଷରୁ ଆଜି ବିଡାନାସୀ ସ୍ଥିତ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ଯୋଗ ଦ୍ୱାରା ରୋଗ ନିବାରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ଯୋଗ ସାଧକ ସାଧିକା ଯୋଗଦେଇ ଯୋଗାସନ ଓ ପ୍ରାଣାୟାମ ଅଭ୍ୟାସ କରିଥିଲେ। ପ୍ରବୀଣ ଯୋଗ ପ୍ରଶିକ୍ଷକମାନେ ଏଥିରେ ଉଦବୋଧନ ଦେଇ କହିଥିଲେ ଯେ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ବିକାଶ ପାଇଁ ସମସ୍ତେ ନିୟମିତ ଭାବେ ଯୋଗାଭ୍ୟାସ କରିବା ଆବଶ୍ୟକ। ଏହାର କୌଣସି ବିକଳ୍ପ ନାହିଁ ବୋଲି ସେମାନେ ମତ ପ୍ରକାଶ କରିଥିଲେ। ଶୋଭନୀୟ ଅନୁଷ୍ଠାନର ମୁଖ୍ୟା ଡ. ଅରୁନ୍ଧତୀ ଦେବୀ ଏହାକୁ ଉଦଘାଟନ କରିଥିଲେ। ଯୋଗ ସଂସ୍ଥାନର ପ୍ରାନ୍ତ ପ୍ରଧାନ ସୁରେଶ କୁମାର ମହାପାତ୍ର ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଅକ୍ଷୟ ସ୍ୱାଇଁ, ଏମ ରାମାୟା ରେ[ ]ୀ, ରଘୁନାଥ ରେ[ ]ୀ, ଜିଲ୍ଲା ପ୍ରଧାନ ସବିତା ରଞ୍ଜନ ପଟ୍ଟନାୟକ, ଡ. ଶୈଳଜା ନନ୍ଦିନୀ ଜେନା ପ୍ରମୁଖ ଉଦବୋଧନ ଦେଇଥିଲେ। ଉପଦେଷ୍ଟା ଡ. ସତ୍ୟ ରାୟଙ୍କ ସଂଯୋଜନାରେ ଆୟୋଜିତ ଏହି ଶିବିରକୁ ଜିଲ୍ଲା ଉପ ପ୍ରଧାନ କେଦାରନାଥ ଜାଲି, କବିତା ପ୍ରଧାନ, ରମାକାନ୍ତ ଦଳାଇ, ସୁଧାଂଶୁବାଳା ମହାନ୍ତି, ପ୍ରଣତି ସ୍ୱାଇଁ ଓ ଆରତୀ ରାଣୀ ସିଂ ପ୍ରମୁଖ ପରିଚାଳନା କରିଥିଲେ।

## ନୂଆବଜାରରେ ସିରିଜ୍ ଦୁର୍ଘଟଣା

**କଟକ, ୧।୬(ସମିସ):** ନୂଆବଜାର ଛକରେ ରବିବାର ଏକ ସିରିଜ ଦୁର୍ଘଟଣା ଘଟିଛି। ତିନିଟି ଗାଡି ପଛକୁ ପଛ ଧକ୍କାହେବା ଫଳରେ ଆଗରେ ଥିବା କାରଟି ଅଧିକ କ୍ଷତିଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ଜଣେ ସାମାନ୍ୟ ଆହତ ହୋଇଛନ୍ତି। ଏହି ଦୁର୍ଘଟଣା ପରେ କଟକ-ପାରାଦ୍ୱୀପ ରାସ୍ତାରେ ଗାଡି ଚଳାଚଳ ବ୍ୟାହତ ହୋଇଥିଲା। ଖବର ପାଇ ସିଆରଆରଆଇ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ସମ୍ଭାଳିବା ଥିଲା। ଏହାପରେ ତିନିଗାଡିକୁ ଥାନାକୁ ନିଆଯାଇ ଘଟଣାର ତଦନ୍ତ କରାଯାଉଥିବା ଇନ୍ସପେକ୍ଟର ବିଜୟକୁମାର ବାରିକ୍ ସୂଚନା ଦେଇଛନ୍ତି।

ପାରାଦ୍ୱୀପ ଏରସମା ଅଞ୍ଚଳର ଦିବ୍ୟଜୀବନ ବେହେରା ତାଙ୍କର ଭାଇ ଓ ପୁତୁରାକୁ ଧରି କୌଣସି ଏକ କାମରେ କଟକ ଆସିଥିଲେ। ଆଜି ସକାଳେ ତିନିଜଣ ଏକ କାର୍‌ରେ ଏରସମାସ୍ଥିତ ଘରକୁ ଫେରୁଥିଲେ। କାର ପଛରେ ଏକ ଟ୍ରକ୍ ମଧ୍ୟ ନୂଆବଜାର ଛକଦେଇ ଯାଉଥିଲା। ଏତିକି ବେଳେ ଏହି ଦୁଇଗାଡି ପଛରେ ଆଉ ଏକ ଟ୍ୟାଙ୍କର ମଧ୍ୟ ଦ୍ରୁତଗତିରେ ଆସୁଥିଲା। ହଠାତ୍ ଟ୍ୟାଙ୍କ୍‌ର ଭାରସାମ୍ୟ ହରାଇ ଆଗରେ ଥିବା ଟ୍ରକ୍‌କୁ ଧକ୍କା ଦେଇଥିଲା। ଏପଟେ ପଛରୁ ଜୋର୍‌ରେ ଧକ୍କାଖାଇ ଟ୍ରକ୍‌ଟି ଆଗରେ ଥିବା କାର୍‌ରେ ପିଟି ହୋଇଯାଇଥିଲା। ଫଳରେ କାର୍‌ର ପଛଭାଗ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ସହିତ ଭିତରେ ଥିବା ଜଣେ ଆହତ ହୋଇଥିଲେ। ଦୁର୍ଘଟଣା ଯୋଗୁଁ ରାସ୍ତାରେ ଗାଡି ଚଳାଚଳରେ ସମସ୍ୟା ଦେଖାଦେଇଥିଲା। ପୁଲିସ ସେଠାରେ ପହଞ୍ଚି ଗାଡି ତିନିଟିକୁ ଥାନାକୁ ନେଇଯିବା ପରେ ପରିସ୍ଥିତିରେ ସୁଧାର ଆସିଥିଲା।

## ଉତ୍କଳୀୟ କଳା ଓ ସଂସ୍କୃତିରେ ବାବୁଲାଲ ଦୋଶୀଙ୍କ ଅବଦାନ ଅତୁଳନୀୟ



**କଟକ, ୧।୬(ସମିସ):** ଉତ୍କଳର କଳା ଓ ସଂସ୍କୃତିର ବିକାଶ ପାଇଁ କଳାବିକାଶ କେନ୍ଦ୍ର ପ୍ରତିଷ୍ଠା କରି ବାବୁଲାଲ ଦୋଶୀ ଜାତି ଇତିହାସରେ ଚୀର ସ୍ମରଣୀୟ ହୋଇଛନ୍ତି। ତାଙ୍କ ଅବଦାନର ପଟ୍ଟାନ୍ତର ନାହିଁ। ତାଙ୍କର ୧୦୭ ତମ ଜୟନ୍ତୀରେ ଯୋଗଦାନ କରି ବିଶିଷ୍ଟ ବ୍ୟକ୍ତିମାନେ ମତପୋଷଣ କରି କହିଛନ୍ତି ଯେ, ସେ ଯଥାର୍ଥରେ ଥିଲେ କଳା ଓ ସଂସ୍କୃତିର ପଥ ପ୍ରଦର୍ଶକ। କଳାବିକାଶ କେନ୍ଦ୍ର ଆନୁକୂଲ୍ୟରେ କେନ୍ଦ୍ରର ପ୍ରତିଷ୍ଠାତା ବାବୁଲାଲ ଦୋଶୀଙ୍କ ୧୦୭ ତମ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ଜଷ୍ଟିସ ବିମଳ ପ୍ରସାଦ ଦାସ ଉଦଘାଟନ କରି କହିଲେ ଯେ ବାବୁଲାଲ ଦୋଶୀ ଥିଲେ ଜଣେ ସମର୍ପିତ ପ୍ରତିଭା। ସେ କଳାବିକାଶ କେନ୍ଦ୍ର ପ୍ରତିଷ୍ଠା କରି ଓଡିଆ ଜାତିର ଅଶେଷ କଲ୍ୟାଣ ସାଧନ କରିଛନ୍ତି। ଉତ୍ସବରେ ସମ୍ମାନିତ ଅତିଥି ଭାବରେ ଆନ୍ତର୍ଜାତିୟ ଖ୍ୟାତିସମ୍ପନ୍ନ ଓଡିଶୀ ନୃତ୍ୟ ଶିଳ୍ପୀ ପଦ୍ମଶ୍ରୀ କୁମକୁମ୍ ମହାନ୍ତି ଯୋଗଦେଇ କହିଲେ ଯେ ବାବୁଲାଲ ଦୋଶୀ ଥିଲେ ଜଣେ ଦୂରଦୃଷ୍ଟି ସମ୍ପନ୍ନ ପ୍ରତିଭା। ସେ ତାଙ୍କ କଠିନ ପରିଶ୍ରମ ବଳରେ କଳାବିକାଶ କେନ୍ଦ୍ର ପ୍ରତିଷ୍ଠା କରି ଓଡିଆ ସଂସ୍କୃତି ଓ କଳାକୁ ସମୃଦ୍ଧ କରିଯାଇଛନ୍ତି। ବିଶିଷ୍ଟ ମ୍ୟାନେଜିଙ୍ଗ ଟ୍ରଷ୍ଟି ଶିକ୍ଷାବିତ୍ ରବୀନ୍ଦ୍ରନାଥ ମହାନ୍ତି କହିଲେ ଯେ, ବାବୁଲାଲ ଦୋଶୀ ଥିଲେ ଜଣେ ଜାତିପ୍ରାଣ ବ୍ୟକ୍ତିତ୍ୱ। ଉତ୍କଳୀୟ ସଂସ୍କୃତି ଓ କଳାକୁ ନୂତନ ଦିଗଦର୍ଶନ ଦେବାରେ ତାଙ୍କର ନେତୃତ୍ୱ ଥିଲା ଅପରିସୀମା। ଉତ୍ସବରେ କେନ୍ଦ୍ରର ସଭାପତି ପ୍ରଫେସର ବିଜୟାନନ୍ଦ ସିଂହ ସଭାପତିତ୍ୱ କରିଥିଲେ। ଅଧ୍ୟାପିକା ଡ. ସ୍ନେହ ମିଶ୍ରଙ୍କ ସଂଯୋଜନାରେ ଏହି ଉତ୍ସବରେ ଯୋଗଦେଇ ଟ୍ରଷ୍ଟି ରୂପେଶ କୁମାର ଦୋଶୀ ବକ୍ତବ୍ୟ ଦେଇ ବାବୁଲାଲ ଦୋଶୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଉତ୍ସବରେ ଟ୍ରଷ୍ଟି ରାଜ କିଶୋର କ୍ୟାଲ, ଗୌର ପଟ୍ଟନାୟକ ପ୍ରଭୃତି ଯୋଗଦେଇ ବାବୁଲାଲ ଦୋଶୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସାଧାରଣ ସମ୍ପାଦକ କାମାକ୍ଷା ପ୍ରସାଦ ମହତାବ ଧନ୍ୟବାଦ ଦେଇଥିଲେ। ଏହାପରେ କଳାବିକାଶ କେନ୍ଦ୍ରର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତିରେ ପରିବେଷିତ ହୋଇଥିଲା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ। ଏହି ଉତ୍ସବକୁ କେନ୍ଦ୍ରର ପ୍ରଶାସନିକ ଅଧିକାରୀ ରବୀନ୍ଦ୍ର ନାଥ ଜଟ ପରିଚାଳନା କରିଥିଲେ।

ଫତୁରାନନ୍ଦଙ୍କ ୧୧୦ତମ ଜୟନ୍ତୀ

## ହାସ୍ୟରସର ଅନନ୍ୟ ସ୍ରଷ୍ଟା ଥିଲେ ଫତୁରାନନ୍ଦ

**କଟକ, ୧।୬(ସମିସ):** ହାସ୍ୟରସର ଅନନ୍ୟ ଓ ଅନତିକ୍ରମ୍ୟ ସ୍ରଷ୍ଟା ଥିଲେ ଫତୁରାନନ୍ଦ। ସାରା ଜୀବନ ଦୁଃଖ ଓ ସଂଘାତକୁ ଭ୍ରୂକ୍ଷେପ ନ କରି ସେ ହାସ୍ୟରସ ପରିବେଷଣ କରିଚାଲିଥିଲେ। ତାଙ୍କର କବିତା, କଥାସାହିତ୍ୟ, ପ୍ରବନ୍ଧ, ଶିଶୁସାହିତ୍ୟ ଓ ଆତ୍ମଜୀବନୀ ରଚନାରେ ଏ ସମାଜ ଓ ଜୀବନର ଚିତ୍ରକୁ ଚମତ୍କାର ଭାବେ ଉପସ୍ଥାପନ କରିଥିଲେ ବୋଲି ରବିବାର ପୂର୍ବାହ୍ଣରେ ତେଲେଙ୍ଗାବଜାର ସ୍ଥିତ ଆଡଭୋକେଟ୍ ଗିରିଜାନନ୍ଦ ନାୟକଙ୍କ ବାସଭବନରେ ହାସ୍ୟବିକାଶ କେନ୍ଦ୍ର ପକ୍ଷରୁ ଆୟୋଜିତ ଏହାର ପ୍ରତିଷ୍ଠାତା ସାରସ୍ୱତ ସ୍ରଷ୍ଟା ଫତୁରାନନ୍ଦଙ୍କ ୧୧୦ତମ ଜୟନ୍ତୀ ସଭାରେ ବକ୍ତାମାନେ ମତ ପ୍ରକାଶ କରିଛନ୍ତି।

ହାସ୍ୟ ବିକାଶ କେନ୍ଦ୍ରର ବରିଷ୍ଠ ସଦସ୍ୟ ରଘୁନାଥ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜୟନ୍ତୀ ଉତ୍ସବରେ ଏହି ଅନୁଷ୍ଠାନର ସମ୍ପାଦକ ଡକ୍ଟର ବିଜୟାନନ୍ଦ ସିଂହ ଓଡ଼ିଆ ସାହିତ୍ୟକୁ ଫତୁରାନନ୍ଦଙ୍କ ଅବଦାନ ଓ ତାଙ୍କ ଜୀବନଦର୍ଶନ ସମ୍ପର୍କରେ ଉଲ୍ଲେଖ କରିବା ସହ ଉତ୍ସବ ବିଷୟରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଓ ମୁଖ୍ୟବକ୍ତା ଡ. ସୁନାମଣି ରାଉତ ଅନନ୍ୟ ସ୍ରଷ୍ଟା ଫତୁରାନନ୍ଦଙ୍କ ସାହିତ୍ୟର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ଶଶିକାନ୍ତ ରାଉତ



ସ୍ତମ୍ଭକାର ସ୍ୱରାଜ ମିଶ୍ରଙ୍କ ଦ୍ୱାରା ରଚିତ ଓ ଓଁ ଅଭିଜ୍ଞାନ ସାହୁ ସ୍ୱରଚିତ ଫତୁରାନନ୍ଦଙ୍କ ସମ୍ପର୍କୀୟ ପ୍ରବନ୍ଧ ପାଠ କରିଥିଲେ। ଫତୁରାନନ୍ଦଙ୍କ ଜୀବନ ଓ ସାଧନା ସମ୍ପର୍କରେ ଆଲୋକପାତ କରିଥିଲେ ଅନୁଷ୍ଠାନର କୋଷାଧ୍ୟକ୍ଷ ଗିରିଜାନନ୍ଦ ନାୟକ, ଡକ୍ଟର ବୈଜୟନ୍ତୀ ମିଶ୍ର, ସୁଧୀର ବାରିକ୍, ତପନ ସ୍ୱାଇଁ ଓ ବିଭୁଦତ୍ତ ଖଣ୍ଡାୟତରାୟ। ଧନ୍ୟବାଦ ଅର୍ପଣ କରିଥିଲେ ସୁଜାତା ପ୍ରିୟଦର୍ଶିନୀ।

## ଜନତା ରଙ୍ଗମଞ୍ଚର ତୃତୀୟ ସନ୍ଧ୍ୟାରେ ନାଟକ ଚଇତୁ

**କଟକ, ୧।୬(ସମିସ):** ନାଟକ 'ଚଇତୁ' ୩୦, ୩୧ ଓ ୧ ଜୁନ ତିନିଦିନ ଧରି ଜନତା ରଙ୍ଗମଞ୍ଚ ପରିସରରେ ଚାଲିଛି। ଆଜି ତୃତୀୟସନ୍ଧ୍ୟାର ନାଟକ 'ଚଇତୁ'ର ତୃତୀୟ ସନ୍ଧ୍ୟାକୁ ମୁଖ୍ୟଅତିଥି ଭାବେ କଟକ କ୍ଲବର ପୂର୍ବତନ ସମ୍ପାଦକ ପ୍ରଫେସର ଡ. ଦେବାନନ୍ଦ ମହାପାତ୍ର ଓ ସମ୍ମାନୀତ ଅତିଥି ରୂପେ ଓଷ୍ଟା ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରି ଅତିଥିଦ୍ୱୟ ଜନତା ରଙ୍ଗମଞ୍ଚ ପାଇଁ ପାଣ୍ଠି ସଂଗ୍ରହ ସମସ୍ତଙ୍କ ଉଦ୍ୟମରେ ସଫଳ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ ଏବଂ ଜନତା ରଙ୍ଗମଞ୍ଚ କର୍ମକର୍ତ୍ତାଙ୍କ ଉଦ୍ୟମକୁ ପ୍ରଶଂସା କରି ଆମେ ଜନତା ରଙ୍ଗମଞ୍ଚ ସହିତ ରହି ସହଯୋଗ କରିବୁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଜି ବନ ସଭ୍ୟଙ୍କୁ ଜନତା ରଙ୍ଗମଞ୍ଚ ପକ୍ଷରୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ନାଟକ ଶେଷରେ ଅଭିନେତା ଅଭିନେତ୍ରୀଙ୍କୁ ମାନପତ୍ର ବଣ୍ଟନ କରାଯାଇଥିଲା। ଚଇତୁ ଜଣେ ପୁଞ୍ଜିବାଦୀ ଅର୍ଥନୀତିରେ ବିଚ୍ଛିନ୍ନ ମଣିଷଟିଏ। ମାନବିକତାର ତରାଜୁରେ ବ୍ରାହ୍ମଣ ଅସ୍ପୃଶ୍ୟର ସମ୍ପର୍କ ଦୁଇଟିର ତୁଳନାତ୍ମକ ଦ୍ୱନ୍ଦ୍ୱକୁ ଅତି ସୁକ୍ଷ୍ମ ଆବେଗିକ ନିବିଡିତା ଭିତରେ ଦୃଶ୍ୟମାନ କରାଇଛନ୍ତି ନାଟ୍ୟକାର ଡ଼ ନିବେଦିତା ଜେନା। ମୁଖ୍ୟ ଭୂମିକାରେ ବିଶ୍ୱଭୂଷଣ ମହାନ୍ତି, ଅନନ୍ତ ଦାସ, ଶିବାନୀ ମହାପାତ୍ର, ଡ଼ ଅଙ୍ଗଦ ଦ୍ୱିବେଦୀ, ବିକାଶ ଓଝା, ଗୌରବ ମହାନ୍ତି ନାରୀ ଚରିତ୍ରରେ ଅଭିନେତ୍ରୀ ସୁଲଗ୍ନା ନାୟକ, ଶ୍ୱେତାଶ୍ରୀ ପାଢ଼ୀ, ସୋନାଲି ସେନ ଅଭିନୟ କରିଥିଲେ। ସଂଯୋଜନା କରିଥିଲେ ବାପୁ ଲେଙ୍କା। ସମ୍ପାଦକ ବିନୋଦ ବେହେରା ଅତିଥି ଦ୍ୱୟଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ।

## ହେରିଟେଜ୍ ହେଲ୍‌ଥ କେୟାରରେ ତମାଖୁ ବର୍ଜନ ଦିବସ



**କଟକ, ୧।୬(ସମିସ):** ସମ୍ପ୍ରତି ଓଡ଼ିଶାରେ ତମାଖୁ ସେବନ କରି ଆକ୍ରାନ୍ତ ହୋଇଥିବା ବ୍ୟକ୍ତିବିଶେଷଙ୍କ ସଂଖ୍ୟା ଭାରତରେ ୬ ନମ୍ବରରେ ରହିଛି। ଉପଯୁକ୍ତ ଚିକିତ୍ସାରେ ଅବହେଳା ଓ ସଚେତନତା ଅଭାବରୁ ପ୍ରତିବର୍ଷ ୧୪ ପ୍ରତିଶତ ଲୋକ ମୁଖ କର୍କଟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ତମାଖୁ ପଦାର୍ଥ ବ୍ୟବହାର ଯୋଗୁଁ ସମଗ୍ର ବିଶ୍ୱ ଅର୍ଥନୈତିକ, ସାମାଜିକ, ସ୍ୱାସ୍ଥ୍ୟଗତ ତଥା ପାରିପାର୍ଶ୍ୱିକ ପରିବେଶର ଅବକ୍ଷୟର କାରଣ ହୋଇଛି ବୋଲି ହେରିଟେଜ ହେଲଥ କେୟାର ହସ୍ପିଟାଲରେ ଆୟୋଜିତ ବିଶ୍ୱ ତମାଖୁ ବର୍ଜନ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବକ୍ତାମାନେ ମତବ୍ୟକ୍ତ କରିଥିଲେ। ୨୫ ଜଣ ଶିଶୁ ଓ ବୟସ୍କ ବ୍ୟକ୍ତିଙ୍କୁ ପରାମର୍ଶ ଦିଆଯିବା ସହ ମାଗଣା ମୁଖ ଗହ୍ୱର ସ୍ୱାସ୍ଥ୍ୟ ଉପକରଣ ବଣ୍ଟନ କରାଯାଇଥିଲା। ବିଶିଷ୍ଟ ପରିବେଶବିତ ତଥା ଅଧ୍ୟକ୍ଷ ପ୍ରଫେସର ଡ଼ଃ ଆଶୁତୋଷ ଦେବତା ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ନିର୍ଦ୍ଦେଶିକା ଡା. ମୋନାଲିସା ପଣ୍ଡା ପରିଚାଳନା କରି କାର୍ଯ୍ୟରତ ସେବିକା ଓ କର୍ମଚାରୀଙ୍କୁ ଏ ଦିଗରେ ସଚେତନଶୀଳ ହେବା ପାଇଁ ଉତ୍ସାହିତ କରିଥିଲେ।

## ବୈଷ୍ଣବୀ ମୁହଁରେ ହସ ଫେରିଲା

**କଟକ, ୧।୬(ସମିସ)**

୮ ବର୍ଷର କୁନି ଝିଅ ବୈଷ୍ଣବୀ ସିଂହ ପୁଣି ଥରେ ଚାଲିବାକୁ ସକ୍ଷମ ହୋଇଛି। ଦୁର୍ଘଟଣାର ଶିକାର ହୋଇ ବାମଗୋଡ ହରାଇଥିବା ବୈଷ୍ଣବୀ ଶରୀରରେ କୃତ୍ରିମ ଗୋଡ ଲଗାଯାଇଛି। କିଛି ମାସ ହେବ ଏସ୍‌ସିବି ପ୍ଲାଷ୍ଟିକ ସର୍ଜରୀ ବିଭାଗରେ ସେ ଚିକିତ୍ସିତ ହେଉଥିବା ବେଳେ ଆଜି ତାକୁ ଡିସଚାର୍ଜ କରାଯାଇଥିଲା। ଏ ନେଇ ବିଭାଗ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯିବା ସହ ବୈଷ୍ଣବୀ ମୁହଁରେ ହସ ଫେରାଇ ଆଣିବାକୁ ସମସ୍ତ ଉଦ୍ୟମ ହୋଇଥିବା ଡାକ୍ତରମାନେ କହିଥିଲେ। ଏସ୍‌ସିବି ଭାରପ୍ରାପ୍ତ ଅଧୀକ୍ଷକ ପ୍ରଫେସର ଡଃ ଗୌତମ ଶତପଥୀ, ମୟୂରଭଞ୍ଜ ବଡସାହି ବିଧାୟକ ସନାତନ ବିଜୁଳି, ପ୍ଲାଷ୍ଟିକ ସର୍ଜରୀ ବିଭାଗୀୟ ମୁଖ୍ୟ ଡଃ ବିଭୂତି ଭୂଷଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କମ୍ ସମୟ ଭିତରେ ବୈଷ୍ଣବୀକୁ ମେଡିକାଲରେ ଭର୍ତ୍ତି କରିବା ପାଇଁ ଉଦ୍ୟମ କରିଥିବା ଆମ୍ବୁଲାନ୍ସ ଚାଳକ ଓ ସହଯୋଗୀ ମଧ୍ୟ ଉପସ୍ଥିତ ଥିଲେ।

ପ୍ରକାଶଯୋଗ୍ୟ, ଗତ ମାର୍ଚ୍ଚ ମାସର ଘଟଣା। ମୟୂରଭଞ୍ଜ ଜିଲା ବେତନଟୀ ଅଞ୍ଚଳର ୮ ବର୍ଷୀୟ ଝିଅ ବୈଷ୍ଣବୀ ପରିବାର ସହ ବାଇକ ଯୋଗେ ମେଳା ବୁଲିବାକୁ ଯାଉଥିଲା। ତା'ର ମା ଏବଂ ଅନ୍ୟ ଜଣେ ସମ୍ପର୍କୀୟ ଥିଲେ। ତେବେ ମେଳାରେ ପହଞ୍ଚିବା ପୂର୍ବରୁ ସମସ୍ତେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାର ଶିକାର ହୋଇଥିଲେ। ବାଇକଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେ ଥିବା ଏକ ବିଦ୍ୟୁତ ଖୁଣ୍ଟରେ ପିଟି ହୋଇ ଯାଇଥିଲା। ଦୁର୍ଘଟଣାରେ ବୈଷ୍ଣବୀଙ୍କ ବାମ ଗୋଡ ଜଙ୍ଘ ପାଖରୁ ଅଲଗା ହୋଇଯାଇଥିଲା। ଅନ୍ୟ ଦୁଇ ଜଣ ମଧ୍ୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ବେତନଟୀ ମେଡିକାଲ ପଠାଇଥିଲେ। ସେଠାରୁ ବୈଷ୍ଣବୀଙ୍କୁ ଏସ୍‌ସିବି ସ୍ଥାନାନ୍ତର କରାଯାଇଥିଲା। କଟା ଗୋଡକୁ ବରଫ ଭର୍ତ୍ତି ବାକ୍ସରେ ଭର୍ତ୍ତି କରି କଟକ ଅଣାଯାଇଥିଲା। ଏହି ଘଟଣାରେ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ଉଦ୍ୟମକୁ ସେ ସମୟରେ ପ୍ରଶଂସା କରାଯାଇଥିଲା। ଅଳ୍ପ ଘଣ୍ଟା ଭିତରେ ବେତନଟୀରୁ ବଡ ମେଡିକାଲ ପର୍ଯ୍ୟନ୍ତ ବୈଷ୍ଣବୀକୁ ପହଞ୍ଚାଇବାରେ ଆମ୍ବୁଲାନ୍ସ ଡ୍ରାଇଭର ଚେଷ୍ଟା କରିଥିଲେ। କଟକରେ ପହଞ୍ଚିବା ପରେ ଏସ୍‌ସିବି ପ୍ଲାଷ୍ଟିକ ସର୍ଜରୀ ବିଭାଗରେ ବୈଷ୍ଣବୀ ଭର୍ତ୍ତି ହୋଇଥିଲା। ବିଭାଗୀୟ ମୁଖ୍ୟ ପ୍ରଫେସର ନାୟକଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ଗଠନ ହୋଇଥିଲା। ଅସ୍ତ୍ରୋପଚାର ମାଧ୍ୟମରେ ବୈଷ୍ଣବୀଙ୍କ କଟା ଗୋଡ ଯୋଡା ଯାଇଥିଲା। ହେଲେ କିଛି ଦିନ ପରେ ସଂକ୍ରମଣ ଦେଖା ଦେଇଥିଲା। ସଂକ୍ରମଣ ନକମିବାରୁ ବୈଷ୍ଣବୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥିଲା। ଏଣୁ ଅସ୍ତ୍ରୋପଚାରର ପାଞ୍ଚ ଦିନ ପରେ ଯୋଡା ଯାଇଥିବା କଟା ଗୋଡ ପୁର୍ନବାର ଅଲଗା କରାଯାଇଥିଲା। ସରକାରୀ ବ୍ୟବସ୍ଥା ଭିତରେ ବୈଷ୍ଣବୀକୁ ସକ୍ଷମ କରିବା ନିମନ୍ତେ କୃତ୍ରିମ ଗୋଡ ଲଗାଯାଇଛି। ଏହାକୁ ଡାକ୍ତରୀ ବିଜ୍ଞାନରେ ପ୍ରୋସଥେଟିକ ରିହାବିଲିଟେସନ କୁହନ୍ତି। ଏବେ ବୈଷ୍ଣବୀ ସମ୍ପୂର୍ଣ୍ଣ ସୁସ୍ଥ ଥିବା ବେଳେ ଚଲାବୁଲା କରିବାକୁ ସମ୍ପୂର୍ଣ୍ଣ ସକ୍ଷମ ବୋଲି ମେଡିକାଲ ପକ୍ଷରୁ କୁହାଯାଇଛି।


- **ଦୁର୍ଘଟଣାରେ ହରାଇଥିଲା ଗୋଡ଼**
- **କୃତ୍ରିମ ଗୋଡ଼ରେ ଚାଲିବ ବୈଷ୍ଣବୀ**



## ଟ୍ରେନ୍‌ରୁ ଖସି ଯାତ୍ରୀ ଗୁରୁତର

**କଟକ, ୧।୬(ସମିସ):** କଟକ ରେଳ ଷ୍ଟେସନ ନିକଟର ୟାର୍ଡ ନିକଟରେ ଏକ ଦୁର୍ଘଟଣା ଘଟିଛି। ଟ୍ରେନରୁ ଖସିପଡ଼ି ଜଣେ ଯାତ୍ରୀଙ୍କ ବାମ ଗୋଡ଼ କଟିଯାଇଛି। ଆହତ ଜଣକ ହେଉଛନ୍ତି ଆସାମ ନଅଗାଁ ଜିଲ୍ଲା ସିଙ୍ଗିଆ ଗାଁର ମୋହିଜୁଲ ଇସଲାମ୍(୧୭)। ସକାଳ ପ୍ରାୟ ୮ଟା ୨୦ ବେଳେ ୟାର୍ଡ ନିକଟରେ ଜଣେ ଯୁବକ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଆରପିଏଫ୍ ଖବର ପାଇଥିଲା। ଏ ସମ୍ପର୍କରେ ଆରପିଏଫ୍ ଟିମ୍ ଖବର ପାଇବା ପରେ ସେଠାରେ ପହଞ୍ଚି ମୋହିଜୁଲଙ୍କ ନିକଟରୁ ଏକ ଆଧାର କାର୍ଡ ଓ ଦୁଇଟି ଟିକଟ୍ ଜବତ ହୋଇଥିଲା। ତାଙ୍କୁ ତୁରନ୍ତ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେ କେରଳପ ଆଲ୍ୱାରୁ ଆସାମର ଜାଗିର ରୋଡକୁ ଯାଉଥିଲେ। କନ୍ୟାକୁମାରୀ-ଡିବ୍ରୁଗଡ଼ ଏକ୍ସପ୍ରେସରେ ଯାଉଥିବା ବେଳେ ଟ୍ରେନରୁ ଖସିପଡ଼ି ଏଭଳି ଅଘଟଣ ଘଟିଥିଲା।

# ସମ୍ପାଦକୀୟ



ଅତୀତର ଅଭିଜ୍ଞତାକୁ ପାଥେୟ କରି ତଥା ଭବିଷ୍ୟତର ଆଶାନେଇ, ଆଜିର ଜୀବନ ବଂଚିବା ଶିଖ !
-ଆଲବର୍ଟ ଆଇନଷ୍ଟାଇନ

ସକାଳ THE SAKALA

## ଭୂତ-ଗୁଣିଆ ଉପାଖ୍ୟାନ

ମେ'୩୧ ତାରିଖରୁ ଜୁନ୍‌ ୨୬ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସରକାର ନିଶାଦ୍ରବ୍ୟ, ଅପମିଶ୍ରିତ/ବିଷାକ୍ତ ମାଦକଦ୍ରବ୍ୟ ସେବନକୁ ନିରୁତ୍ସାହିତ କରିବା ଲାଗି ରାଜ୍ୟବ୍ୟାପୀ ସଚେତନତା ଅଭିଯାନ ଆରମ୍ଭ କରିଛନ୍ତି। ଏହି ଅଭିଯାନର ଲୋଗୋ ବା ପ୍ରତୀକ ରହିଛି - 'ଆମ ସଂକଳ୍ପ: ନିଶା ନୁହେଁ ଜୀବନ'। ରାଜ୍ୟ ଅବକାରୀ ବିଭାଗ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇ କହିଛି ଯେ 'ଆଜି ହିଁ ସଂକଳ୍ପ ନେବା- ନିଶା ନୁହେଁ ଜୀବନକୁ ବାଛିବା।' ସଂକଳ୍ପକୁ ସାକାର କରିବା ପାଇଁ ଗଣମାଧ୍ୟମରେ ସରକାରୀ ବିଜ୍ଞାପନମାନ ପ୍ରକାଶ ପାଇଛି। ରାଜ୍ୟ ସରକାର ଯଦି ଆନ୍ତରିକତାର ସହ ନିଶାମୁକ୍ତ ସମାଜର ପରିକଳ୍ପନା କରିଥା'ନ୍ତି, ତେବେ ଏହା ଅତି ଉତ୍ତମ କଥା। ଏହା ମଧ୍ୟ ସମୟୋପଯୋଗୀ ଅପରିହାର୍ଯ୍ୟ ଆବଶ୍ୟକତା। କିନ୍ତୁ ଏହି ସଂକଳ୍ପ ଅଭିଯାନ ଆଢୁଆଳରେ ଅନେକ କିଛି ପ୍ରଶ୍ନ ଉହ୍ୟ ରହିଯାଉଛି, ଯାହାକୁ କିଞ୍ଚିତ୍‌ ତର୍ଜମା କଲେ ପ୍ରଶ୍ନ ଉଠୁଛି - ଏହା କେବଳ ଧର୍ମକୁ ଆଖିଠାର ନୁହେଁ ତ?

ଅପ୍ରିୟ ଓ ନଗ୍ନ ସତ୍ୟ ହେଉଛି ସରକାରୀ ସଚେତନତା ଏକ ପ୍ରହସନରେ ପରିଣତ ହୋଇଯାଇଛି। ଓଡ଼ିଆରେ ଏକ ଢଗ ଅଛି - ଭୂତ ହୋଇ ଲାଗିବ, ଗୁଣିଆ ହୋଇ ଝାଡ଼ିବ। ଅର୍ଥାତ୍‌ ଯିଏ ସମସ୍ୟା ସୃଷ୍ଟି କରୁଛି ସେ ହିଁ ଉପଚାରକର ଭୂମିକାରେ ଅବତୀର୍ଣ୍ଣ ହୋଇଛି। ଏଥିରେ ଲାଭ-କ୍ଷତି କାହାର ତାହା ବୋଧହୁଏ ବିଜ୍ଞ ପାଠକଙ୍କୁ ବୁଝାଇ କହିବା ଅନାବଶ୍ୟକ। ତମାଖୁ ବର୍ଜନ ଓ ନିଶା ନିବାରଣ ପାଇଁ ସରକାରଙ୍କର ସଦ୍ୟତମ ବିଜ୍ଞାପନକୁ ଉଦାହରଣ ରୂପେ ନେଲେ ଏହି ଉକ୍ତିର ବିଶ୍ଳେଷଣ ଆହୁରି ସ୍ପଷ୍ଟ ହେବ। ନିଶା ରାକ୍ଷସର ଦୌରାତ୍ମ୍ୟରେ କେତେ ଯେ ପରିବାର ଉଜୁଡ଼ି ଯାଉଛି, ସଡ଼କ ଦୁର୍ଘଟଣାରେ କେତେ ଯେ ନିରୀହ ଜୀବନ ଅକାରଣରେ ଅକାଳରେ ଯାଉଛି, କେତେ ଯେ ଅପରାଧ ଘଟୁଛି ସେ ବିଷୟରେ ସରକାର ବାହାଦୂର ନିଶ୍ଚୟ ଅଜ୍ଞ ନୁହନ୍ତି, ତାହାର ପ୍ରମାଣ ହେଉଛି ମେ' ୩୧ରୁ ଆରମ୍ଭ ହେଉଥିବା ସରକାରଙ୍କ ନିଶାମୁକ୍ତ ସଂକଳ୍ପ ଓ ସଚେତନତା ଅଭିଯାନ। ଏହା କିନ୍ତୁ ସରକାରଙ୍କ ବାହ୍ୟ ବା ଲୋକଦେଖାଣିଆ ରୂପ। ଏହାର ପ୍ରଚ୍ଛଦପଟ୍ଟରେ ଲୁଚି ରହିଥିବା ଅନ୍ୟ ରୂପଟି ହେଉଛି ଅସାମାଜିକ ପରିବେଶ ଓ ପରିସ୍ଥିତିକୁ ଜନ୍ମ ଦେବାରେ ନିଶାର ପ୍ରଭାବ ଜାଣି ମଧ୍ୟ ମଦ ଦୋକାନ ଖୋଲିବା ପାଇଁ ଆଖିବୁଜା ଅନୁମତି ଦେଇ ଚାଲିବାର ଦାୟିତ୍ୱହୀନ ମାନସିକତା। ତମାଖୁ ବିକ୍ରିକୁ ଅନୁମତି ବନାମ ସଚେତନତା ମଧ୍ୟ ସେହି ସମାନ ବିରୋଧାଭାସରୁ ମୁକ୍ତ ନୁହେଁ। ଏକପକ୍ଷରେ ତମାଖୁ ସେବନର କ୍ଷତିକାରକ ଦିଗ ଉପରେ ଅସୁମାରି ସଚେତନତା ବିଜ୍ଞାପନ ସରକାର ଜାରି ରଖିଛନ୍ତି। ଅଥଚ ସରକାରଙ୍କ ଆଖି ସାମ୍ନାରେ ହିଁ ଗଳିକନ୍ଦିରେ ମାଲମାଲ ତମାଖୁ ବିକ୍ରି ହେଉଛି। ନିଶାମୁକ୍ତ ସମାଜ ଗଠନ ଦିଗରେ ସରକାରଙ୍କ ଯଦି ତିଳେମାତ୍ର ଆନ୍ତରିକତା ଥାଏ ତେବେ ପ୍ରଥମେ ମଦ ଦୋକାନ ଏବଂ ତମାଖୁ ଉତ୍ପାଦନ ବନ୍ଦ କରିବାକୁ ନିଷ୍ପତ୍ତି ନିଅନ୍ତୁ ଏବଂ ଏ ସମ୍ପର୍କିତ ଦୃଢ଼ ନୀତି ପ୍ରଣୟନ କରନ୍ତୁ।

ବିଡ଼ମ୍ବନା ହେଉଛି ସଦ୍ୟତମ ନିଶାମୁକ୍ତ ସମାଜ ଗଠନ ସଂକଳ୍ପ ଅଭିଯାନ ଆରମ୍ଭ କରିଥିବା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ନୂଆ ଅବକାରୀ ନୀତିରେ ଥିବା ବ୍ୟବସ୍ଥା ମୁତାବକ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) କୁ ଠିପିଖୋଲା ମଦ ଲାଇସେନ୍ସ ବାବଦରେ ଅନ୍ୟମାନଙ୍କ ତୁଳନାରେ ଅଧା ଅର୍ଥ ଦେବାକୁ ହେବ। ଏହାର ଅର୍ଥ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ଓଟିଡିସି କିମ୍ବା ଆଇଟିଡିସି ମଦ ପରିବେଷଣ କରିପାରିବେ। ପର୍ଯ୍ୟଟନ ବିଭାଗର ନିଷ୍ପତ୍ତିରେ ସ୍ଥାନେ ସ୍ଥାନେ 'ମଦ କୁଡ଼ିଆ' ଖୋଲିବ। ଘରୋଇ କାର୍ଯ୍ୟକ୍ରମ ବା ଉତ୍ସବାନୁଷ୍ଠାନରେ ମଦ ପରିବେଷଣ ଲାଗି ବିଭାଗୀୟ କର୍ତ୍ତୃପକ୍ଷ ଅସ୍ଥାୟୀ ଅନୁମତି ଦେଇପାରିବେ। ଭୋଜିଭାତରେ ଚୋରା ଲୁଚାରେ ମଦ ପିଇବା ପରିବର୍ତ୍ତେ ମଦୁଆମାନେ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ମଦ ଖୋଲାଖୋଲି ପାନ କରି ମସଗୁଲ୍‌ ହେବାର ସୁଯୋଗ ପାଇବେ। ତେଣୁ ମଦ ନିଶା ଛଡ଼ାଇବା ପାଇଁ ସଂକଳ୍ପ ଅଭିଯାନ ଜରିଆରେ ଗୁଣିଆ ଭୂମିକାରେ ଅବତୀର୍ଣ୍ଣ ସରକାରଙ୍କ ଅବକାରୀ ନୀତି ଏବଂ ତମାଖୁ ବିକ୍ରିକୁ ଆଖିବୁଜା ପରୋକ୍ଷ ସମର୍ଥନ ତାଙ୍କର ଭୂତ ଭୂମିକାକୁ ପ୍ରମାଣିତ କରୁନାହିଁ କି? ସଚେତନ ନାଗରିକ ମନରେ ଏହି ପ୍ରଶ୍ନ ଉଠିବା ସ୍ୱାଭାବିକ।

କେବଳ ମଦ ଓ ତମାଖୁ ନୁହେଁ, ପ୍ଲାଷ୍ଟିକ୍‌ ଓ ଶବ୍ଦ ପ୍ରଦୂଷଣ ମଧ୍ୟ ସମାନ ଅଭିଯୋଗରେ ଅଭିଯୁକ୍ତ। କାଗଜ କଲମରେ ପଲିଥିନ ମୁକ୍ତ ସହର ଓ ଦେଶଗଠନ ହୋଇସାରିଛି। ଏକକ ବ୍ୟବହାରଯୁକ୍ତ ପଲିଥିନ, ପ୍ଲାଷ୍ଟିକ୍‌ ସାମଗ୍ରୀର ଉତ୍ପାଦନ, ବିକ୍ରିବଟା ଓ ବ୍ୟବହାରକୁ ନିଷିଦ୍ଧ କରାଯାଇ ଦଣ୍ଡବିଧାନର ବ୍ୟବସ୍ଥା ଅଛି। କିନ୍ତୁ ବିଡ଼ମ୍ବନା ଏହା ଯେ ଯେଉଁମାନେ ଏହି ନୀତି ନିର୍ଦ୍ଧାରଣର ଶବ୍ଦବିନ୍ୟାସ କରିଛନ୍ତି ସେମାନଙ୍କ ହାତରେ ମଧ୍ୟ ପଲିଥିନ ଶୋଭା ପାଉଛି। ମଝିରେ ମଝିରେ କର୍ତ୍ତୃପକ୍ଷ ବିଭିନ୍ନ ଦୋକାନବଜାର ଉପରେ ଚଢ଼ଉ କରି ପଲିଥିନ ମୁଣା ଜବତ କରିବା ସହିତ ଜରିମାନା ଆଦାୟ କରୁଛନ୍ତି, ଅଥଚ ଏହାର ଉତ୍ପାଦନ ସ୍ଥଳ ବା ଫ୍ୟାକ୍ଟ୍ରିକୁ ଆଡ଼ ଆଖିରେ ମଧ୍ୟ ଚାହୁଁନାହାନ୍ତି। ସେହିପରି ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ଲାଗି କଟକଣା ରହିଛି; ଅଥଚ ଉଚ୍ଚଶବ୍ଦଯୁକ୍ତ ବାଣ ଓ କାନଫଟା ଶବ୍ଦ ସୃଷ୍ଟି କରୁଥିବା ଡିଜେର ଉତ୍ପାଦନ ଓ ଉପକରଣକୁ ବନ୍ଦ କିମ୍ବା ଜବତ କରାଯାଇପାରୁନାହିଁ।

ଯଦି ଗୋଟିଏ ରାଜ୍ୟର ସରକାର ଚାହିଁବେ ତେବେ ଅସାମାଜିକ ଓ ଅବାଞ୍ଛିତ ତତ୍ତ୍ୱଗୁଡ଼ିର ବିଲୋପ ସମ୍ଭବ। ଯଦି ଉତ୍ପାଦନ ବା ଉତ୍ସ ହିଁ ବନ୍ଦ ହୋଇଯିବ ଆପେ ଆପେ ତାହାର ପ୍ରଭାବ ମଧ୍ୟ ଶୂନ୍ୟ ହୋଇଯିବ। ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ସଚେତନତା ଅଭିଯାନର ଆବଶ୍ୟକତା ହିଁ ପଡ଼ିବ ନାହିଁ। କିନ୍ତୁ ଭୂତ-ଗୁଣିଆ ଭୂମିକାକୁ ପସନ୍ଦ କରୁଥିବା ସରକାର ବାହାଦୂରଙ୍କୁ ବୁଝେଇବ କିଏ? ଆଣ୍ଟିଭାଇରସ ବିକାଶ କରୁଥିବା ସଂସ୍ଥା ହିଁ ଭାଇରସ ସୃଷ୍ଟି କରେ ଏବଂ ଟିକା ପ୍ରସ୍ତୁତକାରୀ କମ୍ପାନୀମାନେ ହିଁ ଭୂତାଣୁ ସୃଷ୍ଟି କରନ୍ତି। ଆଉ ରାଜସ୍ୱ ସଂଗ୍ରହ ନିଶାରେ ମସ୍‌ଗୁଲ୍‌ ସରକାର ନିଶାମୁକ୍ତ ଅଭିଯାନର ଛଳନା କରି ନିଜ ଭାବମୂର୍ତ୍ତି ସଜାଡ଼ିବାର ଉଦ୍ୟମ କରନ୍ତି। ଏହା ହିଁ ଆଜିର ବଜାର ଅର୍ଥନୀତିର ଅପରିଣାମଦର୍ଶୀ ବାସ୍ତବତା।

ଯଦି ନିଶାମୁକ୍ତ ସମାଜ ଗଠନ ଲାଗି ସରକାରଙ୍କ ଆନ୍ତରିକତା ଓ ନିଷ୍ଠା ଥାଏ ତେବେ ଏହି ଅଭିଯାନରେ ନିଶାଦ୍ରବ୍ୟ ଓ ତମାଖୁ ଜାତୀୟ ଦ୍ରବ୍ୟର ଉତ୍ପାଦନ ଓ ବିକ୍ରି ବନ୍ଦ ପାଇଁ ସରକାର ହିଁ ପ୍ରଥମେ ଆତ୍ମସଂକଳ୍ପ ନିଅନ୍ତୁ। ସମ୍ବିଧାନର ୪୭ ଧାରାରେ ଥିବା ନିଶା ନିବାରଣ ଏବଂ ୨୧ ଧାରାରେ ଥିବା ବଞ୍ଚିବାର ଅଧିକାରକୁ ଦୃଷ୍ଟିରେ ରଖି ପ୍ରଚଳିତ ଅବକାରୀ ନୀତି ଓ ଆଇନ୍‌ରେ ସଂଶୋଧନ ଆଣିବା ଲାଗି ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଯେଉଁ ଐତିହାସିକ ରାୟ ଦେଇଛନ୍ତି, ତାହାର ଅନୁପାଳନ କରନ୍ତୁ। ନ ହେଲେ ଯାଦୁଆ ଯାଦୁର ମଲମ ବିକିବା ଭଳି ଅପବାଦ ସରକାରଙ୍କୁ ମୁଣ୍ଡାଇବାକୁ ପଡ଼ିବ।

# ନ୍ୟାୟପାଳିକା ନିର୍ଦ୍ଦେଶ ବନାମ ରାଷ୍ଟ୍ରପତିଙ୍କ ପ୍ରଶ୍ନ

ଗଦାଧର ବଳ

ନିକଟରେ ରାଷ୍ଟ୍ରପତି ଦେଶର ସର୍ବୋଚ୍ଚ ଅଦାଲତଙ୍କୁ ସମ୍ବିଧାନର ଅନୁଚ୍ଛେଦ ୧୪୩ ଅନୁଯାୟୀ ୧୪ ଗୋଟି ପ୍ରଶ୍ନ ପଚାରିଛନ୍ତି, ଯାହାର ଉତ୍ତର ପାଇଁ ପାଞ୍ଚଜଣିଆ ଖଣ୍ଡପୀଠ ଗଠନ ହେବ ବୋଲି ଅନୁମାନ କରାଯାଉଛି। ରାଷ୍ଟ୍ରପତି ପଚାରିଥିବା ପ୍ରଶ୍ନଗୁଡ଼ିକ ହେଲା - ସମ୍ବିଧାନର ଅନୁଚ୍ଛେଦ ୨୦୦ ଅନୁଯାୟୀ ଯେତେବେଳେ ରାଜ୍ୟପାଳଙ୍କ ନିକଟକୁ ବିଲ୍‌ ଆସେ ସେତେବେଳେ ସେ କ'ଣ କରିପାରିବାର କ୍ଷମତା ରହିଛି? ଅନୁଚ୍ଛେଦ ୨୦୦ ଅନୁଯାୟୀ ମନ୍ତ୍ରୀ ପରିଷଦ ଦ୍ୱାରା ସଂଶୋଧିତ ହୋଇ ଆସିଥିବା ବିଲ୍‌କୁ ରାଜ୍ୟପାଳ ସ୍ୱୀକୃତି ପ୍ରଦାନ କରିବା ପାଇଁ ବାଧ୍ୟ କି? ସେହି ଅନୁଚ୍ଛେଦ ୨୦୦ ଅନୁଯାୟୀ ରାଜ୍ୟପାଳଙ୍କ ନିକଟରେ ବିବେକାନୁମୋଦିତ କ୍ଷମତା ରହିଛି କି? ଅନୁଚ୍ଛେଦ ୨୦୦ ଅନୁଯାୟୀ ପାରିତ ହୋଇଥିବା ବିଲ ଅନୁଚ୍ଛେଦ ୩୬୧ ମୁତାବକ ସର୍ବୋଚ୍ଚ ଅଦାଲତର କ୍ଷମତା ବହିର୍ଭୂତ କି? ଅନୁଚ୍ଛେଦ ୨୦୦ ଅନୁଯାୟୀ ରାଜ୍ୟପାଳ ଉପଯୋଗ କରିଥିବା କ୍ଷମତାକୁ ନ୍ୟାୟିକ ନିର୍ଦ୍ଦେଶ ଅନୁଯାୟୀ ସମୟ ସୀମା ନିର୍ଦ୍ଧାରଣ କରିବା ସମ୍ବିଧାନ ସମ୍ମତ କି? ଅନୁଚ୍ଛେଦ ୨୦୧ ଅନୁଯାୟୀ ରାଷ୍ଟ୍ରପତି ନିଜର ସ୍ୱୀକୃତି ପ୍ରଦାନ ପାଇଁ କୌଣସି ସମୟ ସୀମା ଧାର୍ଯ୍ୟ କରା ଯାଇ ନ ଥିବା ବେଳେ ବିଚାର ବିଭାଗ ଦ୍ୱାରା ସେଥିପାଇଁ ନିର୍ଦ୍ଦିଷ୍ଟ ସମୟ ସୀମା ନିର୍ଦ୍ଧାରଣ କରାଯିବା ଉଚିତ୍‌ କି? ରାଜ୍ୟପାଳଙ୍କ ଦ୍ୱାରା ପ୍ରେରିତ କୌଣସି ବିଲ ରାଷ୍ଟ୍ରପତିଙ୍କ ନିକଟକୁ ଆସିଥିଲେ ସେ ସ୍ୱୀକୃତି ଦେବା ବେଳେ ସମ୍ବିଧାନର ଅନୁଚ୍ଛେଦ ୧୪୩ ଅନୁଯାୟୀ ରେଫେରାନ୍ସ ବଳରେ ସର୍ବୋଚ୍ଚ ଅଦାଲତଙ୍କ ପାଖରୁ ଉପଦେଶ ନେଇପାରିବେ କି? ଅନୁଚ୍ଛେଦ ୨୦୦ ଓ ୨୦୧ ଅନୁଯାୟୀ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ନିକଟକୁ କୋଣସି ବିଲ୍‌ ଆସି ସ୍ୱୀକୃତି ପାଇ ଆଇନରେ ପରିଣତ ହେବା ବେଳେ ସେ କି ନିଷ୍ପତ୍ତି ନେବେ, ତେବେ ଏହା ବିଚାର ବିଭାଗ ଦ୍ୱାରା ଆଇନଗତ ତର୍ଜମା କରା ଯାଇପାରିବ କି? ଅନୁଚ୍ଛେଦ ୧୪୨ ଅନୁଯାୟୀ ସର୍ବୋଚ୍ଚ ଅଦାଲତ କୌଣସି ନିର୍ଦ୍ଦେଶ ଦେବା ବେଳେ ରାଜ୍ୟପାଳ ବା ରାଷ୍ଟ୍ରପତି ପୂର୍ବରୁ ଦେଇଥିବା ନିର୍ଦ୍ଦେଶାବଳୀକୁ ସେସୟରେ ବିଚାରକୁ ନେଇପାରିବେ କି? ବିଧାନସଭା ପ୍ରସ୍ତୁତ କରିଥିବା ଆଇନ ସମ୍ବିଧାନର ଅନୁଚ୍ଛେଦ ୨୦୦ ଅନୁଯାୟୀ ରାଜ୍ୟପାଳ ସ୍ୱୀକୃତି ନ ଦେବା ଯାଏଁ ଆଇନରେ ପରିଣତ ହୋଇପାରିବ କି? ସମ୍ବିଧାନରେ ଅନୁଚ୍ଛେଦ ୧୪୫(୩) ଅନୁଯାୟୀ ସର୍ବୋଚ୍ଚ ଅଦାଲତ ଦ୍ୱାରା ଗଠିତ ଖଣ୍ଡପୀଠ କୌଣସି ନିର୍ଦ୍ଦେଶ ଦେବା ବେଳେ ଏହା ଆଇନଗତ ଜଟିଳତା ଥିବାରୁ ତାହାକୁ ତର୍ଜମା ପାଇଁ ପାଞ୍ଚଜଣିଆ ଖଣ୍ଡପୀଠକୁ ପଠାଇ ଦେବା ବାଧ୍ୟତାମୂଳକ ନୁହଁ କି? ସର୍ବୋଚ୍ଚ ଅଦାଲତ ଅନୁଚ୍ଛେଦ ୧୪୨ ଅନୁଯାୟୀ ନିଜର ସୀମିତ କ୍ଷମତା ବଳରେ କୌଣସି ଆଦେଶ ଦେବା ବେଳେ ପୂର୍ବରୁ ପ୍ରଚଳିତ ଥିବା ଆଇନକୁ ବିଚାରକୁ ନେବା ଉଚିତ ନୁହଁ କି? କେନ୍ଦ୍ର ରାଜ୍ୟ ମଧ୍ୟରେ କୌଣସି ବିବାଦ ଉପୁଜି ଯଦି କିଛି ମାମଲା ରୁଜୁ ହେଲା ଅନୁଚ୍ଛେଦ ୧୩୧ ଅନୁଯାୟୀ ସେହି ମାମଲାକୁ ବିଚାର କରିବା କ୍ଷମତା ସର୍ବୋଚ୍ଚ ଅଦାଲତ ନିକଟରେ ରହିଥିବା ବେଳେ ଅନ୍ୟ ସବୁ ବିବାଦର ବିଚାର ପାଇଁ ସାମ୍ବିଧାନିକ କ୍ଷମତାଭୁକ୍ତ କି?

ବ୍ୟବସ୍ଥାପିକାର କାମ ଆଇନ ତିଆରି କରିବା, କାର୍ଯ୍ୟପାଳିକା ଆଇନ କାର୍ଯ୍ୟକାରୀ କରିବା ଏବଂ ନ୍ୟାୟପାଳିକା ଏହି ଆଇନର ସଦୁପଯୋଗ ହେଉଛି କି ନାହିଁ ତଦାରଖ କରିବା। ତେବେ ବିବାଦ ହେଲା, ଯେବେ ତାମିଲନାଡୁ ସରକାର ପାରିତ କରିଥିବା କେତେକ ବିଲ୍‌କୁ ରାଜ୍ୟପାଳ ସ୍ୱୀକୃତି ନ ଦେଇ ରାଷ୍ଟ୍ରପତିଙ୍କ ପାଖକୁ ତର୍ଜମା କରିବା ପାଇଁ ପଠାଇ ଦେଇଥିଲେ। ଏଥିରେ କ୍ଷୁବ୍ଧ ହୋଇ ତାମିଲନାଡୁ ସରକାର ଦେଶର ସର୍ବୋଚ୍ଚ ଅଦାଲତରେ ଆବେଦନ କରିଥିଲେ। ତେଣୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇ କହିଛନ୍ତି ଯେ ବିଧାନସଭାରୁ ପାରିତ ହୋଇ ଆସୁଥିବା ସମସ୍ତ ବିଲକୁ ରାଜ୍ୟପାଳ ୧ ମାସ ମଧ୍ୟରେ ସ୍ୱୀକୃତି ପ୍ରଦାନ କରିବେ। ନ କଲେ ନିଜ ପାଖରେ ସର୍ବାଧିକ ୩ ମାସ ପର୍ଯ୍ୟନ୍ତ ରଖିପାରିବେ କିମ୍ବା ରାଷ୍ଟ୍ରପତିଙ୍କ ନିକଟକୁ ମଞ୍ଜୁରୀ ପାଇଁ ପଠାଇ ପାରିବେ। ବିଧାନସଭାରେ ପାରିତ ହୋଇ ପୁନର୍ବାର ବିଲ ତାଙ୍କ ନିକଟକୁ ଗଲେ ସେ ବିଲକୁ ରାଜ୍ୟପାଳ ୧ ମାସ ମଧ୍ୟରେ ସ୍ୱୀକୃତି ପ୍ରଦାନ କରିବା ପାଇଁ ବାଧ୍ୟ ଅଟନ୍ତି।

ପ୍ରଶ୍ନ ହେଉଛି ସର୍ବୋଚ୍ଚ ନ୍ୟାୟାଳୟ ରାଷ୍ଟ୍ରପତିଙ୍କୁ ନିର୍ଦ୍ଦେଶ ଦେଇପାରିବ କି? ସମ୍ବିଧାନର ଅନୁଚ୍ଛେଦ ୧୪୨ ଅନୁଯାୟୀ ସର୍ବୋଚ୍ଚ ନ୍ୟାୟାଳୟ କୌଣସି ସମୟରେ ଯଦି ଅନୁଭବ କରନ୍ତି ନ୍ୟାୟ ପ୍ରଦାନରେ ଅନିୟମିତତା ହୋଇଛି 'ଜୁଡିସିଆଲ ରିଭ୍ୟୁ' ନାମରେ ସେ ନିର୍ଦ୍ଦେଶ ଦେଇପାରିବେ। ତାମିଲନାଡୁ ମାମଲାରେ ନ୍ୟାୟପାଳିକା ରାଷ୍ଟ୍ରପତିଙ୍କୁ ନିର୍ଦ୍ଦେଶ ଏହି ନିୟମ ଅନୁଯାୟୀ ଦେଇଛନ୍ତି। ସର୍ବୋଚ୍ଚ ଅଦାଲତ ସମ୍ବିଧାନ ଅନୁଚ୍ଛେଦ ୧୪୨ ଅନୁଯାୟୀ ଏମିତି ନିର୍ଦ୍ଦେଶ ଦେବା ଆଦୌ ଅସମୀଚୀନ ଲାଗୁ ନ ଥିଲେ ବି ପ୍ରଶ୍ନ ହେଉଛି ଯିଏ ଦେଶର ପ୍ରଥମ ନାଗରିକ, ଯିଏ ଦେଶର ସମ୍ବିଧାନର ସୁରକ୍ଷା ପାଇଁ ଶପଥ ନେଇଛନ୍ତି, ତାଙ୍କୁ ସର୍ବୋଚ୍ଚ ଅଦାଲତ ଏମିତି ଆଦେଶ ଦେବା କେତେ ଦୂର ନ୍ୟାୟସଙ୍ଗତ? ଦେଶର ଉପରାଷ୍ଟ୍ରପତି ଜଗଦୀପ ଧନକଡ଼ କହିଛନ୍ତି ଯେ ଏମିତି ନିର୍ଦ୍ଦେଶ ସମ୍ବିଧାନର ଅନୁଚ୍ଛେଦ ୧୪୨ର ଦୁରୁପଯୋଗ ଏବଂ ଆଣବିକ କ୍ଷେପଣାସ୍ତ୍ର ସଦୃଶ। ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ବିଚାର ନ ହୋଇ ଦୀର୍ଘଦିନ ହେବ ପଡ଼ି ରହିଥିବା ବେଳେ ତରବର ଭାବରେ ଏମିତି ନିର୍ଦ୍ଦେଶ ଦେବା, ଏପରି କି ଦିଲ୍ଲୀ ଉଚ୍ଚ ଅଦାଲତର କାର୍ଯ୍ୟରତ ବିଚାରପତି ଯଶୋବନ୍ତ ବର୍ମାଙ୍କ ବାସଭବନରୁ କୋଟି କୋଟି ଟଙ୍କା ଉଦ୍ଧାର ହେବା ଘଟଣାରେ ସର୍ବୋଚ୍ଚ ଅଦାଲତ କି ପଦକ୍ଷେପ ନେଇଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ବିରୋଧୀ ଦଳର ସାଂସଦ କପିଲ ସିବଲ ବିଗତ ଦିନରେ ସର୍ବୋଚ୍ଚ ଅଦାଲତଙ୍କ ଆଦେଶ ବଳରେ ବହୁମତରେ ନିର୍ବାଚିତ ଇନ୍ଦିରା ଗାନ୍ଧୀ ସରକାରର ପତନ ବିଷୟ କହି ନିଜର ଯୁକ୍ତି ଉପସ୍ଥାପନ କରିଛନ୍ତି। ତା'ପରେ ଏହି ବିଷୟକୁ ନେଇ ଦେଶ ତମାମ ବିତର୍କ ଆରମ୍ଭ ହୋଇ ଯାଇଛି।

ଆମ ଦେଶର ଗଣତନ୍ତ୍ରର ସ୍ୱତନ୍ତ୍ରତା ହେଲା ସ୍ୱାଧୀନ ତଥା ନିରପେକ୍ଷ ନ୍ୟାୟପାଳିକା। ଆଇନ ପ୍ରଣୟନର କ୍ଷମତା ସଂସଦ ବା ବିଧାନସଭାରେ ରହିଛି। ପ୍ରଶ୍ନ ହେଉଛି ଜନମଙ୍ଗଳ ରାଷ୍ଟ୍ରରେ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ଜନପ୍ରତିନିଧିମାନେ ପ୍ରଣୟନ କରିଥିବା ଆଇନ ସର୍ବାଗ୍ରେ ଗ୍ରହଣୀୟ ଥିବାରୁ ତାମିଲନାଡୁ ସରକାର ପାରିତ କରିଥିବା ବିଲକୁ ଆଇନରେ ପରିଣତ କରିବାକୁ ସମୟ ସୀମା ଧାର୍ଯ୍ୟ କରାଯିବା ଆଇନତଃ ଜରୁରୀ ଅନୁଭବ ହେଉଛି। ସମ୍ବିଧାନର ସିଡ୍ୟୁଲ ୭ ଅନୁଯାୟୀ ରାଜ୍ୟ ଓ କେନ୍ଦ୍ରକୁ ମିଳିତ କ୍ଷମତା ଦିଆଯାଇଛି। ବିଧାନସଭାରେ ବହୁମତରେ ବିଲ ପାରିତ ହେଲେ ରାଜ୍ୟପାଳଙ୍କ ନିକଟକୁ ସ୍ୱୀକୃତି ପାଇଁ ପଠାଯାଏ ଏବଂ ସ୍ୱୀକୃତି ମିଳିବା ପରେ ତାହା ଆଇନରେ ପରିଣତ ହୁଏ। କେନ୍ଦ୍ର ସରକାର କେନ୍ଦ୍ରୀୟ ଶାସନର ଦୃଢ଼ତା ପାଇଁ ବିଭିନ୍ନ ରାଜ୍ୟରେ ନିଜର ପ୍ରତିନିଧି ଭାବରେ ରାଜ୍ୟପାଳ ନିଯୁକ୍ତି କରିଛନ୍ତି। ରାଜ୍ୟରେ ପାରିତ ସମସ୍ତ ବିଲ ତାଙ୍କ ସ୍ୱାକ୍ଷର ବିନା ଆଇନରେ ପରିଣତ ହୁଏ ନାହିଁ।

ସମ୍ବିଧାନର ଅନୁଚ୍ଛେଦ ୨୦୦ ଅନୁଯାୟୀ ବିଲ ମଞ୍ଜୁରୀ ବେଳେ ରାଜ୍ୟପାଳଙ୍କୁ ୪ ଗୋଟି କ୍ଷମତା ପ୍ରଦାନ କରାଯାଇଛି। ପ୍ରଥମତଃ, ବିଧାନସଭାରେ ବିଲ ପାସ ହେବା ପରେ ତା' ଉପରେ ସେ ସ୍ୱୀକୃତି ଦେଲେ ବିଲ ଆଇନରେ ପରିଣତ ହୁଏ। ଦ୍ୱିତୀୟରେ ସେ ବିଲକୁ ସ୍ୱୀକୃତି ନ ଦେଇ ପୁନଶ୍ଚ ସଂଶୋଧନ ପାଇଁ ବିଧାନସଭାକୁ ଫେରସ୍ତ କରିପାରିବେ ଏବଂ ବିଧାନସଭା ସେହି ବିଲକୁ ପୁନର୍ବାର ପାରିତ କରି ପଠାଇଲେ ସେ ଏଥିରେ ସ୍ୱୀକୃତି ପ୍ରଦାନ କରିବାକୁ ବାଧ୍ୟ। ତୃତୀୟରେ ରାଜ୍ୟପାଳ ଚାହିଁଲେ ନିଜ ପାଖରେ ବିଲ୍‌କୁ କିଛିଦିନ ରଖିପାରିବେ। ଚତୁର୍ଥରେ ରାଜ୍ୟପାଳଙ୍କ ପାଖକୁ ଆସିଥିବା ବିଲ ତାଙ୍କର ବିବେକାନୁମୋଦିତ ନ ହେଲେ ବା ଏହା କେନ୍ଦ୍ର-ରାଜ୍ୟ ସମ୍ପର୍କ ଖରାପ ହେବାର ଆଶଙ୍କା ଥିଲେ ନିଜେ ମଞ୍ଜୁରୀ ନ ଦେଇ ରାଷ୍ଟ୍ରପତିଙ୍କ ନିକଟକୁ ସ୍ୱୀକୃତି ପାଇଁ ପଠାଇ ପାରିବେ। ପ୍ରଶ୍ନ ହେଲା ରାଷ୍ଟ୍ରପତି ଏହି ଆଇନକୁ ମଞ୍ଜୁରୀ ନ ଦେଇ କେତେଦିନ ନିଜ ପାଖରେ ରଖି ପାରିବେ? ରାଜ୍ୟପାଳ ମଧ୍ୟ ରାଷ୍ଟ୍ରପତିଙ୍କ ପରି ବିଲ ଉପରେ ସ୍ୱୀକୃତି ବେଳେ ସମାନ କ୍ଷମତା ଉପଭୋଗ କରିପାରିବେ କି?

ଏହି ଜଟିଳ ପ୍ରସଙ୍ଗ ସର୍ବୋଚ୍ଚ ଅଦାଲତଙ୍କ ସମୟ ସୀମା ନିର୍ଦ୍ଧାରଣ ନିର୍ଦ୍ଦେଶ ପରେ ଅଧିକ ବିତର୍କିତ ହୋଇପଡ଼ିଛି। ତାମିଲନାଡୁ ଏକମାତ୍ର ରାଜ୍ୟ, ଯେଉଁଠି ରାଜ୍ୟପାଳ କିମ୍ବା ରାଷ୍ଟ୍ରପତିଙ୍କ ବିନାସ୍ୱୀକୃତିରେ ୧୦ ଗୋଟି ବିଲ ଆଇନରେ ପରିଣତ ହୋଇ କାର୍ଯ୍ୟକାରୀ ହୋଇସାରିଛି। ସାମ୍ବିଧାନିକ ବ୍ୟବସ୍ଥାକୁ ନେଇ ସର୍ବୋଚ୍ଚ ଅଦାଲତ ଓ ବ୍ୟବସ୍ଥାପିକା ମଧ୍ୟରେ ଏ ବିବାଦ ପ୍ରଥମ ନୁହଁ। ଏହାପୂର୍ବରୁ ଚମ୍ପକ ରାମ ଦୁରାଇ ରାଜନ ମାମଲାରେ କେନ୍ଦ୍ର ସରକାର, ୧୯୬୭ ମସିହାରେ ଗୋଲକ ନାଥ ମାମଲାରୁ ବିବାଦ ଆରମ୍ଭ ହୋଇ କେଶବାନନ୍ଦ ଭାରତୀ ମାମଲା ଯାଏଁ ଅନେକ ମାମଲାର ବ୍ୟବସ୍ଥାପିକା ଓ ନ୍ୟାୟପାଳିକା ଭିତରେ ବିବାଦ ଇତିହାସରେ ଲିପିବଦ୍ଧ ରହିଛି।

(ଆଇନଜୀବୀ)
ଭଦ୍ରକ, ମୋ: ୯୪୩୭୧୨୮୮୪୧

# ଇଚ୍ଛାପତ୍ର: ବରିଷ୍ଠ ନାଗରିକଙ୍କ ସୁରକ୍ଷା କବଚ

ଅନନ୍ତ ଚରଣ ସ୍ୱାଇଁ

କିଛିବର୍ଷ ତଳେ ନିଜର ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ପୁଅ ନାଁରେ କରିଦେଲେ ଜଣେ ବିଶିଷ୍ଟ ଉଦ୍ୟୋଗପତି। ସମ୍ପତ୍ତି ହାତକୁ ଆସିବା ପରେ ପୁଅର ବ୍ୟବହାର ତାଙ୍କ ବୃଦ୍ଧ ପିତାଙ୍କ ପ୍ରତି ସମ୍ପୂର୍ଣ୍ଣ ବଦଳି ଗଲା। ବୃଦ୍ଧ ଜଣଙ୍କ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲେ ଯେ ତାଙ୍କ ଗେହ୍ଲା, ଅଲିଅଳ ଓ ଏପର୍ଯ୍ୟନ୍ତ ଅତ୍ୟନ୍ତ ନିଜର ବୋଲି ଭାବୁଥିବା ପୁଅ ସମ୍ପତ୍ତି ପାଇବା ପରେ ତାଙ୍କୁ ଘରୁ ତଡ଼ିଦେବ। କୋଟିକୋଟି ଟଙ୍କା, କୋଠାବାଡ଼ି, ଅସୁମାରୀ ସମ୍ପତ୍ତି ଅର୍ଜନ କରିଥିବା ବ୍ୟକ୍ତିଜଣଙ୍କ ପରିଣତ ବୟସରେ ଗୋଟିଏ ଛୋଟ ଭଡ଼ା ଘରେ ଏବେ ସେ ଅଭାବ ଅନଟନରେ ଦିନ କାଟୁଛନ୍ତି। ଆଉ ଏକ ଘଟଣା। ନିକଟରେ ଜଣେ ପ୍ରତିଷ୍ଠିତ ଧନୀ ବ୍ୟବସାୟୀଙ୍କ ହୃଦଘାତରେ ମୃତ୍ୟୁ ହେଲା। ସେ ଥିଲେ ଅବିବାହିତ। ଛାଡ଼ି ଯାଇଥିଲେ ଅଚଳାଚଳ ସମ୍ପତ୍ତି। ସେହି ସମ୍ପତ୍ତି ପାଇବା ପାଇଁ ତାଙ୍କ ନିକଟ ସମ୍ପର୍କୀୟ ଏବଂ କିଛି ସହକର୍ମୀଙ୍କ ମଧ୍ୟରେ କଳହ ଚରମସୀମାରେ ପହଞ୍ଚିଛି।

ସମାଜରେ ଏପରି ଅନେକ ଘଟଣା ନିତିଦିନ ଘଟୁଛି। ସେଥିରୁ କେତେକ ଲୋକଲୋଚନକୁ ଆସୁଛି ଏବଂ ଆଉ କେତେକ ଘଟଣାକୁ ଲୋକଲଜ୍ଜାରୁ ବଞ୍ଚିବା ପାଇଁ ଚପାଇ ଦିଆଯାଉଛି। ମୁଣ୍ଡ ଝାଳ ତୁଣ୍ଡରେ ମାରି, ଦିନରାତି ପରିଶ୍ରମ କରି ଧନସମ୍ପତ୍ତି ଅର୍ଜନ କରିବା ପଛର ଉଦ୍ଦେଶ୍ୟ ହେଉଛି, କିପରି ନିଜ ପରିବାର ସୁଖରେ ରହିବେ। କିନ୍ତୁ ଦେହାନ୍ତ ପରେ ଦିନେ ସେହି ଧନ ସମ୍ପତ୍ତିର ଭାଗ ବଣ୍ଟା ଉତ୍ତରାଧିକାରୀଙ୍କ ମଧ୍ୟରେ ମନାନ୍ତର, ମତାନ୍ତର ଓ କଳହ ସୃଷ୍ଟିର କାରଣ ହେବ, ଏହି କଥା ସେତେବେଳେ କେହି ଭାବି ନଥା'ନ୍ତି। ସମ୍ପତ୍ତି ଭାଗବଣ୍ଟାକୁ ନେଇ କଳହ କେବଳ ବିତ୍ତଶାଳୀଙ୍କ ଭିତରେ ସୀମିତ ନଥାଏ। ଏପରି ସ୍ଥିତିରେ ନିଜର ସୁରକ୍ଷା ପାଇଁ 'ଇଚ୍ଛାପତ୍ର' ବହୁତ ସହାୟକ ହୋଇଥାଏ। ଜୀବିତାବସ୍ଥାରେ ସ୍ୱଅର୍ଜିତ ସମ୍ପତ୍ତିର ସୁରକ୍ଷା, ସୁପରିଚାଳନା ଓ ମୃତ୍ୟୁ ପରେ ସେସବୁର ଉତ୍ତରାଧିକାରୀଙ୍କ ମଧ୍ୟରେ ବଣ୍ଟନର ସୁବ୍ୟବସ୍ଥା କରିବା ହେଉଛି ଇଚ୍ଛାପତ୍ରର ଲକ୍ଷ୍ୟ। ବିଶେଷକରି ବରିଷ୍ଠ ନାଗରିକମାନେ ନିଜ ଅର୍ଜିତ ଧନ ସମ୍ପତ୍ତି ଭୋଗ କରିବା ଅଧିକାରରୁ ବଞ୍ଚିତ ନହେବା ଏବଂ ଜୀବନକୁ ସରସ କରିବା ପାଇଁ ଇଚ୍ଛାପତ୍ର ହେଉଛି ଏକ ସୁରକ୍ଷିତ ଆୟୁଧ।

ଇଚ୍ଛାପତ୍ର (ୱିଲ୍‌) ହେଉଛି ଏକ ଆଇନଗତ ଦଲିଲ୍‌। ଏଥିରେ ଜଣେ ବ୍ୟକ୍ତି ନିଜ ସମ୍ପତ୍ତି ଅଧିକାର ତାଙ୍କ ଦେହାନ୍ତ ପରେ କାହାକୁ ଏବଂ କେମିତି ବଣ୍ଟନ କରାଯିବ ସେ ବିଷୟରେ ସବିଶେଷ ଲିପିବଦ୍ଧ ହୋଇଥାଏ। ଭାରତରେ ଇଚ୍ଛାପତ୍ର ବ୍ୟବସ୍ଥାକୁ ଇଣ୍ଡିଆନ ସକ୍ସେସନ ଆକ୍ଟ -୧୯୨୫, ହିନ୍ଦୁ ସକ୍ସେସନ ଆକ୍ଟ-୧୯୫୬, ହିନ୍ଦୁ ସକ୍ସେସନ( ଆମେଣ୍ଡମେଣ୍ଟ) ଆକ୍ଟ-୨୦୦୫, ମୁସଲିମ ପରସନାଲ ଲ'(ସରିଆତ) ଆପ୍ଲିକେସନ ଆକ୍ଟ-୧୯୩୭ ଅନୁସାରେ ପରିଚାଳିତ କରାଯାଏ। ଇଚ୍ଛାପତ୍ରର ବୈଧତା ସ୍ପଷ୍ଟ କରିବା ପାଇଁ କେତେକ ସ୍ଥାନରେ 'ପ୍ରୋବେଟ' ଉପରେ ନିର୍ଭର କରାଯାଏ। 'ପ୍ରୋବେଟ୍‌' ହେଉଛି ଏକ ଆଇନଗତ ପ୍ରକ୍ରିୟା, ଯାହା ମାଧ୍ୟମରେ ମରଣୋତ୍ତର ଜଣେ ବ୍ୟକ୍ତିର ଇଚ୍ଛାପତ୍ର ନ୍ୟାୟାଧୀଶଙ୍କ ଦ୍ୱାରା ସ୍ୱୀକୃତି ପାଇଥାଏ। ଯଦି କୌଣସି ବ୍ୟକ୍ତି ଇଚ୍ଛାପତ୍ର ନ ଲେଖି ଇହଲୋକ ତ୍ୟାଗ କରନ୍ତି, ତାହାକୁ 'ଇନ୍‌ଟେଷ୍ଟେଟ୍‌ ମୃତ୍ୟୁ' କୁହାଯାଏ। ଏହି ପରିସ୍ଥିତିରେ, ତାଙ୍କ ସମ୍ପତ୍ତି କିପରି ଭାଗବଣ୍ଟା ହେବ ତାହା ଦେଶର 'ଉତ୍ତରାଧିକାର ଆଇନ' ଅନୁଯାୟୀ ନ୍ୟାୟାଳୟ ନିଷ୍ପତ୍ତି ନେଇଥାଏ।

ଅଭିଜ୍ଞ ଓକିଲ, ଚାର୍ଟର୍ଡ ଆକାଉଟାଣ୍ଟ କିମ୍ବା ଦକ୍ଷ ଆର୍ଥିକ ପରାମର୍ଶଦାତାଙ୍କ ପରାମର୍ଶ ନେଇ ଇଚ୍ଛାପତ୍ର ପ୍ରସ୍ତୁତ କରା ଯାଇପାରିବ। ଇଚ୍ଛାପତ୍ର ଲେଖିବା ସମୟରେ ଲେଖୁଥିବା ବ୍ୟକ୍ତିର ବୟସ ଅଠର କିମ୍ବା ତଦୂର୍ଦ୍ଧ୍ୱ ହେବା ସହ ମାନସିକ ସ୍ଥିତି ଭଲ ଥିବା ଦରକାର। ଦଲିଲରେ ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ, କିଏ କେତେ ସମ୍ପତ୍ତି କେଉଁଠି ଓ କେତେବେଳେ ପାଇବ ସେ ସବୁର ସ୍ପଷ୍ଟ ଉଲ୍ଲେଖ କରିବାକୁ ପଡ଼ିଥାଏ। ଇଚ୍ଛାପତ୍ରରେ ଅତିକମ୍‌ରେ ଦୁଇଜଣ ସାକ୍ଷୀଙ୍କ ଦସ୍ତଖତ ଥିବା ଦରକାର, ଯାହାକି ଏହାର ବୈଧତା ସୁନିଶ୍ଚିତ କରିଥାଏ। ଇଚ୍ଛାପତ୍ରକୁ ନୋଟାରାଇଜ ବା ପଞ୍ଜିକୃତ କରିବାରେ କୌଣସି ବାଧ୍ୟବାଧକତା ନାହିଁ। ପଞ୍ଜିକୃତ କଲେ ଦଲିଲର ଆଇନଗତ ବୈଧତା ବୃଦ୍ଧି ପାଏ।

ଇଚ୍ଛାପତ୍ର ପ୍ରସ୍ତୁତ କରିବାର କିଛି ନିର୍ଦ୍ଦିଷ୍ଟ ସମୟ ନାହିଁ। ଏହା ବ୍ୟକ୍ତିର ବ୍ୟକ୍ତିଗତ ନିଷ୍ପତ୍ତି। ତେବେ ବିବାହ ସମୟ, ପିଲାଙ୍କ ଜନ୍ମ, ବ୍ୟବସାୟର ପ୍ରାରମ୍ଭ, ସମ୍ପତ୍ତି କ୍ରୟ ବା ଉତ୍ତରାଧିକାରୀ ରୂପେ ସମ୍ପତ୍ତି ଅଧିଗ୍ରହଣ ହେଉଛି ଇଚ୍ଛାପତ୍ର କରିବାର ପ୍ରକୃଷ୍ଟ ସମୟ। ନିଜର ସ୍ୱାସ୍ଥ୍ୟ ସେବା ଜନିତ ଖର୍ଚ୍ଚକୁ ଯୋଜନାରେ ଅନ୍ତର୍ଭୁକ୍ତ କରିବା ଦରକାର। ତେବେ ନିଜକୁ ସୁହାଇବା ଭଳି ଜୀବନକାଳରେ ଇଚ୍ଛାପତ୍ରକୁ କେବେ ମଧ୍ୟ ରଦ୍ଦ ବା ପରିବର୍ତ୍ତନ କରିହେବ।

ଇଚ୍ଛାପତ୍ରରେ ଜଣେ ନିର୍ବାହକଙ୍କ ନାମ ଉଲ୍ଲେଖ ଥାଏ। ବ୍ୟକ୍ତିର ଦେହାନ୍ତ ପରେ ତା' ଇଚ୍ଛାପତ୍ରରେ ଉଲ୍ଲେଖ ଥିବା ତଥ୍ୟାନୁସାରେ ନିର୍ବାହକ କାର୍ଯ୍ୟ ସମ୍ପାଦନ କରିଥାଏ। ବ୍ୟକ୍ତିର ପରିବାର ପ୍ରତି ନୈତିକ ଦାୟିତ୍ୱ ଥାଏ। କୋଣସି କାରଣରୁ ତା'ର ହଠାତ ମୃତ୍ୟୁ ହେଲେ ପରିବାର ଉପରେ ଦୁଃଖ ମାଡ଼ିଆସେ। ପରିବାର କିମ୍ବା ପରିବାରରେ ଥିବା ନାବାଳକ ପିଲାଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ଆନୁସଂଗିକ ଖର୍ଚ୍ଚର ପ୍ରାବଧାନ ଇଚ୍ଛାପତ୍ରରେ ଥିଲେ ବ୍ୟକ୍ତିର ଅସମୟରେ ଦେହାନ୍ତ ହେଲେ ମଧ୍ୟ ଉତ୍ତରାଧିକାରୀମାନେ ଆର୍ଥିକ ଅସୁବିଧାରେ ପଡ଼ି ନ ଥା'ନ୍ତି।

ବ୍ୟକ୍ତିର ନିଜ ଧନ ସମ୍ପତ୍ତି ଉପରେ ସମ୍ପୂର୍ଣ୍ଣ ଅଧିକାର ଥାଏ। ବଞ୍ଚିବା ଅବସ୍ଥାରେ ଏହି ସମ୍ପତ୍ତି ଅନ୍ୟମାନଙ୍କ ପାଖକୁ ଚାଲିଗଲେ ବ୍ୟକ୍ତି ନିଜର ଅଧିକାର ହରାଇ ବସେ। ଭରଣପୋଷଣ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଖର୍ଚ୍ଚ ପାଇଁ ଅନ୍ୟମାନଙ୍କ ଉପରେ ନିର୍ଭର କରିବାକୁ ପଡ଼େ। ଅନେକ ସଂସ୍କାରୀ ସନ୍ତାନ ବୃଦ୍ଧାବସ୍ଥାରେ ପିତାମାତାଙ୍କ ଯତ୍ନ ନେଇଥା'ନ୍ତି, ସମ୍ପତ୍ତି ପାଇବାର ଲାଳସା ସେମାନଙ୍କର ନଥାଏ। ଘରେ ଥାଏ ଏକ ସକାରାତ୍ମକ ପରିବେଶ। ଉତ୍ତରାଧିକାରୀଙ୍କ ମଧ୍ୟରେ ଉତ୍ତମ ସହଯୋଗ, ସହାନୁଭୂତି ମନୋଭାବ ଥିଲେ ଇଚ୍ଛାପତ୍ର ଦ୍ୱାରା ବ୍ୟକ୍ତିର ମରଣୋତ୍ତର ସମ୍ପତ୍ତି ବଣ୍ଟନ ପ୍ରକ୍ରିୟା ସହଜରେ ସଂଗଠିତ ହୋଇଥାଏ।

(ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ)
ଭୁବନେଶ୍ୱର, ମୋ: ୭୩୮୧୦୪୬୪୭୭

# ଆମ ବୃକ୍ଷଲତା ଆମ ଜୀବନ

## କମଳାଗୁଣ୍ଡି

ପ୍ରକୃତି-ପରିବେଶ

ସୌଭାଗ୍ୟସୁନ୍ଦର

କମଳାଗୁଣ୍ଡି ଏକ ସାଧାରଣ ବହୁବର୍ଷୀୟ ଉଦ୍ଭିଦ, ଯାହା ସାରା ଭାରତ ସମେତ ଆଫଗାନିସ୍ତାନ, ଶ୍ରୀଲଙ୍କା, ମାଲେସିଆ, ଚୀନ୍‌, ଫିଲିପାଇନ୍ସ ଓ ଅନ୍ୟାନ୍ୟ ଦକ୍ଷିଣ-ପୂର୍ବ ଏସୀୟ ଦେଶ ଏବଂ ଅଷ୍ଟ୍ରେଲିଆରେ ଦେଖାଯାଏ। ଏହା ତୁଷାରପାତ ଓ ମରୁଡ଼ି ପ୍ରତିରୋଧୀ। କମଳାଗୁଣ୍ଡିକୁ ବିଭିନ୍ନ ଅଞ୍ଚଳରେ କପିଳଗୁଣ୍ଡି, ପାଟଗୁଣ୍ଡା, କୁଙ୍କୁମ ନାମରେ ମଧ୍ୟ ପରିଚିତ।

ପ୍ରାୟ ୧୦ରୁ ୨୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିପାରୁଥିବା କମଳାଗୁଣ୍ଡିର ଗଣ୍ଡି ୪୦ ସେମି ବ୍ୟାସ ବିଶିଷ୍ଟ। ଛାଲି ମସୃଣ କିମ୍ବା କୁଞ୍ଚିତ, ଧୂସର ରଙ୍ଗର। ଛୋଟ ଶାଖାଗୁଡ଼ିକ ଛୋଟ କେଶ ସହିତ ଆଚ୍ଛାଦିତ ଥାଏ। ପତ୍ରଗୁଡ଼ିକ ସରଳ, ଚମଡ଼ା ଭଳି, ବିକଳ୍ପ ଭାବରେ ସଜା ଯାଇଥିବା ଅଣ୍ଡାକାର କିମ୍ବା ଚତୁର୍ଭୁଜାକାର, ଲୋମଶ -ମଖମଲ, ୪ ରୁ ୧୨ ସେମି ଲମ୍ବା, ୨ ରୁ ୭ ସେମି ଚଉଡ଼ା। ପତ୍ରଗୁଡ଼ିକ ମୂଳରୁ ୩ ଶିରା ବିଶିଷ୍ଟ। ମାର୍ଚ୍ଚରୁ ଏପ୍ରିଲ ପର୍ଯ୍ୟନ୍ତ ଫୁଲ ଫୁଟେ ଏବଂ ଜୁଲାଇ-ଅଗଷ୍ଟରେ ଫଳ ପାଚିଥାଏ। ଏଥିରେ ପିମ୍ପୁଡ଼ିଙ୍କୁ ଆକର୍ଷିତ କରୁଥିବା ଅତିରିକ୍ତ ଫୁଲର ଅମୃତ ଥାଏ। ଫଳ ଏକ ତିନିଫାଳିଆ ଅଣ୍ଡାକୃତି, ପ୍ରଚୁର କମଳା କିମ୍ବା ଲାଲ ଗ୍ରନ୍ଥ ଦାନା ସହିତ କଳା ରଙ୍ଗର ୩ବୀଜ ଓ ୪ ମିମି ବ୍ୟାସ ବିଶିଷ୍ଟ।

ଏହି ଉଦ୍ଭିଦଟି ପାରମ୍ପରିକ ଭାବରେ ଫାଇଲେରିଆଲ୍‌, ଆଣ୍ଟିବ୍ୟାକ୍ଟେରିଆଲ୍‌, ଆଣ୍ଟି-ଇନ୍‌ଫ୍ଲେମାଟୋରୀ, ଆଣ୍ଟି-ଏଚ୍‌ଆଇଭି ଏବଂ ଇମ୍ୟୁନିଏଟ୍‌-ନିୟନ୍ତ୍ରକ, ପ୍ୟୁଗେଟିଭ୍‌, ଆନ୍ଥେଲମିଣ୍ଟିକ୍‌, ଡିଟରଜେଣ୍ଟ, କାର୍ମିନେଟିଭ୍‌, ଆଲେକ୍ସିଟେରିକ ଭାବେ ବ୍ୟବହୃତ ହୁଏ। ଶ୍ୱାସରୋଗ୍‌, ପେଟ ରୋଗ, ପ୍ଲୀହା ବୃଦ୍ଧି, ପେଟ ଘା', କୃମି, ଚର୍ମରୋଗ, ଆଣ୍ଟିମାଇକ୍ରୋବାୟଲ୍‌, ଆଣ୍ଟିପାରାସାଇଟିକ୍‌ ଇତ୍ୟାଦି ଚିକିତ୍ସାରେ ଏହା ଉପଯୋଗୀ। ଆୟୁର୍ବେଦ ଅନୁସାରେ, ପତ୍ରଗୁଡ଼ିକ ତିକ୍ତ, ଶୀତଳ ଓ ଭୋକବର୍ଦ୍ଧକ। ଏହାକୁ ମୌଖିକ ଗର୍ଭ ନିରୋଧକ ଭାବରେ ଏବଂ ତେଲକୁ କେଶ-ନିର୍ଦ୍ଦିଷ୍ଟକ ଭାବରେ ବ୍ୟବହାର କରାଯାଏ। ବିହନରୁ ତିଆରି ପିଠାକୁ ଜୈବ ସାର ଭାବରେ ବ୍ୟବହାର କରାଯାଏ। ଉଦ୍ଭିଦର ବିଭିନ୍ନ ଅଂଶରେ ଥିବା ଫାଇଟୋକେମିକାଲ୍ସରେ ବିଭିନ୍ନ ପ୍ରାକୃତିକ ଜୈବିକ ଉପାଦାନ, ଯଥା ଫେନୋଲ୍ସ, ଡାଇଟରପେନୋଇଡ୍ସ, ଷ୍ଟେରଏଡ୍ସ, ଫ୍ଲାଭୋନୋଇଡ୍ସ, କାର୍ଡେନୋଲାଇଡ୍ସ, ଟ୍ରାଇଟରପେନୋଇଡ୍ସ, କୁମାରିନ, ଆଇସୋକୋମାରିନ୍ସ, ଆଣ୍ଟିଅକ୍ସିଡାଣ୍ଟ କାରକ ଟାନିନ୍‌, ଅଣସାଚୁରାଇଜଡ୍‌ ଫ୍ୟାଟି ଏସିଡ୍‌ ବା ଟ୍ରିପଲିଅନସାଚୁରାଡ୍‌ ହାଇଡ୍ରୋକ୍ସି ଏସିଡ୍‌ କାମଲୋଲେନିକ୍‌ ଏସିଡ୍‌, ଗ୍ଲିସେରାଇଡ, ରୋଟଲେରିନ୍‌, ଆଇସୋରୋଟଲେରିନ୍‌ ଆଦି ଭରପୂର ରହିଛି। ମାଲୋଟୋକ୍ସିନ୍‌ ଓ ରୋଟଲେରିନ୍‌ କର୍କଟ ଉପଚାର କେମୋଥେରାପିରେ ଉପଯୋଗ ହେବାର ଯଥେଷ୍ଟ ସମ୍ଭାବନା ରହିଛି।

ପରିପକ୍ୱ ଫଳଗୁଡ଼ିକ ଲାଲ ବାଦାମୀ ପାଉଡର ପଦାର୍ଥରେ ଆଚ୍ଛାଦିତ ହୋଇଥାଏ, ଯାହା ହାତରେ ଫଳଗୁଡ଼ିକୁ ହଲାଇ ଏବଂ ଘଷି କପଡ଼ାରେ ସଂଗ୍ରହ କରାଯାଏ। ସଂଗୃହୀତ ପଦାର୍ଥ ସୂକ୍ଷ୍ମ, ଦାନାଦାର ପାଉଡର, ଅଦ୍ରବଣୀୟ ହୋଇଥିବାରୁ ପାଣିରେ ଭାସମାନ ରହିଥାଏ। ଏହା ଫୁଟୁଥିବା ପାଣିରେ ସାମାନ୍ୟ ଦ୍ରବଣୀୟ, କିନ୍ତୁ ଇଥର ଓ ଆଲକାହୋଲରେ ଯଥେଷ୍ଟ ଦ୍ରବଣୀୟ ଏବଂ ଗଭୀର-ଲାଲ ଦ୍ରବଣ ଗଠନ କରେ। ଏହାର ମୁଖ୍ୟ ରଙ୍ଗ ଉପାଦାନ ହେଉଛି ରୋଟଲେରିନ୍‌, ଆଇସୋରୋଟଲେରିନ୍‌, ଯାହା ରେଶମ, ପଶମ, ଖାଦ୍ୟ ଓ ପାନୀୟ ପଦାର୍ଥ ରଙ୍ଗକୁ ରଙ୍ଗ କରିବା ପାଇଁ ଉପଯୁକ୍ତ ଉତ୍ପାଦନ ଏବଂ କସମେଟିକ୍‌ ପ୍ରସାଧନ ପ୍ରସ୍ତୁତ ପାଇଁ ବ୍ୟବହୃତ ହୁଏ।

ଏହାର କାଠ ହାଲୁକା ଓ ଶକ୍ତ ଥିବାରୁ କୃଷି ଉପକରଣ, ଆସବାବ ନିର୍ମାଣ, କାଗଜ ପଲ୍ପ ବା ମଣ୍ଡ ପାଇଁ ଉପଯୋଗୀ। ଶୁଖିଲା ବିହନକୁ ୬ ମାସ ପର୍ଯ୍ୟନ୍ତ ଶୁଖିଲା ସ୍ଥାନରେ ଅଖା ବା ଗନି ବ୍ୟାଗରେ କିମ୍ବା ଟିଣରେ ସଂରକ୍ଷଣ କରାଯାଇପାରିବ। ଏହାକୁ ବର୍ଷା ଋତୁ ଆରମ୍ଭରେ ବିହନ ଭାବରେ ବୁଣା ଯାଇପାରିବ। ଗଛର ମୂଳରୁ ମଧ୍ୟ ଆପେ ନୂତନ ଚାରା ଗଛ ମୁକ୍ତ ଭାବରେ ଉତ୍ପନ୍ନ ହୋଇ ବଂଶ ବିସ୍ତାର ହୁଏ। ବହୁମୁଖୀ ଗୁଣ ପାଇଁ ଏହି ଜଙ୍ଗଲୀ ଗଛର ସଂରକ୍ଷଣ ଜରୁରୀ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ପଞ୍ଚରିଡ଼ା ବନପାଳ ହତ୍ୟା ମାମଲା**

# ଜେଲ୍ ଗଲେ ପତ୍ନୀ, ପୁଅ

## ସିନ୍ ରିକ୍ରିଏସନ୍ ପରେ ଘର ସିଲ୍



ନୟାଗଡ଼,୧।୬(ସମିସ): ନୟାଗଡ଼ ଜିଲ୍ଲା ପଞ୍ଚରିଡ଼ା ବନପାଳ ଶିଶିର କୁମାର ସାହୁଙ୍କୁ ପିଟିପିଟି ହତ୍ୟା କରିବା ପରେ ଘରେ ନିଆଁ ଲଗାଇ ଜାଳିଦେବା ଘଟଣାରେ ପୁଲିସ୍ ଆଜି ତାଙ୍କ ସ୍ତ୍ରୀ ନମିତା ସାହୁ ଓ ପୁଅ ଅଭିଷେକ ରଣସିଂଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ କାରାଗାରକୁ ପଠାଇ ଦିଆଯାଇଛି। ଏହାସହ ହତ୍ୟାକାଣ୍ଡ ଘଟିଥିବା ଘରକୁ ପୁଲିସ ସିଲ୍ କରିଦେଇଛି। ପୁଲିସ୍ ଆଜି ପେଟ୍ରୋଲ ଅଣାଯାଇଥିବା ଜାରକିନ୍, ଲୁହା ପାଇପ୍ ଓ ହତ୍ୟାରେ ବ୍ୟବହୃତ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଏହାସହ ଘରେ ଲାଗିଥିବା ସିସିଟିଭି ହାର୍ଡଡିସ୍କକୁ ପୁଲିସ୍ ଜବତ କରିଥିବା ସୂଚନା ମିଳିଛି। ନୟାଗଡ଼ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ ଏବଂ ଟାଉନ୍ ଥାନାଧିକାରୀ ରଶ୍ମିରଞ୍ଜନ ସାହୁ ସଦଳବଳେ ଦୁଇ ଅଭିଯୁକ୍ତଙ୍କୁ ନେଇ ସିନ୍-ରିକ୍ରିଏସନ୍ କରାଇଛନ୍ତି।

ଶୁକ୍ରବାର ପଞ୍ଚରିଡ଼ା ବନାଞ୍ଚଳ ଗୋଚ୍ଛା ସଂରକ୍ଷିତ ଜଙ୍ଗଲରେ ଶିକାରୀ ଗୁଳିରେ ଶିକାରୀଙ୍କ ମୃତ୍ୟୁ ଘଟିଥିଲା। ଏହି କାର୍ଯ୍ୟରେ ବନପାଳ ଶିଶିର ଦିନତମାମ ବ୍ୟସ୍ତ ରହିବା ସହ ରାତି ୧୨ଟାରେ ଘରକୁ ଫେରିଥିଲେ। ଫେରିବା ସମୟରେ ସେ ପ୍ରଚୁର ମଦ୍ୟପାନ କରିଥିଲେ। ପରେ ସ୍ତ୍ରୀ ଓ ପୁଅଙ୍କ ସହ ତାଙ୍କର ବଚସା ହୋଇଥିଲା। ଶିଶିରଙ୍କୁ ତାଙ୍କ ପୁଅ ଲୁହାରଡ୍‌ରେ ମାଡ଼ ମାରିଥିଲେ। ସେ ତଳେ ପଡ଼ିଯିବା ପରେ ପତ୍ନୀ ବାଲଟି ଓ ମଗରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଦେହରୁ ନିଆଁ ଲିଭାଇବା ପାଇଁ ଶିଶିର ପାଣି ଢାଳି ହୋଇଥିଲେ। ମାତ୍ର ନିଆଁ ଲିଭିବା ବଦଳରେ ଆହୁରି ଜୋରରେ ଜଳିଥିଲା। ସେ ଚିତ୍କାର କରି ଏପଟ ସେପଟ ହୋଇ ବେଡ୍ ଉପରେ ଟଳିପଡ଼ିଥିବା ପୁଅ ଅଭିଷେକ ଆଜି ପୁଲିସ ଆଗରେ ସ୍ୱୀକାର କରିଛି। ଏହାସହ ପ୍ରମାଣ ନଷ୍ଟ ପାଇଁ ଘରର ଆସବାବପତ୍ର ଓ ଏକ ସ୍କୁଟି ଉପରେ ପେଟ୍ରୋଲ ପକାଇ ନିଆଁ ଲଗାଇ ଦିଆଯାଇଥିଲା। ଏହି ଘଟଣାକୁ ନେଇ ଶିଶିରଙ୍କ ଭାଇ ଶରତ ସାହୁ ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ କରିବା ପରେ ପତ୍ନୀ ଓ ପୁଅ ହତ୍ୟାକାରୀ ବୋଲି ସ୍ପଷ୍ଟ ହୋଇଥିଲା।

ଶିଶିର ଦୀର୍ଘ ଦିନ ଧରି ଜଣେ ମହିଳା ବନରକ୍ଷୀଙ୍କ ସହ ପ୍ରେମସମ୍ପର୍କରେ ରହିଥିଲେ। ଯାହାକୁ ନେଇ ସେ ନିଜ ପରିବାରକୁ ଅଣଦେଖା କରୁଥିଲେ। ସ୍ତ୍ରୀଙ୍କୁ ଶାରୀରିକ ନିର୍ଯାତନା ମଧ୍ୟ ଦେଉଥିଲେ। ପୁଅ ଓ ସ୍ତ୍ରୀ ଏହି ପରକୀୟାପ୍ରୀତିକୁ ବିରୋଧ କରିବାରୁ ଘରେ ଅନେକଥର ଗଣ୍ଡଗୋଳ ଘଟିଥିଲା ଏବଂ ପରେ ପରିବାରକୁ ଛାରଖାର କରିଦେଇଥିଲା।

**ବର୍ଷପୂର୍ତ୍ତି ପାଇଁ ବ୍ୟସ୍ତ ସରକାର**

# ରଜ ପରେ ଚାଷୀଙ୍କୁ ମିଳିବ ବିହନ!

ଭୁବନେଶ୍ୱର, ୧।୬(ସମିସ): ବର୍ଷା ଆସିବା ପୂର୍ବରୁ କ୍ଷେତ ସଜ କରି ଚାଷୀ ଧାନ ବିହନକୁ ଚାହିଁ ବସିଛି, ମାତ୍ର ବିହନ ମିଳୁନାହିଁ। ସମବାୟ ସମିତିକୁ ସରକାରୀ ବିହନ ଆସିନାହିଁ, ବଜାରରେ ମଧ୍ୟ ଆବଶ୍ୟକ ମୁତାବକ ବିହନ ନାହିଁ। ଯେଉଁ ଚାଷୀମାନେ ବିହନ ଗଚ୍ଛିତ କରି ରଖିଛନ୍ତି, ସେମାନେ ଚାଷବାସ କାମ ଆରମ୍ଭ କରିଛନ୍ତି; ଅନ୍ୟ ଚାଷୀମାନେ ସରକାରୀ ବିହନକୁ ଅପେକ୍ଷା କରି ମୁଣ୍ଡରେ ହାତ ଦେଇ ବସିଛନ୍ତି। ଚଳିତବର୍ଷ ଖରିଫ୍‌ରେ ୫୮.୫୦ ଲକ୍ଷ ହେକ୍ଟର ଜମିରେ ଚାଷ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ମାତ୍ର ବିହନ ବଣ୍ଟନରେ ବିଳମ୍ବ ଏହି ଲକ୍ଷ୍ୟ ପୂରଣ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି।

ଉପକୂଳ ଓଡ଼ିଶାର ଖୋର୍ଦ୍ଧା, ପୁରୀ, ଜଗତସିଂହପୁର ଜିଲ୍ଲା ସମେତ ଅନ୍ୟାନ୍ୟ କେତେକ ସ୍ଥାନରେ ବିହନ ଯୋଗାଣରେ ଅଚଳାବସ୍ଥା ଚାଷୀଙ୍କ ମନରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ବିହନ ଅଭାବ ଯୋଗୁଁ କିଛି ଚାଷୀ ସରକାରୀ ପ୍ରମାଣିକ ବିହନ ବଦଳରେ ବଜାରରୁ ଅନ୍ୟ ବିହନ କିଣି ବୁଣିବାକୁ ମନ ବଳାଉଛନ୍ତି। ମାତ୍ର ଏହି ବିହନ କେତେ ଫଳପ୍ରଦ ହେବ ତାକୁ ନେଇ ଆଶାଆଶଙ୍କା ଭିତରେ ରହୁଛନ୍ତି। ପୁନଶ୍ଚ ସମବାୟ ବ୍ୟାଙ୍କଗୁଡ଼ିକ ବିହନ ଯୋଗାଣରେ ଟାଳଟୂଳ ନୀତି ଅବଲମ୍ବନ କରୁଛନ୍ତି। ପୂର୍ବ ବର୍ଷ ଭଳି ଚଳିତ ବର୍ଷ ସରକାର ସ୍ଥାନୀୟ ସମବାୟ ବ୍ୟାଙ୍କ ମାଧ୍ୟମରେ ବିହନ ବିକ୍ରି କରିବେ ବୋଲି ଘୋଷଣା କରିଥିଲେ ହେଁ ଏଯାବତ୍ ଚାଷୀଙ୍କ ପାଖରେ ବିହନ ପହଞ୍ଚି ପାରୁନି। ବିହନ ଆସିବାକୁ ଆହୁରି ୧୫ ଦିନ ଲାଗିବ ଓ ରଜ ପରେ ବିହନ ମିଳିଯିବ ବୋଲି ସମବାୟ ସମିତି ସମ୍ପାଦକମାନେ କହୁଥିବା ଅଭିଯୋଗ ହୋଇଛି।

**■ କ୍ଷେତ ହଳ କରି ବିହନକୁ ଚାହିଁଛି ଚାଷୀ**
**■ ସମବାୟ ସମିତିରେ ନାହିଁ ସରକାରୀ ବିହନ**

ଚାଷୀ ନେତା ବିଶ୍ୱମ୍ଭର ବେଉରିଆଙ୍କ ଅଭିଯୋଗ ଅନୁସାରେ ସମବାୟ ବ୍ୟାଙ୍କଗୁଡ଼ିକର ମନମାନି ଯୋଗୁଁ ଚାଷୀମାନେ ଆଜି ଏଭଳି ଦଶା ଭୋଗୁଛନ୍ତି। ଧାନ ମଣ୍ଡିବେଳକୁ ସମବାୟ ବ୍ୟାଙ୍କମାନେ ଯେତେ ତତ୍ପର, ବିହନ ବିକ୍ରି ପାଇଁ ସେତିକି ତତ୍ପରତା ନାହିଁ। ମଣ୍ଡିରେ କମିଶନ ଓ ଫାଇଦା ଥିବାରୁ ସମବାୟ ସମିତିମାନେ ସେଥିପ୍ରତି ଅଧିକ ମନ ବଳାଉଛନ୍ତି; କିନ୍ତୁ ବିହନ ବିକ୍ରିରେ କମ୍ ଲାଭ ଥିବାରୁ ସେ ଦିଗରେ ମୋଟେ ଧ୍ୟାନ ଦେଉନାହାନ୍ତି। ସମବାୟ ସମିତିଗୁଡ଼ିକ ଚାଷୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିହନ ଆଣୁନାହାନ୍ତି। ନିଜ ସୁବିଧା ଆଣି କିଛି ଖୋଲା ବଜାରରେ ଚଢ଼ା ଦରରେ ବିକ୍ରି କରିଦେଉଛନ୍ତି। ଜାଲିଆତି କରି ଚାଷୀଙ୍କ ନାଁରେ ଏହି ବିହନ ବିକ୍ରି ଉଲ୍ଲେଖ କରି ଦିଆଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି।

ଅପରପକ୍ଷେ ସମବାୟ ସମିତିର କିଛି ସମ୍ପାଦକ ଚାଷୀଙ୍କ ଏହି ଅଭିଯୋଗକୁ ସ୍ୱୀକାର କରିଥିଲେ ବି ବିହନ ନିଗମ ଓ କୃଷି ବିଭାଗ ଉପରକୁ ଦୋଷ ଠେଲି ସଫେଇ ଦେଇଛନ୍ତି। ବିହନ ବିକ୍ରି ନ ହୋଇ ବଳକା ରହିଗଲେ, ଫେରସ୍ତ ବ୍ୟବସ୍ଥା ନ ଥିବାରୁ ସମବାୟ ସମିତିଗୁଡ଼ିକ ଏହାପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି। ସେହିଭଳି ବହୁ ସମବାୟ ସମିତିରେ ଗୋଦାମ ନଥିବାରୁ ବିହନ ରଖିବା ସମସ୍ୟା ହେଉଛି ବୋଲି ସେମାନେ କହିଛନ୍ତି।

# ପେଟ୍ରୋଲ ପମ୍ପରୁ ଟ୍ରକ୍‌ଭର୍ତ୍ତି ବିସ୍ଫୋରକ ଜବତ

ରାଉରକେଲା, ୧।୬(ସମିସ): ମେ’ ୨୭ତାରିଖରେ ସୁନ୍ଦରଗଡ଼ ଜିଲ୍ଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ ପଥର ଖାଦାନକୁ ଯାଉଥିବା ବିସ୍ଫୋରକ ବୋଝେଇ ଗାଡ଼ି ଲୁଟ୍ ଘଟଣା ପୁଲିସ୍‌ର ନିଦ ହଜାଇ ଦେଇଥିବା ବେଳେ ରବିବାର ପୁଣି ବିପୁଳ ବିସ୍ଫୋରକ ବୋଝେଇ ଦୁଇଟି ମିନିଟ୍ରକ୍ ଦେଓଗାଁସ୍ଥିତ ରାଉରକେଲା ପେଟ୍ରୋଲ ପମ୍ପରୁ ଜବତ ହେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ବଡ଼ଗାଁ ଇତମାସ୍ଥିତ ବାରୁଦ ଗୋଦାମକୁ ପୁଲିସ୍ ସିଲ କରିଥିବା ବେଳେ ଉକ୍ତ ଗୋଦାମରୁ କିପରି ପୁଣି ବାରୁଦ ଆସିଲା, ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏହି ଘଟଣାରେ ପୁଲିସ୍ ଗୋଦାମ ମାଲିକ ଶ୍ରବଣ ଅଗ୍ରୱାଲଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନାଯୋଗ୍ୟ, ଗତ ୨୭ ତାରିଖ ଦିନ ୩୦ରୁ ୪୦ଜଣ ସଶସ୍ତ୍ର ମାଓବାଦୀ ସରଣ୍ଡା ଜଙ୍ଗଲରେ ଥିବା ବାଙ୍କୋ ଷ୍ଟୋନ୍ କ୍ୱାରୀ ନିକଟରୁ ୫ଟନ୍ ବୋଝେଇ ଏକ ମିନି ଟ୍ରକ୍‌କୁ ଲୁଟ୍ କରିବା ଘଟଣା ଓଡ଼ିଶା ଓ ଝାଡ଼ଖଣ୍ଡ ପୁଲିସ୍ ପାଇଁ ଚିନ୍ତାର ବିଷୟ ପାଲଟିଛି। ଏହି ଘଟଣା ପରେ ବଡ଼ଗାଁସ୍ଥିତ ଇତମାରେ ଥିବା ଶ୍ରବଣ ଅଗ୍ରୱାଲଙ୍କ ଲାଇସେନ୍ସପ୍ରାପ୍ତ ବିସ୍ଫୋରକ ଗୋଦାମକୁ ସିଲ୍ କରାଯାଇଥିଲା। ହେଲେ ରବିବାର ଉକ୍ତ ଗୋଦାମର ବିପୁଳ ବିସ୍ଫୋରକ ଦୁଇଟି ମିନି ଟ୍ରକ୍‌ରେ ଭର୍ତ୍ତି ହୋଇ ଦେଓଗାଁସ୍ଥିତ ରାଉରକେଲା ପେଟ୍ରୋଲ ପମ୍ପରେ ପାର୍କିଂ ହୋଇଥିବା ବେଳେ ରଘୁନାଥପାଲି ଥାନା ପୁଲିସ ଜବତ କରିଛି। ଦୁଇଟି ଗାଡ଼ିରୁ ପ୍ରାୟ ୧୧୬ ପ୍ୟାକେଟ୍ ଜିଲେଟିନ, ୪୧୬ ଡେଟୋନେଟର, ୧୫ ପେଟିରେ ୭୫୦ ମିଟର ତାର ଥିବା ସୂଚନା ମିଳିଛି। ଗାଡ଼ି ଦୁଇଟି କିଛି ଦିନ ହେଲା ପେଟ୍ରୋଲ ପମ୍ପରେ ପାର୍କିଂ ହୋଇଥିଲା। ଗୋଦାମ ସିଲ୍ ହେବା ଦିନଠାରୁ ବିସ୍ଫୋରକ ଗୋଦାମ ମାଲିକ ଶ୍ରବଣଙ୍କ ଉପରେ ପୁଲିସ ନଜର ରଖିଥିଲା। ଆଜି ଶ୍ରବଣ ପେଟ୍ରୋଲ ପମ୍ପରେ ପହଞ୍ଚିବା ପରେ ପୁଲିସ୍ ତାଙ୍କୁ ମାଡ଼ି ବସିଥିଲା।

**୨ଟି ମିନି ଟ୍ରକ୍‌ରେ ଥିଲା ୧୧୬ ପ୍ୟାକେଟ୍ ଜିଲେଟିନ, ୪୧୬ ଡେଟୋନେଟର**
**ବଡ଼ଗାଁ ଗୋଦାମ ସିଲ୍ ସତ୍ତ୍ୱେ ପୁଣି ବିସ୍ଫୋରକ ଚାଲାଣକୁ ନେଇ ପ୍ରଶ୍ନ**
**ମାଲିକକୁ ଅଟକ ରଖି ପଚରାଉଚରା**

ଜଣେ ବରିଷ୍ଠ ପୁଲିସ୍ ଅଧିକାରୀ କହିଛନ୍ତି, ଶ୍ରବଣଙ୍କ ଗୋଦାମ ସିଲ୍ ଥିଲେ ହେଁ ସେ ଏହି ଦୁଇଟି ଗାଡ଼ିରେ ବେଆଇନ ଭାବେ ବିସ୍ଫୋରକ ରଖିଥିଲେ। ପୁଲିସ୍ ଶ୍ରବଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଅପରପକ୍ଷେ, ଗୋଦାମ ସିଲ୍ ହେବା ଆଗରୁ ବିସ୍ଫୋରକ ଚାଲାଣ ହୋଇଥିଲା କି ସିଲ୍ ହେବା ପରେ ଚାଲାଣ ହୋଇଥିଲା, ତାହା ଜଣାପଡ଼ିନାହିଁ। କେଉଁ ଉଦ୍ଦେଶ୍ୟରେ ବିସ୍ଫୋରକ ପେଟ୍ରୋଲ ପମ୍ପଠାରେ ରଖାଯାଇଥିଲା, ସେନେଇ ପୁଲିସ୍ ତଦନ୍ତ ଆରମ୍ଭ କରିଛି। ଘଟଣାକୁ ନେଇ ପୁଲିସ ପକ୍ଷରୁ କୌଣସି ସଠିକ୍ ତଥ୍ୟ ଦିଆଯାଇନାହିଁ।

# ଓମ୍‌ଫେଡ୍‌ର ଏ-୨ କ୍ଷୀର ଓ ଘିଅ ବିକ୍ରି ଆରମ୍ଭ



ଭୁବନେଶ୍ୱର,୧।୬(ସମିସ): ବିଶ୍ୱ ଦୁଗ୍ଧ ଦିବସ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓମଫେଡ୍ ବାଲ୍ଟି ଦହି, ଏ-୨ ମିଲ୍କ, ଏ-୨ ଘିଅର ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନୂତନ ଗୋଶାଳା ପ୍ରତିଷ୍ଠା ଓ ପଞ୍ଜିକୃତ ଗୋଶାଳାକୁ ସହାୟତା ଲକ୍ଷ୍ୟରେ ସରକାର ୧୮୬ କୋଟି ଟଙ୍କା ବ୍ୟୟ ଅଟକଳରେ “ମୁଖ୍ୟମନ୍ତ୍ରୀ ପ୍ରାଣୀକଲ୍ୟାଣ ଯୋଜନା’ର ଶୁଭାରମ୍ଭ କରିଛନ୍ତି। ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଲୋକସେବା ଭବନ ସମ୍ମେଳନ କକ୍ଷଠାରେ ରାଜ୍ୟସ୍ତରୀୟ ବିଶ୍ୱ ଦୁଗ୍ଧ ଦିବସରେ ରାଜ୍ୟର ଓମ୍‌ଫେଡ୍ ଦୁଗ୍ଧ ଉତ୍ପାଦକମାନଙ୍କୁ ସରକାରଙ୍କ ତରଫରୁ ଲିଟର ପିଛା ୩ ଟଙ୍କା ଅଧିକ ଦାମ ଦିଆଯିବ ବୋଲି ଘୋଷଣା କରିଛନ୍ତି। ଏହା ସହିତ ଓମଫେଡ ଚାଷୀମାନଙ୍କୁ ଦୁର୍ଘଟଣା ଜନିତ ମୃତ୍ୟୁ ସହାୟତା ରାଶି ୧ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରକାଶ କରିଛନ୍ତି।

**ଶ୍ରୀମନ୍ଦିରରେ ଶୀତଳ ଷଷ୍ଠୀ**

# ଜଳକ୍ରୀଡ଼ା କଲେ ମହାପ୍ରଭୁ

ପୁରୀ,୧।୬(ସମିସ): ଜ୍ୟେଷ୍ଠ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ଶ୍ରୀମନ୍ଦିରରେ ରବିବାର ଶୀତଳ ଷଷ୍ଠୀ ପର୍ବ ପାଳିତ ହୋଇଯାଇଛି। ଏହି ଦିନ ସ୍ୱତନ୍ତ୍ର ନୀତିମାନ ଅନୁଷ୍ଠିତ ହୋଇଥିଲା। ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ପରେ ଦୋଳଗୋବିନ୍ଦ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ଖଟଶେଯ ଘରେ ବିଜେ ହୋଇଥିଲେ। ପରେ ଭିତରେ ମଇଲମ, ଆଳଟଲାଗି, ପଣାଲାଗି, ଚନ୍ଦନଲାଗି ଓ ବଡ଼ସିଂହାର ଭୋଗ ଶେଷ ହୋଇଥିଲା। ପଞ୍ଚମହାଦେବ (ଶ୍ରୀଯମେଶ୍ୱର, ଶ୍ରୀଲୋକନାଥ, ଶ୍ରୀମାର୍କଣ୍ଡେଶ୍ୱର, ଶ୍ରୀକପାଳମୋଚନ ଓ ଶ୍ରୀନୀଳକଣ୍ଠେଶ୍ୱର) ଆଜ୍ଞାମାଳ ପାଇନଥିବାରୁ ମହାପ୍ରଭୁଙ୍କ ପହୁଡ଼ ହୋଇନଥିଲା। ପଞ୍ଚମହାଦେବ ଆସି ଜଗମୋହନରେ ବିଜେ କରିଥିଲେ। ଏହି ସମୟରେ ପୂଜାପଣ୍ଡା ଶ୍ରୀଅଙ୍ଗରୁ ଆଜ୍ଞାମାଳ ଆଣି ସେମାନଙ୍କୁ ପ୍ରଦାନ କରିଥିଲେ। ପଞ୍ଚମହାଦେବ ମହାଲକ୍ଷ୍ମୀଙ୍କ ମନ୍ଦିରକୁ ଯିବା ପରେ ରୁନ୍ଧା ଫିଟିଥିଲା। ମହାଲକ୍ଷ୍ମୀଙ୍କ ଜଗମୋହନରେ ପଡ଼ିଥିବା ଖଟଶେଯ ଉପରେ ସେମାନେ ବିଜେ କରିଥିଲେ। ପୂର୍ବରୁ ଖଟଶେଯ ଘରେ ଥିବା ଦୋଳଗୋବିନ୍ଦଙ୍କୁ ପଞ୍ଚମହାଦେବଙ୍କ ନିକଟରେ ବିଜେ କରାଯାଇଥିଲା। ଏହାପରେ ସେଠାରେ ପାଣିପଡ଼ି ପୂଜା ଠା ହୋଇ ସରଘରୁ ଶୀତଳ ଭୋଗ ଛେକ ଆସିଥିଲା। ପ୍ରସାଦ ଲାଗି ହେବା ପରେ ସେଠାରେ ପଞ୍ଚୋପଚାର ବିଧିରେ ୧୧ ପନ୍ତି ଭୋଗ ମଣୋହୀ କରାଯାଇଥିଲା। ବନ୍ଦାପନା ହୋଇ ଦୋଳଗୋବିନ୍ଦ ଦକ୍ଷିଣୀ ଘରକୁ ବାହୁଡ଼ା ବିଜେ କରିଥିଲେ। ଏହାକୁ ପଞ୍ଚମହାଦେବଙ୍କର ଶ୍ରୀମନ୍ଦିରରେ ପଞ୍ଚୁଗ୍ରାସୀ କୁହାଯାଏ। ହରିହର ଉପାସନାର ଏହା ଏକ ଅନନ୍ୟ ଉଦାହରଣ। ଏଥିସହ ଶୀତଳଷଷ୍ଠୀ ଅବସରରେ ରବିବାର ମହାପ୍ରଭୁଙ୍କ ଜଳକ୍ରୀଡ଼ା ନୀତି ମଧ୍ୟ ଅନୁଷ୍ଠିତ ହୋଇଛି।

## ଛାତ୍ରଛାତ୍ରୀଙ୍କ ଯାତାୟାତକୁ ସଂପୂର୍ଣ୍ଣ ମାଗଣା କରାଯାଉ: ଛାତ୍ର କଂଗ୍ରେସ

ଭୁବନେଶ୍ୱର,୧।୬(ସମିସ): ସରକାରୀ ପରିବହନ ସେବାରେ ଛାତ୍ରଛାତ୍ରୀଙ୍କ ପାଇଁ ବସ୍ ସେବା ସଂପୂର୍ଣ୍ଣ ମାଗଣା କରାଯିବା ସହ ବେସରକାରୀ କ୍ଷେତ୍ରରେ ୫୦ ପ୍ରତିଶତ ରିହାତିର ବ୍ୟବସ୍ଥା କରିବାକୁ ଛାତ୍ର କଂଗ୍ରେସ ଦାବି କରିଛି। ଆସନ୍ତା ଜୁନ୍ ୧୦ ତାରିଖ ଭିତରେ ଏହାକୁ କାର୍ଯ୍ୟକାରୀ କରିବାକୁ ଛାତ୍ର କଂଗ୍ରେସ ପକ୍ଷରୁ ରାଜ୍ୟ ସରକାରଙ୍କ ପାଖରେ ଏଭଳି ଦାବି ରଖାଯାଇଛି। ନଚେତ୍ ରାଜ୍ୟର କୋଣ ଅନୁକୋଣରେ ଛାତ୍ର କଂଗ୍ରେସ ପକ୍ଷରୁ ଜୋରଦାର୍ ବିକ୍ଷୋଭ କରାଯିବ ବୋଲି ଛାତ୍ର କଂଗ୍ରେସ ସଭାପତି ଉଦିତ ନାରାୟଣ ପ୍ରଧାନ କହିଛନ୍ତି। ଏ ସଂପର୍କରେ ଗତକାଲି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜ, ପ୍ରଦେଶ କଂଗ୍ରେସର ପୂର୍ବତନ ସାଧାରଣ ସମ୍ପାଦକ ମନୋଜ ବିଶ୍ୱାଳ, ରାଜ୍ୟ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ନିହାର ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବାପାଙ୍କ ଅସ୍ଥି ବିସର୍ଜନ କରି ଲଣ୍ଡା ହେଲେ ବାବୁସାନ୍



ପୁରୀ, ୧।୬(ସମିସ): ପବିତ୍ର ମହୋଦଧିରେ ବାପା ଉତ୍ତମ ମହାନ୍ତିଙ୍କ ଅସ୍ଥି ବିସର୍ଜନ କରିବା ସହ ଚୁଟି ପକାଇଛନ୍ତି ଓଲିଉଡ୍‌ର ଲୋକପ୍ରିୟ ଅଭିନେତା ବାବୁସାନ୍। ନିଜର ଚଳଚ୍ଚିତ୍ର ‘ବୋଉ ବୁଟୁ ଭୂତ’ର ଶୁଟିଂ ପାଇଁ ବାପା ଉତ୍ତମ ମହାନ୍ତିଙ୍କ ଦେହାନ୍ତ ପରେ ସେ ଲଣ୍ଡା ହୋଇନଥିଲେ। ତେଣୁ ରବିବାର ପୁରୀ ଆସି ସ୍ୱର୍ଗଦ୍ୱାର ନିକଟ ସମୁଦ୍ରରେ ବାପାଙ୍କ ଅସ୍ଥି ବିସର୍ଜନ ସହ ଶ୍ରାଦ୍ଧ ଦେଇ ଲଣ୍ଡା ହୋଇଛନ୍ତି ବାବୁସାନ୍। ଏଥିସହ ବାବୁସାନ୍ ବାହାରୁ ମହାପ୍ରଭୁଙ୍କ ଦର୍ଶନ ମଧ୍ୟ କରିଛନ୍ତି। ସୂଚନାଯୋଗ୍ୟ, ଗତ ଫେବୃୟାରୀରେ ବାବୁସାନଙ୍କ ବାପା ଉତ୍ତମ ମହାନ୍ତିଙ୍କର ଦିଲ୍ଲୀ ଗୁରୁଗାଓଁର ମେଦାନ୍ତ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଥିଲା।

## ଅର୍ଥନୈତିକ ବିଶ୍ଳେଷଣ ପ୍ରଶିକ୍ଷଣ

ଭୁବନେଶ୍ୱର,୧।୬(ସମିସ): କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ ଅନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ “ତଥ୍ୟ ବ୍ୟାଖ୍ୟା ଏବଂ ଅର୍ଥନୈତିକ ଫଳାଫଳ ବିଶ୍ଳେଷଣ ଉପରେ କ୍ଷମତା ସୁଦୃଢ଼ୀକରଣ ତାଲିମ’ ଶୀର୍ଷକ ପ୍ରଶିକ୍ଷଣର ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠିତ ହୋଇଛି। ବିଭାଗୀୟ ଅଧିକାରୀ ଏବଂ ଅଂଶୀଦାରମାନଙ୍କୁ କୃଷି ନୀତି ପ୍ରଣୟନ, କ୍ଷେତ୍ରସ୍ତରୀୟ ଯୋଜନା ସଂପର୍କରେ ଅବଗତ କରାଇବା ପାଇଁ ଏହି ଦୁଇ ଦିନିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ବିଭାଗୀୟ ଅତିରିକ୍ତ ସଚିବ ଶୁଭ୍ରାଂଶୁ ମିଶ୍ର ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। କୃଷି ଉପନିର୍ଦ୍ଦେଶକ ଡଃ ସଂଗ୍ରାମ କେଶରୀ ପଟ୍ଟନାୟକ ଓ କୃଷି ସହକାରୀ ନିର୍ଦ୍ଦେଶକ ନଗେନ କୁମାର ମଲ୍ଲିକ କର୍ମଶାଳାରେ ଅଧିକାରୀମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ପ୍ରଶିକ୍ଷଣ କର୍ମଶାଳାରେ ବିଭିନ୍ନ ପ୍ରମୁଖ ସଂସ୍ଥାର ପ୍ରତିନିଧିମାନେ ସାମିଲ ଥିଲେ। ଅଧିବେଶନ ଶେଷରେ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା।

## ଅବଶିଷ୍ଟାଂଶ

### ୟୁକ୍ରେନ ଡ୍ରୋନ୍‌ର...

ଯୁଦ୍ଧ ବିମାନ ଧ୍ୱଂସ ହୋଇଯାଇଛି। ରୁଷିଆର ଇରକୁଟସ୍କ ପ୍ରଦେଶର ଗଭର୍ଣ୍ଣର ମଧ୍ୟ ଆକ୍ରମଣ ଖବରକୁ ସ୍ୱୀକାର କରିଛନ୍ତି। ରିମୋଟ ଚାଳିତ ବିମାନ ଦ୍ୱାରା ଶ୍ରୀଡନି ଗ୍ରାମରେ ଥିବା ଏୟାରବେସ ଉପରେ ଆକ୍ରମଣ ହୋଇଥିବା ସେ କହିଛନ୍ତି

ରିପୋର୍ଟ ଅନୁଯାୟୀ, ୟୁକ୍ରେନୀୟ ସୁରକ୍ଷା ଏଜେନ୍ସି (ଏସବିୟୁ) ଏହି ଆକ୍ରମଣ କରିଛି। ଏଥିରେ ଫାଷ୍ଟ ପର୍ସନ ଭ୍ୟୁ (ଏଫପିଭି) ଡ୍ରୋନ ବ୍ୟବହାର କରାଯାଇଥିଲା। ଜଣେ ଏସବିୟୁ ଅଧିକାରୀ କହିଛନ୍ତି ଯେ ଆତ୍ମରକ୍ଷା ପାଇଁ ଏହି ଆକ୍ରମଣ କରାଯାଇଛି। କାରଣ ରୁଷ୍‌ର ଏହି ବିମାନଗୁଡ଼ିକ ୟୁକ୍ରେନ ସହରଗୁଡ଼ିକୁ ନିଶାଣ କରି ଆକ୍ରମଣ କରିଥାନ୍ତି। ପ୍ରାରମ୍ଭିକ ଆକଳନ ଅନୁଯାୟୀ ଆଜିର ଆକ୍ରମଣରେ ରୁଷିଆର ୨ ବିଲିୟନ ଡଲାର ଅର୍ଥାତ୍ ପ୍ରାୟ ୧୭ ହଜାର କୋଟିରୁ ଅଧିକ ଟଙ୍କାର କ୍ଷତି ହୋଇଛି। ରୁଷର ବେଲାୟା ଏୟାରବେସ୍ ୟୁକ୍ରେନ ସୀମାରୁ ପ୍ରାୟ ୪ ହଜାର କିମି ଏବଂ ଓଲେନ୍ୟା ଏୟାରବେସ୍ ପ୍ରାୟ ୧୮୦୦ କିମି ଦୂରରେ ଅବସ୍ଥିତ। ଏହି ଆକ୍ରମଣ ମସ୍କୋ ପାଇଁ ବଡ଼ ଧକ୍କା ସାବ୍ୟସ୍ତ ହୋଇଛି। ଏହା ଯୁଦ୍ଧକୁ ନୂଆ ଗତି ଦେଇପାରେ। ପ୍ରତିଶୋଧ ନେବାପାଇଁ ୟୁକ୍ରେନ ଉପରେ ରୁଷ ବଡ଼ଧରଣର ଆକ୍ରମଣ କରିପାରେ। ଏବେ ରୁଷ ସେନା ସତର୍କ ହୋଇଯାଇଛି। ଡ୍ରୋନ ଆକ୍ରମଣ ମଧ୍ୟ ବନ୍ଦ ହୋଇଯାଇଛି।

ଏସ୍‌ବିୟୁ ପକ୍ଷରୁ କୁହାଯାଇଛି ଯେ ଡ୍ରୋନଗୁଡ଼ିକ ରୁଷକୁ ଗଭୀର ଆଘାତ ଦେଇଛି। ଏହା ରୁଷ୍ ଭିତରେ ପ୍ରବେଶ କରି ଟିୟୁ-୯୫, ଟିୟୁ-୨୨ ଭଳି ବଡ଼ ବୋମା ବିସ୍ଫୋରଣକାରୀ ବିମାନ ଏବଂ ଏ-୫୦ ଭଳି ମହଙ୍ଗା ଗୁପ୍ତଚର ବିମାନକୁ କ୍ଷତି ପହଞ୍ଚାଇଛି। ଏ-୫୦ ବିମାନ ବହୁତ ଶକ୍ତିଶାଳୀ। ରୁଷ ପାଖରେ କେବଳ ଏପରି ବିମାନ ରହିଛି। ଗୋଟିଏ ବିମାନର ମୂଲ୍ୟ ପ୍ରାୟ ୩୫୦ ନିୟୁତ ଡଲାର (୩୦୦୦ କୋଟି ଟଙ୍କା) ବୋଲି କୁହାଯାଉଛି। ଏହି ଆକ୍ରମଣରେ ବିଶେଷ କରି ବେଲାୟା ଏୟାରବେସକୁ ନିଶାଣ କରାଯାଇଥିଲା। ତେବେ ସେହି ସମୟରେ ଓଲେନ୍ୟା ଏୟାରବେସରେ ଆକ୍ରମଣ ଘଟିଥିବା ଖବର ମିଳିଥିଲା। ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି। ଏୟାରବେସ୍‌ରେ ନିଆଁ ଜଳୁ ଥିବା ଦେଖାଯାଉଛି। ଟିୟୁ-୯୫ ଏବଂ ଟିୟୁ-୧୬୦ ଭଳି ବିମାନ ବହୁତ ପୁରୁଣା। କିନ୍ତୁ ଏଗୁଡିକ କ୍ଷେପଣାସ୍ତ୍ର ସହ ଦୀର୍ଘ ପଥ ଅତିକ୍ରମ କରିପାରିବେ। ଏଗୁଡ଼ିକୁ ରୁଷ ବାୟୁସେନାର ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର କୁହାଯାଏ। ଏହି ବିମାନକୁ ଧ୍ୱଂସ କରିବା ୟୁକ୍ରେନ ପାଇଁ ବଡ଼ ସଫଳତା କୁହାଯାଉଛି। ୟୁକ୍ରେନ ପକ୍ଷରୁ ରୁଷ୍‌କୁ ମଧ୍ୟ ଚେତାବନୀ ଦିଆଯାଇଛି। କୁହାଯାଇଛି ଯେ ବୋମାମାଡ଼ ବନ୍ଦ କରିବା ପାଇଁ ରୁଷ୍ ଉପରେ ଏହି ଆକ୍ରମଣ କରାଯାଇଥିଲା। କାରଣ ପ୍ରାୟ ପ୍ରତିଦିନ ରାତିରେ ରୁଷ୍ ବିମାନଗୁଡ଼ିକ ୟୁକ୍ରେନୀୟ ସହର ଉପରେ ଆକ୍ରମଣ କରୁଛନ୍ତି। ଏହି ଆକ୍ରମଣ ରୁଷକୁ କ୍ଷମତାର ଦମ୍ଭକୁ ଭାଙ୍ଗି ଚକିତ କରିଦେଇଛି। ଯଦି ଏହି ଦେଶ ଆକ୍ରମଣ ବନ୍ଦ ନ କରେ ତେବେ ୟୁକ୍ରେନ ପୁଣି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଏହି ଆକ୍ରମଣକୁ ନେଇ ରୁଷ ପକ୍ଷରୁ ଆନୁଷ୍ଠାନିକ ଭାବେ କୌଣସି ବିବୃତି ଦିଆଯାଇନାହିଁ। ଯଦି ୟୁକ୍ରେନର ଦାବି ସତ୍ୟ ହୁଏ ତେବେ ଏହା ରୁଷୀୟ ବାୟୁସେନା ଉପରେ ହୋଇଥିବା ସବୁଠାରୁ ବଡ଼ ଆକ୍ରମଣ ହେବ। ଆଗକୁ ମଧ୍ୟ ଡ୍ରୋନ ଆକ୍ରମଣ ଜାରି ରହିବ ବୋଲି ୟୁକ୍ରେନ ପକ୍ଷରୁ କୁହାଯାଇଛି।

### ଧୋକାଦେଲା...

୧୦ ତାରିଖରୁ ବାୟୁର ଦିଗ ପରିବର୍ତ୍ତନ ହେବ ଏବଂ ୧୧ କିମ୍ବା ୧୨ରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ବଳୟ ସୃଷ୍ଟି ହେବା ସହ ଏହା ପ୍ରଭାବରେ ଏକ ଲଘୁଚାପ ସୃଷ୍ଟି ହେବ। ସମ୍ଭାବ୍ୟ ଲଘୁଚାପଟି ଓଡ଼ିଶା ବା ସଂଲଗ୍ନ ଉପକୂଳ ଦେଇ ସ୍ଥଳଭାଗକୁ ପ୍ରବେଶ କରିବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ସମଗ୍ର ରାଜ୍ୟରେ ୪ ଦିନ ବର୍ଷା ହେବ। ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଉପକୂଳ ଓ ଆଭ୍ୟନ୍ତରୀଣରେ ତାପମାତ୍ରା ୩୫-୩୭ ଡିଗ୍ରୀ ମଧ୍ୟରେ ରହିବ। ଏହାପରେ ପୁଣି ତାପମାତ୍ରା ବୃଦ୍ଧି ପାଇବ। ୧୦ ତାରିଖରୁ ତାପମାତ୍ରା କମିବ; ଏଣୁ ସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ଗୁଳୁଗୁଳି ଚାଲୁ ରହିବ ବୋଲି ପ୍ରଫେସର ପଶୁପାଳକ ଆକଳନ କରିଛନ୍ତି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୪ ତାରିଖରୁ ତାପମାତ୍ରା ସହ ଗୁଳୁଗୁଳିର ପ୍ରଭାବ ଆହୁରି ବଢ଼ିବ। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକଟ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତିରେ ପ୍ରବଳ ଗୁଳୁଗୁଳି ହେବ। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଉଷ୍ମ ଓ ଆର୍ଦ୍ର ପାଣିପାଗ ଜନିତ ୟେଲୋ ଆଲର୍ଟ ଜାରି କରିଛି।

### ଏଏସ୍‌ଆଇଙ୍କୁ ପୋଡ଼ି...

ଯୋଗେ ଭବାନୀପାଟନାରୁ ଜୁନାଗଡ଼ ରାସ୍ତାରେ ଆସୁଥିଲେ। ତେବେ ଆଜି ସକାଳୁ ଜୁନାଗଡ଼ ଥାନା ବନମାଳୀପୁର ଭାରତ ପେଟ୍ରୋଲ୍ ପମ୍ପ ଏନଏଚ-୨୬ ପାଖରେ ବାଇକ୍ ସହ ତାଙ୍କର ଦରପୋଡ଼ା ଶବ ପଡ଼ିଥିବା କିଛି ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ପ୍ରଥମେ ତାଙ୍କ ପରିଚୟ ମିଳିନଥିଲା। ପରେ ବାଇକ୍ ନମ୍ବର୍‌ରୁ ତାଙ୍କ ସମ୍ପର୍କରେ ଜଣାପଡ଼ିଥିଲା। ଖବର ପାଇ ତାଙ୍କ ପତ୍ନୀ, ମା’, ଭାଇ ସହ ପରିବାରଲୋକେ କୋରାପୁଟରୁ ଆସି ପହଞ୍ଚିଛନ୍ତି। ଜୁନାଗଡ଼ ପୁଲିସ୍ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଚଳନ୍ତା ବାଇକ୍‌ରେ ଯୁବକଙ୍କୁ ଛୁରାମାଡ଼




ବଲାଙ୍ଗିର,୧।୬(ସମିସ): ବଲାଙ୍ଗିର ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି ଅପରାଧୀ। ରବିବାର ସନ୍ଧ୍ୟାରେ ଟାଉନ୍ ଥାନା ନିକଟସ୍ଥ ଫଳ ବଜାର ପାଖରେ ଜଣେ ଯୁବକଙ୍କୁ ଛୁରାମାଡ଼ କରି ଦୃର୍ବୃତ୍ତ ଫେରାର୍ ହୋଇଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଆପରାଧିକ ଘଟଣା ଘଟିଥିବା ଜଣାପଡ଼ିଛି। ଆହତ ଯୁବକଜଣଙ୍କ ହେଲେ, ଲକ୍ଷ୍ମୀନଗରପଡ଼ାର ସିତେଶ ସ୍ୱାଇଁ।

ସିତେଶ କିଛି ଟଙ୍କା ଧରି ବାଇକ୍‌ରେ ଯାଉଥିବା ବେଳେ ୩ରୁ ୪ଜଣ ଯୁବକ ତାଙ୍କୁ ପଛପଟୁ ଛୁରାମାଡ଼ କରିଥିଲେ। ସିତେଶ ବାଇକ୍ ସହ ତଳେ ପଡ଼ିଯିବାରୁ ଅଭିଯୁକ୍ତମାନେ ତାଙ୍କ ପକେଟରେ ଥିବା ୧୫ ହଜାର ଟଙ୍କା ଲୁଟି ଫେରାର୍ ହୋଇଯାଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଭର୍ତ୍ତି କରାଇଛନ୍ତି। ଛୁରାମାଡ଼ରେ ତାଙ୍କ ପିଠିର ଦୁଇଟି ସ୍ଥାନରେ ଗଭୀର ଆଘାତ ଲାଗିଛି। ତାଙ୍କୁ ହତ୍ୟା ପାଇଁ ଯୋଜନା କରାଯାଇଥିଲା ବୋଲି ସିତେଶ କହିଛନ୍ତି। ଟାଉନ୍ ଥାନା ପୁଲିସ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୂର୍ବଶତ୍ରୁତାରୁ ଆକ୍ରମଣ ହୋଇଥିବା ସୂଚନା ମିଳିଛି।

# ସରଣ୍ଡାରେ ପୁଣି ଲ୍ୟାଣ୍ଡମାଇନ୍ ବିସ୍ଫୋରଣ; ଜଣେ ଆହତ

ରାଉରକେଲା,୧।୬(ସମିସ): ସୁନ୍ଦରଗଡ଼ ଜିଲ୍ଲା ଜରେଇକେଲା ସୀମାନ୍ତରୁ ମାତ୍ର ୨୫କିଲୋମିଟର ଦୂରରେ ଥିବା ସରଣ୍ଡା ଜଙ୍ଗଲ ସଂଲଗ୍ନ ଗ୍ରାମ ବଲିବାଠାରେ ଗତକାଲି ସଂଧ୍ୟାରେ ପୁଣି ଏକ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ହୋଇଥିବା ସୂଚନା ମିଳିଛି। ଏହି ବିସ୍ଫୋରଣରେ ସ୍ଥାନୀୟ ଅଞ୍ଚଳର ଜଣେ ଗ୍ରାମବାସୀ ଆହତ ହେଇଛନ୍ତି। ଆହତ ଗ୍ରାମବାସୀ ହେଲେ, ବଲିବା ଗାଁର ସାଉ ବାରଜୋ (୩୦)। ତାଙ୍କୁ ମନୋହରପୁରରୁ ରାଉରକେଲା ସରକାରୀ ଡାକ୍ତରଖାନା ଓ ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଚିକିତ୍ସା ନିମନ୍ତେ ବୁର୍ଲା ସ୍ଥାନାନ୍ତର କରାଯାଇଛି।



ସାଉ ପତ୍ର ତୋଳିବା ସହ କାଠ ପାଇଁ ଜଙ୍ଗଲକୁ ଯାଇଥିଲେ। ଫେରୁଥିବା ବେଳେ ସଂଧ୍ୟାରେ ଜଙ୍ଗଲ ରାସ୍ତାରେ ଖଞ୍ଜାଯାଇଥିବା ଲ୍ୟାଣ୍ଡମାଇନ୍ ଉପରେ ଚଢ଼ି ଯିବାରୁ ତାହା ବିସ୍ଫୋରଣ ହୋଇଥିଲା। ଏଥିରେ ସାଉଙ୍କ ଦୁଇଗୋଡ଼ରେ ଗଭୀର ଆଘାତ ଲାଗିଛି। ବାଲିବାରେ ଥିବା ସିଆର୍‌ପିଏଫ୍ ଯବାନମାନେ ସାଉଙ୍କୁ ଚିକିତ୍ସା ନିମନ୍ତେ ମନୋହରପୁରସ୍ଥିତ ସରକାରୀ ହସ୍ପିଟାଲକୁ ପଠାଇଥିଲେ। ଗୁରୁତର ଅବସ୍ଥାରେ ସେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଚାଇଁବାସା ଏସ୍.ପି ରାକେଶ ରଞ୍ଜନ ମାଓବାଦୀଙ୍କ ଦ୍ୱାରା ଖଞ୍ଜା ଯାଇଥିବା ଆଇଇଡି (ଇମ୍ପ୍ରୋଭାଇଜ ଏକ୍ସପ୍ଲୋସିଭ ଡିଭାଇସ) ବିସ୍ଫୋରଣକୁ ନିଶ୍ଚିତ କରିଛନ୍ତି। ମାଓବାଦୀମାନେ କମ୍ବିରତ ସୁରକ୍ଷା କର୍ମଚାରୀଙ୍କୁ କ୍ଷତି ପହଞ୍ଚାଇବା ପାଇଁ ଏହି ଲ୍ୟାଣ୍ଡମାଇନ୍ ଖଞ୍ଜିଥିବା କୁହାଯାଉଛି।

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
GADHWAL GROUP
Mob.: 9437015112

**AFFIDAVIT**

By virtue of an affidavit sworn before the Notary Public, Purushottampur, Ganjam. I, Sujata Raut, W/o- Late Rabi Raut, resident of Dhobapalli, Ganjam, Odisha here by declare that my minor son's name has been changed from Pradipta Raut to Pradeep Raut. Henceforth he shall be known as **Pradeep Raut** for all purposes.

Sd/- Sujata Raut

**AFFIDAVIT**

I, Sasmita Nandini Tripathy, aged 40 years, D/o- Sadananda Tripathy, at present AT/PO/PS-Bolgarh, Dist- Khurda, State Odisha do hereby declare that by sworn affidavit in the court of Executive Magistrate, Bhadrak, my minor daughter Sanhita Saloni Khatai has changed her surname from Khatai to Tripathy and henceforth she shall be known as **Sanhita Saloni Tripathy** instead of Sanhita Saloni Khatai for all the purposes.

# ମଧ୍ୟାହ୍ନଭୋଜନ ଚାଉଳ ବଣ୍ଟନରେ ଠକାମି

## ଯୋଗାଣ ଠିକାଦାରଙ୍କ ଯୋଗୁଁ ସମସ୍ୟାରେ ଶିକ୍ଷକଶିକ୍ଷୟିତ୍ରୀ

ନିଶ୍ଚିନ୍ତକୋଇଲି, ୧୬(ସମିସ)

ପ୍ରଧାନମନ୍ତ୍ରୀ ପୋଷଣ ଯୋଜନାରେ ଅଙ୍ଗନବାଡ଼ିର ଶିଶୁ ଓ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନଭୋଜନର ବ୍ୟବସ୍ଥା ହୋଇଛି। ଏହି ମଧ୍ୟାହ୍ନଭୋଜନ ପାଇଁ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ଚାଉଳ ଯୋଗାଇ ଦିଆଯାଉଛି। ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ରହିଥିବା ସମସ୍ତ ବିଦ୍ୟାଳୟ ଓ ଅଙ୍ଗନବାଡ଼ିକୁ ଚାଉଳ ଯୋଗାଣ ନିମନ୍ତେ ଜଣେ ଯୋଗାଣ ଠିକାଦାର ତଥା ପରିବହନକାରୀ ନିଯୁକ୍ତି ହୋଇଛନ୍ତି। ସମ୍ପୃକ୍ତ ଯୋଗାଣ ଠିକାଦାର ଜଣକ ଯେଉଁ ଚାଉଳ ଯୋଗାଉଛନ୍ତି ତାହା ୫୦କିଲୋ ବସ୍ତାରେ ୫ରୁ ୧୦କିଲୋ ପର୍ଯ୍ୟନ୍ତ ଚାଉଳ କମ୍ ରହୁଥିବା ବାରମ୍ବାର ଅଭିଯୋଗ ହୋଇଛି। ଚାଉଳ ବଣ୍ଟନ ସମୟରେ ସଠିକ୍ ଭାବେ ବସ୍ତାକୁ ଓଜନ କରି ବିଦ୍ୟାଳୟରେ ଦେବା ପାଇଁ ନିୟମ କଡାକଡ଼ି ରହିଥିଲେ ମଧ ଯୋଗାଣ ଠିକାଦାର ଶିକ୍ଷକମାନଙ୍କୁ ଭୟଭୀତ କରାଇ ଏହା କରୁ ନ ଥିବା ଅଭିଯୋଗ ହୋଇଛି। ଯେଉଁମାନେ ଚାଉଳ ବଣ୍ଟନ ପାଇଁ ବିଦ୍ୟାଳୟକୁ ଯାଉଛନ୍ତି ସେମାନେ ମଧ ଶିକ୍ଷକମାନଙ୍କ ଠାରୁ କିଛି ହାତ ଖର୍ଚ୍ଚ ନେଉଥିବା ଦେଖିବାକୁ ମିଳିଛି। ବ୍ଲକର ମଧ୍ୟାହ୍ନଭୋଜନ ଦାୟିତ୍ୱରେ ଥିବା ଅଧିକାରୀ ଏବଂ ଯୋଗାଣ ଠିକାଦାରଙ୍କ ସଲାସୁତ୍ରରେ ଚାଉଳ ବସ୍ତାରେ କମ୍ ଚାଉଳ ରହୁଥିଲେ ମଧ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ଶିକ୍ଷକମାନେ ସିଧାସଳଖ ଭାବେ କୌଣସି ଅଭିଯୋଗ କରୁ ନ ଥିବା ବିଶେଷ ସୂତ୍ରରୁ ଜଣାଯାଇଛି। ସରକାରୀ ନିୟମ ଅନୁଯାୟୀ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଜଣେ ବିଦ୍ୟାର୍ଥୀଙ୍କ ପିଛା ୧୦୦ ଗ୍ରାମ୍ ଚାଉଳ ଏବଂ ଡ଼ାଲି ଓ ଅନ୍ୟାନ୍ୟ ତରକାରୀ ବାବଦରେ ୭ଟଙ୍କା ୬୪ ପଇସା ଖର୍ଚ୍ଚ ହେଉଥିଲା ବେଳେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାର୍ଥୀଙ୍କ ପିଛା ୧୫୦ଗ୍ରାମ୍ ଚାଉଳ ଓ ଅନ୍ୟାନ୍ୟ ତରକାରୀ ବାବଦରେ ୧୦ଟଙ୍କା ୯୨ ପଇସା ଖର୍ଚ୍ଚ ହେଉଛି। ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଚାଲୁଥିଲା ବେଳେ ଚାଉଳ ବସ୍ତାରେ କମ୍ ରହୁଥିବା ଚାଉଳ ପିଲାମାନଙ୍କ ମଧ୍ୟରେ ବ୍ୟବସ୍ଥିତ ହୋଇଯାଉଥିଲା। ବର୍ତ୍ତମାନ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ସରକାରଙ୍କ ପକ୍ଷରୁ ଏପ୍ରିଲ ମାସରେ ୭ଦିନ କାର୍ଯ୍ୟ ଦିବସ ବନ୍ଦ ହୋଇଥିଲା ବେଳେ ମେ ମାସରେ ୪ଦିନ କାର୍ଯ୍ୟ ଦିବସ ବନ୍ଦ ହୋଇଥିଲା। ଏହି ଦୁଇମାସରେ ମୋଟ୍ ଯେଉଁ ୧୧ଦିନ କାର୍ଯ୍ୟ ଦିବସ ବନ୍ଦ ରହିଛି ସେ ବାବଦରେ ବିଦ୍ୟାର୍ଥୀମାନଙ୍କୁ ସେମାନଙ୍କର ଚାଉଳ ବଣ୍ଟନ କରାଯାଉଥିଲା ବେଳେ ଖର୍ଚ୍ଚ ପାଇଁ ବ୍ୟବସ୍ଥା ହୋଇଥିବା ଅର୍ଥ ବ୍ୟାଙ୍କ୍ ଜମାଖାତାକୁ ପଠାଯିବ ବୋଲି ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଏହି ନିର୍ଦ୍ଦେଶ ବଳରେ ପ୍ରତ୍ୟେକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପଢ଼ୁଥିବା ଛାତ୍ରଛାତ୍ରୀମାନଙ୍କୁ ୧୧ ଦିନର ୧୧ ଶହ ଚାଉଳ ଓ ୮୪ ଟଙ୍କା ଲେଖାଏଁ ଦିଆଯାଉଥିଲା ବେଳେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ୧୬୫୦ ଗ୍ରାମ ଚାଉଳ ଓ ୧୨୦ ଟଙ୍କା ଲେଖାଏଁ ମଧ ଦିଆଯାଉଛି। ଏହି ଚାଉଳ ବଣ୍ଟନ ସମୟରେ ପ୍ରତ୍ୟେକ ୫୦ କେଜି ବସ୍ତାରୁ କମ ଚାଉଳ ବାହାରୁଥିବାରୁ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ବହୁ କ୍ଷତି ସହିବାକୁ ପଡୁଛି। ଚାଉଳ ବସ୍ତାର ହିସାବ ଅନୁଯାୟୀ ବଣ୍ଟନ ସମୟରେ ଗୋଟିଏ ବସ୍ତାରୁ ୫ କିଲୋରୁ ୧୦ କିଲୋ କମ୍ ପରିମାଣରେ ଚାଉଳ ବାହାରୁଥିବାରୁ ବଣ୍ଟନ ସମୟରେ ଶିକ୍ଷକମାନେ ସମସ୍ୟାରେ ପଡୁଛନ୍ତି। ଏଭଳି ହେବା ଦ୍ୱାରା ଚାଉଳ ଯୋଗାଉଥିବା ପରିବହନକାରୀ ସଂସ୍ଥା ତଥା ଯୋଗାଣ ଠିକାଦାରଙ୍କ ଅସଲ ଠକାମୀ ଧରାପଡ଼ିଛି। ଏଥିପ୍ରତି ଜିଲ୍ଲା ମଧ୍ୟାହ୍ନଭୋଜନ ନୋଡ଼ାଲ ଅଧିକାରୀ ଓ ଜିଲ୍ଲାପାଳ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହୋଇଛି।

# ନାଗ ସାପ ଉଦ୍ଧାର

ତିଗିରିଆ, ୧୬(ସମିସ): ତିଗିରିଆ ବ୍ଲକର ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ତଥା ରାଜ୍ୟ ସେରିଫେଡର ସଭାପତି ଭାଗିରଥି ନନ୍ଦଙ୍କ ନୂଆପାଟଣା ପଞ୍ଚାୟତ ସ୍ଥିତ ସୁରେନ୍ଦ୍ରପାଟଣା ଗ୍ରାମରେ ଅବସ୍ଥିତ କାର୍ଯ୍ୟାଳୟ ମଧ୍ୟରୁ ଏକ ୫ ଫୁଟ ଲମ୍ବର ନାଗ ସାପ ଉଦ୍ଧାର କରାଯାଇଛି। ଆଜି ଅପରାହ୍ନରେ ଶ୍ରୀ ନନ୍ଦ ନିଜ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ସମୟରେ ଉକ୍ତ ସାପଟିକୁ ଦେଖି ସ୍ଥାନୀୟ ଅଞ୍ଚଳର ସ୍ନେକ ହେଲ୍ପଲାଇନ ସଦସ୍ୟ ସଦାଶିବ ଜେନାଙ୍କୁ ସୂଚନା ଦେଇଥିଲେ। ଶ୍ରୀ ଜେନା ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଞ୍ଚି ସାପଟିକୁ ଉଦ୍ଧାର କରିବା ସହ ତାକୁ ନିକଟରେ ଥିବା ସଂରକ୍ଷିତ ଜଙ୍ଗଲରେ ଛାଡି ଦେଇଥିବା ସୂଚନା ଦେଇଛନ୍ତି।

# ଦବିଲା ନୂତନ ପୋଲର ସଂଯୋଗୀକରଣ ରାସ୍ତା

## ପଥର ପ୍ୟାକିଂରୁ ମଧ ଅତଡ଼ା ଖସିଲା



ନିଶ୍ଚିନ୍ତକୋଇଲି, ୧୬(ସମିସ): କଟିକଟା-ଜୟପୁର ରାସ୍ତାର ଅସୁରେଶ୍ୱର ବଜାର ନିକଟସ୍ଥ ୧୯ନଂ ଡ୍ରେନେଜ ଉପରେ ଏକ ନୂତନ ପୋଲ ନିର୍ମାଣ କରାଯାଇଛି। ଏହି ନୂତନ ପୋଲରେ ଉଭୟ ପାର୍ଶ୍ୱରେ ସଂଯୋଗୀକରଣ ରାସ୍ତା କରାଯାଇଥିଲା ବେଳେ ଏଥିରୁ ବର୍ଷାରେ ମାଟି ଧୋଇ ନ ହେବା ପାଇଁ ପୋଲର ଦୁଇପାର୍ଶ୍ୱରେ ପଥର ପ୍ୟାକିଂ ମଧ କରାଯାଇଛି। ରାସ୍ତା ଓ ପଥର ପ୍ୟାକିଂ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ବର୍ଷାରେ ପଥର ପ୍ୟାକିଂରୁ ଅତଡ଼ା ଖସିଥିବା ବେଳେ ପୋଲର ଉତ୍ତରପାର୍ଶ୍ୱ ସଂଯୋଗୀକରଣ ରାସ୍ତା ମଧ ଦବିଯାଇଛି। ଫଳରେ ଯାତାୟତ କରୁଥିବା ଗାଡ଼ିମଟର ଓ ବାଇକ ଆରୋହୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦବିଯାଇଥିବା ସଂଯୋଗୀକରଣ ରାସ୍ତାରେ ବାଇକ ଆରୋହୀମାନେ ପଡ଼ି ଖଣ୍ଡିଆ ଖାବରା ହେଉଥିବା ବେଳେ ଯାତାୟତ କରୁଥିବା ଭାରିଯାନ ଗୁଡ଼ିକ ଦବିଯିବା ଭୟରେ ସାବଧାନରେ ଗାଡ଼ି ଚଳାଉଥିବା ଦେଖିବାକୁ ମିଳୁଛି। କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ଅଧୀନରେ ଠିକାଦାର ଚୟନ କରାଯାଇ ପୋଲ ନିର୍ମାଣ କାର୍ଯ୍ୟ ହୋଇଥିବା ବେଳେ ଅଧିକାରୀମାନଙ୍କର ତଦାରଖ ଅଭାବରୁ ଏଭଳି ନିମ୍ନମାନର କାର୍ଯ୍ୟ ହୋଇଥିବା ସ୍ଥାନୀୟ ଅଞ୍ଚଳର ଲୋକମାନେ ଅଭିଯୋଗ କରିଛନ୍ତି। ପୂର୍ତ୍ତ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ଦବି ଯାଇଥିବା ରାସ୍ତାକୁ ଯଥାଶୀଘ୍ର ପୁର୍ନବାର ନିର୍ମାଣ କରିବା ପାଇଁ ସାଧାରଣରେ ଦାବି ହୋଇଛି।

# ଘରୁ ଅଳଙ୍କାର ଓ ନଗଦ ଅର୍ଥ ଲୁଟିନେଲେ ଦୁର୍ବୃତ୍ତ

ନିଶ୍ଚିନ୍ତକୋଇଲି, ୧୬(ସମିସ): ନିଶ୍ଚିନ୍ତକୋଇଲି ଥାନା ଅଧିନସ୍ଥ ବଡ଼କ୍ଷୀର ପଞ୍ଚାୟତ ଗୋପପୁର ଗ୍ରାମର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ବାଇଧର ନାୟକଙ୍କ ଘରେ କେହି ଦୁର୍ବୃତ୍ତ ପଶି ଲକର ଭାଙ୍ଗି ୬୦ ଗ୍ରାମରୁ ଉର୍ଦ୍ଧ୍ୱ ସ୍ୱର୍ଣ୍ଣ, ଅଳଙ୍କାର ନଗଦ ୮ ହଜାର ଟଙ୍କା ଲୁଟ କରିଥିବା ନେଇ ତାଙ୍କ ପୁତ୍ର ପବିତ୍ର



ମୋହନ ନାୟକ ଥାନାରେ ଅଭିଯୋଗ କରିଛନ୍ତି। ବାଇଧର ନାୟକଙ୍କ ଦେହ ଅସୁସ୍ଥ ଥିବାରୁ ତାଙ୍କ ପରିବାର ଲୋକେ କଟକରେ ରହୁଥିବା ବେଳେ ଘରେ କେହି ନ ଥିବାର ସୁଯୋଗ ନେଇ ଏଭଳି ଘଟଣା ଘଟିଛି। ଶନିବାର ଦିନ ଖବର ପାଇ ପରିବାର ଲୋକେ ଆସି ଦେଖିଲା ବେଳକୁ ଘରର ମୁଖ୍ୟ ଗ୍ରିଲ୍ ଓ କବାଟ ଭାଙ୍ଗି ଭିତରେ ପଶି ଗଡ୍ରେଜ, ଆଲମିରା ତାଲା ଭାଙ୍ଗି ସେଥିରେ ଥିବା ସୁନା ଅଳଙ୍କାର, ନଗଦ ଅର୍ଥ, ମୂଲ୍ୟବାନ ଶାଢୀ, ସାର୍ଟପ୍ୟାଣ୍ଟ କପଡ଼ା, ବାସନକୁସନ ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିନେଇଥିବା ଦେଖିଥିଲେ। ଏହାର ଅଭିଯୋଗ ପରେ ପୁଲିସ ପକ୍ଷରୁ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରାଯାଇଥିଲେ ମଧ ଏ ପର୍ଯ୍ୟନ୍ତ କୌଣସି ଚୋରର ପତ୍ତା ମିଳିପାରି ନାହିଁ। ଚୋରି ହୋଇଥିବା ପରିବାରର ଘର କଟକ-ଚାନ୍ଦବାଲି ରାସ୍ତା ପାର୍ଶ୍ୱରେ ହୋଇଥିଲେ ମଧ ପୁଲିସର ପେଟ୍ରୋଲିଂ ଅଭାବରୁ ଏଭଳି ଚୋରି ହୋଇଥିବା ସାଧାରଣରେ ଆଲୋଚନା ହେଉଛି। ନିଶ୍ଚିନ୍ତକୋଇଲି ପୁଲିସ ପକ୍ଷରୁ ସଠିକ୍ ଢଙ୍ଗରେ କାର୍ଯ୍ୟ କରାଯାଉ ନ ଥିବା ଯୋଗୁଁ ଏ ଅଞ୍ଚଳର ଲୋକମାନେ ନିଜକୁ ସୁରକ୍ଷିତ ମଣୁ ନ ଥିବା ଚର୍ଚ୍ଚା ହେଉଛି। ତୁରନ୍ତ ସମ୍ପୃକ୍ତ ଚୋରକୁ ଠାବ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପରିବାର ପକ୍ଷରୁ ଦାବି ହୋଇଛି।

# ଶତାୟୁଙ୍କ ପରଲୋକ

ନରସିଂହପୁର, ୧୬(ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ ବସନ୍ତପୁର ପଞ୍ଚାୟତର ଜୟମଙ୍ଗଳପୁର ଗ୍ରାମର ବର୍ଷିୟାନ ବିଶିଷ୍ଟ ବ୍ୟକ୍ତି ବିଦ୍ୟାଧର ପଣ୍ଡାଙ୍କ ୧୦୩ ବର୍ଷ ବୟସରେ ପରଲୋକ ହୋଇଛି। ତାଙ୍କ ପରଲୋକ ଖବର ପାଇ ପୂର୍ବତନ ବିଧାୟକ ଦେବୀପ୍ରସାଦ ମିଶ୍ର ତାଙ୍କ ବାସଭବନରେ ପହଞ୍ଚିଥିଲେ। କଟକ ଜିଲ୍ଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର, ବ୍ଲକ ଉପାଧକ୍ଷ ନାରାୟଣ ନାୟକ, ପବିତ୍ର ପ୍ରଧାନ ଗ୍ରାମବାସୀ ବୃନ୍ଦ ଉପସ୍ଥିତ ଥିଲେ। ସ୍ୱର୍ଗତ ପଣ୍ଡା ୧୯୨୨ ମସିହାରେ ଜନ୍ମ ଗ୍ରହଣ କରିଥିଲେ। ସେ ଗାଁର ସାମୁହିକ ଉନ୍ନତି ପାଇଁ ସେ ସବୁବେଳେ ପରାମର୍ଶ ଦେଉଥିଲେ। ସେ ବିଜୁବାବୁଙ୍କ ଅନୁଗାମୀ ଥିଲେ। ଜନତା ଦଳ ଓ ବିଜୁ ଜନତା ଦଳ ଏବଂ ପୂର୍ବତନ ବିଧାୟକ ଶ୍ରୀ ମିଶ୍ରଙ୍କ ଶୁଭେଚ୍ଛୁ ଥିଲେ। ସ୍ୱର୍ଗତ ପଣ୍ଡାଙ୍କ ପୁତ୍ର ରବି ମୁଖାଗ୍ନି ଦେଇଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ସ୍ୱର୍ଗତ ପଣ୍ଡାଙ୍କ ପୁତ୍ର ଦେବରାଜ, ତ୍ରିଲୋଚନ, କନ୍ୟା ସ୍ନେହଲତା ତଥା ଆତ୍ମୀୟ ସ୍ୱଜନ ପ୍ରମୁଖ ଉପସ୍ଥିତ ଥିଲେ।

# କେନାଲ କଂକ୍ରିଟ ଲାଇନିଂ କାର୍ଯ୍ୟର ତଦାରଖ କଲେ ବିଧାୟକ

ନିଶ୍ଚିନ୍ତକୋଇଲି, ୧୬(ସମିସ): ରାଜ୍ୟ ସରକାର କୃଷି ଓ କୃଷକର ବିକାଶ ନିମନ୍ତେ ଚିନ୍ତା କରି ଚାଷୀମାନଙ୍କର ଜମିକୁ ସହଜରେ ଜଳସେଚନର ସୁବିଧା ପାଇଁ କୋଟି କୋଟି ଟଙ୍କା ବ୍ୟୟରେ କେନାଲ କଂକ୍ରିଟ ଲାଇନିଂ କାର୍ଯ୍ୟ କରୁଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନରେ ଥିବା ସୁକରପଡ଼ା, କଟରପଡ଼ା, କେଣ୍ଟାଳୋ, ବାଲିଆପଦା ଓ କଟିକଟା ପଞ୍ଚାୟତ ଦେଇ ପ୍ରବାହିତ ହେଉଥିବା ୯-ସି(୧) କେନାଲର ବିଭିନ୍ନ ଠିକାଦାରଙ୍କ ଦ୍ୱାରା ଏହି କଂକ୍ରିଟ ଲାଇନିଂ କାର୍ଯ୍ୟକ୍ରମ



ଦ୍ରୁତଗତିରେ ଚାଲିଛି। ଉକ୍ତ କାର୍ଯ୍ୟକୁ ଜଳସେଚନ ବିଭାଗର ଅଧିକାରୀମାନେ ତଦାରଖ କରୁଥିଲେ ମଧ ଏହାର ନିର୍ମାଣ କାର୍ଯ୍ୟ ସଠିକ୍ ଢଙ୍ଗରେ ହେଉଛି କି ନାହିଁ ସେ ନେଇ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ ଏହି ସବୁ କାର୍ଯ୍ୟ ପରିଦର୍ଶନ କରି ତଦାରଖ କରିଛନ୍ତି। କଂକ୍ରିଟ୍ ଲାଇନିଂ କାର୍ଯ୍ୟ ସହିତ କେନାଲ ପାର୍ଶ୍ୱରେ ଥିବା ରାସ୍ତାକୁ କିଭଳି ଚଉଡ଼ା କରାଯାଇ ଗମନାଗମନ ସୁବିଧା କରାଯିବ ସେ ନେଇ ଦୃଷ୍ଟି ଦେବା ଏବଂ ଲାଇନିଂ ନିର୍ମାଣ କାର୍ଯ୍ୟକୁ ବିଶେଷ ଭାବେ ବଙ୍କା ନ କରିବା ପାଇଁ ଉପସ୍ଥିତ ଅଧିକାରୀଙ୍କୁ ନଜର ରଖିବାକୁ ପରାମର୍ଶ ଦେଇଥିଲେ। ବିଧାୟକଙ୍କ ପରିଦର୍ଶନ ସମୟରେ ବିଭିନ୍ନ ପଞ୍ଚାୟତର ଜନସାଧାରଣମାନେ ସେମାନଙ୍କର ବିଭିନ୍ନ କାର୍ଯ୍ୟ ହେବା ପାଇଁ ବିଧାୟକଙ୍କୁ ସାକ୍ଷାତ କରି ଅଭିଯୋଗ ଜଣାଇଥିଲେ। ବିଧାୟକଙ୍କ ସହ ଛତା ଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ରାୟ, କନିଷ୍ଠ ଯନ୍ତ୍ରୀ ନବୀନ ପାଣିଗ୍ରାହୀଙ୍କ ସମେତ ପିତାମ୍ବର ମହାନ୍ତି, ଅଶୋକ ସାହୁ, କୈଳାସ ବେହେରା, ସୁବାଷ ଚନ୍ଦ୍ର ସ୍ୱାଇଁ, ମୃତ୍ୟୁଞ୍ଜୟ ସ୍ୱାଇଁ ଓ ସରପଞ୍ଚ ଚିତ୍ତ ରଞ୍ଜନ ମଲିକଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ବର୍ଜ୍ୟ ପାଣି ନିଷ୍କାସନକୁ ନେଇ ରାସ୍ତାରୋକ

ଚୌଦ୍ୱାର, ୧୬(ସମିସ): ୫୫ ନମ୍ବର ଜାତୀୟ ରାଜପଥର ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ କଳିଙ୍ଗ ଛକରୁ ବାହାରି ଚାରବାଟିଆ ଦେଇ ଆଗ୍ରାହାଟକୁ ସଂଯୋଗ କରୁଥିବା ରାସ୍ତାରେ ସ୍ଥାନୀୟ ହାଉସିଂ ବୋର୍ଡ଼ ଅଞ୍ଚଳର ବର୍ଜ୍ୟ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତାରେ ମାଡୁଥିବାରୁ ରାସ୍ତାରେ ଯାତାୟତ କରୁଥିବା ଲୋକେ ଓ ଆଗ୍ରାହାଟ ବାସିନ୍ଦା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ହାଉସିଂ ବୋର୍ଡ ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ହୋଇଥିବାବେଳେ ଆଗ୍ରାହାଟ ଗ୍ରାମ ପଞ୍ଚାୟତରେ ଅନ୍ତର୍ଭୁକ୍ତ ଅଟେ। ପୌରାଞ୍ଚଳର



ବର୍ଜ୍ୟ ପାଣି ରାସ୍ତାରେ ମାଡୁଥିବାରୁ ଏହାର ସମାଧାନ ପାଇଁ ପଞ୍ଚାୟତବାସୀଙ୍କ ତରଫରୁ ପୌରପାଳିକାରେ ଅଭିଯୋଗ କରାଯାଇଥିଲେ ହେଁ ପୌରପାଳିକା ଏହାର କୌଣସି ପଦକ୍ଷେପ ନେଉ ନ ଥିବା ଆଗ୍ରାହାଟବାସୀ ଅଭିଯୋଗ କରିଛନ୍ତି। ପରିସ୍ଥିତି ଅଣାୟତ ହେବାରୁ ଆଗ୍ରାହାଟର ବହୁ ବାସିନ୍ଦା ରବିବାର ଦିନ ଉକ୍ତ ରାସ୍ତାରେ ଜମା ହୋଇ ରାସ୍ତାରୋକ କରିବା ଫଳରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ରାସ୍ତା ଉପରେ ବହୁ ମହିଳା ଓ ପୁରୁଷ ଦୀର୍ଘ ସମୟ ବସି ରହିବା ଫଳରେ ସାଧାରଣରେ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ଚୌଦ୍ୱାର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରି ରାସ୍ତାରୁ ଧାରଣାକାରୀଙ୍କୁ ହଟାଇଥିଲେ। ସୂଚନାଯୋଗ୍ୟ ଯେ, ପୂର୍ବରୁ ଚୌଦ୍ୱାର ପୌରପାଳିକାର ହାଉସିଂବୋର୍ଡ କଲୋନୀର ବର୍ଜ୍ୟପାଣି ଅନ୍ୟବାଟ ଦେଇ ଚାଲିଯାଉଥିଲା। କ୍ରମେ ପାଣି ନିଷ୍କାସନର ବାଟ ବନ୍ଦ ହୋଇଯିବାରୁ ଏହି ବର୍ଜ୍ୟପାଣି ରାସ୍ତାରେ ମାଡିବା ଫଳରେ ସମସ୍ୟା ସୃଷ୍ଟି ହୋଇଥିଲା। ନିଷ୍କାସନ ବ୍ୟବସ୍ଥାର ସ୍ଥାୟୀ ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ବ୍ୟାପକ ହେବ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

# ହରିଅନ୍ତାରେ ବିକଶିତ କୃଷି ସଂକଳ୍ପ ଅଭିଯାନ

## ● କମିଶନରଙ୍କ ଅଚାନକ ଗସ୍ତ

ଟାଙ୍ଗୀ, ୧୬(ସମିସ): କୃଷି ଓ କୃଷକର ବିକାଶ ନିମନ୍ତେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଟାଙ୍ଗୀ-ଚୌଦ୍ୱାର ବ୍ଲକ ହରିଅନ୍ତା ପଞ୍ଚାୟତ ମୁଖ୍ୟାଳୟ ହରିଅନ୍ତା ଗ୍ରାମରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗୋପାଳଜୀଉ କ୍ରୀଡ଼ା ଓ ସାଂସ୍କୃତିକ କେନ୍ଦ୍ର ପରିସରରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ମହିଳାଙ୍କ ଯୋଗଦାନ ଓ ପୂର୍ବ ସୂଚନା ନ ଥାଇ ବିଭାଗୀୟ କମିଶନରଙ୍କ ଅଚାନକ ଗସ୍ତ ସାଧାରଣରେ ଚର୍ଚ୍ଚାକୁ ଆସିଛି। ତେବେ ଚାଷୀଙ୍କ ସହ ସିଧା ଆଲୋଚନା, କୃଷି ବୈଜ୍ଞାନିକ ଦଳର ଯୋଗଦାନ, ନୂତନ ପ୍ରଯୁକ୍ତିବିଦ୍ୟା ଓ ସରକାରୀ ଯୋଜନା



ସମ୍ପର୍କରେ ସୂଚନା ପ୍ରଦାନ, ଚାଷୀଙ୍କ ମତାମତ ଏବଂ ସୃଜନଶୀଳତାର ଦସ୍ତାବିଜକରଣ ଅଭିଯାନର ଲକ୍ଷ୍ୟବୋଲି ସୂଚନା ପ୍ରଦାନ କରାଯାଇଥିଲା। ଆତ୍ମା ଅଧକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ର ସନ୍ଥପୁରର ମୁଖ୍ୟ ବିଶେଷଜ୍ଞ ଡଃ.ରଞ୍ଜନ କୁମାର ମହାନ୍ତ, କୃଷି ଜିଲ୍ଲା ଅଧିକାରୀ ଚନ୍ଦ୍ରମୋହନ ଚାନ୍ଦ, ବ୍ଲକ କୃଷି ଅଧିକାରିଣୀ ରାଜଶ୍ରୀ ସାହୁ, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ସଭ୍ୟା ଜୟଶ୍ରୀ ପ୍ରଧାନ ଓ ପଞ୍ଚାୟତ ସମିତି ଅଧକ୍ଷା ମିନାକ୍ଷୀ ଦାସ ପ୍ରମୁଖ ଯୋଗଦେଇ ସରକାରୀ ଯୋଜନା ସମ୍ପର୍କରେ ନିଜସ୍ୱ ମତ ରଖିଥିଲେ। ସମାଜସେବୀ ନରେନ୍ଦ୍ର କୁମାର ରାଉତରାୟ, ଭାରପ୍ରାପ୍ତ ସରପଞ୍ଚ ସୋଫିଆ ବିବି ଓ ସମିତି ସଭ୍ୟ ଶ୍ରୀମନ୍ତ ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ମାତ୍ର କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ବିଭାଗୀୟ କମିଶନର ଡଃ. ପ୍ରଶାନ୍ତ ଆମ୍ବ୍ରିକର ବିନା ପୂର୍ବ ସୂଚନାରେ ଦିଲ୍ଲୀରୁ ଭୁବନେଶ୍ୱର ଆସି ଏୟାରପୋର୍ଟରୁ ସିଧା ହରିଅନ୍ତାରେ ପହଞ୍ଚିବା ସାଧାରଣରେ ଆଲୋଚ୍ୟ ପାଲଟିଛି।

# ପୂର୍ବତନ ସରପଞ୍ଚଙ୍କ ଇଙ୍ଗିତରେ ସିଆରପିଙ୍କୁ ମାରଧର ଅଭିଯୋଗ

ସାଲେପୁର, ୧୬(ସମିସ): ପୂର୍ବତନ ସରପଞ୍ଚଙ୍କ ଇଙ୍ଗିତରେ ଉକ୍ତ ପଞ୍ଚାୟତର ଏମ୍‌ବିକେ ସିଆରପିଙ୍କ ଘରେ ପଶି ତାଙ୍କୁ ମାରଧର କରିବା ସହ ଏସ୍‌ଏଚ୍‌ଜି ଗ୍ରୁପ୍‌ର ଦସ୍ତାବିଜ, ଟଙ୍କା ଓ ସୁନାଚେନ୍ ଛଡାଇନେଇଥିବା ନେଇ ସାଲେପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୁଲିସ ଅଭିଯୋଗକୁ ଗ୍ରହଣ କରି ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଚାଲୁରଖିଛି। ଖବରରୁ ପ୍ରକାଶ ଯେ, ସାଲେପୁର ଥାନା ଅନ୍ତର୍ଗତ ପିକୋଳ ପଞ୍ଚାୟତର ଚମାରିଗୋଳ ଗ୍ରାମର ସିଆରପି ଦ୍ରୌପଦୀ ମହାରଣାଙ୍କୁ ତାଙ୍କ ଘରେ ପଶି ଉକ୍ତ ପଞ୍ଚାୟତର ଏମ୍‌ବିକେ ଦୀପିକା ସାହୁ ପୂର୍ବତନ ସରପଞ୍ଚ ରଣଜିତ ଦାସଙ୍କ ଇଙ୍ଗିତରେ ତାଙ୍କୁ ମାରଧର କରିବା ସହ ତାଙ୍କ ନିକଟରେ ଥିବା ଏସ୍‌ଏଚ୍‌ଜି ଗ୍ରୁପ୍‌ର ଦସ୍ତାବିଜ ଓ ସୁନାଚେନ୍ ଛଡାଇ ନେଇଥିବାର ଦ୍ରୌପଦୀ ମହାରଣା ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସାଲେପୁର ପୁଲିସ ଅଭିଯୋଗକୁ ଗ୍ରହଣ କରି ସାଲେପୁର ଥାନାରେ ୨୩୭/୨୫ରେ ଏକ ମାମଲା ରୁଜୁ କରିଥିବା ଜଣାଯାଇଛି।

# ରକ୍ତ ଭଣ୍ଡାର କର୍ମଚାରୀଙ୍କ ଅବସର

କଟକ, ୧୬(ସମିସ): କେନ୍ଦ୍ରୀୟ ରେଡକ୍ରସ ରକ୍ତ ଭଣ୍ଡାରର ବରିଷ୍ଠ କର୍ମଚାରୀ ପ୍ରସନ୍ନ କୁମାର ସ୍ୱାଇଁ ଶନିବାର ଦିନ ଅବସର ଗ୍ରହଣ କରିଛନ୍ତି। କେନ୍ଦ୍ରୀୟ ରେଡକ୍ରସ ରକ୍ତ ଭଣ୍ଡାରରେ ସେ ୧୯୮୨ରେ ଯୋଗଦାନ କରିଥିଲେ। ଅଳ୍ପ କର୍ମଚାରୀଙ୍କୁ ନେଇ କାର୍ଯ୍ୟକରିବା ତାଙ୍କର ପୂର୍ବ ଅଭିଜ୍ଞତା ରହିଛି। ଜଣେ ମିଷ୍ଟଭାଷୀ ଓ କର୍ତ୍ତବ୍ୟନିଷ୍ଠ ସେବକ ଭାବରେ ରେଡକ୍ରସ ବ୍ଲଡ଼ ବ୍ୟାଙ୍କର ସେ ମାନବୃଦ୍ଧି କରିଥିଲେ। ତାଙ୍କ ଅବସରରେ ତାଙ୍କୁ ରକ୍ତ ଭଣ୍ଡାର କର୍ମଚାରୀଙ୍କ ସହ ବହୁ ସଙ୍ଗଠନର କର୍ମକର୍ତ୍ତା ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ସିଆର୍‌ପିଙ୍କ ନାମରେ ଅର୍ଥ ହଡ଼ପ ଅଭିଯୋଗ

ସାଲେପୁର, ୧୬(ସମିସ): ପିକୋଳ ପଞ୍ଚାୟତ ଚମାରିଗୋଳ ଗ୍ରାମର ସିଆରପି ଦ୍ରୌପଦୀ ମହାରଣା ଏକ ଏସ୍‌ଏଚ୍‌ଜି ଗ୍ରୁପ୍‌ର ଋଣ ଟଙ୍କା ପରିଶୋଧ କରିବା ନିମନ୍ତେ ଆଦାୟ କରି ବ୍ୟାଙ୍କରେ ଟଙ୍କା ପରିଶୋଧ ନ କରିବା ନେଇ ଏସ୍‌ଏଚ୍‌ଜି ଗ୍ରୁପ୍ ସଭାନେତ୍ରୀ ତାଙ୍କ ବିରୁଦ୍ଧରେ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ସାଲେପୁର ପୁଲିସ ଅଭିଯୋଗକୁ ଗ୍ରହଣ କରି ସାଲେପୁର ଥାନାରେ କେସ୍ ନଂ ୨୪୨/୨୦୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗରୁ ପ୍ରକାଶ ଯେ, ସାଲେପୁର ବ୍ଲକ ପିକୋଳ ପଞ୍ଚାୟତ ଚମାରିଗୋଳ ଗ୍ରାମର ସିଆରପି ଦ୍ରୌପଦୀ ମହାରଣା ବଣହରା ଗ୍ରାମରେ ଥିବା ସିମରନ୍ ଏସ୍‌ଏଚ୍‌ଜି ଗ୍ରୁପ୍‌ର ଋଣ ଟଙ୍କା ବ୍ୟାଙ୍କ୍‌ରେ ପରିଶୋଧ କରିବା ପାଇଁ ଉକ୍ତ ଗ୍ରୁପ୍‌ର ସଭାନେତ୍ରୀ ଅଫସାନା ବେଗମ୍ ତାଙ୍କୁ ୫୬ ହଜାର ଟଙ୍କା ପ୍ରଦାନ କରିଥିଲେ। ସମ୍ପୃକ୍ତା ସିଆରପି ଦ୍ରୌପଦୀ ମହାରଣା ଉକ୍ତ ଏସ୍‌ଏଚ୍‌ଜି ଗ୍ରୁପ୍ ଟଙ୍କାକୁ ବ୍ୟାଙ୍କ୍‌ରେ ଜମା କରି ନ ଥିଲେ। ଏ ସମ୍ପର୍କରେ ସିମରନ୍ ଗ୍ରୁପ୍‌ର ସଭାନେତ୍ରୀ ତାଙ୍କ ଘରେ ପହଞ୍ଚି ତୁମେ ଆଦାୟ କରି ନେଇଥିବା ଋଣ ଟଙ୍କା କ'ଣ ପାଇଁ ବ୍ୟାଙ୍କ୍‌ରେ ଡିପୋଜିଟ୍ କରିନାହଁ ବୋଲି ପଚାରିବାରୁ ଦ୍ରୌପଦୀ ମହାରଣା ଓ ତାଙ୍କ ସ୍ୱାମୀ ମନୋରଞ୍ଜନ ଓଝା ତାଙ୍କୁ ଗାଳିଗୁଲଜ କରିବା ସହ ତାଙ୍କୁ ମିଥ୍ୟା କେଶରେ ଫସାଇବା ପାଇଁ ଧମକ ଦେଇଥିଲେ ବୋଲି ସଭାନେତ୍ରୀ ଅଫସାନା ବେଗମ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସାଲେପୁର ପୁଲିସ ଅଭିଯୋଗକୁ ଗ୍ରହଣ କରି ସାଲେପୁର ଥାନାରେ ୨୪୨/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାଯାଇଛି।

# କମଙ୍ଗରେ ଶିବ-ପାର୍ବତୀ ବିବାହ ମହୋତ୍ସବ

ଟାଙ୍ଗୀ, ୧୬(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ବ୍ରହ୍ମପୁର ପଞ୍ଚାୟତ କମଙ୍ଗ ଗ୍ରାମସ୍ଥ ପରମେଶ୍ୱର ପୀଠରେ ଶିବ ପାର୍ବତୀ ବିବାହ ମହୋତ୍ସବ ମହାଆଡମ୍ବରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମର ମହିଳାଙ୍କ ଦ୍ୱାରା ପାଣିତୋଳା କରାଯିବା ପରେ ବାବା ପରମେଶ୍ୱର ଏବଂ ମା ପାର୍ବତୀଙ୍କ ଚଳନ୍ତି ପ୍ରତିମା ବରଯାତ୍ରୀ ରୋଷଣୀ ମାଧ୍ୟମରେ ଗ୍ରାମ ପରିକ୍ରମା କରାଯାଇ ମଧ୍ୟରାତ୍ରରେ ମନ୍ଦିର ପରିସରରେ ବିବାହ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ବିଜ୍ଞ ବ୍ରାହ୍ମଣ ବିରବର ଷଡ଼ଙ୍ଗୀ ଓ ଦିପ୍ତୀକାନ୍ତ ଷଡ଼ଙ୍ଗୀ



ବିବାହ କାର୍ଯ୍ୟ ସମ୍ପନ୍ନ କରିଥିବାବେଳେ ବରପିତା ସକାଳ ପ୍ରତିନିଧି ଗଙ୍ଗାଧର ବେହେରା, ମାତା ଶୁଭଶ୍ରୀ ବେହେରା, କନ୍ୟା ପିତା ଭାବ ଉଦ୍ୟାନବିତ ପ୍ରଶାନ୍ତ କୁମାର ବସ୍ତିଆ, ମାତା ପ୍ରଭାବତୀ ବସ୍ତିଆ ଏବଂ ଶିବ ପାତ୍ର ଓ ପାର୍ବତୀ ପାତ୍ର ବିବାହ କାର୍ଯ୍ୟ କରିଥିଲେ। ଗ୍ରାମର ବିଷ୍ଣୁ ଚରଣ ମାଝି, ମାନସ ରଞ୍ଜନ ମଲ୍ଲିକ, ମାନସ ରଞ୍ଜନ ବେଉରା, ଖଗେଶ୍ୱର ପାତ୍ର ଓ ଅଜୟ ବେହେରାଙ୍କ ସମେତ କମଙ୍ଗ ଓ କଉଡ଼ିଆପଡ଼ାର ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# ଅଳିଆଗଦାରେ ଲକ୍ଷାଧିକ ଟଙ୍କାର ସରକାରୀ ଔଷଧ

ଭଦ୍ରେଶ୍ୱର, ୧୬(ସମିସ)

ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଜରିଆରେ ରୋଗୀଙ୍କୁ ମାଗଣାରେ ସରକାର ଔଷଧ ଯୋଗାଇ ଦେଉଛନ୍ତି। ମାତ୍ର ସରକାରଙ୍କର ଏହି ଯୋଜନା ମାହାଙ୍ଗା ବ୍ଲକ ନଡିଆ ସାହାସପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦିଗହରା ହୋଇପଡ଼ିଛି। ସରକାର ଯୋଗାଇ ଦେଉଥିବା ମାଗଣା ଔଷଧ ରୋଗୀଙ୍କୁ ଯୋଗାଇ ଦିଆଯିବା ପରିବର୍ତ୍ତେ ଅଳିଆ ଗଦାରେ ଲକ୍ଷ ଲକ୍ଷ ଟଙ୍କା ମୂଲ୍ୟର ସରକାରୀ ଔଷଧ ଫିଙ୍ଗାଯାଇଥିବାର ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ପଣସପୁର ଗ୍ରାମପଞ୍ଚାୟତ ନଡିଆ ସାହାସପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଏହି କେନ୍ଦ୍ର ଉପରେ ସ୍ଥାନୀୟ ଅଞ୍ଚଳର ଶହ ଶହ ରୋଗୀ ଚିକିତ୍ସା ନିମନ୍ତେ ନିର୍ଭର କରିଥାନ୍ତି। ସରକାରଙ୍କ ତରଫରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ବହୁ ନାମୀ ଦାମୀ ଔଷଧ ରୋଗୀଙ୍କ ମଧ୍ୟରେ ମାଗଣାରେ ବିତରଣ ନିମନ୍ତେ ଦିଆଯାଇଛି। ମାତ୍ର ସ୍ୱାସ୍ଥ୍ୟକେନ୍ଦ୍ରର ଦାୟିତ୍ୱରେ ଥିବା ବିଭାଗୀୟ ଡାକ୍ତର ରୋଗୀଙ୍କୁ ନାମକୁ ମାତ୍ର



ସରକାରୀ ଔଷଧ ପ୍ରଦାନ କରି ମେଡିକାଲ ପରିସରରେ ଖୋଲାଯାଇଥିବା ଘରୋଇ ମେଡିସିନ ଷ୍ଟୋରରୁ ଔଷଧ କିଣି ଆଣିବା ନିମନ୍ତେ ପରାମର୍ଶ ହେଉଥିବାର ଅଭିଯୋଗ ହୋଇଛି। ଯାହା ଫଳରେ ରୋଗୀ ଘରୋଇ ଔଷଧ ଦୋକାନରୁ କିଣି ଆର୍ଥିକ ଶୋଷଣର ଶୀକାର ହେଉଛନ୍ତି। ଏପରିସ୍ଥଳେ ଘରୋଇ ଔଷଧ ଦୋକାନୀ ମାଲେମାଲ ହେଉଥିବା ବେଳେ ଔଷଧ ଚିଠା ଲେଖିଥିବା ଅଧିକାରୀଙ୍କୁ ଉଭୟ ମେଡିସିନ କମ୍ପାନୀ ଓ ଦୋକାନୀ ତରଫରୁ ମୋଟା ଅଙ୍କର ହାତଗୁଞ୍ଜା ମିଳୁଥିବାର ଚର୍ଚ୍ଚା ହେଉଛି। ଏପରିସ୍ଥଳେ

## ରୋଗୀ ବାହାରୁ କିଣି ଆର୍ଥିକ ଶୋଷଣର ଶିକାର

ଏହି ଡାକ୍ତରଖାନାରେ ରହିଥିବା ଡାକ୍ତର ଜଣକ ଦୀର୍ଘ ୧୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ଆସ୍ଥାନ ଜମାଇ ରୋଗୀସେବା ନାମରେ ଶୋଷଣ କରି କୋଟି କୋଟି ଟଙ୍କାର ଆୟ ବର୍ହିଭୁତ ବେନାମୀ ସମ୍ପତି ରଖିଥିବାର ଅଭିଯୋଗ ହୋଇଛି। ତେବେ ଏହି ଡାକ୍ତରଙ୍କର ଏଠାରୁ କଣ ପାଇଁ ବଦଳି କରାଯାଉ ନାହିଁ ତାହା ନେଇ ସାଧାରଣରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଥିବା ଲକ୍ଷ ଲକ୍ଷ ଟଙ୍କା ମୂଲ୍ୟର ଔଷଧକୁ ରୋଗୀଙ୍କ ମଧ୍ୟରେ ବିତରଣ କରା ନ ଯାଇ ଅଳିଆ ଗଦାରେ ଫିଙ୍ଗି ଦିଆଯାଇଥିବା ଘଟଣାଟି ଏହି ଡାକ୍ତରଖାନାର ଅସଲ ଚେହେରାକୁ ପଦାରେ ପକାଇଦେଇଛି। ସରକାରଙ୍କ ତରଫରୁ ପର୍ଯ୍ୟାପ୍ତ ପରିମାଣର ଔଷଧ ଡାକ୍ତରଖାନାକୁ ଯୋଗାଇ ଦିଆଯାଉଥିଲା ବେଳେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଖୋଲାଯାଇଥିବା ଘରୋଇ ମେଡିସିନ ଷ୍ଟୋର କାହା ସ୍ୱାର୍ଥରେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପରିକି ଛୁଟିଦିନ ରବିବାରରେ ମେଡିକାଲ ତରଫରୁ ନିଜର ଦୋଷ ଦୁର୍ବଳତାକୁ ଲୁଚାଇବା ନିମନ୍ତେ ତରବରିଆ ଭାବେ ବହୁ ମୂଲ୍ୟବାନ ଔଷଧକୁ ନଷ୍ଟ କରିଦିଆଯାଇଥିବାର ଜଣାଯାଇଛି। ତେବେ ନଷ୍ଟ କରାଯାଇଥିବା ବହୁ ଔଷଧର ଏକ୍ସପାଇରି ଡେଟ ଶେଷ ହୋଇ ନ ଥିଲା ବେଳେ ଏହି ଔଷଧକୁ କଣ ପାଇଁ ନଷ୍ଟ କରିଦିଆଗଲା ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ତେବେ ସ୍ୱାସ୍ଥ୍ୟ ବିଭାଗ ଓ ଭିଜିଲାନ୍ସ ବିଭାଗ ତରଫରୁ ଏହାର ବିଧିବଦ୍ଧ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ ସାଧାରଣରେ ଦାବି ହୋଇଛି।

## ସୁଧୁରୁନି ଓଏସ୍‌ଏସ୍‌ସି ପରୀକ୍ଷା ବ୍ୟବସ୍ଥା

# ଏଲ୍‌ଟିଆର୍ ସଂସ୍କୃତ ପରୀକ୍ଷାରେ ବି ବିଭ୍ରାଟ

**ଭୁବନେଶ୍ୱର,୧।୬(ସମିସ):** ଓଡ଼ିଶା ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ପରୀକ୍ଷାରେ ବାରମ୍ବାର ବିଭ୍ରାଟ ଦେଖିବାକୁ ମିଳୁଛି। କେବଳ ଲିଭ୍ ଟ୍ରେନିଂ ରିଜର୍ଭ (ଏଲ୍‌ଟିଆର୍) ପରୀକ୍ଷାରେ ଏକାଧିକ ବିଭ୍ରାଟ ପଦାକୁ ଆସିଛି। ଗତ ୧୫ ତାରିଖରେ ଅନୁଷ୍ଠିତ ଏଲ୍‌ଟିଆର୍ ହିନ୍ଦୀ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି ଦେଖାଦେଇଥିଲା। ୨୦ଟି ପେଡାଗୋଜୀ ଆଣ୍ଡ ଇଭାଲୁଏସନ୍ ପ୍ରଶ୍ନ ଉଭୟ ଇଂରାଜୀ ଓ ହିନ୍ଦୀରେ ଆସିବାର ଥିବା ବେଳେ କେବଳ ହିନ୍ଦୀ ଭାଷାରେ ପ୍ରଶ୍ନ ପଚାରାଯାଇଥିଲା। ଅନୁରୂପ ଭାବେ ୧୭ ତାରିଖରେ ଅନୁଷ୍ଠିତ ସଂସ୍କୃତ ପରୀକ୍ଷାରେ ବିଭ୍ରାଟ ହୋଇଛି। ପ୍ରଶ୍ନପତ୍ରରେ ୨୦ଟି ପେଡାଗୋଜୀ ଆଣ୍ଡ ଇଭାଲୁଏସନ୍ ପ୍ରଶ୍ନ ଉଭୟ ଇଂରାଜୀ ଓ ସଂସ୍କୃତରେ ଆସିବାର ଥିବା ବେଳେ କେବଳ ସଂସ୍କୃତ ଭାଷାରେ ପ୍ରଶ୍ନ ଥିଲା। ଏହାର ଇଂରାଜୀ ଅନୁବାଦ ଅନ୍ୟ କାଗଜରେ ଜେରକ୍ସ କରି ପରୀକ୍ଷାର୍ଥୀଙ୍କୁ ଦିଆଯାଇଥିଲା। ଯାହାର ବୈଧତା ଓ ଗୋପନୀୟତାକୁ ନେଇ ପରୀକ୍ଷାର୍ଥୀମାନେ ପ୍ରଶ୍ନ ଉଠାଇଛନ୍ତି। ସେହିପରି ପ୍ରଶ୍ନପତ୍ର ପ୍ୟାକେଟ୍‌ର ଫଟୋ ବାହାରକୁ ଆସିବା ପରେ ପରୀକ୍ଷା କେନ୍ଦ୍ରରେ ମୋବାଇଲ୍ ବ୍ୟବହାର ହୋଇଥିବା ଆଶଙ୍କା ଆଶାୟୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି।

ଏଲ୍‌ଟିଆର୍ ହିନ୍ଦୀ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି ସାମ୍ନାକୁ ଆସିବା ପରେ ଏହାକୁ ପୁନଃ ପରୀକ୍ଷା କରିବା ପାଇଁ ଏସ୍‌ଏସ୍‌ସି ନିଷ୍ପତ୍ତି ନେଇଛି। ଏହାପରେ ସମାନ ତ୍ରୁଟି ଥିବାରୁ ସଂସ୍କୃତ ପ୍ରଶ୍ନପତ୍ରର ଇଂରାଜୀ ଅନୁବାଦ କରି ତାହାର ଜେରକ୍ସ କପି ପରୀକ୍ଷାର୍ଥୀଙ୍କୁ ଦିଆଯାଇଛି। ହେଲେ ଜେରକ୍ସଗୁଡ଼ିକରେ କୌଣସି ବନ୍ଦ ପ୍ୟାକେଟ୍‌ରେ ନଥିଲା। ପରୀକ୍ଷକମାନେ ହାତରେ ଆଣି ତାକୁ ପରୀକ୍ଷାର୍ଥୀଙ୍କୁ ବାଣ୍ଟିଥିବା ବେଳେ ବଳକା ପ୍ରଶ୍ନପତ୍ର ତାଙ୍କ ପାଖରେ ରଖିଥିଲେ। ପରୀକ୍ଷାର୍ଥୀଙ୍କ କହିବା କଥା, ପ୍ରତି ପିଲାଙ୍କ ପିଛା ଗୋଟିଏ ଲେଖାଏଁ ପ୍ରଶ୍ନପତ୍ର ଛପା ଯାଉଥିବା ବେଳେ ଇଂରାଜୀ ଅନୁବାଦର କପି କାହିଁକି ଅଧିକ କରାଯାଇଥିଲା? ପୁଣି ସେଗୁଡ଼ିକ ପରୀକ୍ଷା ପୂର୍ବରୁ ଖୋଲା ଥିବାରୁ ତାହାର ଗୋପନୀୟତା ନେଇ ପ୍ରଶ୍ନ ଉଠାଇଛନ୍ତି। ହିନ୍ଦୀ ପରୀକ୍ଷାରେ ପ୍ରଶ୍ନପତ୍ର ତ୍ରୁଟି ପଦାକୁ ଆସିବା ପରେ ତୁରନ୍ତ ସଂସ୍କୃତ ପରୀକ୍ଷା ପାଇଁ ଇଂରାଜୀ ଅନୁବାଦ କରାଯାଇ ରାତିଅଧିଆ ଜେରକ୍ସ କରାଯାଇ ପିଲାଙ୍କୁ ଦିଆଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଫଳରେ ଅତି କମ୍‌ରେ ୨୦ ପ୍ରଶ୍ନପତ୍ର ପରୀକ୍ଷା ପୂର୍ବରୁ ପ୍ରଘଟ ହୋଇଥିବା ବହୁ ଆଶାୟୀ ଅଭିଯୋଗ କରିଛନ୍ତି।

- ଇଂରାଜୀ ଅନୁବାଦ ଜେରକ୍ସର ଗୋପନୀୟତା ନେଇ ପ୍ରଶ୍ନବାଚୀ
- ସିରିଏଲ୍ ନମ୍ବର ସହ ପ୍ରଶ୍ନପତ୍ର ପ୍ୟାକେଟ୍ ଫଟୋ ଭାଇରାଲ୍
- ପୁନଃ ପରୀକ୍ଷା ସହ ଯାଞ୍ଚ କରିବାକୁ ଆଶାୟୀଙ୍କ ଦାବି

ଅପରପକ୍ଷରେ ପ୍ରଶ୍ନପତ୍ର ପ୍ୟାକେଟ୍ ଉପରେ ଲାଗୁଥିବା ପ୍ରଶ୍ନପତ୍ର ବୁକ୍‌ଲେଟ୍ ତଥ୍ୟର ଏକ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେବା ପରେ ପରୀକ୍ଷା କେନ୍ଦ୍ରକୁ ମୋବାଇଲ୍ ଯାଉଥିବା ଆଶଙ୍କା ଜୋର୍ ଧରିଛି। ଭାଇରାଲ୍ ଫଟୋରେ ୪୭୧୧୮୪ ଠାରୁ ୪୭୧୨୦୭ ପର୍ଯ୍ୟନ୍ତ ସିରିଏଲ୍ ନମ୍ବର ବିଶିଷ୍ଟ ୨୪ଟି ବୁକ୍‌ଲେଟ୍ ଥିବା ଉଲ୍ଲେଖ ରହିଛି। ପରୀକ୍ଷାର୍ଥୀଙ୍କ ଅଭିଯୋଗ ହେଲା, ପରୀକ୍ଷା କେନ୍ଦ୍ରରେ ମୋବାଇଲ୍ ବ୍ୟବହାର କରିବାକୁ ଉଭୟ ପରୀକ୍ଷକ ଓ ପରୀକ୍ଷାର୍ଥୀଙ୍କୁ ବାରଣ କରାଯାଇଥିବା ବେଳେ ପ୍ରଶ୍ନପତ୍ର ପ୍ୟାକେଟ୍ ଫଟୋ ବାହାରକୁ ଆସିଲା କିପରି କିପରି? ଏକ ହ୍ୱାଟସ୍‌ଆପ୍ ଗ୍ରୁପ୍‌ରେ ପ୍ରଥମେ ଏହି ଫଟୋଟି ପକାଇଥିବା ବ୍ୟକ୍ତିଙ୍କୁ ଅନ୍ୟ ଆଶାୟୀମାନେ ପ୍ରଶ୍ନ କଲା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ନମ୍ବର ସେବେଠାରୁ ସୁଇଚ୍-ଅଫ୍ ହୋଇଯାଇଥିବା ଅନ୍ୟ ଜଣେ ପରୀକ୍ଷାର୍ଥୀ ଦୁର୍ଗାମାଧବ ଅଭିଯୋଗ କରିଛନ୍ତି। ଏପରିକି, ରାଜଧାନୀ ମହାବିଦ୍ୟାଳୟ ପରୀକ୍ଷାକେନ୍ଦ୍ରରେ ପର୍ଯ୍ୟାପ୍ତ ଯାଞ୍ଚ କରାଯାଇନଥିବାରୁ ପରୀକ୍ଷା ହଲ୍‌କୁ ମୋବାଇଲ୍ ନେଇ କିଛି ପିଲା ଉତ୍ତର ଲେଖୁଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି।

ଓଏସ୍‌ଏସ୍‌ସି ପରିଚାଳିତ ପରୀକ୍ଷାରେ ବାରମ୍ବାର ବିଭ୍ରାଟ ଆଶାୟୀଙ୍କ ମଧ୍ୟରେ ନିରାଶା ଭାବ ଖେଳାଇଛି। ଚାକିରି ବିକ୍ରି କରିବାକୁ ଏବଂ ନିର୍ଦ୍ଦିଷ୍ଟ ପିଲାଙ୍କୁ କୃତକାର୍ଯ୍ୟ କରିବାକୁ ବହୁ ଗଳାବାଟ ପ୍ରସ୍ତୁତ କରାଯାଇଥିବା ସାମାଜିକ ଗଣମାଧ୍ୟମ 'ଏକ୍ସ' ଓ ୟୁଟ୍ୟୁବ୍‌ରେ ପ୍ରତିକ୍ରିୟା ରଖୁଛନ୍ତି। ଏହାର ଯାଞ୍ଚ କରିବା ସହ ହିନ୍ଦୀ ପରି ସଂସ୍କୃତ ପରୀକ୍ଷାର ୨୦ଟି ପେଡାଗୋଜୀ ଆଣ୍ଡ ଇଭାଲ୍ୟୁସନ୍ ପ୍ରଶ୍ନକୁ ଆଉଥରେ ପରୀକ୍ଷା କରିବାକୁ ଆଶାୟୀମାନେ ଦାବି କରିଛନ୍ତି।

## ତାଳଚେର ସଦର ପୁଲିସ ବିରୋଧରେ ସାଂଘାତିକ ଅଭିଯୋଗ

# ରାତିଅଧରେ ଘରେ ପଶି ନିର୍ଘାତ ପିଟିଲେ ୧୫ ପୁଲିସ୍

### ମୁଖ୍ୟମନ୍ତ୍ରୀ, ପୁଲିସ ଡିଜିଙ୍କୁ ଚିଠି

### ନିରପେକ୍ଷ ତଦନ୍ତ ସହ କଠୋର୍ କାର୍ଯ୍ୟାନୁଷ୍ଠାନ ଦାବି

**ଭୁବନେଶ୍ୱର, ୧।୬ (ସମିସ):** ତାଳଚେର ସଦର ପୁଲିସ ବିରୋଧରେ ଆସିଛି ସାଂଘାତିକ ଅଭିଯୋଗ। ରାତିଅଧରେ ଶ୍ରୀକାନ୍ତ ଗୋଚ୍ଛାୟତ ନାମକ ଏକ ବ୍ୟକ୍ତିଙ୍କ ଘରେ ୧୫ରୁ ଅଧିକ ପୁଲିସ କର୍ମଚାରୀ ପଶି ମାଡ଼ ମାରିଥିବା ନେଇ ଅଭିଯୋଗ ହୋଇଛି। ପୁଲିସ୍‌ର ଏହି ବର୍ବରତା ବିରୋଧରେ ଶ୍ରୀ ଗୋଚ୍ଛାୟତ କାର୍ଯ୍ୟାନୁଷ୍ଠାନ ଦାବି କରି ମୁଖ୍ୟମନ୍ତ୍ରୀ ଏବଂ ପୁଲିସ ଡିଜିଙ୍କୁ ଚିଠି ଲେଖିଛନ୍ତି।

ଅଭିଯୋଗ ଅନୁଯାୟୀ, ଶନିବାର ରାତି ପ୍ରାୟ ୧ଟାରେ ୧୫ରୁ ଅଧିକ ପୁଲିସ୍ କର୍ମଚାରୀ ଶ୍ରୀ ଗୋଚ୍ଛାୟତଙ୍କ ଘରେ ପଶି ତାଙ୍କ ପରିବାରଲୋକଙ୍କୁ ମାଡ଼ ମାରିଥିଲେ। କାହିଁକି ମାଡ଼ ମାରୁଛି, ସେମାନଙ୍କର ଦୋଷ କ'ଣ ବୋଲି ପରିବାରଲୋକ ପଚାରିବାରୁ ଆମେ ଏନେଇ କିଛି କହିପାରିବୁନି ବୋଲି ମନା କରିଦେଇଥିଲେ। ଏପରିକି, ଉକ୍ତ ପୁଲିସ୍ କର୍ମଚାରୀଙ୍କ ମଧ୍ୟରୁ କେତେଜଣ ମଦ୍ୟପାନ କରିଥିବା ବେଳେ କିଛି କର୍ମଚାରୀ ବିନା ପୋଷାକରେ ଥିବା ଅଭିଯୋଗରେ ଦର୍ଶାଯାଇଛି। ଏହି ଅନ୍ୟାୟପୂର୍ଣ୍ଣ ଆକ୍ରମଣ କାରଣରୁ ଆମ ପରିବାର ଭୟ ଏବଂ ମାନସିକ ଦୁଃସ୍ଥିତି ମଧ୍ୟରେ ଅଛନ୍ତି। ବିଶେଷକରି, ମୋ ବୋଉ ଗତ ୨ବର୍ଷ ଧରି ଅସୁସ୍ଥ ଥିବା ବେଳେ ତାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ରୋପଚାର ହୋଇଛି। ବୋଉଙ୍କ ଉପରେ ଆଘାତ ଲାଗିଥିବା ବେଳେ ଏହାକୁ ନେଇ ସେ ବେଶ୍ ଚିନ୍ତାରେ ଅଛନ୍ତି ବୋଲି ଶ୍ରୀକାନ୍ତ କହିଛନ୍ତି। ଏପରି ପରିସ୍ଥିତିରେ ମୁଖ୍ୟମନ୍ତ୍ରୀ ଏବଂ ପୁଲିସ୍ ଡିଜି ଘଟଣାର ସଠିକ୍ ଅନୁସନ୍ଧାନ କରନ୍ତୁ। ଦୋଷୀ କର୍ମଚାରୀଙ୍କ ବିରୋଧରେ ଆଇନସମ୍ମତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ମୋ ପରିବାରକୁ ଯଥୋଚିତ ନ୍ୟାୟ ପ୍ରଦାନ କରିବାକୁ ଶ୍ରୀକାନ୍ତ ଦାବି କରିଛନ୍ତି।

■ ରଥଖଳାରୁ...

# ନିର୍ମାଣ ହେଲା ଦଣ୍ଡା ଫ୍ରେମ୍



**ପୁରୀ,୧।୬(ସମିସ):** ଆଉ ୨୫ ଦିନ ପରେ ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ଏଥିପାଇଁ ଶ୍ରୀନଅର ସମ୍ମୁଖ ରଥଖଳାରେ ଚାଲିଛି ତିନିରଥ ନିର୍ମାଣ। ରବିବାର ତିନି ରଥର ଚେଚିସ୍ ବା ଦଣ୍ଡା ଫ୍ରେମ ନିର୍ମାଣ ପ୍ରସ୍ତୁତି ଶେଷ ହୋଇଛି। ପ୍ରତ୍ୟେକ ରଥର ପାଞ୍ଚ ଦଣ୍ଡାରେ ମୁହାଁଟ ସଂଯୋଗ ପରେ ଆଗ ଏବଂ ପଛ ନିରାଡ଼ି ଉଠି ପାର୍ଶ୍ୱ ଦଣ୍ଡାରେ କୁଡୁକା ଲାଗି ହୋଇ ପାର୍ଶ୍ୱ ନିରାଡି ପଡ଼ିଛି। ଏହାର ଆଗ ଆଣି ମହାଁଟରେ ପାଞ୍ଚଟି ସାଲଗୁଜ, ପଛ ଆଣି ମୁହାଁଟରେ ତିନୋଟି ଜଳଯନ୍ତ୍ର ଏବଂ ଦୁଇ ପାର୍ଶ୍ୱରେ ଗୋଟିଏ ଗୋଟିଏ କୋଣଗୁଜ ଉଠି ତା' ଉପରେ ନିରାଡ଼ି ସଂଯୋଗ ହୋଇ ଦଣ୍ଡା ଫ୍ରେମ ପ୍ରସ୍ତୁତି ଶେଷ ହୋଇଛି। ଏହି ଦଣ୍ଡା ଫ୍ରେମ ପ୍ରସ୍ତୁତି କାର୍ଯ୍ୟ ମୁଖ୍ୟ ମହାରଣାମାନଙ୍କ ତତ୍ତ୍ୱାବଧାନରେ ସହଯୋଗୀ ମହାରଣା ସେବକ ଏବଂ ଭୋଇ ସେବକଙ୍କ ଦ୍ୱାରା ସମ୍ପନ୍ନ ହୋଇଛି। ଏଥିସହ ତିନି ରଥର ଚାରିଗୋଟି ଲେଖାଏଁ ଧ୍ୱଜ ବତାର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କରତୀ ସେବକମାନେ ନନ୍ଦିଘୋଷ ରଥର ୪୦ ଫୁଟିଆ ପୋଲ ଗୟଳର ଉଭୟ ପାର୍ଶ୍ୱ ଚିତା କାର୍ଯ୍ୟ ଶେଷ ପରେ ଚିରଟ କାର୍ଯ୍ୟ ଶେଷ କରିଛନ୍ତି। ରୂପକାର ସେବକମାନେ ତିନିରଥର ବେଦୀ ସିଂହାସନ ମୁହାଁଟରେ କୁମ୍ଭ, ଡାଳି ଲତା ଇତ୍ୟାଦି ଖୋଦେଇ କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦୀ ପରିସର ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ଦଣ୍ଡା ବିଡିଆ କଣ୍ଟା, ଗୟଳ କଣ୍ଟା, ଗରଗରା କଣ୍ଟା ସହ ଧ୍ୱଜ ବତା କଣ୍ଟା ନିର୍ମାଣ କରୁଛନ୍ତି। ପାହି ମହାରଣାମାନେ ରଥରେ ପୂଜାର୍ଚ୍ଚନା ପାଇଁ ବେଶ ଘୋଡ଼ିଆ ଏବଂ ଫୁଲ ଚାଙ୍ଗଡ଼ା ଫ୍ରେମ ପ୍ରସ୍ତୁତି କାର୍ଯ୍ୟ ଜାରି ରଖିଛନ୍ତି।

## ସମ୍ବଲପୁର ଶୀତଳ ଷଷ୍ଠୀ

# ନଗର ପରିକ୍ରମାରେ ଦେବ ଦମ୍ପତି

**ସମ୍ବଲପୁର, ୧।୬ (ସମିସ):** ବିଶ୍ୱପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ସମ୍ବଲପୁରର ରାସ୍ତାଘାଟରେ ଏବେ ପ୍ରବଳ ଗହଳି। ଘରେଘରେ ଜମିଛନ୍ତି କୁଣିଆ ମୈତ୍ର। ଲାଗି ରହିଛି ବିବାହର ମାହୋଲ। ଯାତ୍ରାର ବିଶେଷତ୍ୱ ହେଉଛି ଲୋକାଚାରରେ ଦେବବିବାହ। ଦେବଦେବ ମହାଦେବ ବରବେଶରେ ଯାଇ ଜଗଜ୍ଜନନୀ ମାତା ପାର୍ବତୀଙ୍କୁ ବିବାହ କରିବେ। ସାଧାରଣ ପରିବାରର ଝିଅଟିଏ ଭଳି ନିର୍ବନ୍ଧ ବା 'ପତରପେଁଡ଼ି', ଦେବ ନିମନ୍ତ୍ରଣ ବା 'ଗୁଆଗୁଁଡ଼ା', ବାଜାଗଜା ସହ ବରାନୁଗମନ ବା 'ବରାତି', ବିଳମ୍ବିତ ରାତ୍ରି ଜ୍ୟେଷ୍ଠ ଶୁକ୍ଳପକ୍ଷ ପଞ୍ଚମୀ ଗତେ ଷଷ୍ଠୀ ଶୁଭ ଲଗ୍ନରେ ବିବାହ ଓ କନ୍ୟାଦାନ ଏବଂ ଯାନିଯୌତୁକ ସହ ଅଶ୍ରୁଳ ପରିବେଶରେ କନ୍ୟାବିଦା ସମସ୍ତ ବୈଦିକ ରୀତିନୀତିରେ କରାଯାଏ। ବିବାହ ପରେ ଦେବଦମ୍ପତି ବିବାହବେଦୀରେ ଭକ୍ତଙ୍କୁ ଦର୍ଶନ ଦେଇଥା'ନ୍ତି। ପୁଣି ଆଜି ରାତିରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବା ନିମନ୍ତେ ଯୁଗଳ ଦର୍ଶନ ଶୋଭାଯାତ୍ରାରେ ବାହାରିଛନ୍ତି ଦେବଦମ୍ପତି।



ଏହି ନଗର ପରିକ୍ରମା ଶୋଭାଯାତ୍ରା ରବିବାର ରାତି ଓ ସୋମବାର ଦିନତମାମ ଚାଲିବାପରେ ଅପରାହ୍ଣରେ ଦେବଦେବ ମହାଦେବ ଓ ଜଗଜ୍ଜନନୀ ମାତା ପାର୍ବତୀ ମନ୍ଦିର ପ୍ରବେଶ କରିବେ। ପ୍ରବଳ ଗ୍ରୀଷ୍ମପ୍ରବାହରେ ମଣିଷଠାରୁ ଆରମ୍ଭ କରି ଜୀବଜନ୍ତୁ, ଗଛଲତା ପର୍ଯ୍ୟନ୍ତ ଅତିଷ୍ଠ ହୋଇଥିବାବେଳେ ଦେବବିବାହରେ ବର୍ଷା ହୋଇ ଧରାପୃଷ୍ଠ ଶୀତଳ ହୁଏ ବୋଲି ଜନଶ୍ରୁତି ରହିଛି। ନନ୍ଦପଡ଼ାର ବମବରାଡ଼ ବାଲୁଙ୍କେଶ୍ୱର ବାବା, ଝାଡୁଆପଡ଼ାର ଶ୍ରୀଲୋକନାଥ ବାବା, ମୁଦିପଡ଼ାର ଶ୍ରୀଜାଗେଶ୍ୱର ବାବା, ବଡ଼ବଜାର ଶୀତଳେଶ୍ୱର ବାବା, ଠାକୁରପଡ଼ାର ଗୁପ୍ତେଶ୍ୱର ବାବା ମାତା ପାର୍ବତୀଙ୍କ ସହ ଯୁଗଳ ଦର୍ଶନ ଶୋଭାଯାତ୍ରାରେ ବାହାରିଛନ୍ତି।

# ରାଜ୍ୟରେ ଆଉ ୩ କରୋନା ଆକ୍ରାନ୍ତ ଚିହ୍ନଟ

**ଭୁବନେଶ୍ୱର, ୧।୬(ସମିସ):** ରାଜ୍ୟରେ ଆଉ ୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆଜିର ଆକ୍ରାନ୍ତଙ୍କୁ ମିଶାଇ ମୋଟ ୧୨ ଜଣ ରୋଗୀ ଏପର୍ଯ୍ୟନ୍ତ ସଂକ୍ରମିତ ହୋଇଛନ୍ତି। ଗତ ମେ ୨୨ରେ ପ୍ରଥମ କରୋନା ରୋଗୀ ଓଡ଼ିଶାରୁ ଚିହ୍ନଟ ହୋଇଥିବାବେଳେ ଗତ ୯ ଦିନ ଭିତରେ ଲଗାତର ଭାବେ ଏହି ସଂଖ୍ୟା ବୃଦ୍ଧି ପାଉଛି। ଏଥିରେ କଟକ ଜିଲ୍ଲାରୁ ୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଖୋର୍ଦ୍ଧା ଜିଲ୍ଲାରୁ ୮ଜଣ ଆକ୍ରାନ୍ତ ଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ନୂଆକରି ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କର ଟ୍ରାଭେଲ୍ ହିଷ୍ଟ୍ରି ଯାଞ୍ଚ କରାଯାଉଛି। ଏଥିସହ ତାଙ୍କ ପରିବାର ଓ ନିକଟତମ ସମ୍ପର୍କୀୟମାନଙ୍କର ଥଣ୍ଡା କାଶ ଥିଲେ ତାଙ୍କର ପରୀକ୍ଷା କରାଯାଉଛି। ଏ ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି, ରାଜ୍ୟରେ ପ୍ରତିଦିନ ଜଣେ ଦୁଇ ଜଣ ରୋଗୀ ଚିହ୍ନଟ ହେଉଛନ୍ତି। ଏଥିରେ ଭୟଭୀତ ହେବାର କୌଣସି କାରଣ ନାହିଁ। ଯେତିକି ବି ରୋଗୀ ଚିହ୍ନଟ ହେଉଛନ୍ତି, ସମସ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। କରୋନାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ସମ୍ପର୍କରେ ଶ୍ରୀ ମିଶ୍ର କହିଛନ୍ତି, ବର୍ତ୍ତମାନ ସୁଦ୍ଧା ସ୍ୱାସ୍ଥ୍ୟ ବିଭାଗ ପାଖରେ ସେଭଳି କୌଣସି ସୂଚନା ନାହିଁ।

# ସୀମାନ୍ତରେ ୩ ମାଓବାଦୀ ଗିରଫ



**ମାଲକାନଗିରି,୧।୬(ସମିସ):** ମାଲକାନଗିରି ଛତିଶଗଡ଼ ସୀମାନ୍ତ ସୁକୁମା ଜିଲ୍ଲାର ଜାଗରକୋଣ୍ଡା ଥାନା ଅଞ୍ଚଳରୁ ୩ ହାର୍ଡକୋର ମାଓବାଦୀଙ୍କୁ ଗିରଫ କରିଛନ୍ତି ସୁରକ୍ଷା କର୍ମୀ। ଦୁଇ ଜଣଙ୍କ ଉପରେ ୮ ଲକ୍ଷ ଏବଂ ଜଣଙ୍କ ଉପରେ ୫ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ ଛତିଶଗଡ଼ ସରକାର। ସୁକୁମା ଓ ବିଜାପୁର ଜିଲ୍ଲାର ଅନେକ ହିଂସାକାଣ୍ଡରେ ଏମାନେ ଜଡ଼ିତ ଥିବା ସୁକୁମା ଏସ୍‌ପି କିରଣ ଚୌହାନ ସୂଚନା ଦେଇଛନ୍ତି। ଡିଆରଜି ଓ ସିଆରପିଏଫ ବାହିନୀର ମିଳିତ ଅପରେସନ ବେଳେ ଏମାନଙ୍କୁ ଗିରଫ କରାଯାଇଛି।

# ସମୁଦି ତୀରମାଡ଼ରେ ସମୁଦୁଣି ଗୁରୁତର

**ବଣାଇଁ,୧।୬ (ସମିସ):** ବଣାଇଁ ଉପଖଣ୍ଡ ଲହୁଣୀପଡ଼ା ଥାନା ଗମଲେଇ ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ସମୁଦିର ତୀର ମାଡ଼ରେ ସମୁଦୁଣି ଗୁରୁତର ହୋଇଛନ୍ତି। ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷେ ତୀର ମାରିଥିବା ବ୍ୟକ୍ତିଙ୍କୁ ପୁଲିସ ଥାନାରେ ଅଟକ ରଖି ଅଧିକ ପଚରାଉଚରା କରୁଛି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଗମଲେଇ ଗ୍ରାମର ବିଧବା ମହିଳା ଲକ୍ଷ୍ମୀ କିଷାନ। ତାଙ୍କ ସମ୍ପର୍କୀୟ ଲୁକୁ କିଷାନଙ୍କ ସହ ଭଲ ସମ୍ପର୍କ ରହିଥିଲା। ଉଭୟେ ସମୁଦି ଏବଂ ସମୁଦୁଣୀ ବୋଲି ସମ୍ବୋଧନ କରୁଥିଲେ। ହେଲେ ହଠାତ୍ ଭୋର୍‌ରେ ଲକ୍ଷ୍ମୀଙ୍କ ଘରକୁ ଲୁକୁ ଯାଇଥିବା ବେଳେ ଜଣେ ବାହାର ଲୋକ ଥିବା ଦେଖି ଉତ୍ତ୍ୟକ୍ତ ହୋଇପଡ଼ିଥିଲେ। ପରେ ସେ ଘରୁ ଧନୁ ତୀର ଆଣି ସମ୍ପୃକ୍ତ ଲୋକଙ୍କୁ ତୀରମାଡ଼ କରିଥିଲେ। ମାତ୍ର ତୀରଟି ଲକ୍ଷ୍ମୀଙ୍କ ପେଟରେ ଗଳି ଯାଇଥିଲା। ଗୁରୁତର ଅବସ୍ଥାରେ ଲକ୍ଷ୍ମୀଙ୍କୁ ପ୍ରଥମେ ଉପଖଣ୍ଡ ଚିକିତ୍ସାଳୟ ବଣାଇଁ ଓ ପରେ ରାଉରକେଲା ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ଲହୁଣୀପଡ଼ା ପୁଲିସ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ପିକ୍‌ଅପ୍-ସ୍କୁଟି ମୁହାଁମୁହିଁ; ୨ ମୃତ

**ସୁନ୍ଦରଗଡ଼, ୧।୬(ସମିସ):** ୧୦ ନମ୍ବର ରାଜ୍ୟ ରାଜପଥର ସୁନ୍ଦରଗଡ଼ ସଦର ଥାନା କିରେଇ ମୁଡିମିଲ ନିକଟରେ ଶନିବାର ରାତିରେ ପିକ୍-ଅପ୍ ଓ ସ୍କୁଟି ମଧ୍ୟରେ ମୁହାମୁହିଁ ଧକ୍କା ହୋଇଛି। ଏଥିରେ ସ୍କୁଟିରେ ଯାଉଥିବା ୨ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକଦ୍ୱୟ ହେଲେ, ସୁନ୍ଦରଗଡ଼ ଟାଉନ୍ ଥାନା ରିଜେଣ୍ଟ ମାର୍କେଟ ମସଜିଦ ପଡ଼ାର ଏମ୍‌ଡି ନସିମ (୧୮) ଓ ସେଜି ଆଲାମ (୧୮)। ଯୁବକମାନେ ସ୍କୁଟିରେ ସୁନ୍ଦରଗଡ଼ ପଟେ ଆସୁଥିବା ବେଳେ ପିକ୍-ଅପ୍‌ଟି ରଙ୍ଗ୍ ସାଇଡ୍‌ରେ ଯାଇ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଯୁବକଦ୍ୱୟଙ୍କୁ ଉଦ୍ଧାର କରି ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନାକୁ ପଠାଇଥିଲେ। ତେବେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଅଭିଯୋଗ ପାଇ ପୁଲିସ ମୃତଦେହ ଜବତ କରି ରବିବାର ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ବିଜେଡିରେ ମିଶିଲେ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ଦଳର ନେତା

**ଭୁବନେଶ୍ୱର,୧।୬(ସମିସ):** ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ୨୦୨୪ ସାଧାରଣ ନିର୍ବାଚନ କଂଗ୍ରେସ ପ୍ରାର୍ଥୀ ଦିଲ୍ଲୀପ ପ୍ରଧାନୀଙ୍କ ନେତୃତ୍ୱରେ ଶତାଧିକ ପିଆରଆଇ ସଦସ୍ୟ ଓ କର୍ମୀ ବିଜେଡିରେ ଯୋଗଦାନ କରିଛନ୍ତି। ରବିବାର ଶଙ୍ଖଭବନଠାରେ ବିଜେଡି ବିଧାୟକ ତଥା ଜିଲ୍ଲା ସଭାପତି ମନୋହର ରନ୍ଧାରୀଙ୍କ ଉପସ୍ଥିତିରେ ସେମାନେ ବିଜେଡିରେ ଯୋଗ ଦେଇଛନ୍ତି। ଏହି ଅବସରରେ ଦଳରେ ସାମିଲ୍ ହୋଇଥିବା ସମସ୍ତଙ୍କୁ ଶ୍ରୀ ରନ୍ଧାରୀ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ।

ଏହି ଅବସରରେ କଂଗ୍ରେସର ବିଧାନସଭା ପ୍ରାର୍ଥୀ ଦିଲ୍ଲୀପ ପ୍ରଧାନୀ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଓଡ଼ିଶାବାସୀଙ୍କ ଲୋକପ୍ରିୟ ନେତା ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ ଓ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ଆମେ ସମସ୍ତେ ବିଜୁ ଜନତା ଦଳରେ ସାମିଲ ହେବା ପାଇଁ ନିଷ୍ପତ୍ତି ନେଲୁ। ଦଳରେ ସାମିଲ ହୋଇ ଆମେ ବହୁତ ଖୁସି ଅନୁଭବ କରୁଛୁ। ଶଙ୍ଖ ଭବନରେ ଆୟୋଜିତ ମିଶ୍ରଣ ପର୍ବରେ ସରପଞ୍ଚ ସର୍ବଶ୍ରୀ ପ୍ରମିଳା ମୁଦୁଲି, ଶଙ୍କର ନାୟକ, ରୁକ୍ମଣୀ ମାଝୀ, ସମିତିସଭ୍ୟ ସର୍ବଶ୍ରୀ ଦୁର୍ଯୋ ମାଝୀ, ଜିତେନ୍ଦ୍ର ହରିଜନ, ସୋମନାଥ ସୌରା, ବରିଷ୍ଠ କଂଗ୍ରେସ ନେତା ମନ୍ଦର ଜାନୀ ଓ ବିପିନି ବିଶୋୟୀ, ପୂର୍ବତନ ସରପଞ୍ଚ କୁମର ପୂଜାରୀ ପ୍ରମୁଖ ବିଜେଡିରେ ସାମିଲ୍ ହେବା ସହ ବେଶ୍ ଖୁସି ବ୍ୟକ୍ତ କରିଥିଲେ। ଏହି ମିଶ୍ରଣ ପର୍ବରେ ରାଜ୍ୟସଭା ସାଂସଦ ମୁଜିବୁଲ୍ଲା ଖାନ (ମୁନ୍ନା ଖାନ), ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ସାଧାରଣ ସମ୍ପାଦକ ରମେଶ ମାଝୀ, ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ, ମିଡିଆ ସଂଯୋଜକ ତଥା ମୁଖପାତ୍ର ଡ଼ ଲେନିନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



# ୪୪ ଗୁଣା ପିଲା ଦେଲେ ବିଏଡ୍ ପରୀକ୍ଷା

**ଭୁବନେଶ୍ୱର, ୧।୬(ସମିସ):** ରାଜ୍ୟର ୩୪୨ଟି ପରୀକ୍ଷା କେନ୍ଦ୍ରରେ ରବିବାର ବିଏଡ୍ ପରୀକ୍ଷା ଅନୁଷ୍ଠିତ ହୋଇଛି। ଚଳିତବର୍ଷ ପ୍ରାୟ ୧ଲକ୍ଷ୨୧ ହଜାର ପିଲା ପରୀକ୍ଷା ଦେଇଛନ୍ତି। କଡ଼ା ସୁରକ୍ଷା ମଧ୍ୟରେ ପରୀକ୍ଷା ସରିଥିବା ରାଜ୍ୟ ପ୍ରବରଣ ଆୟୋଗ(ଏସ୍‌ଏସ୍‌ବି) ର ସମ୍ପାଦକ ଡ. ରାଜେଶ କୁମାର ସାହୁ କହିଛନ୍ତି। ଚଳିତବର୍ଷ ବିଏଡ୍ ପଢ଼ିବା ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ପରିଲକ୍ଷିତ ହୋଇଛି। ସମୁଦାୟ ୩୧ଟି ଶିକ୍ଷାନୁଷ୍ଠାନରେ ୨୭୫୦ସିଟ୍ ଉପଲବ୍ଧ ରହିଛି। ପ୍ରାୟ ୧ଲକ୍ଷ ୨୧ହଜାର ପିଲା ଅର୍ଥାତ୍ ସମୁଦାୟ ସିଟ୍‌ର ପ୍ରାୟ ୪୪ଗୁଣା ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ଦେଇଛନ୍ତି। ଆବେଦନକାରୀଙ୍କ ମଧ୍ୟରେ ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ସଂଖ୍ୟା ବହୁ ଅଧିକ। ଚଳିତଥର ୪୩ ହଜାର ୬୧୨ଜଣ ଛାତ୍ର ଆବେଦନ କରିଥିବା ବେଳେ ଏହାର ପ୍ରାୟ ଦୁଇଗୁଣ ଅର୍ଥାତ୍ ୮୬ ହଜାର ୯୩ଜଣ ଛାତ୍ରୀ ପରୀକ୍ଷା ଦେବାକୁ ପଞ୍ଜୀକରଣ କରିଥିଲେ। ଅପରପକ୍ଷରେ, ଏମ୍‌ଏଡ୍ ନାମଲେଖା ପାଇଁ ୧୬୫୧ଜଣ ଆବେଦନ କରିଥିବା ବେଳେ ଆସନ୍ତା ୪ ତାରିଖରେ ଏହାର ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ।

# ଚିତ୍ରା ହରିଣ ମାଂସ ସହ ଦୁଇ ଭାଇ ଗିରଫ

**ଓଡଗାଁ,୧।୬(ସମିସ):** ଓଡଗାଁ ଆଦର୍ଶ ଥାନା ରୋହିବାଙ୍କ ଗ୍ରାମରୁ ସ୍ଥାନୀୟ ବନ ବିଭାଗ ୧୦ କେଜି ଚିତ୍ରା ହରିଣ ମାଂସ ସହିତ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ରୋହିବାଙ୍କ ଅରଖ ସାହିର ତୋଫାନ ପ୍ରଧାନ (୨୫) ଓ ବଡ଼ ଭାଇ ପିତବାସ ପ୍ରଧାନ (୩୦)। ରବିବାର ସକାଳ ପ୍ରାୟ ୯ଟାରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବନବିଭାଗ ଦୁଇ ଭାଇଙ୍କ ଘରେ ଚଢ଼ଉ କରିଥିଲା। ଏହି ସମୟରେ ସେମାନେ ଏକ ଆଲୁମିନିୟମ ଥାଳିରେ ପ୍ରାୟ ୧୦ କେଜି ବନ୍ୟ ପ୍ରାଣୀ ମାଂସ ବିକ୍ରି କରୁଥିବା ବେଳେ ସେମାନଙ୍କୁ ଗିରଫ କରିଥିଲେ। ସେମାନଙ୍କ ଠାରୁ ଗୋଟିଏ କଟୁରୀ, ୨ ଭୁଜାଲି ଜବତ କରିବା ସହିତ ମାଂସ ସମ୍ପର୍କରେ ପଚରା ଉଚୁରା କରିଥିଲେ। ହେଲେ ସେମାନଙ୍କ ସହିତ ତାଙ୍କ ଗାଁର ଲୋଚନ ଖିଲାର (୫୦) ନିକଟସ୍ଥ ଗୟଳ ସିଂହ ସଂରକ୍ଷିତ ଜଙ୍ଗଲରେ ଚିତ୍ରା ହରିଣ ଶିକାର କରିଥିବା କଥା ସ୍ୱୀକାର କରିଥିଲେ। ଫଳରେ ବନ ବିଭାଗୀୟ କର୍ମଚାରୀ ଲୋଚନ ଘର ଓ ଅଙ୍ଗନବାଡି କେନ୍ଦ୍ର ଖାନ ତଲାସ କରିଥିବା ବେଳେ ଲୋଚନ ବନ୍ଧୁକ ଓ ପରିବାର ସହିତ ଫେରାର ହୋଇଥିବା ଜଣାପଡ଼ିଥିଲା ।ଲୋଚନଙ୍କୁ ଧରିବାକୁ ଉଦ୍ୟମ ଜାରି ରହିଥିବା ଜଣାପଡିଛି। ଅନ୍ୟପକ୍ଷେ ଗିରଫ ଦୁଇ ଭାଇଙ୍କୁ ଏ ସମ୍ପର୍କରେ ପଚାରିବାରେ ସେମାନଙ୍କୁ ଶିକାରୀ ଲୋଚନଠାରୁ ତିନି ଭାଗ ମାଂସ ଖାଇବାକୁ କିଣି ଆଣିଥିଲେ ବୋଲି କହିଛନ୍ତି।

## ଲଇକେରାରେ ତେଜିଲା ମଦ ବିରୋଧୀ ଅଭିଯାନ

# ପ୍ଲାକାର୍ଡ ଧରି ଗାଁ ଗାଁ ବୁଲିଲେ ଶତାଧିକ ମହିଳା

**ସୁନ୍ଦରଗଡ଼, ୧।୬(ସମିସ):** ହେମଗିରି ବ୍ଲକ୍ ଅନ୍ତର୍ଗତ ଲଇକେଲା ପଞ୍ଚାୟତର ସରପଞ୍ଚ ଦିନେଶ ନାଏକଙ୍କ ଉଦ୍ୟମକ୍ରମେ ପଞ୍ଚାୟତରେ ମଦ ବିରୋଧୀ ଅଭିଯାନ ତେଜିବାରେ ଲାଗିଛି। କିଛି ଦିନ ତଳେ ଗୋପାଳପୁର ଲାଇସେନ୍ସପ୍ରାପ୍ତ ମଦଭାଟିକୁ ଲଇକେରାକୁ ସ୍ଥାନାନ୍ତର ପାଇଁ ପ୍ରଶାସନର ନିଷ୍ପତ୍ତି ବିରୋଧରେ ଗ୍ରାମସଭାରେ ପ୍ରସ୍ତାବ ଗୃହୀତ ହୋଇଥିବା ବେଳେ ଆଜି ଶତାଧିକ ମହିଳା ଶୋଭାଯାତ୍ରାରେ ପଞ୍ଚାୟତର ସମସ୍ତ ଗ୍ରାମ ପରିକ୍ରମା କରି ମଦ ବିରୋଧରେ ସଚେତନତା ସୃଷ୍ଟି କରିଛନ୍ତି।

### ମଦ ମାଫିଆଙ୍କୁ ପଞ୍ଚାୟତ ଛାଡ଼ିବାକୁ ଚେତାବନୀ

ଏହି ଶୋଭାଯାତ୍ରାରେ ନଙ୍ଗଲକଟା, ଠିଟେଇଟାଙ୍ଗର, ଲଇକେରା, ସାରେଶମାଲ, ବନ୍ଧପାଲି, କାଲୋବାହାଲ, ବାଲିଯୋରୀ ଗ୍ରାମର ଶତାଧିକ ମହିଳା ସାମିଲ ହୋଇ ମଦଭାଟି ବିରୁଦ୍ଧରେ ତୀବ୍ର ସ୍ୱର ଉତ୍ତୋଳନ କରିଥିଲେ। ସେମାନେ ହାତରେ ମଦ ବିରୋଧୀ ପ୍ଲାକାର୍ଡ ପ୍ରଦର୍ଶନ ପୂର୍ବକ ବିଭିନ୍ନ ସ୍ଲୋଗାନ ଦେଇ ପଞ୍ଚାୟତର ଗୋଟିଏ ପରେ ଗୋଟିଏ ଗାଁ ମାଡ଼ି ଚାଲିଥିଲେ। ମଦମୁକ୍ତ ପଞ୍ଚାୟତ ଗଠନ କରିବାକୁ ଗାଁ ଲୋକଙ୍କୁ ପ୍ରବର୍ତ୍ତାଇଥିଲେ। ପଞ୍ଚାୟତବାସୀଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଇ ଗୋପାଳପୁର ମଦଭାଟିକୁ ଲଇକେରାରେ ସ୍ଥାପନ ଉଦ୍ୟମରୁ ପ୍ରଶାସନ ନଓହରିଲେ, ନିଆଁ ଜଳିବ ବୋଲି ଚେତାଇ ଦେଇଥିଲେ। ମଦ ମାଫିଆମାନଙ୍କୁ ମଧ୍ୟ ପଞ୍ଚାୟତ ଛାଡ଼ି ଚାଲିବାକୁ ଚେତାବନୀ ଦେଇଛନ୍ତି। ମଦ୍ୟପାନ ଯୋଗୁଁ ଘରେ, ବାହାରେ, ଗାଁରେ ଅଶାନ୍ତିକର ବାତାବରଣ ସୃଷ୍ଟି ହେବା, ନାନା ରୋଗବ୍ୟାଧିରେ ପଡ଼ି ଅକାଳରେ ଜୀବନ ଯିବା, ଗାଁ ଗାଁରେ ବିଧବା ସଂଖ୍ୟା ବଢ଼ି ଚାଲିବା, ଯୁବପିଢ଼ି ବିପଥଗାମୀ ହେବା ଆଦି ସେମାନେ ଅଭିଯୋଗ କରିଛନ୍ତି। ଯେତେ ଯାହା ମୂଲ୍ୟ ଦେବାକୁ ପଡ଼ିଲେ ବି ଆଗାମୀ ଦିନରେ ଏହି ମଦ ବିରୋଧୀ ଆନ୍ଦୋଳକୁ ଆହୁରି ତୀବ୍ରତର କରାଯିବ ବୋଲି ସେମାନେ କହିଛନ୍ତି।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୫.୬୫ ● ପାଉଣ୍ଡ ୧୧୫.୩୬
- ୟୁରୋ ୯୭.୪୭ ● ୟେନ୍ ୦.୬୨

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)


- ସୁନା: ୯୭,୩୧୦ (ଭୁବନେଶ୍ୱର)
- ରୁପା : ୯୯, ୯୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୧,୪୫୧.୦୦
- ନିଫ୍ଟି ୨୪,୭୫୦.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦




# ଭାରତ ୮୫,୬୯୮ କୁବେରଙ୍କ ବାସସ୍ଥଳୀ

ନୂଆଦିଲ୍ଲୀ,୧୬(ଏଜେନ୍ସି): ଦେଶରେ ଧନୀ ଲୋକଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଭାରତ ବର୍ତ୍ତମାନ ୮୫,୬୯୮ ଧନୀଙ୍କ ବାସସ୍ଥଳୀ। ଅତିଧନୀଙ୍କ ସଂଖ୍ୟା ଦୃଷ୍ଟିରୁ ଭାରତ ବିଶ୍ୱରେ ଚତୁର୍ଥ ସ୍ଥାନରେ ରହିଛି। ଏସିଆରେ ଜାପାନରେ ଦ୍ୱିତୀୟ ସର୍ବାଧିକ ଧନୀ ଲୋକ ରହୁଛନ୍ତି, କିନ୍ତୁ ଭାରତ ଏ କ୍ଷେତ୍ରରେ ଜାପନକୁ ଟିପିଯିବ। ଆଗାମୀ ଦିନରେ ଭାରତରେ ଜାପାନ ତୁଳନାରେ ୪ ଗୁଣ ଅଧିକ ଧନୀ ଲୋକ ରହିବେ। ୨୦୨୩ରୁ ୨୦୨୮ ମଧ୍ୟରେ ସାରା ଦୁନିଆରେ ଭାରତରେ ଅତି ଧନୀ ଲୋକଙ୍କ ସଂଖ୍ୟାରେ ସବୁଠାରୁ ଦ୍ରୁତ ଅଭିବୃଦ୍ଧି ଦେଖିବାକୁ ମିଳିବ। କାରଣ

୨୦୨୮ ସୁଦ୍ଧା ଭାରତରେ ଏହେ ଅତି ଧନୀଙ୍କ ସଂଖ୍ୟାରେ ୫୦% ବୃଦ୍ଧି ଦେଖିବାକୁ ମିଳିବ ବୋଲି ମ୍ୟାକେଞ୍ଜି ଏଣ୍ଡ କୋ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହା କୁହାଯାଇଛି।

ଏହା ସହିତ, ୨୦୨୫ରେ ଭାରତୀୟ ବିଳାସପୂର୍ଣ୍ଣ ବଜାର ୧୫-୨୦% ହାରରେ ବୃଦ୍ଧି ପାଇବ, ଯେତେବେଳେ କି ଜାପାନରେ ଏହି ଅଭିବୃଦ୍ଧି ହାର ୬-୧୦ ପ୍ରତିଶତ ହୋଇପାରେ। ଭାରତରେ ବର୍ତ୍ତମାନ ୮୫,୬୯୮ ଜଣ ଅତି ଧନୀ ଲୋକ ଅଛନ୍ତି, ଯାହାଙ୍କ ପାଖରେ ୧୦ ନିୟୁତ ଡଲାରରୁ ଅଧିକ ଅର୍ଥାତ୍ ପ୍ରାୟ ୮୭ କୋଟି ଟଙ୍କା ସମ୍ପତ୍ତି ଅଛି। ସେମାନଙ୍କ ସଂଖ୍ୟା ବିଶ୍ୱର ମୋଟ ଧନୀ ଲୋକଙ୍କର ୩.୭%। ଅତିଧନୀ ଲୋକଙ୍କ ସଂଖ୍ୟା ଦୃଷ୍ଟିରୁ, ଭାରତ କେବଳ ଆମେରିକା, ଚୀନ୍ ଏବଂ ଜାପାନ ପଛରେ ଅଛି। ତାଲିକାର ଶୀର୍ଷରେ ଆମେରିକା ରହିଛି, ଯେଉଁଠାରେ ୯,୦୫,୪୧୩ ଚୀନ୍‌ରେ ୪,୭୧,୬୩୪ ଏବଂ ଜାପାନରେ ୧,୨୨,୧୧୯ ଲୋକ ଅଛନ୍ତି। ନାଇଟ୍ ଫ୍ରାଙ୍କଙ୍କ 'ଦି ଗ୍ଲୋବାଲ୍ ୱେଲ୍‌ଥ ରିପୋର୍ଟ ୨୦୨୫ରେ ମଧ୍ୟ ଏହା କୁହାଯାଇଛି। ଭାରତରେ ୨୦୨୩ ତୁଳନାରେ ୨୦୨୪ ରେ ୬% ଅଧିକ ଲୋକ ଧନୀ ହୋଇଛନ୍ତି। ୨୦୨୩ରେ ଭାରତରେ ୮୦,୬୮୬ ଲୋକଙ୍କ ପାଖରେ ୧୦ ନିୟୁତ ଡଲାରରୁ ଅଧିକ ସମ୍ପତ୍ତି ଥିଲା। ୨୦୨୮ ସୁଦ୍ଧା, ଏଥିରେ ୯.୪% ବୃଦ୍ଧି ସହ ସେମାନଙ୍କ ସଂଖ୍ୟା ୯୩,୭୫୩ ହେବ।



**ବିଶ୍ୱର ଶ୍ରେଷ୍ଠ ୧୨ ଧନୀ**

| ନାମ | ସମ୍ପତ୍ତି (ଲକ୍ଷ କୋଟି ଟଙ୍କାରେ) |
|---|---|
| ଏଲନ୍ ମସ୍କ | ୩୬.୮୨ |
| ମାର୍କ ଜୁକରବର୍ଗ | ୧୯.୦୩ |
| ଜେଫ୍ ବେଜୋସ୍ | ୧୮.୮୧ |
| ଲ୍ୟାରୀ ଏଲିସନ୍ | ୧୭.୫୦ |
| ୱାରେନ୍ ବଫେ | ୧୩.୪୧ |
| ବର୍ଣ୍ଣାଡ୍ ଆର୍ଣ୍ଣୋଲ୍ଟ | ୧୨.୩୩ |
| ଲ୍ୟାରୀ ପେଜ୍ | ୧୨.୦୭ |
| ସର୍ଗୀ ବ୍ରିନ୍ | ୧୧.୫୫ |
| ଷ୍ଟିଭ୍ ୱାଲମର | ୧୧.୩୫ |
| ଜେସନ୍ସହ୍ୟାଙ୍ଗ୍ | ୧୦.୫୮ |
| ମୁକେଶ ଅମ୍ବାନୀ | ୯.୨୧ |
| ଗୌତମ ଆଦାନୀ | ୫.୬୭ |

- ୨୦୨୪ରେ ଅତିଧନୀଙ୍କ ସଂଖ୍ୟା ୧୨% ବଢ଼ିଛି
- ୨୦୨୮ ସୁଦ୍ଧା ସଂଖ୍ୟା ୫୦% ବଢ଼ିବ
- ଜାପାନଠାରୁ ଭାରତର ଧନୀ ସଂଖ୍ୟାରେ ୪ ଗୁଣ ବୃଦ୍ଧି ଦେଖାଦେବ

ରିପୋର୍ଟ ଅନୁଯାୟୀ, ୨୦୨୪ରେ ଭାରତରେ କୋଟିପତିଙ୍କ ସଂଖ୍ୟା ଗତ ବର୍ଷ ତୁଳନାରେ ୧୨% ବୃଦ୍ଧି ପାଇଛି। ୨୦୨୪ରେ ଭାରତରେ ୧୯୧ କୋଟିପତି ଅଛନ୍ତି। ୨୦୨୩ ମସିହାରେ ଏହି ସଂଖ୍ୟା ୧୬୫ ଥିଲା।

**ରାଷ୍ଟ୍ର ଅନୁଯାୟୀ ବିଶ୍ୱ ଧନୀ ତାଲିକା**

| ଦେଶ | ଅତି ଧନୀଙ୍କ ସଂଖ୍ୟା | ବିଶ୍ୱ ସମ୍ପତ୍ତିରେ ଭାଗ |
|---|---|---|
| ଆମେରିକା | ୯୦୫,୪୧୩ | ୩୮.୭% |
| ଚୀନ୍ | ୪୭୧,୬୩୪ | ୨୦.୧% |
| ଜାପାନ | ୧୨୨,୧୧୯ | ୫.୨% |
| ଭାରତ | ୮୫,୬୯୮ | ୩.୭% |
| ଜର୍ମାନୀ | ୬୯,୭୯୮ | ୩.୦% |
| କାନାଡା | ୬୪,୯୮୮ | ୨.୮% |
| ୟୁକେ | ୫୫,୬୬୭ | ୨.୪% |
| ଫ୍ରାନ୍ସ | ୫୧,୨୫୪ | ୨.୨% |
| ଅଷ୍ଟ୍ରେଲିଆ | ୪୨,୭୮୯ | ୧.୮% |
| ହଂକଂ | ୪୨,୭୧୫ | ୧.୮% |

ଭାରତୀୟ କୋଟିପତିମାନଙ୍କର ମୋଟ ସମ୍ପତ୍ତି ପରିମାଣ ପ୍ରାୟ ୮୨.୬ ଲକ୍ଷ କୋଟି ଟଙ୍କା। ଏହି କ୍ଷେତ୍ରରେ, ଭାରତ ବିଶ୍ୱରେ ତୃତୀୟ ସ୍ଥାନରେ ଅଛି। ଆମେରିକା ପ୍ରଥମ ସ୍ଥାନରେ ଏବଂ ଚୀନ୍ ଦ୍ୱିତୀୟ ସ୍ଥାନରେ ଅଛି। ଆମେରିକାର କୋଟିପତିମାନଙ୍କର ମୋଟ ସମ୍ପତ୍ତି ୫.୭ ଟ୍ରିଲିୟନ ଡଲାର। ଯେତେବେଳେ କି ଚୀନ୍‌ରେ ଏହି ସଂଖ୍ୟା ୧.୩୪ ଟ୍ରିଲିୟନ ଡଲାର।

୨୦୨୪ରେ ବିଶ୍ୱରେ ଧନୀ ଲୋକଙ୍କ ସଂଖ୍ୟା ୪.୪% ବୃଦ୍ଧି ପାଇ ୨୩,୪୧,୩୭୮ ହୋଇଛି। ୨୦୨୩ରେ ଏହା ୨୨,୪୩,୩୦୦ ଥିଲା। ମହାଦେଶ ବିଷୟରେ କହିବାକୁ ଗଲେ, ଏସିଆରେ ଧନୀ ଲୋକଙ୍କ ସଂଖ୍ୟା ୫% ବୃଦ୍ଧି ପାଇଛି। ଏହାପଛକୁ ଆଫ୍ରିକାରେ ବାର୍ଷିକ ୪.୭%, ଅଷ୍ଟ୍ରେଲିଆରେ ୩.୯%, ୟୁରୋପରେ ଧନୀ ଲୋକଙ୍କ ସଂଖ୍ୟାରେ ୧.୪% ବୃଦ୍ଧି ପାଇଛି।

■ ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଏଡିବି ମୁଖ୍ୟ

# ଭାରତରେ ୮୬ ହଜାର କୋଟି ନିବେଶ କରିବ ଏଡିବି

ନୂଆଦିଲ୍ଲୀ,୧୬(ଏଜେନ୍ସି): ଭାରତରେ ଏକ ବୃହତ୍ ନିବଶେ କରିବ ଏସୀୟ ବିକାଶ ବ୍ୟାଙ୍କ (ଏଡିବି)। ଦେଶର ସହରାଞ୍ଚଳ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକରେ ଏଡିବି ୧୦ ବିଲିୟନ ଡଲାର ପର୍ଯ୍ୟନ୍ତ ଅର୍ଥାତ୍ ପ୍ରାୟ ୮୬ ହଜାର କୋଟି ଟଙ୍କା ନିବେଶ କରିବାକୁ ଏକ ୫ବର୍ଷୀୟ ଯୋଜନା ଘୋଷଣା କରିଛି। ଏହି ଯୋଜନାରେ ମେଟ୍ରୋ ରେଳ ସମ୍ପ୍ରସାରଣ, ଆଞ୍ଚଳିକ ଦ୍ରୁତ ପରିବହନ କରିଡର (ଆର୍‌ଆର୍‌ଟିଏସ୍) ଏବଂ

**ଭିତ୍ତିଭୂମିରେ ହେବ ନିବେଶ**



ଜଳ, ପରିମଳ, ଗୃହ ନିର୍ମାଣ ଭଳି ସହରସ୍ତରୀୟ ସେବା ଉପରେ ଧ୍ୟାନ ଦିଆଯିବ। ଏଡିବି ସଭାପତି ମାସାଟୋ କାଣ୍ଡା ମେ ୩୧ରେ ଭାରତ ଗସ୍ତ ସମୟରେ କହିଥିଲେ ଯେ ଏହି ଯୋଜନାରେ ସାର୍ବଭୌମ ଋଣ, ଘରୋଇ କ୍ଷେତ୍ର ପାଣ୍ଠି ଏବଂ ତୃତୀୟ ପକ୍ଷ ପୁଞ୍ଜି ଅନ୍ତର୍ଭୁକ୍ତ ହେବ। ଏହି ନିବେଶ ଭାରତର ସଂଗଠନ ରଣନୀତିକୁ ସମର୍ଥନ କରିବ, କାରଣ ଦେଶର ଲକ୍ଷ୍ୟ ହେଉଛି ୨୦୩୦ ସୁଦ୍ଧା ସହରରେ ରହୁଥିବା ୪୦% ରୁ ଅଧିକ ଜନସଂଖ୍ୟାର ଭିତ୍ତିଭୂମି ଉନ୍ନତ କରିବା। ଏହି ପାଣ୍ଠି ଭାରତର ସହରାଞ୍ଚଳ ଚ୍ୟାଲେଞ୍ଜ ପାଣ୍ଠି ମାଧ୍ୟମରେ କରାଯିବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବୈଠକ ପରେ ଶ୍ରୀ କାଣ୍ଡା କହିଛନ୍ତି ଯେ ଏହି ପଦକ୍ଷେପ ସଂଯୋଗୀକରଣ ଏବଂ ସହରାଞ୍ଚଳ ସେବାକୁ ଉନ୍ନତ କରୁଥିବା ପ୍ରକଳ୍ପଗୁଡ଼ିକୁ ସମର୍ଥନ କରିବ। ଏହି ପାଣ୍ଠି ଭାରତର ସହରାଞ୍ଚଳ ଚ୍ୟାଲେଞ୍ଜ ପାଣ୍ଠି (ୟୁସିଏଫ୍) ମାଧ୍ୟମରେ କରାଯିବ। ଯାହା ସହର ଭିତ୍ତିଭୂମି ପାଇଁ ଘରୋଇ ପୁଞ୍ଜି ଆକର୍ଷିତ କରିବାର ଲକ୍ଷ୍ୟ ରଖିଛି। ଏହି ପ୍ରକଳ୍ପଗୁଡ଼ିକୁ ଡିଜାଇନ୍ କରିବାରେ ଏବଂ ସ୍ଥାନୀୟ ସରକାରଙ୍କୁ ସମର୍ଥନ କରିବା ପାଇଁ ଏଡିବି ୩ ନିୟୁତ ଡଲାର ଅର୍ଥାତ୍ ପ୍ରାୟ ୨୬ କୋଟି ଟଙ୍କା ବୈଷୟିକ ସହାୟତା ମଧ୍ୟ ଯୋଗାଇବ। ଏଡିବି ୨୨ଟି ରାଜ୍ୟର ୧୧୦ଟିରୁ ଅଧିକ ଭାରତୀୟ ସହରରେ ସହରାଞ୍ଚଳ ପ୍ରକଳ୍ପରେ ସାମିଲ ହୋଇଛି, ଯେଉଁଥିରେ ଜଳ ଯୋଗାଣ, କଠିନ ବର୍ଜ୍ୟବସ୍ତୁ ପରିଚାଳନା, ପରିମଳ ଏବଂ ଗୃହ ନିର୍ମାଣ ଭଳି କ୍ଷେତ୍ର ଅନ୍ତର୍ଭୁକ୍ତ। ବ୍ୟାଙ୍କର ବର୍ତ୍ତମାନର ସହରାଞ୍ଚଳ ପୋର୍ଟଫୋଲିଓରେ ୫.୧୫ ବିଲିୟନ ଡଲାର ଅର୍ଥାତ୍ ୪୪ ହଜାର କୋଟି ଟଙ୍କା ମୂଲ୍ୟର ୨୭ଟି ସକ୍ରିୟ ଋଣ ଅନ୍ତର୍ଭୁକ୍ତ।

## ଆଇସିଏମ୍‌ଏଆଇ ଭୁବନେଶ୍ୱର ଚାପ୍ଟରର ୫୬ତମ ବାର୍ଷିକ ସାଧାରଣ ବୈଠକ




ଭୁବନେଶ୍ୱର,୧୬(ସମିସ): ଇନ୍‌ଷ୍ଟିଚ୍ୟୁଟ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟ୍ସ ଅଫ ଇଣ୍ଡିଆ (ଆଇସିଏମ୍‌ଏଆଇ)-ଭୁବନେଶ୍ୱର ଚାପ୍ଟର ପକ୍ଷରୁ ଏହାର ୫୬ତମ ବାର୍ଷିକ ସାଧାରଣ ବୈଠକ ଭୁବନେଶ୍ୱରର ନୟାପଲ୍ଲୀସ୍ଥିତ ସିଏମ୍‌ଏ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକର ସମାପ୍ତି ପରେ ୨୦୨୫-୨୬ ବର୍ଷର ପ୍ରଥମ ବୈଠକରେ ମ୍ୟାନେଜିଂ କମିଟିର ସଦସ୍ୟମାନେ ବିଭିନ୍ନ ପଦାଧିକାରୀମାନଙ୍କୁ ଚୟନ କରିଥିଲେ। ଏଥିରେ ସିଏମ୍‌ଏ ଶରତ ଚନ୍ଦ୍ର ବେହେରା ଚେୟାରମ୍ୟାନ୍ ରୂପେ, ସିଏମ୍‌ଏ ଅବିନାଶ କୋଟ୍‌ନି ଭାଇସ୍ ଚେୟାରମ୍ୟାନ୍ ରୂପେ, ସିଏମ୍‌ଏ ସୌମ୍ୟ ରଞ୍ଜନ ଜେନା ସେକ୍ରେଟାରୀ ରୂପେ ଏବଂ ସିଏମ୍‌ଏ ବରଦା ପ୍ରସନ୍ନ ନାୟକ କୋଷାଧ୍ୟକ୍ଷ ରୂପେ ନିର୍ବାଚିତ ହୋଇଥିଲେ। ସିଏମ୍‌ଏ ରମେଶ ଚନ୍ଦ୍ର ପାତ୍ର ନୂତନ ଭାବେ ନିର୍ବାଚିତ ଶରତ ଚନ୍ଦ୍ର ବେହେରାଙ୍କୁ ସମସ୍ତ ଦାୟିତ୍ୱ ହସ୍ତାନ୍ତର କରିଥିଲେ।

## ଏମ୍‌ଏସ୍ ଧୋନୀ ଡେଟଲ୍‌ର ବ୍ରାଣ୍ଡ ଆମ୍ବାସାଡର

ନୂଆଦିଲ୍ଲୀ,୧୬: ଭାରତର ଅଗ୍ରଣୀ ଜୀବାଣୁ ସୁରକ୍ଷା ବ୍ରାଣ୍ଡ ଡେଟଲ୍ , କ୍ରିକେଟ୍ ଆଇକନ୍ ଏବଂ ଭାରତର ଅରିଜିନାଲ୍ କ୍ୟାପ୍ଟେନ କୁଲ୍ - ମହେନ୍ଦ୍ର ସିଂହ ଧୋନିଙ୍କୁ ଏହାର ଡେଟଲ୍ ସାବୁନ୍, ବଡିୱାଶ୍ ଏବଂ ହ୍ୟାଣ୍ଡୱାଶ୍ ରେଞ୍ଜର ବ୍ରାଣ୍ଡ ଆମ୍ବାସାଡର ଭାବରେ ଘୋଷଣା କରିଛି। ଏହାସହିତ ଗ୍ରୀଷ୍ମରେ ଥଣ୍ଡା ରହିବାର ସମାଧାନ ଡେଟଲ୍ ଆଇସି କୁଲର ଶୁଭାରମ୍ଭ କରାଯାଇଛି। ୩ ଗୁଣା ତୀବ୍ର ଶୀତଳତା ଏବଂ ଚର୍ମ ସଂକ୍ରମଣ ଜୀବାଣୁ ବିରୁଦ୍ଧରେ ୯୯.୯% ସୁରକ୍ଷା ସହିତ, ଡେଟଲ୍ ଆଇସି କୁଲ୍ ହେଉଛି ଗ୍ରୀଷ୍ମ ଋତୁର ସର୍ବୋଚ୍ଚ ଅତ୍ୟାବଶ୍ୟକୀୟ ଉତ୍ପାଦ। ଏହା ଗରମ ଏବଂ ଝାଳ ଯୋଗୁଁ ହେଉଥିବା ଚର୍ମ ସଂକ୍ରମଣ ସୃଷ୍ଟିକାରୀ ଜୀବାଣୁଠାରୁ ସୁରକ୍ଷା ପ୍ରଦାନ କରେ।

**ଅନ୍‌ଲାଇନ୍ ପେମେଣ୍ଟକୁ ପ୍ରୋତ୍ସାହନ**

# ୫୦୦ ଟଙ୍କିଆ ନୋଟ୍‌ର ମୁଦ୍ରଣ ବନ୍ଦ

ନୂଆଦିଲ୍ଲୀ,୧୬(ଏଜେନ୍ସି): ଦେଶରେ ଡିଜିଟାଲ୍ ପେମେଣ୍ଟ ସିଷ୍ଟମକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ଏହି ଅନୁକ୍ରମରେ ବଡ଼ ନୋଟ୍ ପ୍ରଚଳନ ବନ୍ଦ କରିବା ଉପରେ ସରକାର ବିଚାର କରୁଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପୂର୍ବରୁ ୨୦୦୦ ଟଙ୍କିଆ ନୋଟ୍ ମୁଦ୍ରଣ ବନ୍ଦ କରିସାରିଛି। ଏବେ ୫୦୦ ଟଙ୍କିଆ ନୋଟ୍ ବନ୍ଦ କରିବାର ପ୍ରସ୍ତୁତି ଚାଲିଛି।

ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ବିଶେଷଜ୍ଞ ଅଶ୍ୱିନୀ ରାଣାଙ୍କ ଅନୁଯାୟୀ, ଆର୍‌ବିଆଇ ସମ୍ମତି ଦେବା ପରେ ସରକାର ୨୦୨୬ ମାର୍ଚ୍ଚ ପରେ ୫୦୦ ଟଙ୍କିଆ ନୋଟ୍ ବନ୍ଦ କରିପାରିବେ। ବଡ଼ ନୋଟ୍ ପ୍ରଚଳନ ହ୍ରାସ କରିବା ପାଇଁ ଆର୍‌ବିଆଇ ଦ୍ୱାରା ପଦକ୍ଷେପ ନିଆଯାଇଛି। ୨୦୦୦ ଟଙ୍କିଆ ନୋଟ୍ ବଜାରରୁ ପ୍ରାୟ ଗାଏବ ହୋଇଗଲାଣି। ୫୦୦ ଟଙ୍କିଆ ନୋଟ୍ ସହିତ ମଧ୍ୟ ସମାନ କିଛି ଘଟିବ। ନୋଟ୍‌ବନ୍ଦୀ ପରି ସରକାର ଏହାକୁ ସିଧାସଳଖ ବନ୍ଦ କରିବେନାହିଁ। ବିଶେଷଜ୍ଞଙ୍କ ମତରେ, ଆର୍‌ବିଆଇ ପ୍ରଥମେ ଏଟିଏମ୍‌ରେ ଅନ୍ୟ ଟଙ୍କାର କାରବାରରେ ୧୦୦ ଏବଂ ୨୦୦ ଟଙ୍କିଆ ଛୋଟ ନୋଟ୍ ପ୍ରଚଳନ ବୃଦ୍ଧି କରିବାକୁ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦେଇପାରେ। ଏହାପରେ ହିଁ ଏହା ବିଷୟରେ ଘୋଷଣା କରାଯିବା ଉଚିତ। ଶ୍ରୀ ରାଣାଙ୍କ ମତରେ, ସରକାର ୫୦୦ ଟଙ୍କିଆ ନୋଟ୍ ପ୍ରଚଳନ ହ୍ରାସ କରିବେ। ତେବେ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବେନାହିଁ। ଲୋକମାନଙ୍କୁ ସେମାନଙ୍କର ଟଙ୍କା ଜମା କରିବା ପାଇଁ ପର୍ଯ୍ୟାପ୍ତ ସମୟ ଦିଆଯିବ। ଏଥିଯୋଗୁଁ, ଧୀରେ ଧୀରେ ଆର୍‌ବିଆଇ ପାଖରେ ୫୦୦ ଟଙ୍କା ଷ୍ଟକ୍ ରହିବ ଏବଂ ବଜାରରେ ନୋଟ୍ ଦେଖାଯିବା ବନ୍ଦ ହୋଇଯିବ। ୫୦୦ ଟଙ୍କିଆ ନୋଟ୍ ପ୍ରଚଳନ ବନ୍ଦ କରିବା ପାଇଁ ସରକାର ୧୦୦ ଏବଂ ୨୦୦ ଟଙ୍କିଆ ନୋଟ୍ ପ୍ରଚଳନ ବୃଦ୍ଧି କରିବେ। ଏଟିଏମ୍‌ରେ ୧୦୦ ଏବଂ ୨୦୦ ଟଙ୍କିଆ ନୋଟ୍ ସଂଖ୍ୟା ଧୀରେ ଧୀରେ ବୃଦ୍ଧି କରାଯିବ ଏବଂ ୫୦୦ ଟଙ୍କିଆ ନୋଟ୍ ୨୦୦୦ ଟଙ୍କିଆ ନୋଟ୍ ପରି ଦେଖାଯିବା ବନ୍ଦ ହୋଇଯିବ ଏବଂ ଏହିପରି ଭାବରେ ସମସ୍ତ ନୋଟ୍ ଧୀରେ ଧୀରେ ବ୍ୟାଙ୍କରେ ପହଞ୍ଚିଯିବ।



**କମ୍ ହେବ ବଡ଼ ନୋଟ୍‌ର ପ୍ରଚଳନ**

**ନିୟମ ଅନୁପାଳନରେ ତ୍ରୁଟି**

# ୩୫୩ ବ୍ୟାଙ୍କ ଉପରେ ଜରିମାନା ଲଗାଇଲା ରିଜର୍ଭ ବ୍ୟାଙ୍କ

ମୁମ୍ବଇ,୧୬(ଏଜେନ୍ସି): ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ୨୦୨୪-୨୫ ଆର୍ଥିକ ବର୍ଷରେ ସାମ୍ବିଧାନିକ ବ୍ୟବସ୍ଥା ଏବଂ ନିୟାମକ ନିର୍ଦ୍ଦେଶାବଳୀର ବିଭିନ୍ନ ଉଲ୍ଲଂଘନ ପାଇଁ ୩୫୩ଟି ନିୟନ୍ତ୍ରିତ ସଂସ୍ଥା ଉପରେ ମୋଟ ୫୪.୭୮ କୋଟି ଟଙ୍କାର ଜରିମାନା ଲଗାଇଛି। କେନ୍ଦ୍ର ବ୍ୟାଙ୍କ ପକ୍ଷରୁ ଗୁରୁବାର ପ୍ରକାଶିତ ଏହାର ବାର୍ଷିକ ରିପୋର୍ଟରେ ଏହି ସୂଚନା ଦିଆଯାଇଛି।

ବିଭିନ୍ନ ଆଇନ ଓ ନିୟମର ଅନୁପାଳନରେ ତ୍ରୁଟି ଯୋଗୁ ବ୍ୟାଙ୍କ, ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ (ଏନ୍‌ବିଏଫ୍‌ସି), ଆସେଟ ରିକନଷ୍ଟ୍ରକ୍ସନ କମ୍ପାନୀ (ଏଆର୍‌ସି), ହାଉସିଂ ଫାଇନାନ୍ସ କମ୍ପାନୀ ଏବଂ ସମବାୟ ବ୍ୟାଙ୍କ ବିରୁଦ୍ଧରେ ଆର୍‌ବିଆଇ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହି ବ୍ୟାଙ୍କ ଓ ସଂସ୍ଥାମାନେ ସାଇବର ସୁରକ୍ଷା, ଏକ୍ସପୋଜର ନର୍ମ୍ସ, ଆୟ ଚିହ୍ନଟ ଏବଂ ସମ୍ପତ୍ତି ବର୍ଗୀକରଣ, ନୋ ୟୋର କଷ୍ଟମର (କୱାଇସି) ନିର୍ଦ୍ଦେଶାବଳୀ, ଠକେଇ ବର୍ଗୀକରଣ ଏବଂ ରିପୋର୍ଟିଂ, ବଡ଼ ଋଣ ଉପରେ ସୂଚନାର କେନ୍ଦ୍ରୀୟ ଭଣ୍ଡାର କୁ ତଥ୍ୟ ଦାଖଲ କରିବା ଏବଂ କ୍ରେଡିଟ୍ ସୂଚନା କମ୍ପାନୀକୁ କ୍ରେଡିଟ୍ ସୂଚନା ରିପୋର୍ଟିଂ ଭଳି କ୍ଷେତ୍ରରେ ତ୍ରୁଟି କରିଥିଲେ। ତଥ୍ୟ ଅନୁଯାୟୀ, ଆର୍ଥିକ ସଂସ୍ଥାଗୁଡ଼ିକରେ ସମବାୟ ବ୍ୟାଙ୍କଗୁଡ଼ିକ ସବୁଠାରୁ ଅଧିକ ଦଣ୍ଡିତ ବର୍ଗ ଥିଲେ। ମୋଟ ୨୬୪ଟି ସମବାୟ ବ୍ୟାଙ୍କକୁ ଦଣ୍ଡିତ କରାଯାଇଥିଲା। ଏଥିରେ ମୋଟ ଜରିମାନ ୧୫.୬୩ କୋଟି ଟଙ୍କା ଥିଲା। କେନ୍ଦ୍ରୀୟ ବ୍ୟାଙ୍କ ୩୭ଟି ଏନବିଏଫସି ଏବଂ ଏଆରସି ବିରୁଦ୍ଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା, ଏଥିରେ ମୋଟ ୭.୨୯ କୋଟି ଟଙ୍କା ଜରିମାନା ଲଗାଇଥିଲା। ଏଥିସହିତ ୧୩ଟି ହାଉସିଂ ଫାଇନାନ୍ସ କମ୍ପାନୀକୁ ମିଳିତ ଭାବରେ ୮୩ ଲକ୍ଷ ଜରିମାନା କରାଯାଇଥିଲା।




## ବ୍ଲୁ ୱାଟର ଲଜିଷ୍ଟିକ୍ସର ଲିଷ୍ଟିଂ ୩ରେ

ହାଇଦ୍ରାବାଦ,୧୬: ପରିବହନ ଅପରେଟର ବ୍ଲୁ ୱାର୍ଟର ଲଜିଷ୍ଟିକ୍ସ ଜୁନ ୩ରେ ଏନଏସଇ ଏମର୍ଜ ପ୍ଲାଟଫର୍ମରେ ତାଲିକାଭୁକ୍ତ ହେବାକୁ ଯାଉଛି। କମ୍ପାନୀର ଆଇପିଓ ବିଡିଂର ଚୂଡାନ୍ତ ଦିବସ ପର୍ଯ୍ୟନ୍ତ ୯.୩୬ ଗୁଣ ସବସ୍କ୍ରାଇବ କରାଯାଇଛି, ଯାହା ୨୫୩.୯୧ କୋଟି ଟଙ୍କାର ବିଡ୍ ହାସଲ କରିଛି। କମ୍ପାନୀ ଇନିସିଆଲ ପବ୍ଲିକ ଅଫରିଂରୁ ୪୦.୫ କୋଟି ଟଙ୍କା ଉଠାଇବାକୁ ଲକ୍ଷ୍ୟ ରଖିଥିଲା। ଏହାର ଆଇପିଓରେ ବୁକ-ବିଲଡିଂ ରୁଟ୍‌ରେ ପ୍ରତ୍ୟେକ ୧୦ ଟଙ୍କାର ଫେସ୍ ଭାଲ୍ୟୁ ବିଶିଷ୍ଟ ୩୦ ଲକ୍ଷ ଇକ୍ୱିଟି ସେୟାର ଜାରି ଅନ୍ତର୍ଭୁକ୍ତ। ଆବେଦନ ନିମନ୍ତେ ସର୍ବନିମ୍ନ ଲଟ୍ ପରିମାଣ ୧୦୦୦ ଇକ୍ୱିଟି ସେୟାର ରଖାଯାଇଛି। ହାଇଦରାବାଦରେ ମୁଖ୍ୟ ଦପ୍ତର ଥିବା କମ୍ପାନୀର ପ୍ରମୋଟର ଲକ୍ଷ୍ମୀ ନାରାୟଣ ମିଶ୍ର, ଲଳିତ ପଣ୍ଡା, ମଧୁସ୍ମିତା ମହାନ୍ତି ଏବଂ ସୁପ୍ରିୟା ମିଶ୍ର ମୂଳତଃ ଓଡ଼ିଶା ବାସିନ୍ଦା। ଇସ୍ୟୁର କ୍ୱାଲିଫାଏଡ ଇନଷ୍ଟିଚ୍ୟୁସନାଲ ବାୟର (କ୍ୟୁଆଇବି) ଅଂଶ ୧୪.୦୪ ଗୁଣ ସବସ୍କ୍ରାଇବ କରାଯାଇଥିବାବେଳେ ଏନଆଇଆଇ କୋଟା ୯.୮୭ ଗୁଣ ଏବଂ ରିଟେଲ ଇଣ୍ଡିଭିଜୁଆଲ ଇନଭେଷ୍ଟର୍ସ (ଆରଆଇଆଇ) କୋଟା ୬.୫୫ ଗୁଣ ସବସ୍କ୍ରାଇବ କରାଯାଇଥିଲା, ଯଦ୍ୱାରା ମୋଟ ଉପରେ ବିଡିଂର ଶେଷଦିନ ୨୦୨୫ ମେ ୨୯ ଗୁରୁବାର ପର୍ଯ୍ୟନ୍ତ ମୋଟ ୯.୩୬ ଗୁଣ ସବସ୍କ୍ରାଇବ କରାଯାଇଥିଲା।

## ୨୦୨୫ ଫ୍ଲାଗ୍‌ସିପ କିଲର୍ ରିଅଲ୍‌ମି ଜିଟି ୭ ସିରିଜ୍ ଉନ୍ମୋଚିତ

ନୂଆଦିଲ୍ଲୀ,୧୬(ସମିସ): ଭାରତୀୟ ଯୁବ ପିଢିଙ୍କ ମଧ୍ୟରେ ସବୁଠାରୁ ଲୋକପ୍ରିୟ ସ୍ମାର୍ଟଫୋନ ବ୍ରାଣ୍ଡ ରିଅଲ୍‌ମି ପକ୍ଷରୁ ପ୍ୟାରିସ୍‌ରେ ଏହାର ବିଶ୍ୱ ବଜାର ପ୍ରବେଶ ସହ ସମନ୍ୱୟରେ ଭାରତରେ ଏହାର ବହୁପ୍ରତିକ୍ଷୀତ ରିଅଲ୍‌ମି ଜିଟି ୭ ସିରିଜର ଉନ୍ମୋଚନ କରାଯାଇଛି। ଏହି ଘୋଷଣାର ମୁଖ୍ୟ ବିଷୟ ହେଉଛି ରିଅଲ୍‌ମି ଜିଟି ୭ ଡ୍ରିମ ଏଡିସନ ଯାହାକି ଆଷ୍ଟନ ମାର୍ଟିନ ଫର୍ମୁଲା ୱାନ ଟିମ ସହ ମିଳିତ ଭାବେ ସହ-ନିର୍ମାଣ କରାଯାଇଛି, ଯାହା ଏଏମଏଫ୧ ସହ ପ୍ରଥମ କୋ-ବ୍ରାଣ୍ଡେଡ ସ୍ମାର୍ଟଫୋନ ଭାବେ ଏହାର ଔପଚାରିକ ଶୁଭାରମ୍ଭ କରିଛି। ରିଅଲମି ଜିଟି ୭ ସିରିଜ ଶିଳ୍ପ-ପ୍ରଥମ ଫିଚର ଓ ପର୍‌ଫର୍ମାନ୍ସ ଅପ୍‌ଗ୍ରେଡ ସହିତ ପ୍ୟାକ୍ ହୋଇଛି। ରିଅଲମି ଜିଟି୭ରେ ୭୦୦୦ ଏମଏଏଚ ବ୍ୟାଟେରୀ, ୧୨୦ୱାଟ ଅଲ୍‌ଟ୍ରା ଚାର୍ଜ, ଭାରତର ପ୍ରଥମ ମିଡିଆଟେକ ଡାଇମେନ୍‌ସିଟି ୯୪୦୦ଇ ଚିପ୍‌ସେଟ ରହିଛି। ଏହା ୩୪,୯୯୯ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ୮ଜିବି+୨୫୬ଜିବି, ୧୨ଜିବି+୨୫୬ଜିବି ଓ ୧୨ଜିବି+୫୧୨ଜିବି ଭାରିଆଣ୍ଟରେ ଉପଲବ୍ଧ।



**୪ରୁ ରିଜର୍ଭ ବ୍ୟାଙ୍କର ଏମ୍‌ପିସି ବୈଠକ**

# ରେପୋ ହାର ୦.୨୫ ପ୍ରତିଶତ କମିପାରେ

ନୂଆଦିଲ୍ଲୀ,୧୬(ଏଜେନ୍ସି): ଆଗାମୀ ଦିନରେ ଦେଶର ଋଣଗ୍ରହୀତାଙ୍କୁ ମିଳିପାରେ ଆଶ୍ୱସ୍ତି। କମିପାରେ ଇଏମ୍‌ଆଇ ବୋଝ। କାରଣ କମିବ ରେପୋହାର। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ରେପୋ ହାରରେ ହ୍ରାସ ଘଟାଇପାରେ। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ମୁଦ୍ରାନୀତି କମିଟି (ଏମ୍‌ପିସି)ର ତିନି ଦିନିଆ ବୈଠକ ଜୁନ୍ ୪ରୁ ଆରମ୍ଭ ହେବ। ଚଳିତଥର ବୈଠକରେ କେନ୍ଦ୍ରୀୟ ବ୍ୟାଙ୍କ ପ୍ରମୁଖ ସୁଧହାରରେ ହ୍ରାସ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ତେବେ ଆର୍‌ବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଶୁକ୍ରବାର ରେପୋ ହାର ନିଷ୍ପତ୍ତି ବିଷୟରେ ସୂଚନା ଦେବେ। ବିଶେଷଜ୍ଞମାନଙ୍କ ଆକଳନ କରୁଛନ୍ତି ଯେ ଏଥର ଆର୍‌ବିଆଇ ରେପୋ ହାରରେ ୦.୨୫ ପ୍ରତିଶତ ହ୍ରାସ କରିପାରେ।

ମୁଦ୍ରାସ୍ଫୀତି ୪ ପ୍ରତିଶତ ଲକ୍ଷ୍ୟ ତଳେ ରଖିବା ପାଇଁ ଆର୍‌ବିଆଇ ଶୁକ୍ରବାର ଲଗାତାର ତୃତୀୟ ଥର ପାଇଁ ସୁଧ ହାର ୦.୨୫ ପ୍ରତିଶତ ହ୍ରାସ କରିପାରେ। ଏହା ଆମେରିକାର ଶୁଳ୍କ ବୃଦ୍ଧି ଦ୍ୱାରା ସୃଷ୍ଟି ହୋଇଥିବା ବିଶ୍ୱ ଅନିଶ୍ଚିତତା ମଧ୍ୟରେ ଅଭିବୃଦ୍ଧିକୁ ବୃଦ୍ଧି କରିବ। ଆର୍‌ବିଆଇ ଫେବୃଆରୀ ଏବଂ ଏପ୍ରିଲରେ ରେପୋ ହାର ୦.୨୫-୦.୨୫ ପ୍ରତିଶତ ହ୍ରାସ କରି ଏହାକୁ ୬ ପ୍ରତିଶତକୁ ଖସାଇଛି। ୨୦୨୫ ଫେବୃଆରୀରୁ ରେପୋ ହାରରେ ୦.୫୦ ପ୍ରତିଶତ ହ୍ରାସ ପରେ ଅଧିକାଂଶ ବ୍ୟାଙ୍କ ସେମାନଙ୍କର ରେପୋ-ସଂଯୁକ୍ତ ବାହ୍ୟ ବେଞ୍ଚମାର୍କ ଲେଣ୍ଡିଂ ହାର ଏବଂ ଏମ୍‌ସିଏଲ୍‌ଆର୍‌ରେ ହ୍ରାସ କରିଛନ୍ତି। ବ୍ୟାଙ୍କ ଅଫ୍ ବରୋଦାର ମୁଖ୍ୟ ଅର୍ଥନୀତିଜ୍ଞ ମଦନ ସବନଭିସ୍ କହିଛନ୍ତି, ଏମ୍‌ପିସି ବୈଠକରେ ରେପୋ ହାର ୦.୨୫ ପ୍ରତିଶତ ହ୍ରାସ କରିବ। ଆମେରିକା ଦ୍ୱାରା ପ୍ରଦାନ କରାଯାଇଥିବା ଶୁଳ୍କ ରିହାତି ଜୁଲାଇରେ ଶେଷ ହେବ, ତେଣୁ ବିଶ୍ୱ ପରିବେଶ ଭାରତୀୟ ଅର୍ଥନୀତିକୁ କିପରି ପ୍ରଭାବିତ କରିବ ତାହାର ଏକ ବିସ୍ତୃତ ବିଶ୍ଳେଷଣ ଆର୍‌ବିଆଇ କରିବ।

**ଋଣଗ୍ରହୀତାଙ୍କୁ ମିଳିପାରେ ଆଶ୍ୱସ୍ତି**



## ଆଜିର ରାଶିଫଳ

**ମେଷ:** ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ଶୁଭ ଖବର ପ୍ରାପ୍ତ ହେବ। ନୂଆ ଯାନ କିଣିବା ଯୋଗ ଅଛି। ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବ୍ୟବସାୟକୁ ନେଇ ଚିନ୍ତାରେ ରହିବେ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ। ଉଧାର ଟଙ୍କା ଫେରିପାଇବେ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। ନାଚ, ଗୀତରେ ପ୍ରଶଂସା ମିଳିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ପଡୋଶୀଙ୍କ ସହ ସମ୍ପର୍କ ବଢ଼ିବ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ। ବ୍ୟବସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ। କଳା ଓ ସାହିତ୍ୟ କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**କନ୍ୟା:** ବ୍ୟବସାୟରେ ଲାଭ ହେବ। ଆୟଠୁ ଅଧିକ ବ୍ୟୟ କରିବେ। ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ। ନୂଆ କାମ ଆରମ୍ଭ କରିପାରନ୍ତି। ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ।

**ତୁଳା:** ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ପାରିବାରିକ ସମସ୍ୟା ସମାଧାନ ହେବ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଭାଇଭଉଣୀଙ୍କଠାରୁ ଉପହାର ପାଇବେ। ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ। ଚକ୍ଷୁ ସମସ୍ୟା ହୋଇପାରେ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବା ଭଲ। ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ଆଇନଜୀବୀଙ୍କୁ ସଫଳତା ମିଳିବ। ସାମାଜିକ ଓ ଧାର୍ମିକ ସମାବେଶରେ ଯୋଗଦେବେ। ଦାନ ଧର୍ମ କରିବେ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। ଲୋକସମ୍ପର୍କ ବୃଦ୍ଧି ପାଇବ। ରାଜନେତାଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ। ବିରୋଧୀଙ୍କୁ ସାମ୍ନା କରିବେ। ଚିନ୍ତାଗ୍ରସ୍ତ ରହିବେ। ଜୀବନସାଥୀଙ୍କୁ ମନ କଥା କହିବେ।

**ମୀନ:** ବନ୍ଧୁଙ୍କ ସାହାଯ୍ୟ ମିଳିପାରେ । କଳା କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି। ନିଜ ଲୋକ ଶତ୍ରୁ ସାଜିପାରନ୍ତି।

## ଆଜିର ଐତିହ୍ୟ

- ୧୯୫୩- ବ୍ରିଟିଶ ରାଜଗାଦି ଆରୋହଣ କଲେ ମହାରାଣୀ ଏଲିଜାବେଥ ଦ୍ୱିତୀୟ।
- ୧୯୬୬-ଆମେରିକାର ପ୍ରଥମ ମହାକାଶଯାନ ଚନ୍ଦ୍ରପୃଷ୍ଠରେ ଅବତରଣ କଲା।
- ୧୯୮୮- ବଲିଉଡ୍‌ର ମହାନ୍ ଅଭିନେତା ରାଜ୍ କପୁରଙ୍କ ଦେହାନ୍ତ।
- ୨୦୦୬- ଆମେରିକା ଦାଉଦ୍ ଇବ୍ରାହିମ୍ ଓ ତାର ସଂଗଠନ ଉପରେ ପ୍ରତିବନ୍ଧକ ଲଗାଇଲା।
- ୨୦୧୪- ତେଲଙ୍ଗାନା ଭାରତର ୨୯ତମ ରାଜ୍ୟ ହେଲା।

# ସନ୍‌ସ୍କ୍ରିନ୍ ହେଲା କାଳ



ଚୀନ୍‌ରୁ ଏକ ଅଜବ ଘଟଣା ସାମ୍ନାକୁ ଆସିଛି। ଏହି ଖବରକୁ ନେଇ ସାମାଜିକ ଗଣମାଧ୍ୟମରେ ମଧ୍ୟ ଆଲୋଚନା ହେଉଛି। ଜଣେ ୪୮ ବର୍ଷୀୟା ମହିଳାଙ୍କ ହାଡ଼ ଏତେ ଦୁର୍ବଳ ହୋଇଥିଲା ଯେ, ସେ କଡ଼ ଲେଉଟାଇବାବେଳେ ଏହା ଭାଙ୍ଗି ଯାଇଥିଲା। ତେବେ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଅନେକ ଦିନରୁ ନ ଆସିବା ତଥା ଅତ୍ୟଧିକ ସନ୍‌ସ୍କ୍ରିନ୍ ବ୍ୟବହାର ଯୋଗୁଁ ତାଙ୍କ ସହ ଏପରି ଘଟିଥିବା ଜଣାପଡ଼ିଛି। ସିଚୁଆନରେ ଥିବା ଚେଙ୍ଗଦୁ ହସ୍‌ପିଟାଲକୁ ଏହି ମହିଳା ଜଣକ ଆସିଥିଲେ। ତାଙ୍କ ହାଡ଼ ଭାଙ୍ଗି ଯାଇଥିଲା। ତେବେ ଏହି ମହିଳାଙ୍କର କୌଣସି ସ୍ଥାନରୁ ଖସି ପଡ଼ିବାରୁ କିମ୍ବା ଦୁର୍ଘଟଣାରୁ ତାଙ୍କ ହାଡ଼ ଭାଙ୍ଗି ନ ଥିଲା। ସେ ବିଛଣାରେ ଶୋଇଥିବା ଅବସ୍ଥାରେ କଡ଼ ଲେଉଟାଇବା କ୍ଷଣି ତାଙ୍କର ହାଡ଼ ଭାଙ୍ଗି ଯାଇଥିଲା। ମେଡିକାଲ ଯାଞ୍ଚରୁ ତାଙ୍କ ଶରୀରରେ ଭିଟାମିନ୍ ଡି'ର ଅତ୍ୟଧିକ ଅଭାବ ଥିବା ଜଣାପଡ଼ିଥିଲା। ମହିଳା ଜଣକ ପିଲାଦିନରୁ ଖରାରୁ ଦୂରେଇ ରହୁଥିଲେ। ସବୁବେଳେ ସୂର୍ଯ୍ୟକିରଣରୁ ତ୍ୱଚାକୁ ଦୂରେଇ ରଖିବା ପାଇଁ ଶରୀରକୁ ଢାଙ୍କିଲା ପରି ପୋଷାକ ପିନ୍ଧୁଥିଲେ। କେବେବି ମୋଟା ପରସ୍ତର ସନ୍‌ସ୍କ୍ରିନ୍ ଲୋସନ ନ ଲଗାଇ ପଦାକୁ ବାହାରୁ ନ ଥିଲେ। ମହିଳା ଜଣକୁ ଚିକିତ୍ସା କରୁଥିବା ଡାକ୍ତର ଲୋଙ୍ଗ ସୁଆଙ୍ଗ କହିବା କଥା, ମହିଳାଙ୍କ ଜୀବନଶୈଳୀ ତାଙ୍କ ଶରୀରରେ ଭିଟାମିନ୍ ଡି'କୁ ଅବରୋଧ କରି ରଖିଥିଲା। ସାଧାରଣତଃ ସୂର୍ଯ୍ୟକିରଣରୁ ଭିଟାମିନ୍ ଡି ମିଳିଥାଏ। କିନ୍ତୁ ମହିଳାଙ୍କ ଶରୀରରେ ସୂର୍ଯ୍ୟକିରଣ ପ୍ରବେଶ କରିପାରୁ ନ ଥିବାରୁ ଏହା ଗମ୍ଭୀର ଅଷ୍ଟିଓପୋରୋସିସ୍‌ର କାରଣ ପାଲଟିଥିଲା। ଏହା ଏପରି ଏକ ସ୍ଥିତି ଯେଉଁଥିରେ ହାଡ଼ଗୁଡ଼ିକ ଦୁର୍ବଳ ହୋଇଯାଏ, ଟିକିଏ ଚାପ ପଡ଼ିଲେ ଭାଙ୍ଗିବା ଆଶଙ୍କା ଥାଏ। ତେବେ ଚୀନ୍‌ରେ ଗୋରା ରଙ୍ଗକୁ ଗୁରୁତ୍ୱ ଦିଆଯାଉଥିବାରୁ ଲୋକେ ମାତ୍ରାଧିକ ସନ୍‌ସ୍କ୍ରିନ୍ ଲୋସନ୍ ଲଗାଇବା ସହ ଲମ୍ବା ପୋଷାକ, ଗ୍ଲୁଭସ୍, ଟୋପି ଆଦି ବ୍ୟବହାର କରିଥାନ୍ତି। ସେମାନେ ଯଥାସମ୍ଭବ ସୂର୍ଯ୍ୟକିରଣରୁ ଶରୀରକୁ ରକ୍ଷା କରିବାକୁ ଚେଷ୍ଟା କରନ୍ତି। ଏଥିଯୋଗୁଁ ଏଭଳି ଏକ ଅପ୍ରତ୍ୟାଶିତ ରୋଗ ଦେଖାଯାଇପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚେତାଇ ଦେଇଛନ୍ତି। ଏହି କାହାଣୀ ଏବେ ଚୀନ୍ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି। ଏହି ଘଟଣା ପରେ ଚୀନ୍‌ର ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଲୋକଙ୍କୁ ସନ୍ତୁଳିତ ଜୀବନ ଆପଣାଇବାକୁ ପରାମର୍ଶ ଦେଇଛନ୍ତି। ସନ୍‌ସ୍କ୍ରିନ୍ ବ୍ୟବହାର କରିବା ସହ ସୂର୍ଯ୍ୟାଲୋକରେ ସୀମିତ ସମୟ ପାଇଁ ଚଲାବୁଲା କରିବା ନିମନ୍ତେ କହିଛନ୍ତି। ଏହାଦ୍ୱାରା ଶରୀରରେ ପ୍ରାକୃତିକ ଭାବେ ଭିଟାମିନ୍-ଡିର ଆବଶ୍ୟକତା ପୂରଣ କରାଯାଇପାରିବ ବୋଲି ସେମାନେ କହିଛନ୍ତି।


# ପ୍ରେମରେ ତାରା



ଅଭିନେତ୍ରୀ ତାରା ସୁତାରିଆ ଆଦର ଜୈନଙ୍କଠାରୁ ଅଲଗା ହେବା ପରେ ପୁଣି ଥରେ ପ୍ରେମରେ ପଡ଼ିଥିବା ଚର୍ଚ୍ଚା ହେଉଛି। ବୀର ପାହାଡ଼ିଆଙ୍କ ପ୍ରେମରେ ସେ ପଡ଼ିଥିବା କଥା କୁହାଯାଉଛି। ଗତ ମାର୍ଚ୍ଚ ମାସରେ ଏକ ଫେସନ୍ ଶୋ'ରେ ଏଦୁହିଁଙ୍କୁ ଦେଖାଯାଇଥିଲା। ଉଭୟ ଏହି ଶୋ'ର ସୋଷ୍ଟପର୍ ଥିଲେ। ଏହାପରେ ଉଭୟଙ୍କୁ ଡିନର୍ ଡେଟ୍‌ରେ ଦେଖାଯିବା ପରେ ସେମାନେ ପ୍ରେମ ସମ୍ପର୍କରେ ଥିବା କଥା ଚର୍ଚ୍ଚା ହେବାକୁ ଲାଗିଲା। ଏହାପୂର୍ବରୁ ବୀରଙ୍କ ନାମ ସାରା ଅଲ୍ଲୀ ଖାନ୍, ମାନୁଷୀ ଛିଲ୍ଲରଙ୍କ ସହ ଯୋଡ଼ା ଯାଇଥିଲା। ସେହିଭଳି ତାରା ଆଦରଙ୍କ ଠାରୁ ଅଲଗା ହେବା ପରେ ଅଭିନେତା ଅରୁଣୋଦୟ ସିଂହଙ୍କ ପ୍ରେମରେ ପଡ଼ିଥିବା ଖବର ପ୍ରକାଶ ପାଇଥିଲା। କିନ୍ତୁ ଏକ ସାକ୍ଷାତକାରରେ ତାରା ଏହାକୁ ଗୁଜବ ବୋଲି କହିବା ସହ ଅରୁଣୋଦୟ ତାଙ୍କର ଜଣେ ଭଲ ବନ୍ଧୁ ବୋଲି କହିଥିଲେ। ବୀର ନିକଟରେ ଅକ୍ଷୟ କୁମାରଙ୍କ ସହ 'ସ୍କାଏ ଫୋର୍ସ' ଫିଲ୍ମରେ ଦେଖାଯାଇଥିଲେ। ଏହା ତାଙ୍କର ଡେବ୍ୟୁ ଫିଲ୍ମ ଥିଲା।

# ଭୂତଳ ଗାଁ

ଦେଶ ହେଉ କି ବିଦେଶ ପ୍ରତ୍ୟେକ ଗାଁର ନିଜସ୍ୱ ସ୍ୱତନ୍ତ୍ରତା ରହିଛି। ଏହି କ୍ରମରେ ଆମେରିକାର ପ୍ରସିଦ୍ଧ ଗ୍ରାଣ୍ଡ କାନିୟନ ନିକଟରେ ଥିବା ହବାସୁ କାନିୟନ ନିକଟରେ ଏକ ବଡ଼ ଖାଇ ରହିଛି। ଏହି ଖାଇ ମଧ୍ୟରେ ଏକ ଗାଁ ରହିଛି। ଯାହାର ନାଁ ସୁପାଇ। ଏହା ଏକ ଭୂତଳ ତଥା ଅଣ୍ଡରଗ୍ରାଉଣ୍ଡ ଗାଁ ଭାବେ ପରିଚିତ। ଭୂପୃଷ୍ଠରୁ ୩୦୦୦ ଫୁଟ ତଳେ ଏହା ରହିଛି। ଏଠାରେ ଆମେରିକାର ମୂଳ ନିବାସୀ ରେଡ୍ ଇଣ୍ଡିଆନମାନେ ରୁହନ୍ତି। ପ୍ରତିବର୍ଷ ଲକ୍ଷ ଲକ୍ଷ ପର୍ଯ୍ୟଟକ ଏହି ଗାଁ ପରିଦର୍ଶନରେ ଆସିଥାନ୍ତି। ସୁପାଇ ଗାଁରେ ଏବେ ୫୦୦ ଲୋକ ରହୁଛନ୍ତି। ବାହ୍ୟ ଦୁନିଆଠାରୁ ବିଚ୍ଛିନ୍ନ ଏହି ଗାଁର ଲୋକେ ଏକ ଭିନ୍ନ ପ୍ରକାରର ଜୀବନ ଜିଇଁଥାନ୍ତି । ସୁପାଇ ଗାଁ ତା'ର ନୀଳ ରଙ୍ଗର ପାଣି ପାଇଁ ପରିଚିତ। ବୈଜ୍ଞାନିକମାନେ ନୀଳ ରଙ୍ଗର ପାଣି ନେଇ ଅନେକ ଗବେଷଣା କରିବା ସତ୍ତ୍ୱେ ଏହାର କାରଣ ଜାଣିପାରିନାହାନ୍ତି। ଏଠାକାର ଲୋକଙ୍କୁ ହବାସୁପାଇ କୁହାଯାଏ। ସ୍ଥାନୀୟ ଭାଷାରେ ଏହାର ଅର୍ଥ ନୀଳ ଓ ସବୁଜ ରଙ୍ଗର ପାଣିରେ ରହୁଥିବା ଲୋକ। ତେବେ ଏହି ଗ୍ରାମକୁ ଯିବା ଆସିବା ପାଇଁ ରାସ୍ତା ମଧ୍ୟ ସୀମିତ । ଏଠାକୁ ପାଦରେ ଚାଲି ଚାଲି ଯିବାକୁ ପଡ଼ିବ ନଚେତ ଘୋଡ଼ାଗାଡ଼ିରେ ବସି ଯିବାକୁ ପଡିବ । ଆଜିର ସମୟରେ ଏହି ଗ୍ରାମ ଏତେ ପଛରେ ଅଛି ଯେ, ଏଠାକାର ଲୋକମାନେ ଆଜିବି ଚିଠି ନେବା ଆଣିବା ପାଇଁ ଘୋଡ଼ା ଉପରେ ନିର୍ଭରଶୀଳ। କାରଣ ଏଠାରେ ନା ରହିଛି ଇ-ମେଲ, ନା ଫ୍ୟାକ୍ସ ନା ହିଁ ଫୋନ। ଆମେରିକା ଭଳି ଉନ୍ନତ ରାଷ୍ଟ୍ରରେ ଆଧୁନିକତାଠାରୁ ବହୁତ ଦୂରରେ ଥିବା ଏହି ଗ୍ରାମ ରହିବା ସତରେ ଆଶ୍ଚର୍ଯ୍ୟର କଥା । ସେହିପରି ଏହା ମଧ୍ୟକୁ ପ୍ରବେଶ କରିବାକୁ ହେଲେ ହବାସୁପାଇ ଜନଜାତିର ଲୋକଙ୍କ ଠାରୁ ଅନୁମତି ନେବାକୁ ପଡ଼ିଥାଏ। ଏହାର ସଂସ୍କୃତିକୁ ସଂରକ୍ଷଣ ରଖିବା ପାଇଁ ଏଠାରେ କଡ଼ା ନିୟମ ପାଳନ କରାଯାଏ। ଡ୍ରୋନ୍, ମାଦକଦ୍ରବ୍ୟ ଏବଂ ଗାଡ଼ି ଚାଳନାକୁ ଏଠାରେ ନିଷେଧ କରାଯାଇଛି। ସେହିପରି ଏଠାରେ ବାସ କରୁଥିବା ଲୋକେ ମକ୍କା , ବିନ୍ସ ଭଳି ପନିପରିବା ଚାଷ କରି ଜୀବିକା ନିର୍ବାହ କରିଥାନ୍ତି। ତେବେ ଏହି ସ୍ଥାନରେ ପହଞ୍ଚିବାକୁ ହେଲେ ଉଡ଼ାଜାହାଜ ଏକମାତ୍ର ସାଧନ।



# ପବିତ୍ର ଶୀତଳ ଷଷ୍ଠୀ



ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀରେ ମାତା ପାର୍ବତୀ ଏବଂ ମହାଦେବ ଶିବଙ୍କ ବିବାହ ଉତ୍ସବ ପାଳନ କରାଯାଏ। ଏହା ପରଦିନ ଶୀତଳ ଷଷ୍ଠୀ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଶିବ ରୁଦ୍ର ଏବଂ ପାର୍ବତୀ ଶାନ୍ତିର ବାର୍ତ୍ତା ବହନ କରନ୍ତି। ଶୀତଳତାର ସଙ୍କେତ ବହନ କରୁଥିବା ଶିବ ପାର୍ବତୀଙ୍କ ବିବାହ ଉତ୍ସବକୁ 'ଶୀତଳ ଷଷ୍ଠୀ' କୁହାଯାଏ। ସେହିପରି ମହାପ୍ରଭୁଙ୍କର ଚନ୍ଦନ ଯାତ୍ରା ପରିସମାପ୍ତି ପରେ ଶୀତଳ ଷଷ୍ଠୀ ବେଳକୁ ଧରାପୃଷ୍ଠ ଶୀତଳ ପରିବେଶ ସୃଷ୍ଟି କରିଥାଏ। ଗ୍ରୀଷ୍ମ ଋତୁ ପୃଥିବୀପୃଷ୍ଠରୁ ବିଦାୟ ନେଉଥାଏ। ତେବେ ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ପୌରାଣିକ କଥାବସ୍ତୁ ଉପରେ ଆଧାରିତ।

ଆମ ଦୈନନ୍ଦିନ ଜୀବନରେ ଯେଉଳି ବିବାହ କାର୍ଯ୍ୟ ସମ୍ପାଦନ କରାଯାଏ, ଠିକ୍‌ସେମିତି ବୈଦିକ ରୀତିନୀତିରେ ଶିବ-ପାର୍ବତୀଙ୍କ ବିବାହ ଅନୁଷ୍ଠିତ ହୋଇଥାଏ। କନ୍ୟା ଖୋଜା, ନିର୍ବନ୍ଧ, ବିବାହ ପାଇଁ ନିମନ୍ତ୍ରଣ ପତ୍ର ବଣ୍ଟନ, ବରଯାତ୍ରୀ ଆଗମନ ତଥା ବୈଦିକ ରୀତିରେ ବେଦିରେ ଦେବ ଦମ୍ପତିଙ୍କ ବିବାହ, କନ୍ୟାଦାନ ସହିତ ଯାନି ଯୌତୁକ ସହ କନ୍ୟା ବିଦାୟ କାର୍ଯ୍ୟ ହିନ୍ଦୁ ରୀତିରେ ସମ୍ପନ୍ନ କରାଯାଏ। ଏଥିରେ କିଛି ଭକ୍ତ ମା' ପାର୍ବତୀଙ୍କ ମାଆ ବାପା ହୋଇଥିବା ବେଳେ ଆଉ କିଛି ଭକ୍ତ ଶିବଙ୍କ ମାଆ ବାପା ହୋଇ ବିବାହ କାର୍ଯ୍ୟ ତୁଲାଇଥାନ୍ତି। ପାରମ୍ପରିକ ରୀତିରେ ପ୍ରଭୁ ଶିବଙ୍କୁ ବରଯାତ୍ରୀଙ୍କ ସହିତ ମା' ପାର୍ବତୀଙ୍କ ଘରକୁ ବାଜା, ବାଣ, ରୋଷଣୀରେ ନିଆଯାଏ ଏବଂ ବୈଦିକ ରୀତିରେ ବିବାହ କରାଯାଏ। ରଙ୍ଗବେରଙ୍ଗ ଚିତ୍ରରେ ସୁଶୋଭିତ ରଥରେ ଶିବ ଓ ମା' ପାର୍ବତୀଙ୍କୁ ଅଣାଯାଏ। ମଧ୍ୟରାତ୍ରିରୁ ଏହି ପଟୁଆର ଆରମ୍ଭ ହୋଇ ପରଦିନ ଦ୍ୱିପହରରେ ଶିବପାର୍ବତୀଙ୍କ ପୂଜାରେ ଶେଷ ହୁଏ।

ଅନ୍ୟପଟେ ପୁରୀ ଲୋକନାଥ ମନ୍ଦିର, ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ଏବଂ ସମ୍ବଲପୁରର ଶିବ ମନ୍ଦିର ମାନଙ୍କରେ ଶୀତଳ ଷଷ୍ଠୀ ଯାତ୍ରା ଧୂମ୍‌ଧାମ୍‌ରେ ପାଳନ କରାଯାଏ। ଅବଶ୍ୟ ସମ୍ବଲପୁରରେ ଏହି ପର୍ବର ମୁଖ୍ୟ ଆକର୍ଷଣ ହେଉଛି ପାରମ୍ପରିକ ସଙ୍ଗୀତ ଓ ନାଚ।

## ସ୍ୱସ୍ତି

# ସୁଦଶା ବ୍ରତ





ଯେଉଁ ମାସର ଶୁକ୍ଳ ପକ୍ଷ ଦଶମୀ ତିଥୀ ଗୁରୁବାର ସଂଯୋଗ ହୁଏ, ସେହିଦିନକୁ ସୁଦଶା ବ୍ରତ ରୂପେ ପାଳନ କରାଯାଏ। ଏଥିରେ ମା' ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା କରାଯାଏ। ଏହା ମା' ଲକ୍ଷ୍ମୀଙ୍କର ସବୁଠୁ ପ୍ରିୟ ବ୍ରତ। ଏହିଦିନ ଘରକୁ ଲିପାପୋଛା କରାଯାଇ ଚିତା ପକାଯାଏ। ମହିଳାମାନେ ଏହି ଦିନ ବ୍ରତ ରଖନ୍ତି। ନବବିବାହିତା ନିଜ ନୂଆ ବ୍ରତ ସୁଦଶା ବ୍ରତରୁ ଆରମ୍ଭ କରିଥାନ୍ତି। ତେବେ ଏହାର ସଂଯୋଗ ତିଥିରେ ବିବାହ ବ୍ରତ ଆଦି ଶୁଭ କର୍ମ ପଡୁ ନ ଥିଲେ, ନୂଆ କରି ଏହି ବ୍ରତ ଆରମ୍ଭ କରାଯାଏ ନାହିଁ। ସୁଦଶା ଶବ୍ଦ ସହିତ ଦଶଟି ଶବ୍ଦ ଯୋଡ଼ି ହୋଇ ଅଛି। ସେଥିପାଇଁ ୧୦ ପାଖୁଡ଼ା ପଦ୍ମ, ଦଶ ରଙ୍ଗ ମୁରୁଜ, ଦଶ ମୁଖୀ ଦୀପ, ଦଶ ମୁଠି ଚାଉଳ, ଦଶ ମେଞ୍ଚା କଦଳୀ, ଦଶ ଗୋଟି ମଣ୍ଡା ଆଦି ପୂଜା କର୍ମରେ ଲାଗି କରାଯାଏ। କେବଳ ସେତିକି ନୁହେଁ, ଏହିଦିନ ମା' ଲକ୍ଷ୍ମୀଙ୍କ ପାଖରେ ଛେନା, ପିଠା ଭୋଗ ମଧ୍ୟ ଲାଗି କରାଯାଏ। ଦଶଖିଅ ଧଳାସୂତାର ଏକ ବ୍ରତ ପୂଜା କରିବାର ବିଧି ଅଛି। ଆଉ ସେହି ବ୍ରତକୁ ପରବର୍ତ୍ତୀ ସୁଦଶା ବ୍ରତ ପର୍ଯ୍ୟନ୍ତ ବାହୁରେ ଧାରଣ କରାଯାଏ। ବ୍ରତଧାରୀମାନେ ସୁଦଶା ବ୍ରତ ବହି ପଢ଼ିବାର ନିୟମ ଅଛି।

# କ୍ୟାଲେଣ୍ଡର ଲଗାଇବାର ଶୁଭ ଦିଗ

ବାସ୍ତୁ ଅନୁସାରେ, ଘରେ ଥିବା ପ୍ରତ୍ୟେକ ଜିନିଷର ପ୍ରଭାବ ଲୋକଙ୍କ ଉପରେ ପଡ଼ିଥାଏ। ଏହି କ୍ରମରେ ଘର କାନ୍ଥରେ କ୍ୟାଲେଣ୍ଡର ନିହାତି ଲଗାଯାଏ। ତେବେ କାନ୍ଥରେ କ୍ୟାଲେଣ୍ଡରକୁ ଠିକ୍ ଦିଗରେ ଲଗାଇବାକୁ ନେଇ କିଛି ବାସ୍ତୁ ନିୟମ ଅଛି।



- ବାସ୍ତୁ ଅନୁସାରେ, ପୁରୁଣା କ୍ୟାଲେଣ୍ଡରକୁ ରଖିବା କିମ୍ବା ଏହାକୁ ନୂଆ କ୍ୟାଲେଣ୍ଡର ସହ ଲଗାଇବା ବାସ୍ତୁ ଦୋଷକୁ ବଢ଼ାଇ ଥାଏ। ବିଶେଷକରି ଏହା ସ୍ୱାସ୍ଥ୍ୟ ଓ ଉନ୍ନତିରେ ବାଧା ସୃଷ୍ଟି କରିଥାଏ। ତେବେ ପୁରୁଣା କ୍ୟାଲେଣ୍ଡରରେ ଠାକୁରଙ୍କ ଫଟୋ ଥିଲେ ତାହାକୁ ଜଳରେ ପ୍ରବାହିତ କରନ୍ତୁ।
- କ୍ୟାଲେଣ୍ଡରକୁ ପଶ୍ଚିମ ଦିଗରେ ଲଗାଇବା ଶୁଭ। ଉତ୍ତର ଦିଗରେ ଲଗାଇବା ବି ଉତ୍ତମ। ଏହି ଦିଗରେ ଲଗାଇବା ଦ୍ୱାରା ଧନ ଓ ସମୃଦ୍ଧି ଆସେ।
- ଦକ୍ଷିଣ ଦିଗରେ କ୍ୟାଲେଣ୍ଡର ଲଗାଇବା ଅଶୁଭ। ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚେ।
- ସେହିପରି ମୁଖ୍ୟ ଦ୍ୱାର କିମ୍ବା କବାଟ ପଛରେ କ୍ୟାଲେଣ୍ଡର ଲଗାଇବା ଅଶୁଭ।

# ରାହୁ ରତ୍ନ ଗୋମେଦ

ରତ୍ନ ଶାସ୍ତ୍ର ଅନୁସାରେ, ଗୋମେଦ ରତ୍ନକୁ ହେସୋନାଇଟ୍ କୁହାଯାଏ। ଏହା ରାହୁ ଗ୍ରହ ସହିତ ସମ୍ବନ୍ଧିତ। ଜାତକରେ ଗ୍ରହର ସ୍ଥିତି ଏବଂ ରାଶି ଅନୁସାରେ ଗୋମେଦ ରତ୍ନ ଧାରଣ କରିବା ଉଚିତ। ତେବେ ଏହାକୁ ଠିକ୍ ଭାବେ ଧାରଣ କରିବା ଦ୍ୱାରା ରାହୁ ଗ୍ରହ ମଜଭୁତ ହୋଇଥାନ୍ତି।

- ଏହି ରତ୍ନକୁ ରୁପା କିମ୍ବା ଅଷ୍ଟଧାତୁରେ ଧାରଣ କରିବା ଭଲ।
- ୬ରତିରୁ କମ୍ ଗୋମେଦ ରତ୍ନକୁ ଧାରଣ କରିବା ଅଶୁଭ।
- ଶନିବାର ଏହାକୁ ସୂର୍ଯ୍ୟାସ୍ତ ପରେ ମଧ୍ୟମା ଅଙ୍ଗୁଳିରେ ପିନ୍ଧିବା ଆବଶ୍ୟକ।
- ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଏହି ରତ୍ନକୁ ମିଥୁନ, ମକର, କୁମ୍ଭ, ବୃଷ, ତୁଳା ରାଶି ଧାରଣ କରିପାରିବେ।
- ସେହିପରି ଜାତକର ଉଚ୍ଚ ସ୍ଥାନରେ ରାହୁ ଥିଲେ, ଗୋମେଦ ରତ୍ନ ଧାରଣ କରାଯାଇପାରିବ।
- ମୋତି ଓ ମୁଙ୍ଗା ରତ୍ନ ସହିତ ଏହାକୁ ପିନ୍ଧିବା ଅନୁଚିତ।
- ଗୋମେଦ ରତ୍ନକୁ ଧାରଣ କଲେ ମାନସିକ ଶାନ୍ତି ମିଳେ।
- ରାହୁ ପ୍ରକୋପରୁ ରକ୍ଷା ପାଇବା ଲାଗି ଏହାକୁ ପିନ୍ଧିବା ଭଲ।
- ଗ୍ରହର ସ୍ଥିତି ଓ ଜ୍ୟୋତିର୍ବିଦଙ୍କ ପରାମର୍ଶ କ୍ରମେ ଏହାକୁ ଧାରଣ କରିବା ଉଚିତ।



■ ପ୍ରଥମ ଅନ୍ଅଫିସିଆଲ୍ ଟେଷ୍ଟ

## ଇଂଲଣ୍ଡ ଲାୟନ୍ସର ଲଢୁଆ ବ୍ୟାଟିଂ

କେଣ୍ଟବୁରୀ, ୧।୬ (ଏଜେନ୍ସି): ଭ୍ରମଣକାରୀ ଭାରତ-ଏ ବିପକ୍ଷରେ ଏଠାରେ ଚାଲିଥିବା ପ୍ରଥମ ଅନ୍ଅଫିସିଆଲ୍ ଟେଷ୍ଟରେ ଇଂଲଣ୍ଡ ଲାୟନ୍ସ ଲଢୁଆ ବ୍ୟାଟିଂ ପ୍ରଦର୍ଶନ କରିଛି। ଭାରତ-ଏ'ର ପ୍ରଥମ ପାଳି ସ୍କୋର ୫୫୭ ରନ ଜବାବରେ ଘରୋଇ ଇଂଲଣ୍ଡ ଲାୟନ୍ସ ରବିବାର ତୃତୀୟ ଦିବସ ୩ୟ ସେସନ ରିପୋର୍ଟ ଲେଖା ହେଲାବେଳକୁ ୧୨୦ ଓଭରରେ ୭ ୱିକେଟ ହରାଇ ୫୨୭ ରନ ସଂଗ୍ରହ କରିଛି। ଡାନ୍ ମୋସଲୀ ୧୦୬ ଓ ଜମାନ ଅଖତର ୩୧ ରନ କରି ଖେଳୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓପନର୍ ଟମ୍ ହେନ୍ସ ୧୭୧ ଓ ମ୍ୟାକ୍ସ ହୋଲ୍ଡେନ ୧୦୧ ରନ କରିଛନ୍ତି। ଭାରତ-ଏ ପକ୍ଷରୁ ମୁକେଶ କୁମାର ସର୍ବାଧିକ ୩ ଏବଂ ଅଂଶୁଲ କାମ୍ବୋଜ, ଶାର୍ଦ୍ଦୁଳ ଠାକୁର ଓ ହର୍ଷ ଦୁବେ ଗୋଟିଏ ଲେଖାଏ ୱିକେଟ୍ ସଫଳତା ପାଇଛନ୍ତି। ୪ ୱିକେଟ୍ ବଳକା ଥାଇ ଇଂଲଣ୍ଡ ଲାୟନ୍ସ ଆହୁରି ୪୮ ରନ ପଛରେ ରହିଛି। ପୂର୍ବରୁ କରୁନ ନାୟାର (୨୦୪)ଙ୍କ ଦ୍ୱିଶତକ ଏବଂ ଧ୍ରୁବ ଜୁରେଲ (୯୪) ଓ ସର୍ଫରାଜ ଖାନ (୯୨)ଙ୍କ ଉପଯୋଗୀ ଇନିଂସ ବଳରେ ଭାରତ-ଏ ପ୍ରଥମ ଇନିଂସରେ ୫୫୭ ରନରେ ଅଲ୍ଆଉଟ୍ ହୋଇଥିଲା। ଲାୟନ୍ସ ପକ୍ଷରୁ ଜମାନ ଅଖତର ଓ ଜୋଶ ହଲ୍ ୩ଟି ଲେଖାଏ ୱିକେଟ୍ ନେଇଥିଲେ।

## ପ୍ରଥମଥର ୟୁଫା ଚାମ୍ପିଅନ୍ସ ଲିଗ୍ ଜିତିଲା ପିଏସ୍‌ଜି



ମ୍ୟୁନିକ, ୧।୬ (ଏଜେନ୍ସି): ୟୁରୋପ ମହାଦେଶର ଶ୍ରେଷ୍ଠ ଫୁଟ୍‌ବଲ କ୍ଲବଗୁଡ଼ିକୁ ନେଇ ଆୟୋଜିତ ୟୁଫା ଚାମ୍ପିଅନ୍ସ ଲିଗ୍‌ରେ ଏଥର ପ୍ୟାରିସ ସେଣ୍ଟ-ଜର୍ମେନ (ପିଏସ୍‌ଜି) ବାଜିମାତ୍ କରିନେଇଛି। ଶନିବାର ବିଳମ୍ବିତ ରାତିରେ ଜର୍ମାନୀର ମ୍ୟୁନିକ ଏରେନାରେ ଅନୁଷ୍ଠିତ ଗ୍ରାଣ୍ଡ ଫାଇନାଲରେ ଫ୍ରାନ୍ସଭିତ୍ତିକ କ୍ଲବ ପିଏସ୍‌ଜି ୫-୦ ଗୋଲ୍‌ରେ ଏକପାଖିଆ ଭାବେ ଇଣ୍ଟର ମିଲାନକୁ ପରାସ୍ତ କରିଥିଲା। ଫାଇନାଲରେ ପିଏସ୍‌ଜି ପକ୍ଷରୁ ଡିଜାୟର ଡୋଉ ଡବଲ୍ ଗୋଲ୍‌ସ୍କୋର କରିଥିଲେ। ଇଟାଲୀୟ କ୍ଲବ ଇଣ୍ଟର ମିଲାନ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ କରି ଗୋଲ୍‌ସ୍କୋର ଖାତା ଖୋଲିବାରେ ବିଫଳ ହୋଇଥିଲା। ଏଥିସହ ପିଏସ୍‌ଜି ଇତିହାସରେ ପ୍ରଥମଥର ଲାଗି ବିଶ୍ୱର ଏହି ଶ୍ରେଷ୍ଠ କ୍ଲବଭିତ୍ତିକ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ସେହିଭଳି ପିଏସ୍‌ଜିର ପ୍ରଶିକ୍ଷକ ଲୁଇସ ଏନ୍‌ରିକ ବିଶ୍ୱର ୬ଷ୍ଠ ପ୍ରଶିକ୍ଷକ ଭାବେ ଦୁଇଟି ଭିନ୍ନ କ୍ଲବ ପକ୍ଷରୁ ୟୁଫା ଚାମ୍ପିଅନ୍ସ ଲିଗ୍ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ଏନ୍‌ରିକ ପୂର୍ବରୁ ୨୦୧୫ରେ ବାର୍ସିଲୋନାର ପ୍ରଶିକ୍ଷକ ଥିବାବେଳେ କ୍ଲବକୁ ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ କରାଇଥିଲେ।




ଆଇପିଏଲ୍-୧୮ : ଶ୍ରେୟସଙ୍କ ବିସ୍ଫୋରଣରେ ମୁମ୍ବାଇ ବିଦା

# ପଞ୍ଜାବ-ବେଙ୍ଗାଲୁରୁ ଫାଇନାଲ

ଅହମ୍ମଦାବାଦ୍,୧।୬ (ଏଜେନ୍ସି)

'ଆମେ ଲଢ଼େଇ ହାରିଛୁ, ଯୁଦ୍ଧ ନୁହେଁ।' ଆଇପିଏଲ୍-୧୮ର ପ୍ରଥମ କ୍ୱାଲିଫାୟରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁଠାରୁ ହାରିବା ପରେ କହିଥିଲେ ପଞ୍ଜାବ କିଙ୍ଗସ ଅଧିନାୟକ ଶ୍ରେୟସ ଆୟର। ଏଠାରେ ଆଜି ଅନୁଷ୍ଠିତ ଦ୍ୱିତୀୟ କ୍ୱାଲିଫାୟରରେ ୫ଥରର ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସକୁ ୫ ୱିକେଟରେ ପରାସ୍ତ କରି ପଞ୍ଜାବ କିଙ୍ଗସକୁ ଫାଇନାଲରେ ପ୍ରବେଶ କରାଇବା ପରେ ଆୟର ଏହା ପ୍ରମାଣିତ କରିଛନ୍ତି। ଏହି ବିଜୟ ଫଳରେ ଦୀର୍ଘ ୧୧ ବର୍ଷ ପରେ ପଞ୍ଜାବ ଫାଇନାଲରେ ପ୍ରବେଶ କରିଛି ଓ ଏଠାରେ ଜୁନ୍ ୩ ତାରିଖ ଦିନ ହେବାକୁ ଥିବା ଟାଇଟଲ ମୁକାବିଲାରେ ବେଙ୍ଗାଲୁରୁକୁ ଭେଟିବ। ଏଠାରେ ରବିବାର ଖେଳାଯାଇଥିବା ମ୍ୟାଚ୍ ବର୍ଷା ଯୋଗୁଁ ୨ ଘଣ୍ଟା ୧୫ ମିନିଟ୍ ବିଳମ୍ବରେ ଆରମ୍ଭ ହୋଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ପ୍ରତିଦ୍ୱନ୍ଦ୍ୱୀ ପଞ୍ଜାବ ଆଗରେ ୨୦୪ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ଲକ୍ଷ୍ୟକୁ ପିଛା କରି ପଞ୍ଜାବ ଅଧିନାୟକ ଶ୍ରେୟସ ଆୟର ଦମ୍‌ଦାର ବ୍ୟାଟିଂ ବଳରେ ଗୋଟିଏ ଓଭର ଖେଳ ବାକିଥାଇ ଏହି ମ୍ୟାଚ୍‌କୁ ଜିତିନେଇଥିଲା। ଛକା ମାରି ଦଳକୁ ଜିତାଇଥିବା ଆୟର ୪୧ ବଲ୍‌ରେ ୫ ଚୌକା ଓ ୮ ଛକା ସହ ୮୭ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ଜୋଶ ଇଂଲିଶ ୩୮ ଓ ଯୁବ ଖେଳାଳି ନେହାଲ ୱାଧେରା ୨୯ ବଲ୍‌ରୁ ୪୮

**ଜୁନ୍ ୩ରେ ଫାଇନାଲ**

ରନ୍ କରି ଉପଯୋଗୀ ସହାୟତା ଦେଇଥିଲେ। ମୁମ୍ବାଇ ପକ୍ଷରୁ ଅଶ୍ୱିନ କୁମାର ୨ଟି ୱିକେଟ ନେଇଥିଲେ ମଧ୍ୟ ୧୯ତମ ଓଭରରେ ୨୬ ରନ୍ ସହ ୪ ଓଭରରେ ୫୫ ରନ୍ ଦେଇଥିଲେ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ଇଣ୍ଡିଆନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୨୦୩ ରନ୍ କରିଛି। ଦଳ ପକ୍ଷରୁ ଉଭୟ ସୂର୍ଯ୍ୟକୁମାର ଓ ତିଲକ ୪୪ ରନ୍ ଲେଖାଏଁ କରିଥିଲେ। ପୂର୍ବରୁ ମାତ୍ର ୮ ରନ୍ କରି ରୋହିତ ଶର୍ମା ଆଉଟ ହେବା ପରେ ଜନ୍ନି ବେୟାରଷ୍ଟୋ ୨୪ ବଲ୍‌ରେ ୩୮ ରନ୍ କରି ଭଲ ଆରମ୍ଭ କରିଥିଲେ। ଶେଷଭାଗରେ ନମନ ଧୀରଙ୍କ ବିସ୍ଫୋରକ ବ୍ୟାଟିଂ ଯୋଗୁଁ ମୁମ୍ବାଇ ଦୁଇ ଶହ ରନ୍ ଅତିକ୍ରମ କରିବାରେ ସମର୍ଥ ହୋଇଥିଲା। ନମନ ୧୮ ବଲ୍‌ରେ ୭ଟି ଚୌକା ସହ ୩୭ ରନ୍ କରି ଶେଷ ଓଭରରେ ଆଉଟ ହୋଇଥିଲେ। ପଞ୍ଜାବ ପକ୍ଷରୁ ଆଜମତୁଲ୍ଲା ଓମରଜାଇ ସର୍ବାଧିକ ୨ଟି ୱିକେଟ ପାଇଥିଲେ।

**ରେକର୍ଡ** : ଏହି ମ୍ୟାଚ୍‌ରେ ସୂର୍ଯ୍ୟକୁମାର ୧୬ ରନ୍ କରିବା ପରେ ଓପନିଂ କରି ନଥିବା ଖେଳାଳିଙ୍କ ମଧ୍ୟରେ ଗୋଟିଏ ସିଜନରେ ସର୍ବାଧିକ ରନ୍ କରିବାର ରେକର୍ଡ ଭାଙ୍ଗିଦେଇଥିଲେ। ପୂର୍ବରୁ ଗୋଟିଏ ସିଜନରେ ୬୮୭ ରନ୍ କରିଥିବା ବେଙ୍ଗାଲୁରୁର ଏବି ଡି ଭିଲିୟର୍ସଙ୍କ ନାମରେ ରହିଥିଲା। ୨୦୧୬ରେ ସେ ଏହି ରେକର୍ଡ କରିଥିଲେ। ଏହାର ୯ ବର୍ଷ ପରେ ସୂର୍ଯ୍ୟକୁମାର ଏହି ରେକର୍ଡକୁ ଭାଙ୍ଗିବାରେ ସମର୍ଥ ହୋଇଥିଲେ।ନାହିଁ। ଏଥର ପ୍ରଥମ ଟାଇଟଲ ଜିତିବାକୁ ଦଳ ନିକଟରେ ସୁଯୋଗ ରହିଛି।

## ରିଅଲ ମାଦ୍ରିଦ୍ ବିଶ୍ୱର ସବୁଠାରୁ ଧନୀ ଫୁଟବଲ କ୍ଲବ୍

ମାଦ୍ରିଦ୍,୧।୬ (ଏଜେନ୍ସି): ସ୍ପେନ୍‌ର ପେସାଦାର ଫୁଟବଲ କ୍ଲବ୍ ରିଅଲ ମାଦ୍ରିଦ୍ କ୍ରମାଗତ ଚତୁର୍ଥ ବର୍ଷ ଲାଗି ବିଶ୍ୱର ସବୁଠାରୁ ଦାମି କ୍ଲବ୍ ଭାବେ ବିଜନେସ୍ ମାଗାଜିନ୍ ଫୋର୍ବସ ପକ୍ଷରୁ ପ୍ରକାଶ ପାଇଛି। ଚଳିତବର୍ଷ ଏହି କ୍ଲବ୍ ୧.୧୩ ନିୟୁତ ଡଲାର ବିଲିୟନ୍ ଡଲାର ଆୟ କରିଛି। ଏହା ଫଳରେ ଦଳର ସମ୍ପତ୍ତିର ମୂଲ୍ୟ ୬.୬ ବିଲିୟନ ଡଲାରରେ ପହଞ୍ଚିଛି। ବିଶ୍ୱର ଦାମୀ କ୍ଲବ୍ ତାଲିକାରେ ଇଂଲଣ୍ଡର ମାଞ୍ଚେଷ୍ଟର ୟୁନାଇଟେଡ ଦ୍ୱିତୀୟ, ରିଅଲର ରିୟଲ ପ୍ରତିଦ୍ୱନ୍ଦ୍ୱୀ ବାର୍ସିଲୋନା ତୃତୀୟ ସ୍ଥାନରେ ରହିଛନ୍ତି। ଫୋର୍ବସ ପକ୍ଷରୁ ପ୍ରତିବର୍ଷ ଏହି ତାଲିକା ପ୍ରକାଶ କରାଯାଇଥାଏ।

ଫ୍ରେଞ୍ଚ ଓପନ୍

## କ୍ୱାର୍ଟରରେ ଭିଟୋଲିନା, ଆଲକାରାଜ୍

ପ୍ୟାରିସ, ୧।୬ (ଏଜେନ୍ସି): ଗତ ୨୨ ବର୍ଷରେ ପ୍ରଥମ ଆମେରିକୀୟ ଟେନିସ ଖେଳାଳି ଭାବେ ଟମି ପଲ୍ ବ୍ଲିଜଡ୍ ଫ୍ରେଞ୍ଚ ଓପନ୍ ପୁରୁଷ ଏକକ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ଅନୁଷ୍ଠିତ ୪ର୍ଥ ରାଉଣ୍ଡର ଏକ ମ୍ୟାଚରେ ବିଶ୍ୱର ୧୨ତମ ମାନ୍ୟତା ଟମି ୬-୩, ୬-୩, ୬-୩ ସିଧାସଳଖ ଗେମ୍‌ରେ ଅଷ୍ଟ୍ରେଲିଆର ଆଲେକ୍ସି ପୋପିରିନଙ୍କୁ ପରାସ୍ତ କରି ଏହି ସଫଳତା ପାଇଛନ୍ତି। ଶେଷଥର ଲାଗି ଆମେରିକୀୟ ଭାବେ ୨୦୦୩ରେ ଆନ୍ଦ୍ରେ ଆଗାସୀ ଏଠାରେ କ୍ୱାର୍ଟର ଫାଇନାଲ ଖେଳିଥିଲେ। ସେହିଭଳି କାର୍ଲସ ଆଲକାରାଜ ଇଂଲଣ୍ଡର ବେନ୍ ସାଲ୍ଟନଙ୍କୁ ୭-୬, ୬-୩, ୪-୬, ୬-୪ ସେଟ୍‌ରେ ହରାଇ କ୍ୱାର୍ଟରକୁ ଉଠିଛନ୍ତି। ଅପରପକ୍ଷରେ ମହିଳା ବିଭାଗରେ ୧୩ତମ ସିଡ୍ ୟୁକ୍ରେନର ଏଲିନା ଭିଟୋଲିନା, ପୋଲାଣ୍ଡର ଇଗା ସ୍ୱିଆଟେକ, ବେଲାରୁଷର ଆରିନା ସାବାଲେଙ୍କା ଓ ଚାଇନାର କ୍ୱିନୱିନ ଝେଙ୍ଗ୍ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ପ୍ରି-କ୍ୱାର୍ଟର ଫାଇନାଲରେ ଭିଟୋଲିନା ୪-୬, ୭-୬ (୮-୬), ୬-୧ରେ ଗତ ସଂସ୍କରଣର ଉପବିଜେତା ଇଟାଲୀର ଜସ୍ମିନ ପାଓଲିନଙ୍କୁ ହରାଇଥିଲେ। ପ୍ରଥମଥର ଲାଗି ଫ୍ରେଞ୍ଚ ଓପନର ରାଉଣ୍ଡ-୮ରେ ପହଞ୍ଚିଥିବା ଭିଟୋଲିନା କ୍ୱାର୍ଟରରେ ଡିଫେଣ୍ଡିଂ ଚାମ୍ପିଅନ ସ୍ୱିଆଟେକଙ୍କୁ ଭେଟିବେ। ଅନ୍ୟ ଏକ ମ୍ୟାଚରେ ସ୍ୱିଆଟେକ୍ ୧-୬, ୬-୩, ୭-୫ ସେଟରେ ଏଲିନା ରିବାକିନାଙ୍କୁ ହରାଇଥିଲେ। ସେହିଭଳି ବିଶ୍ୱମାନ୍ୟତାର ଏକ ନମ୍ବର ଖେଳାଳି ସାବାଲେଙ୍କା ୭-୫, ୬-୩ ସେଟରେ ଆମେରିକାର ଆମଣ୍ଡା ଆନିସିମୋଭାଙ୍କୁ ହରାଇ ଅଗ୍ରଗତି କରିଛନ୍ତି।






କ୍ରୀଡ଼ାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ଅଲିମ୍ପିଆନ ଅନୁରାଧା ବିଶ୍ୱାଳଙ୍କୁ 'ଓମେନ୍ସ ଆଚିଭର୍ସ ଆୱାର୍ଡ' ପ୍ରଦାନ କରୁଛନ୍ତି ମେନକା ଗାନ୍ଧି।

## ଇଂଲଣ୍ଡକୁ ସିରିଜ ଜିତାଇଲେ ରୁଟ୍

କାର୍ଡିଫ, ୧।୬ (ଏଜେନ୍ସି): ଜୋ ରୁଟ୍‌ଙ୍କ ୧୬୬ ରନର ଅପରାଜିତ ଶତକୀୟ ପାଳି ବଳରେ ରବିବାର ଏଠାରେ ଖେଳାଯାଇଥିବା ୨ୟ ଏକଦିବସୀୟ ମ୍ୟାଚରେ ଇଂଲଣ୍ଡ ୩ ୱିକେଟ୍‌ରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ପ୍ରଥମେ ବ୍ୟାଟିଂ କରି ୪୭.୪ ଓଭରରେ ୩୦୮ ରନ କରି ଅଲ୍ଆଉଟ୍ ହୋଇଥିଲା। ଦଳ ପକ୍ଷରୁ କେସି କାର୍ଟି ୧୦୩ ରନ କରିଥିଲେ। ବୋଲିଂରେ ଇଂଲଣ୍ଡର ଆଦିଲ ରଶିଦ ୪ ଓ ସାକିବ ମହମ୍ମଦ ୩ଟି ୱିକେଟ୍ ନେଇଥିଲେ। ଜବାବରେ ଇଂଲଣ୍ଡ ୭ ବଲ୍ ପୂର୍ବରୁ ୭ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ୧୩୯ ବଲର ଶତକୀୟ ପାଳିରେ ରୁଟ୍ ୨୧ ଚୌକା ଓ ୨ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ହ୍ୟାରୀ ବ୍ରୁକ୍ ୪୭ ଓ ୱିଲ୍ ଜ୍ୟାକ୍ ୪୯ ରନ କରିଥିଲେ। ୱେଷ୍ଟଇଣ୍ଡିଜର ଆଲ୍‌ଜାରୀ ଜୋସେଫଙ୍କୁ ୪ଟି ୱିକେଟ୍ ମିଳିଥିଲେ ମଧ୍ୟ ଏହା ବୃଥା ଯାଇଥିଲା। ବିଜୟ ସହ ଇଂଲଣ୍ଡ ୩ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ୨-୦ରେ ଆଗୁଆ କବ୍‌ଜା କରିନେଇଛି। ପୂର୍ବରୁ ପ୍ରଥମ ମ୍ୟାଚକୁ ମଧ୍ୟ ୱେଷ୍ଟଇଣ୍ଡିଜ ୨୩୮ ରନରେ ହାରିଥିଲା। ଅନ୍ତିମ ତଥା ୩ୟ ଏକଦିବସୀୟ ମଙ୍ଗଳବାର ଖେଳାଯିବ।

## ଓସିଏର କ୍ୟୁରେଟର୍ କର୍ମଶାଳା ଉଦ୍‌ଯାପିତ

କଟକ,୧।୬(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ତରଫରୁ ବାରବାଟୀ ଷ୍ଟାଡିୟମରେ ଚାଲିଥିବା କ୍ୟୁରେଟର କର୍ମଶାଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଆସାମ ଆଇସିଏଆର କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ପ୍ରଫେସର ଏସ.କେ ରାୟ, ଓୟୁଏଟିର ପ୍ରଫେସର ରବୀନ୍ଦ୍ର କୁମାର ନାୟକ, ପ୍ରଫେସର ରବିରତନ ଦାସ, ପ୍ରଫେସର ଉତ୍ତମ କୁମାର ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଓସିଏର ମୁଖ୍ୟ କ୍ୟୁରେଟର ଅଞ୍ଜନ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ତିନି ଦିନିଆ କର୍ମଶାଳାରେ ୪୯ଜଣ କ୍ୟୁରେଟର ଅଂଶଗ୍ରହଣ କରିଥିଲେ। କର୍ମଶାଳାରେ ଉତ୍କୃଷ୍ଟ ପ୍ରଦର୍ଶନ ନିମନ୍ତେ ଅନୁଗୋଳ କ୍ରିକେଟ ଏକାଡେମୀର କ୍ୟୁରେଟର ଅଞ୍ଜନ କର, ସୋନପୁର କ୍ରିକେଟ ଏକାଡେମୀର କ୍ୟୁରେଟର ବି ସୁଦର୍ଶନ ପାତ୍ର ଏବଂ ସୁନ୍ଦରଗଡ଼ କ୍ରିକେଟ ଏକାଡେମୀର କ୍ୟୁରେଟର ଶୁଭମ ଦାସଙ୍କୁ ସମ୍ମାନିତ କରାଯିବା ସହ ୧୦ହଜାର ଟଙ୍କା ଲେଖାଏ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ସିଇଓ ସୁବ୍ରତ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିସିସିଆଇ କ୍ୟୁରେଟର ପଙ୍କଜ ପଟ୍ଟନାୟକ, ଓସିଏ କ୍ୟୁରେଟର ବିଭୂ ଶତପଥୀ, ହୃଷିକେଶ ସିଂହ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ।

## ବିଶ୍ୱ ପାରା ଆଥ୍‌ଲେଟିକ୍ସରେ ଭାଗନେବେ ସୁଚିତ୍ରା

ଭୁବନେଶ୍ୱର, ୧।୬ (ସମିସ): ଫ୍ରାନ୍ସରେ ସୋମବାରଠାରୁ ପ୍ୟାରିସ ବିଶ୍ୱ ପାରା ଆଥ୍‌ଲେଟିକ୍ସ ଗ୍ରାଁପ୍ରି ଆରମ୍ଭ ହେବ। ଏହି ବିଶ୍ୱସ୍ତରୀୟ ପାରା ଦୌଡ଼କୁଦ ପ୍ରତିଯୋଗିତାରେ ଓଡ଼ିଶାର ସୁଚିତ୍ରା ପାତ୍ର ଦେଶ ତରଫରୁ ପ୍ରତିନିଧିତ୍ୱ କରିବେ। ସୁଚିତ୍ରା ମହିଳା ଥ୍ରୋ ଇଭେଣ୍ଟ (ଜାଭେଲିନ ଓ ସଟ୍‌ପୁଟ)ର ଏଫ୍-୫୫ ବର୍ଗରେ ଅଂଶଗ୍ରହଣ କରିବେ। ନିଜ କାଟାଗୋରୀରେ ବିଶ୍ୱ ମାନ୍ୟତାର ୨ୟ ସ୍ଥାନରେ ରହିଥିବା ସୁଚିତ୍ରା ଚଳିତ ବର୍ଷ ପ୍ରାରମ୍ଭରେ ଅନୁଷ୍ଠିତ ନୂଆଦିଲ୍ଲୀ ବିଶ୍ୱ ପାରା ଆଥ୍‌ଲେଟିକ୍ସ ଗ୍ରାଁପ୍ରିରେ ଜାଭେଲିନ୍ ଥ୍ରୋରେ ସ୍ୱର୍ଣ୍ଣପଦକ ଜିତିଥିଲେ। ସେହିଭଳି ଚେନ୍ନଇରେ ଆୟୋଜିତ ଜାତୀୟ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ମଧ୍ୟ ପ୍ରଥମ ସ୍ଥାନ ହାସଲ କରିଥିଲେ। ପ୍ୟାରିସ ଗ୍ରାଁପ୍ରିରେ ମଧ୍ୟ ଶ୍ରେଷ୍ଠ ପ୍ରଦର୍ଶନ କରିବା ନେଇ ଓଡ଼ିଶା ପାରା କ୍ରୀଡ଼ା ସଂଘ ପକ୍ଷରୁ ସୁଚିତ୍ରାଙ୍କୁ ଶୁଭେଚ୍ଛା ଜଣାଯାଇଛି।



ଅରବିନ୍ଦ ସ୍ମାରକୀ କ୍ରିକେଟ

## ସେମିରେ ରାଇଜିଂ ଷ୍ଟୁଡେଣ୍ଟସ୍



ଭୁବନେଶ୍ୱର,୧।୬ (ସମିସ): କଟକର ରାଇଜିଂ ଷ୍ଟୁଡେଣ୍ଟସ ୩୩ ରନ୍‌ରେ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ କରି ପାରାମାଉଣ୍ଟ ସ୍ପୋର୍ଟିଂ କ୍ଲବ୍ ଆନୁକୂଲ୍ୟରେ ରବିବାର ଆରମ୍ଭ ହୋଇଥିବା ଅରବିନ୍ଦ ସ୍ମାରକୀ କ୍ରିକେଟ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛି। ଉଦଘାଟନୀ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ରାଇଜିଂ ଷ୍ଟୁଡେଣ୍ଟ ୨୯.୫ ଓଭରରେ ୧୭୨ ରନ୍ କରିଥିଲା। ଦଳ ପକ୍ଷରୁ ସାଇଦୀପ ମହାପାତ୍ର ୭୨ ଓ ଅମିନ ଖାନ୍ ୩୧ ରନ କରିଥିଲେ। ରାମେଶ୍ୱରର ନିରଞ୍ଜନ ଗୌଡ଼କୁ ୬ଟି ୱିକେଟ ମିଳିଥିଲା। ଜବାବରେ ରାମେଶ୍ୱର ୩୬.୧ ଓଭରରେ ୧୫୫ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ବିଶ୍ୱଜିତ ମଲ୍ଲିକ ୩୯ ଓ ରାଜେଶ ମହାନ୍ତି ୨୭ ରନ୍ କରିଥିଲେ। ବିଜୟୀ ଦଳର ବିପ୍ଳବ ସାମନ୍ତରାୟ ସର୍ବାଧିକ ୩ଟି, ଅଧିନାୟକ ସୂର୍ଯ୍ୟକାନ୍ତ ପ୍ରଧାନ ଓ ସୋହେଲ ଖାନ୍ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଆସନ୍ତାକାଲି ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂ ଓ କଟକର ୟୁନିଅନ ସ୍ପୋର୍ଟିଂ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ।

## ଜାତୀୟ ଶିଶୁ ଚେସ୍ ଚାମ୍ପିଅନସିପ୍ ଉଦ୍‌ଘାଟିତ




ଖୋର୍ଦ୍ଧା,୧।୬ (ସମିସ)

ଅଲ୍ ଓଡ଼ିଶା ଚେସ ସଂଘ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, କେଟି ଗ୍ଲୋବାଲ ସ୍କୁଲ ଓ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀର ମିଳିତ ସହଯୋଗରେ ୩୮ତମ ଜାତୀୟ ରାଜ୍ୟ ୭ ବର୍ଷରୁ କମ୍ ବା ଶିଶୁ ଚେସ ପ୍ରତିଯୋଗିତା ରବିବାର ଆରମ୍ଭ ହୋଇଛି। ସ୍ଥାନୀୟ କେଟି ଗ୍ଲୋବାଲ ସ୍କୁଲ ପରିସରରେ ରବିବାର ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାକୁ ମୁଖ୍ୟ ଅତିଥି ଗୌତମ ପାଣିଗ୍ରାହୀ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଜୁନ୍ ୫ ତାରିଖଯାଏ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତା ୯ ରାଉଣ୍ଡ ବିଶିଷ୍ଟ ହେବ। ଏଥିରେ ଓପନ ବା ବାଳକ ବିଭାଗରେ ୨୧୭ ଓ ବାଳିକା ବିଭାଗରେ ୧୨୭ ଜଣ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ଓଡ଼ିଶାରୁ ରେକର୍ଡ ୩୪ଜଣ ଖେଳାଳି ଏହି ପ୍ରତିଯୋଗିତାରେ ଭାଗନେଉଥିଲାବେଳେ ବାଳିକା ବିଭାଗରେ ଅନ୍ୱେଷା ମିଶ୍ର ଟପ୍ ସିଡ୍ ରହିଛନ୍ତି। ପୁରସ୍କାର ବାବଦରେ ଉଭୟ ବିଭାଗରେ ୨୦ ଜଣ ଲେଖାଏଁ ଖେଳାଳିଙ୍କୁ ମୋଟ ୫ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ଏହା ମଧ୍ୟରୁ ପ୍ରତ୍ୟେକ ବିଭାଗର ଚାମ୍ପିଅନ ଖେଳାଳିଙ୍କୁ ଟ୍ରଫି ସହ ୫୦,୦୦୦ ଲେଖାଏଁ ଟଙ୍କା ପ୍ରଦାନ କରାଯିବ।

ଉଦଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କେଟି ଗ୍ଲୋବାଲ ସ୍କୁଲର ଚେୟାରମ୍ୟାନ୍ ସୋମାଦତ୍ତ ବେହୁରିଆ, ଆଇଏମ୍ ସ୍ୱୟଂଶୁ ସତ୍ୟପ୍ରାଜ୍ଞ, ମନୋଜ କୁମାର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆୟୋଜକ ଅଲ୍‌ଓଡ଼ିଶା ଚେସ ସଂଘ ସମ୍ପାଦକ ତଥା ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଦେବବ୍ରତ ଭଞ୍ଜ ସ୍ୱାଗତ ଭାଷଣ ଦେଇଥିଲାବେଳେ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସୁରେଶ ଚନ୍ଦ୍ର ସାହୁ ଚିଫ୍ ଆର୍ବିଟର ଥିଲାବେଳେ ଆର୍ବିଟର ତାପସ କୁମାର ମହାନ୍ତି, ଜ୍ୟୋତିଶଙ୍କର ନନ୍ଦ, ବିରଞ୍ଚିନାରାୟଣ ସାହୁ ଓ ସମ୍ବିତ ସ୍ୱାଇଁ ପ୍ରମୁଖ ଖେଳ ଚରିଚାଳନା କରୁଛନ୍ତି।

ଏସ୍‌ଏସ୍‌ଏନ୍ ସ୍ମାରକୀ ରାଜ୍ୟ ଓପନ ଚେସ୍

## ଟାଇଟଲ୍ ଜିତିଲେ ରବୀନ୍ଦ୍ର ଓଝା



ଭୁବନେଶ୍ୱର, ୧।୬ (ସମିସ): ଓଡ଼ିଶାର ବରିଷ୍ଠ ଚେସ୍ ପ୍ରଶିକ୍ଷକ କଟକର ରବୀନ୍ଦ୍ର କୁମାର ଓଝା ପ୍ରଥମ ସମୀରନ ସୁକୁମାର ନାୟକ (ଏସ୍‌ଏସ୍‌ଏନ୍) ସ୍ମାରକୀ ପ୍ରଥମ ରାଜ୍ୟସ୍ତରୀୟ ଚେସ ପ୍ରତିଯୋଗିତାରେ ଟାଇଟଲ ବିଜୟୀ ହୋଇଛନ୍ତି। ରାଜଧାନୀ ଉପକଣ୍ଠ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ରବୀନ୍ଦ୍ର ୫ ରାଉଣ୍ଡରୁ ୫ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଥିଲେ। ଜଟଣୀର ସ୍ଥିତପ୍ରଜ୍ଞ ସାହୁ ରନର୍ସଅପ୍, କଟକର ଲଳିତ ରଞ୍ଜନ ସାହୁ ତୃତୀୟ, କନ୍ଧମାଳର ଲରେନ୍ସ କୁମାର ପ୍ରଧାନ ଚତୁର୍ଥ, ପୁରୀର ମହେଶ ପ୍ରସାଦ ସେଠୀ ପଞ୍ଚମ, ଭୁବନେଶ୍ୱରର ଆଦର୍ଶ କୁମାର ରାଉତ ଷଷ୍ଠ ଓ ସୁରଜିତ ନାୟକ ସପ୍ତମ ସ୍ଥାନ ଅଧିକାର କରିଛନ୍ତି। ପଶ୍ଚିମବଙ୍ଗର ଶୁଭ୍ରଜିତ ଦତ୍ତ, ଭୁବନେଶ୍ୱରର ଦୁଇ ଖେଳାଳି ହୃଦୟ ଚାୱଡ଼ା ଓ ହର ଚାଟାର୍ଜୀ ଯଥାକ୍ରମେ ୮ମରୁ ୧୦ମ ସ୍ଥାନରେ ରହିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟକୁ ଟିସିଏସ୍ ପ୍ରୋଜେକ୍ଟ ମୁଖ୍ୟ ଦୀପ୍ତିରଞ୍ଜନ ନାୟକ ଉଦ୍‌ଘାଟନ କରିଥିଲେ। ଖେଳ ଶେଷରେ ରୟାଲ ପବ୍ଲିକ୍ ସ୍କୁଲ୍‌ର ଉପାଧ୍ୟକ୍ଷ ପ୍ରଜ୍ଞାପାରମିତା ସାହୁ, ସମୀରନଙ୍କ ମା' ମଧୁସ୍ମିତା ଓ ଭଉଣୀ ଦୀପାନ୍ୱିତା ନାୟକଙ୍କ ସମେତ ଆୟୋଜକ ଓଡ଼ିଶା ରାଜ୍ୟ ଚେସ ସଂଘର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ଅନ୍ତର୍ଜାତୀୟ ପାରା ଫେନ୍ସିଂରେ ମାଳତୀଙ୍କୁ ରୌପ୍ୟ

ଭୁବନେଶ୍ୱର, ୧।୬ (ସମିସ): ଫ୍ରାନ୍ସରେ ଚାଲିଥିବା ୨୦୨୫ ପାରା ଫେନ୍ସିଂ (ଅସିଚାଳନା) ସାଟେଲାଇଟ୍ ଟୁର୍ଣ୍ଣାମେଣ୍ଟ 'ୱିଲିୟମ ଅଫ୍ ଓରେଞ୍ଜ'ରେ ଓଡ଼ିଆ କ୍ରୀଡ଼ାବିତ୍‌ଙ୍କ ଚମକ ଦେଖିବାକୁ ମିଳିଛି। ପ୍ରଥମ ଦିବସରେ ଓଡ଼ିଶାର ମାଳତୀ ପାନୌରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଫଳରେ ଏହି ଅନ୍ତର୍ଜାତୀୟ ପାରା ଫେନ୍ସିଂ ଟୁର୍ଣ୍ଣାମେଣ୍ଟରେ ମାଳତୀ ଦେଶ ପାଇଁ ପଦକ ଖାତା ଖୋଲିଛନ୍ତି। ମାଳତୀ ମହିଳା ଫଏଲ୍ ବ୍ୟକ୍ତିଗତରେ ଏହି ସଫଳତା ପାଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାରୁ ଅନ୍ୟମାନଙ୍କ ମଧ୍ୟରେ ଓମପ୍ରକାଶ ବେହେରା, ମଧୁସ୍ମିତା ସାହୁ ଓ ରାକେଶ କୁମାର ସେଠୀ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS